ଧରିତ୍ରୀ 51 Years
ପୃଷ୍ଠା–୧୨+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୨୮/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 28/2025 Page 20 ₹ 7.00 | SAMBALPUR
୫୧ଶ ଭାଗ ୨୧୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 213 ମୂଲ୍ୟ₹୭/-

# VIKASH BARGARH
## Vikash Higher Educational Institutions
23 Glorious Years of Excellence in Education



**AWARDED** As the Best Higher Educational Institutions in Western Odisha by OTV.

## The University Toppers

| Course | Name | Result | Rank |
|---|---|---|---|
| BBA (Hons.) | Barnali Nayak (Gold Medalist) | 9.29 CGPA | 1 |
| ZOOLOGY (Hons.) | Arpita Choudhury | 9.71 CGPA | 1 |
| BOTANY (Hons.) | Itishree Mishra | 9.64 CGPA | 1 |
| PSYCHOLOGY (Hons.) | Sibraj Behera | 9.35 CGPA | 1 |
| B.A. LL.B (Hons.) | Abhipsa Priyadarsini | 72.52% | 1 |

## Top 10 Rankers of Sambalpur University (BA/B.Sc./B.Com.)

| Rank | Subject | CGPA | Name |
|---|---|---|---|
| 2nd Rank | Zoology Hons | 9.52 CGPA | BIPUL |
| 3rd Rank | Physics Hons | 9.35 CGPA | HITESH |
| 4th Rank | Botany Hons | 9.31 CGPA | RAHUL |
| 4th Rank | Psychology Hons | 8.95 CGPA | KIRAN |
| 4th Rank | Mathematics Hons | 8.90 CGPA | SONALI |
| 5th Rank | Physics Hons | 9.27 CGPA | RITESH |
| 5th Rank | English Hons | 8.11 CGPA | AMITARANI |
| 6th Rank | Commerce Hons | 8.86 CGPA | BODDU |
| 6th Rank | Economics Hons | 8.70 CGPA | JAGMOHAN |
| 7th Rank | Botany Hons | 9.17 CGPA | ANWESHA |
| 7th Rank | Mathematics Hons | 8.84 CGPA | HITESWARI |
| 8th Rank | Botany Hons | 9.16 CGPA | SUBHASHREE |
| 9th Rank | Botany Hons | 9.15 CGPA | SUPRITI |
| 9th Rank | Physics Hons | 9.07 CGPA | ANKITA |
| 9th Rank | Commerce Hons | 8.79 CGPA | |
| 9th Rank | English Hons | 7.97 CGPA | |
| 10th Rank | Commerce Hons | 8.75 CGPA | |

CGPA 9 & Above: 14 | CGPA 8 & Above: 67 | 172 First Class Hons Out of 192

## BBA 2022-25

| Rank | CGPA | Name |
|---|---|---|
| 3rd Rank | 8.67 | Jyoti Meher |
| 5th Rank | 8.46 | Ankita Dash |
| 6th Rank | 8.40 | Manisha Gupta |
| 7th Rank | 8.39 | Yash Goel |
| 8th Rank | 8.38 | Shivani Sharma |
| 9th Rank | 8.34 | Soumyashree Pattnayak |
| 10th Rank | 8.32 | Nayantika Nayak |

## BCA 2022-25

| Rank | CGPA | Name |
|---|---|---|
| 2nd Rank | 9.32 | Akanshya Giri |
| 2nd Rank | 9.32 | Swasti Dash |
| 3rd Rank | 8.96 | Bhupesh Panigrahi |
| 3rd Rank | 8.96 | Swagat Pradhan |
| 6th Rank | 8.86 | Mehek Agrawal |
| 9th Rank | 8.80 | Dev Prasanna Nayak |
| 10th Rank | 8.78 | Bikash Bohidar |

## B.A. LL.B. (H) Result 2020-25

| Rank | Name |
|---|---|
| 2nd Rank (71.93%) | TANMAYA MAHAKUR |
| 3rd Rank | Pratyasa |
| 5th Rank | Liza |
| 6th Rank | Soumya |
| 7th Rank | Soumyashree |
| 8th Rank | Nabanita |
| 9th Rank | Devirani |

## ANM Final Year Result 2022-24

| Name | Mark | % |
|---|---|---|
| ALIMA MAJHI | 1148 | 82.00% |
| SUSHAMA JAL | 1119 | 79.93% |
| ANITA NAIK | 1117 | 79.79% |
| APARAJITA MALLIK | 1115 | 79.64% |
| KHUSHI PANDEY | 1114 | 79.57% |
| RAJI NAG | 1103 | 78.79% |
| SIMIRAN PRADHAN | 1102 | 78.71% |
| BANITA SINGH | 1102 | 78.71% |
| KABITA MAJHI | 1101 | 78.64% |
| LILIMA DEEP | 1096 | 78.29% |
| JUSPIN KULLU | 1096 | 78.29% |
| NAMITA KUSHAL | 1095 | 78.21% |
| MANINI SUNA | 1091 | 77.93% |
| KAMINI MEHER | 1085 | 77.50% |
| SUPRIMA KUJUR | 1081 | 77.21% |
| REKHA TANDI | 1074 | 76.71% |
| SUKANTI KUMBHAR | 1065 | 76.07% |
| SANARTI JOJO | 1065 | 76.07% |
| KUMUDINI KUMBHAR | 1058 | 75.57% |
| GIRINANDINI BHUE | 1056 | 75.43% |
| NEMANI TIDU | 1047 | 74.79% |
| NANDINI BHARASAGAR | 1014 | 72.43% |
| GEETANJALI SUNA | 989 | 70.64% |

## Vikash Pharmacy College, Bargarh | From 2025-26 Session

# B. PHARM | D. PHARM
Eligibility: +2 Science & OJEE Rank | Eligibility: +2 Science

# MBA
Affiliated to BPUT, Odisha & Approved by AICTE

## Vikash Nursing College, Bargarh
### Courses Offered:

- **ANM** (2 Years Course) — 40 Seats
- **GNM** (3 Years Course) — 40 Seats
- **B.Sc Nursing** (4 Years Course) — 60 Seats
- **P.B. B.Sc Nursing** (2 Years Course) — 40 Seats

**SCHOLARSHIP** for SC/ST/OBC Students

**CONFIRMED JOB OFFER** After Completion. With **PARENTAL HOSPITAL FACILITY**

## The Technocrats who made us proud: B.Tech 2021-25 Batch (BPUT, Odisha)

| CGPA | Name | Branch |
|---|---|---|
| 8.69 CGPA | BIPASA PRADHAN (Branch Topper) | CIVIL |
| 8.60 CGPA | RANI SWAIN (Branch Topper) | CSE |
| 8.48 CGPA | AMIT KU. AGRAWAL | CSE |
| 8.36 CGPA | RITIK BHOI | CSE |
| 8.34 CGPA | SOUMITRA AGRAWAL | CSE |
| 8.33 CGPA | BARSHA JENA | CSE |
| 8.31 CGPA | SANJANA BADHEI | CSE |
| 8.31 CGPA | ROSHAN KU. MAJHI (Branch Topper) | EEE |
| 8.30 CGPA | K. SHIVA KUMAR | CSE |
| 8.30 CGPA | PRABIN B. PANIGRAHI | CSE |
| 8.25 CGPA | SAPNARANI PATEL | CIVIL |
| 8.25 CGPA | RASHMI DHARAI | CSE |
| 8.24 CGPA | AISHWARYA NAYAK | CSE |
| 8.23 CGPA | KRISHNA PATEL | CSE |
| 8.22 CGPA | SUJAL DEBTA | CSE |
| 8.14 CGPA | HITESWARI PRADHAN | CSE |
| 8.14 CGPA | SUDIPTA PATEL | CSE |
| 8.14 CGPA | YASH KU. PANDA | EEE |
| 8.11 CGPA | PRITAM BAG (Branch Topper) | MECH. |
| 8.07 CGPA | MANISH KU. NAYAK | CSE |
| 8.03 CGPA | ABHIJIT PRADHAN | MECH. |
| 8.02 CGPA | ANKITA PRADHAN | CIVIL |

- Integrated Campus
- Experienced Faculty Team
- Excellent Academics
- Corporate Readiness Programmes
- Competitive Exams Prep.
- Separate Hostels for Boys & Girls Progressive Ambience

**Available Courses:**

MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A.
BBA | BCA | B.A. LL.B | B.Sc. (N) | P.B. B.Sc. (N) | GNM | ANM | DMLT | DMRT

# ADMISSIONS OPEN 2025-26

94393 49333 / 82800 08111
70087 81518 / 94380 85817

**Vikash Knowledge Hub,** Barahaguda, Bargarh

*Grooming Talent*
**Vikash** Higher Educational Institutions

Visit us @ www.odishavikash.com | Email: vheicampus@gmail.com

# କର୍ମଚାରୀଙ୍କ ପାରଦର୍ଶିତା ମାପିବେ ସରକାର

- ଆଇ-ଗଟ୍ କର୍ମଯୋଗୀ ସହ ଯୋଡ଼ାହେବ ବାର୍ଷିକ କାର୍ଯ୍ୟଦକ୍ଷତା
- ତ୍ୱରିତ୍ ପଦକ୍ଷେପ ଲାଗି ସବୁ ବିଭାଗକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଅଧୀନ ଅଧିକାରୀ ଓ କର୍ମଚାରୀମାନେ ଯେଭଳି କାର୍ଯ୍ୟକ୍ଷେତ୍ରରେ ଠକି ନ ପାରିବେ ତାହାକୁ ନେଇ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବାକୁ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ପାରଦର୍ଶିତା ବଢ଼ାଇବା ପାଇଁ କାର୍ଯ୍ୟକାରୀ ହେଉଥିବା 'ଆଇ ଗଟ୍ କର୍ମଯୋଗୀ'କୁ କର୍ମଚାରୀଙ୍କ ବାର୍ଷିକ ପର୍ଫର୍ମାନ୍ସ ଆପ୍ରାଇଜାଲ ରିପୋର୍ଟ(ପିଏଆର୍) ସହିତ ଯୋଡ଼ାଯିବ; ଯାହାଫଳରେ ପ୍ରତ୍ୟେକ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ସରକାର ତ୍ୱରିତ୍ ଜାଣିପାରିବେ। ଏହାକୁ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଚଳିତମାସ ୧୬ରେ ସମସ୍ତ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମୁଖ୍ୟସଚିବ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ,ଏଚ୍ଆର୍ଏମ୍ଏସ୍ ପୋର୍ଟାଲ ସହିତ ଆଇ ଗଟ୍ କର୍ମଯୋଗୀର ମିଶ୍ରଣ ହେବ। ଏହାପରେ ଏଚ୍ଆର୍ଏମ୍ଏସ୍ ପୋର୍ଟାଲର ଉନ୍ନତୀକରଣ କରାଯାଇ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ପୂରଣ କରାଯିବା ସହିତ ବିକଶିତ ଭାରତ ଲକ୍ଷ୍ୟ ସାଧନ କରାଯିବ। ସବୁ ବିଭାଗ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କୁ ଟାର୍ଗେଟ ପୂର୍ବକ କାର୍ଯ୍ୟ ପ୍ରଦାନ କରିବେ। ଏହାସହିତ ଉକ୍ତ କାର୍ଯ୍ୟ ଦକ୍ଷତାକୁ ବାର୍ଷିକ କାର୍ଯ୍ୟଦକ୍ଷତା ରିପୋର୍ଟରେ ସଂଲଗ୍ନ କରାଯିବ।

ତିନୋଟି ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ଆଇ ଗଟ୍ କର୍ମଯୋଗୀରେ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ। ଅତି କମ୍‌ରେ ୨୦ ଘଣ୍ଟା ପର୍ଯ୍ୟନ୍ତ ଅନ୍‌ଲାଇନରେ ତାଲିମ ନେବା କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ରେକର୍ଡ ମଧ୍ୟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ୨୦୩୬ ବିକଶିତ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତର ଥିବା ଲକ୍ଷ୍ୟ ହାସଲ ଲାଗି ବିଭାଗଗୁଡ଼ିକ କାର୍ଯ୍ୟ କରିବେ। ତୃତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ଅଧିକାରୀଙ୍କୁ ପରୀକ୍ଷା କରାଯାଇ ରେକର୍ଡଭୁକ୍ତ କରାଯିବ। ଏହି ସମୟରେ ଅଧିକାରୀଙ୍କ ଜ୍ଞାନ, ଦକ୍ଷତା ମପାଯିବ। ଏହି କ୍ଷେତ୍ରରେ ଗୋପବନ୍ଧୁ ଏକାଡେମୀ ସମନ୍ୱୟ ରକ୍ଷାକରି କାର୍ଯ୍ୟ ସମ୍ପାଦନା କରିବେ। କେଉଁଠାରେ ଆଇ ଗଟ୍ କର୍ମଯୋଗୀ ପରୀକ୍ଷା ହେବ ତାହା ଗୋପବନ୍ଧୁ ଏକାଡେମୀ ନିର୍ଦ୍ଧାରଣ କରିବ। ଜୁଲାଇ ୩୧ ସୁଦ୍ଧା ଏହି କାର୍ଯ୍ୟକ୍ରମକୁ ସିଏମ୍‌ଜିଆଇ ପ୍ରତ୍ୟେକ ବିଭାଗରେ କାର୍ଯ୍ୟାନ୍ୱୟନ କରିବେ। ଅଗଷ୍ଟ ପହିଲାରୁ ସମସ୍ତ ପବ୍ଲିକ ସେକ୍ଟର ୟୁନିଟରେ କାର୍ଯ୍ୟକାରୀ ହେବ ଏବଂ ଅକ୍ଟୋବର ପହିଲା ସୁଦ୍ଧା ସମସ୍ତ କାର୍ଯ୍ୟ ଯେପରି ଶେଷ ହେବ ତାକୁ ଦୃଷ୍ଟିରେ ରଖି କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବଁଅରପାଳ,୨୭।୬ (ସୁବାସ ସାହୁ):** ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଲଙ୍ଗୁଳିଆବେଡ଼ା ଗ୍ରାମ ନିକଟରେ ଶୁକ୍ରବାର ହାତୀ ଆକ୍ରମଣରେ ଖଳିପଦା ସାହିର ବ୍ରଜବନ୍ଧୁ ସାହୁ (୬୫)ଙ୍କ ମୃତ୍ୟୁ ହୋଇଛି। ସେ ଗ୍ରାମ ନିକଟ ତାସିରୀ ମଠ ଭାଗବତ ଟୁଙ୍ଗୀରୁ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୭ଟା ୩୦ରେ ଏକ ଦନ୍ତା ହାତୀ ସମ୍ମୁଖରେ ପଡ଼ିଯାଇଥଲେ। ହାତୀଟି ବ୍ରଜବନ୍ଧୁଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ପାଇଁ ଦାବି କରିଥିବା ବେଳେ ବଁଅରପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

# ରଥଯାତ୍ରାର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାହୁଲ

**ଶାହା, ନଡ୍ଡା ମଧ୍ୟ ଶୁଭେଚ୍ଛା ବାର୍ତ୍ତା ଦେଲେ**

ଭୁବନେଶ୍ୱର,୨୭।୬(ସୁନିତ୍ ମିଶ୍ର)

ପବିତ୍ର ରଥଯାତ୍ରା ଉପଲକ୍ଷେ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି, ମହାପ୍ରଭୁ ଆମ ପାଇଁ ଆରାଧ୍ୟ ଏବଂ ପ୍ରେରଣା ମଧ୍ୟ। ଜଗନ୍ନାଥ ଅଛନ୍ତି ତ ଜୀବନ ଅଛି। ଭଗବାନ୍ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ନଗର ଭ୍ରମଣରେ ବାହାରିଛନ୍ତି। ରଥଯାତ୍ରାର ଏକ ସ୍ୱତନ୍ତ୍ର ପରିଚୟ ସାରା ଦୁନିଆରେ ରହିଛି। ଓଡ଼ିଶାର ପୁରୀରେ ରଥଯାତ୍ରା ଅଦ୍ଭୁତ। ଏହି ଯାତ୍ରା ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରତିବିମ୍ବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି, ପବିତ୍ର ରଥଯାତ୍ରା ଉପଲକ୍ଷେ ଦେଶ ଓ ବିଦେଶରେ ରହୁଥିବା ଜଗନ୍ନାଥ ଭକ୍ତମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ରଥ ଉପରେ ବିଜେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନକରି ଲକ୍ଷାଧିକ ଭକ୍ତ ଦିବ୍ୟ ଅନୁଭୂତି ଲାଭ କରିଥାଆନ୍ତି। ଶ୍ରୀଜୀଉମାନଙ୍କ ମାନବୀୟ ଲୀଳା ହିଁ ରଥଯାତ୍ରାର ବିଶେଷତ୍ୱ। ସାରା ପୃଥିବୀରେ ଶାନ୍ତି, ମୈତ୍ରୀ ଓ ସମ୍ପ୍ରୀତି ଅବ୍ୟାହତ ରହୁ, ଏହି ପୁଣ୍ୟ ଅବସରରେ ଏହା ତାଙ୍କର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ବୋଲି ରାଷ୍ଟ୍ରପତି କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି, ରଥଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆସ୍ଥା ଓ ବିଶ୍ୱାସର ଏକ ଅନନ୍ୟ ସଙ୍ଗମ, ଯାହା ଭକ୍ତି, ସଂସ୍କୃତି ଏବଂ ଐତିହ୍ୟକୁ ଏକାଠି ସଂରକ୍ଷଣ କରି ଆଗକୁ ବଢ଼ିବା ତାଙ୍କ ମୂଳତତ୍ତ୍ୱ ବୋଲି ଦର୍ଶାଏ। ସମସ୍ତଙ୍କ କଲ୍ୟାଣ ଏବଂ ପ୍ରଗତି ପାଇଁ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ନିକଟରେ ପ୍ରାର୍ଥନା ବୋଲି ସେ ଉଲ୍ଲେଖ କରିଛନ୍ତି।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ଏହି ପବିତ୍ର ରଥଯାତ୍ରା ଲୋକଙ୍କ ମନରେ ଧାର୍ମିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଏହାକୁ ଏକ ନୂତନ ଉତ୍ସାହ ପ୍ରଦାନ ପାଇଁ ପ୍ରେରିତ କରୁଛି। ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା, ବିଶ୍ୱାସ ଏବଂ ଭକ୍ତିରେ ପରିପୂର୍ଣ୍ଣ ଏହି ଯାତ୍ରା ସମସ୍ତ ଦେଶବାସୀଙ୍କ ଜୀବନରେ ସୁଖ, ସୌଭାଗ୍ୟ ଏବଂ ସମୃଦ୍ଧି ଆଣିଦେଉ ବୋଲି ସେ କହିଛନ୍ତି।

ସେହିପରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଏକ୍ସ ହ୍ୟାଣ୍ଡେଲ ଜରିଆରେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ଆଶା, ଏହି ଶୁଭ ପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣିଦେଉ ବୋଲି ସେ କହିଛନ୍ତି।

# ୩୦ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୭।୬(ସୁନିତ୍ ମିଶ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩୦ ତାରିଖ ସକାଳ ୧୦ଟା ୩୦ରୁ ୟୁନିଟ୍-୨ ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାରଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରାଯିବା ପର୍ଯ୍ୟନ୍ତ ଖୋଲାରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ମୋବାଇଲ ଫୋନ୍ ଦ୍ୱାରା ଉଦ୍ଦିଷ୍ଟ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ଗୁଗ୍‌ଲ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିବାର ସୁବିଧା ବ୍ୟବସ୍ଥା ମଧ୍ୟ ବିଭିନ୍ନ ଖବରକାଗଜରେ ପ୍ରକାଶନ ଦ୍ୱାରା କରାଯାଇଛି। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।









ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୨୮/୨୦୨୫ | Bhubaneswar, Saturday, June 28/2025 | ପୃଷ୍ଠା-୧

# ବିଳମ୍ବରେ ଗଡ଼ିଲା ନନ୍ଦିଘୋଷ



ପୁରୀ ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ଶୁକ୍ରବାର କିଛିବାଟ ଗଲା ପରେ ଅଟକି ରହିଥିବା ନନ୍ଦିଘୋଷ ।

## ବଡ଼ଦାଣ୍ଡରେ ଭକ୍ତ- ଭଗବାନ ଏକାକାର

**ପୁରୀ,୨୭।୬(ଅଜିତ୍ କୁମାର ମହାନ୍ତି)**

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶୁକ୍ରବାର ବିଶ୍ୱନିୟନ୍ତାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିରରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସି ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରା କରିଛନ୍ତି। ଅନେକ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନିରଥ। ଘଣ୍ଟଘଣ୍ଟା, ନୃତ୍ୟ ସଙ୍ଗୀତ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ବଡ଼ଦାଣ୍ଡ। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ୧୦ ମିନିଟ୍ ବିଳମ୍ବରେ ରଥଟଣା ଆରମ୍ଭ ହୋଇଥିଲା। ଆଧାତ୍ମିକ ପରିବେଶ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**
**ଦୁଇ ଦକ୍ଷ ଅଧିକାରୀ**






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶୀ ପ୍ରତିଭା ଉତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ', ସ୍ଥାନ: ଗୀତଗୋବିନ୍ଦ ସଦନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଗାନ୍ଧୀ ମଣିଷ ଦୋଳଗୋବିନ୍ଦଙ୍କ ୯୯ତମ ଜୟନ୍ତୀ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ

- ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ କନଭେନସନ, ସ୍ଥାନ: ଓଷ୍ଟା ହଲ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସ୍ଥାନ: ପୂର୍ବାହ୍ନ ୧୦ଟା ୩୦।
- ରଥଟଣା କାର୍ଯ୍ୟ ଶୁଭାରମ୍ଭ, ସ୍ଥାନ: ନୀଳଗିରି, ସମୟ: ଅପରାହ୍ନ ୩ଟା।
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଭଜନ ମଣ୍ଡପ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ଭଜନ ସନ୍ଧ୍ୟା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୫ଟା।
- ସୋଲୋ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ଶୟନ ଆରତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।

## ଭଦ୍ରକ

- ଦିଅଁ ଦର୍ଶନ ଓ ଭଜନ ସନ୍ଧ୍ୟା, ସ୍ଥାନ: ମାଉସୀମା ମନ୍ଦିର, ଭଦ୍ରକ ବାଇପାସ୍, ସମୟ: ସନ୍ଧ୍ୟା ୬ଟା

## ମୟୂରଭଞ୍ଜ

- ହରିବଳଦେବଜୀଉ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର, ବାରିପଦା, ସମୟ: ଅପରାହ୍ନ ୨ଟା ୩୦।
- ଧର୍ମକ୍ଷେତ୍ରରେ ରଥଟଣା, ସ୍ଥାନ: ଚିତ୍ରଡ଼ା ରଥଦାଣ୍ଡ, ମୋରଡ଼ା, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶ୍ରୀରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ମା' ତାରଣୀ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରାଜନଗର, ସମୟ: ସକାଳ ୭ଟା।
- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।

## ନୟାଗଡ଼

- ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଡବାଣପୁର, ସମୟ: ସକାଳ ୮ଟା ।
- ରଥ ଟଣାର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ବ୍ରହ୍ମପୁରା ଠାକୁରଙ୍କ ରଥଟଣା କାର୍ଯ୍ୟକ୍ରମ, ସ୍ଥାନ : ଦଲେଇପଡା ରାସ୍ତା, ସମୟ : ଅପରାହ୍ନ ୪ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲା ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ ଟା ୩୦।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ରାଉରକେଲା

- ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ହକି ଭିଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାସି ରଥଯାତ୍ରା ଉତ୍ସବ, ସ୍ଥାନ: ସେକ୍ଟର-୨, ସମୟ: ଅପରାହ୍ନ ୨ଟା।
- ବାସି ରଥଯାତ୍ରା ଉତ୍ସବ, ସ୍ଥାନ: ଝିରପାଣି, ସମୟ: ଅପରାହ୍ନ ୩ଟା।
- ଗୁଣ୍ଡିଚା ଯାତ୍ରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ପବିତ୍ର ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଓ ମାଉସୀ ମା' ମନ୍ଦିର ଆଡ଼ପ ମଣ୍ଡପକୁ ବିଜେ, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୪ଟା।
-

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

.ସୁବର୍ଣ୍ଣପୁର ସହର ଗଡଭିତର ଜଗନ୍ନାଥ ମନ୍ଦିର ଶ୍ରୀଜୀଉଙ୍କ ରଥଟଣା, ସ୍ଥାନ:ମଝିପଡା ସ୍ଥିତ ରଥଖଳା, ସମୟ: ଅପରାହ୍ନ ୩ଟା।

# ହାତୀପଲ ଭାଙ୍ଗିଲେ ଘର, ନଷ୍ଟ କଲେ ନର୍ସରୀ



ନର୍ସରୀ ନଷ୍ଟ କରିଛନ୍ତି ହାତୀପଲ

ଭଞ୍ଜନଗର,୨୭/୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଶୁକ୍ରବାର ସୁଦ୍ଧା ୬୭ଟି ହାତୀ ଥିବା ବେଳେ ଘୁମୁସର ଦକ୍ଷିଣ ବନଖଣ୍ଡ ରେ ୯ଟି ହାତୀ ରହିଛନ୍ତି। ଏହି ହାତୀପଲ ସନ୍ଧ୍ୟା ହେଲେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡିକରେ ପଶି ଫସଲ ସମେତ ଅନ୍ୟାନ୍ୟ କ୍ଷତି ଘଟାଉଛନ୍ତି। ପରେ ଜଙ୍ଗଲକୁ ଫେରି ଯାଉଛନ୍ତି।

ଶୁକ୍ରବାର ସକାଳେ ଏକ ୨୫ ଟିକିଆ ହାତୀପଲ ଜଙ୍ଗଲକୁ ଫେରିଯିବା ପୂର୍ବରୁ

### ଘୁମୁସର ବନଖଣ୍ଡରେ ୭୬ ହାତୀ

ଘୁମୁସର ଉତ୍ତର ବନଖଣ୍ଡ ଗାଲେରୀ ରେଞ୍ଜ ରାଣିକିଆରି ନର୍ସରୀ ଭିତରେ ପଶି ବହୁ ଚାରା ନଷ୍ଟ କରିଦେଇଛନ୍ତି। ଏଥିସହ ନର୍ସରୀ ନିକଟରେ ଥିବା ଏକ ଘରକୁ ମଧ୍ୟ ହାତୀପଲ ଭାଙ୍ଗି ଦେଇଛନ୍ତି। ଏହା ପୂର୍ବରୁ ବୁଧବାର ରାତିରେ ହାତୀପଲ ମୁଜାଗଡ଼ ରେଞ୍ଜ ଦଦରାଲୁଣ୍ଡାରେ ଥିବା ଏକ ଗୋଖାଦ୍ୟ ଗୋଦାମକୁ ଭାଙ୍ଗି ବ୍ୟାପକ ନଷ୍ଟ କରିଥିଲେ। ଏନେଇ ଗାଲେରୀ ରେଞ୍ଜର ଆଶାଲତା ଦିଗାଲଙ୍କୁ ପଚାରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ହାତୀକୁ ଘଉଡ଼ାଯାଉଛି। ଯେଉଁମାନଙ୍କ ଫସଲ କ୍ଷତି ହେଉଛି ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ବାବଦରେ ସହାୟତା ଦେବା ବ୍ୟବସ୍ଥା ହେଉଛି ବୋଲି କହିଥିଲେ।

# ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)

ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ୫ରୁ ଅଧିକ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା ମାହାଙ୍ଗା ଅଞ୍ଚଳ ନୃତଙ୍ଗ ଗାଁର ଜିତେନ୍ଦ୍ର କୁମାର ବାରିକ। ସ୍ତ୍ରୀ ମିନତି ବାରିକଙ୍କ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲିସ। ସୂଚନାନୁସାରେ, ଖୋର୍ଦ୍ଧା ବାଣପୁର ଅଞ୍ଚଳରେ ମିନତି ରହିଆସୁଥିବା ବେଳେ ସ୍ୱାମୀ ଜିତେନ୍ଦ୍ରଙ୍କ ସହିତ କୌଣସି କାରଣରୁ ବିବାଦ ଲାଗିରହିଥିଲା। ଏହାକୁ କେନ୍ଦ୍ର କରି ଜିତେନ୍ଦ୍ର ଘଟଣା ଦିନ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମିନତି ଗୁରୁତର ଆହତ ହୋଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତ ସାମୀ ଜିତେନ୍ଦ୍ରଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ଗୋଟିଏ ବଡ ଛୁରୀ, ୪ଟି ଛୋଟ ଛୁରୀ ଏବଂ ଗୋଟିଏ ଫାର୍ସା ଜବତ କରିଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ମାରଣାସ୍ତ୍ର ଜବତ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଘରେ ଖାଇ ମାଗଣା ରୁଷା,**
**ଭିକ ମାଗି ଯାଇ ଖେଳିବା ପଶା**
**ବାସି ଧୋବ ଲୁଗା ପିନ୍ଧିବା ଚଷା**
**ସାହୁ ବା ପୁଅକୁ ତୁ'କାର ଭାଷା**
**ଏ ସବୁ ପଛକୁ ଫସରଫସା ।**

ପର ଘରେ ରୁଷା ଅଭିମାନ ଶୋଭାପାଇ ନ ଥାଏ। ମାଗି ଆଣିଥିବା ଧନରେ ପଶା ବା ଜୁଆ ଖେଳିବା ହୀନବୁଦ୍ଧି ଭଳି ମାଟି କାଦୁଅରେ କାମ କରୁଥିବା ବ୍ୟକ୍ତି ପକ୍ଷେ ସଫା ଲୁଗା ପରିଧାନ ନିରର୍ଥକ ହୋଇଥାଏ। ସେହିପରି ମହାଜନଙ୍କୁ ଗାଳି ମନ୍ଦ ଦେବା ଗରିବ ଖାତକ ପକ୍ଷେ ଗ୍ରହଣୀୟ ହୋଇ ନ ଥାଏ। ନିଜ ବଡ଼ିମା ଦେଖାଇବାକୁ ଯାଇ ଉପରୋକ୍ତ ଢଙ୍ଗ ଦେଖାଉଥିବା ବ୍ୟକ୍ତି ପରିଶେଷରେ ହଟହଟା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପରାଣେ ରଖି ଶତ୍ରୁକୁ ସାଧିବ**
**ଭୂଇଁକୁ ସାଧିବ ଚାଷେ।**

ଶତ୍ରୁକୁ ପ୍ରାଣ ବା ଜୀବନରେ ନ ମାରି ତା' ଉପରେ ପ୍ରତିଶୋଧ ନେବା ହିଁ ଅସଲ ବିଜୟ ହୋଇଥାଏ। ସେହିପରି ଜମିକୁ ହଳ ଲଙ୍ଗଳରେ ଚାଷ କଲେ ଜମି ଉର୍ବର ହୋଇଥାଏ ଓ ସେଥିରୁ ଭଲ ଫସଲ ମିଳିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆବାସିକ କଲେଜରୁ ଯୁକ୍ତ ୨ ଛାତ୍ର ନିଖୋଜ

### ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିଲେ

- ରେଳ ଲାଇନରୁ ମିଳିଥିବା ମୃତଦେହକୁ ନେଇ ଖୋଳତାଡ଼
- ଡିଏନ୍ଏ ପରୀକ୍ଷା ପାଇଁ ଯୋଜନା

ଛତ୍ରପୁର,୨୭।୬(ସନ୍ତୋଷ ପାଢ଼ୀ):

ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧମିକ ବିଦ୍ୟାଳୟରୁ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧର ଶୁଭମ ସ୍ୱାଇଁ (୧୭) ୩ ଦିନ ହେଲା ନିଖୋଜ ଅଛନ୍ତି । ଗୁରୁବାର ସନ୍ଧ୍ୟାରେ ତାଙ୍କ ବାପା ସୁଶାନ୍ତ ସ୍ୱାଇଁ ଏ ନେଇ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ପୁଅ ନିଖୋଜ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ବୁଧବାର ସନ୍ଧ୍ୟାରେ ଜଣାଇଥିଲେ ବୋଲି ବାପା କହିଛନ୍ତି। ପୂର୍ବରୁ ଛତ୍ରପୁର ସହରରେ ଉକ୍ତ କଲେଜ ଚାଲୁଥିବା ବେଳେ ବର୍ତ୍ତମାନ ତାମ୍ପରା ନିକଟ ନିଜ କୋଠାକୁ ସ୍ଥାନାନ୍ତର ହୋଇଛି। ସେଠାରେ ସିସି କ୍ୟାମେରା ଲାଗି ନ ଥିବା, ପାଚେରି ନ ଥିବାରୁ ପିଲାମାନେ ସୁରକ୍ଷିତ ନ ଥିବା ନିଖୋଜ ଛାତ୍ରଙ୍କ ବାପା ସୁଶାନ୍ତ କହିଛନ୍ତି। ଏଥିପାଇଁ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସେ ଦାୟୀ କରିଛନ୍ତି। ଅପରପକ୍ଷରେ ଉକ୍ତ କଲେଜଠାରୁ ୩୦୦ ମିଟର ଦୂରରେ ରେଳ ଲାଇନରୁ ବୁଧବାର ରାତିରେ



ଶୁଭମ ସ୍ୱାଇଁ

ଜଣଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ବ୍ରହ୍ମପୁର ଜିଆରପି ଥାନା ପୋଲିସ ଜବତ କରି ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଖବରପାଇ ନିଖୋଜ ଶୁଭମଙ୍କ ପରିବାର ଲୋକେ ଯାଇ ମୃତଦେହ ଦେଖିଥିଲେ। ମୃତଦେହ ଏପରି ଅବସ୍ଥାରେ ଅଛି ଯେ ଚିହ୍ନଟ କରିବା କଷ୍ଟକର ବୋଲି ସୁଶାନ୍ତ କହିଛନ୍ତି। ମୃତଦେହ ଚିହ୍ନଟ କରିବାକୁ ଜିଆରପି ପୋଲିସ ଡିଏନଏ ପରୀକ୍ଷା ପାଇଁ ଯୋଜନା କରିଛି । ସେହିକ୍ରମରେ ମୃତକ ଏବଂ ଶୁଭମଙ୍କ ମା'ବାପାଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବ ବୋଲି ଜଣାପଡିଛି। ଅନ୍ୟପଟେ କଲେଜରେ ନୂଆ ସମସ୍ତ ବ୍ୟବସ୍ଥା କରାଯାଇଛି ଆହୁରି କରାଯିବ ବୋଲି କଲେଜ ମୁଖ୍ୟ ଚିନ୍ମୟ ଦାସ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିଳମ୍ବରେ ଗଡ଼ିଲା ...

ମଧ୍ୟରେ ଆନନ୍ଦ ଓ ଉତ୍ସାହର ସହ ତିନିରଥକୁ ଟାଣିନେଇଥିଲେ ଭକ୍ତ। ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଗଡ଼ିଥିଲା। ଶେଷରେ ବହୁ ବିଳମ୍ବରେ ଅର୍ଥାତ୍ ରାତି ୭.୪୫ରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା। ତେବେ ରାତି ପ୍ରାୟ ୮ଟାରେ ରଥଟଣା ଶେଷବେଳକୁ କୌଣସି ରଥ ଶରଧାବାଲିରେ ପହଞ୍ଚିପାରିନାହିଁ। ତାଳଧ୍ୱଜ ରଥ ବଳଗଣ୍ଡି ଛକ ପଛକୁ ଓ ଦର୍ପଦଳନ ରଥ ମାର୍କେଟ ଛକ ନିକଟରେ ପହଞ୍ଚିଥିବାବେଳେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ କିଛି ବାଟ ଗଡ଼ି ଅଟକି ରହିଛି। ଶନିବାର ସକାଳ ୯ଟା ୩୦ରେ ପୁଣି ରଥଟଣା ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପାଗ ଅନୁକୂଳ ଥିବାରୁ ଶ୍ରୀକ୍ଷେତ୍ରରେ ପ୍ରାୟ ୧୨ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୬ଟା ୧୫ରେ ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୬ଟା ୩୦, ଅବକାଶ ପୂଜା ୬ଟା ୫୫ରେ ସରିଥିଲା। ମଇଲମ ୮ଟା ୧୦, ରୋଷହୋମ ୭ଟା ୨୦, ସୂର୍ଯ୍ୟପୂଜା ୮ଟା ୩୦, ଦ୍ୱାରପାଳ ପୂଜା ୮ଟା ୪୦, ଗୋପାଳବଲ୍ଲଭ ଓ ସକାଳ ଧୂପ ୯ଟା ୪୫ରେ ସରିବା ପରେ ରଥ ପ୍ରତିଷ୍ଠା ହୋଇଥିଲା। ମଙ୍ଗଳାର୍ପଣ ୧୦ଟା ୧୫, ମଙ୍ଗଳାର୍ପଣ ପରେ ପୁଷ୍ପାଞ୍ଜଳି, ଡୋର ଲାଗିହୋଇ ୧୦ଟା ୨୦ ସୁଦ୍ଧା ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ବିଜେ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୩୦ରେ ପହଣ୍ଡି ସରିଥିଲା। ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧୨ଟା ୫୦ରେ ପହଣ୍ଡି ଶେଷ ହୋଇଥିଲା। ଠାକୁରମାନଙ୍କୁ ସୋଲଚିତା ଲାଗି କରାଯାଇଥିଲା। ମଇଲମ ପରେ ବେଶ ସରିଥିଲା। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରଥକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁନାଖଡ଼ିକାରେ ଛେରାପହଁରା ପାଇଁ ତିନି ରଥ ନିକଟକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ, ସେ ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୩ଟା ୪୦ରେ ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ଅପରାହ୍ନ ୪ଟା ୧୦ରେ ପ୍ରଥମେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ଦର୍ପଦଳନ ଏବଂ ଶେଷରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ କରାଯାଇଥିଲା। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟ ମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକ ରଥ ଟାଣିଥିଲେ। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୮କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ ରହିଥିଲେ।

### ବାରମ୍ବାର ମୋଡ଼ ନେଲା ତାଳଧ୍ୱଜ: ଆଇନମନ୍ତ୍ରୀ

ପୁରୀ,୨୭।୬(ଅଜିତ୍ କୁମାର ମହାନ୍ତି): ଚଳିତବର୍ଷ କୌଣସି ରଥ ଶରଧାବାଲିରେ ପହଞ୍ଚି ପାରିନାହିଁ। ଏପରିକି ରାତି ୭ଟା ୪୫ରେ ନନ୍ଦିଘୋଷ ରଥ ଗଡ଼ିଥିଲା। ନନ୍ଦିଘୋଷ ରଥ ଟଣାଯିବା ବିଳମ୍ବକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ନିର୍ଦ୍ଧାରିତ ସମୟରେ ସବୁ ନୀତିକାନ୍ତି ସରି ଅପରାହ୍ନ ୪ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ତେବେ ତାଳଧ୍ୱଜ ରଥ ବାରମ୍ବାର ମୋଡ଼ ନେବାରୁ ଏବଂ ଆଶାତୀତ ଭକ୍ତଙ୍କ ସମାଗମ ଯୋଗୁ ସମସ୍ୟା ଉପୁଜିଲା। ଆକଳନଠାରୁ ପ୍ରାୟ ଅଧିକ ଦେଢଗୁଣ ଲୋକଙ୍କ ସମାଗମ ହୋଇଥିଲା। ସେହିପରି କର୍ଡନ ଭିତରେ ଅନେକ ଲୋକ ପଶିଗଲେ। ଫଳରେ ରଥଟଣାରେ ବିଳମ୍ବ ଘଟିଲା। ତେବେ ଚଳିତବର୍ଷ ରଥଯାତ୍ରାରେ କୌଣସି ଅଘଟଣ ଘଟିନାହିଁ କି ଭକ୍ତଙ୍କର ଅସୁବିଧା ହୋଇନାହିଁ। ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ଆଇନ ମନ୍ତ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। ସରକାରୀ ସହାୟତା ସମ୍ପର୍କୀୟ ଖବର ବନ୍ଧୁଙ୍କ ନିକଟରୁ ଶୁଣି ଉଲ୍ଲସିତ ହୋଇପାରନ୍ତି। ଅନ୍ୟମାନଙ୍କର କଥାରେ ପ୍ରଭାବିତ ହୋଇ କାମ କଲେ ସମସ୍ୟା ଭିତରକୁ ଟାଣିହୋଇ ପାରନ୍ତି। କର୍ମକ୍ଷେତ୍ର, ବାଣିଜ୍ୟ, ନିର୍ମାଣ କାମରେ ଅଗ୍ରଗତି ଘଟିବ।

**ବୃଷ**: ଆଜି ଅର୍ଥଲାଭ ସାଙ୍ଗକୁ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଜନିତ ସମସ୍ୟା ବୃଦ୍ଧିର ଆଶଙ୍କା ରହିଛି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। କୌଣସି ମୂଲ୍ୟବାନ ଜିନିଷ ହଜାଇବା କାରଣରୁ ବିରସ ମନରେ ସମୟ କଟାଇବାକୁ ପଡ଼ିପାରେ।

**ମିଥୁନ**: ସ୍ଥଗିତ କାମ ସହଜ ଓ ସୁବିଧାରେ ସମ୍ପନ୍ନର ମାର୍ଗ ଉନ୍ମୁକ୍ତ ରହିବ। ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବା ଯୋଗୁ ଏକପ୍ରକାର ଶାନ୍ତି ଅନୁଭବ କରିବେ।

**କର୍କଟ**: ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହେବେ। ତଥାପି ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁ ଗଣ୍ଠିରେ ଦରଜ ଜନିତ ପୀଡ଼ା ଅନୁଭବ କରିପାରନ୍ତି।

**ସିଂହ**: ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେଇପାରନ୍ତି। ଅସୁବିଧା ଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା**: କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଲାଗି ରହିବାରୁ ମାନସିକ ଶାନ୍ତି ବ୍ୟାହତ ହେବ। ଆର୍ଥିକ ଅନଟନ ସାଙ୍ଗକୁ ପାରିବାରିକ ମତାନ୍ତର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ଫଳ ହେତୁ ଖୁସି ହେବେ। ସନ୍ତାନଙ୍କ ବିବାହ କଥାବାର୍ତ୍ତାରେ ଅଗ୍ରଗତି ଘଟିପାରେ।

**ତୁଳା**: ଆଜି କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ବନ୍ଧୁଙ୍କ ସହାୟତାରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆକସ୍ମିକ ସୁଯୋଗ ଲାଭକରି ବହୁତ ଦିନର ଆଶା ପୂରଣ କରିବାର ସୁଯୋଗ ପାଇବେ। ନିଜ ଲୋକଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ।

**ବିଛା**: ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବାରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ ହୋଇ ନ ପାରେ। ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବେ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବାର ସୂଚନା ରହିଛି।

**ଧନୁ**: ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା କାରଣରୁ ଅଫିସ୍‌ରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କାମ ହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବନାହିଁ।

**ମକର**: ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଖୁସି ହେବେ। ପାରିବାରିକ ସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସି ଗପର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହୋଇ ନପାରେ।

**କୁମ୍ଭ**: ମନର ଅସନ୍ତୋଷକୁ ବନ୍ଧୁଙ୍କ ସମ୍ମୁଖରେ ବଖାଣିବା ଦ୍ୱାରା ଓଲଟା ଫଳ ଭୋଗିବାକୁ ପଡ଼ିବ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକିଯିବାରୁ ଅଶାନ୍ତି ଅନୁଭବ କରିବେ। ଅନ୍ୟମନସ୍କତାରୁ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ**: ସମସ୍ୟା ରହିଥିଲେ ମଧ୍ୟ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଜୁନ୍ ୨୮ ତାରିଖ, ଆଷାଢ଼ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୧ ଗତେ ୧୨।୧୬ ମଧ୍ୟେ, ଘ.୦୩।୦୭ ଗତେ ଘ.୦୩।୪୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୨ ଗତେ ଘ.୧୦।୧୧ ମଧ୍ୟେ ରାହୁ କାଳ।

# ପ୍ରାଥମିକତା କ୍ଷେତ୍ରକୁ ୫୦୦୦ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)



ପ୍ରତିବର୍ଷ ଜୁନ୍ ୨୭ ତାରିଖରେ ପାଳନ ହେଉଥିବା ବିଶ୍ୱ ଏମ୍ଏସ୍ଏମ୍ଇ ଦିବସ ଅବସରରେ ଭାରତର ପ୍ରମୁଖ ସରକାରୀ ବ୍ୟାଙ୍କଗୁଡ଼ିକ ମଧ୍ୟରୁ ଗୋଟିଏ, ବ୍ୟାଙ୍କ ଅଫ୍ ବରୋଦା ଏମ୍ଏସ୍ଏମଇ ଏବଂ କୃଷି ଭଳି ପ୍ରାଥମିକତା କ୍ଷେତ୍ର ଉପରେ ଧ୍ୟାନ ଦେଇ ଓଡ଼ିଶାର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ପୁଣି ଥରେ ଦୋହରାଇଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ବ୍ୟାଙ୍କ ଓଡ଼ିଶାରେ ପ୍ରାଥମିକତା କ୍ଷେତ୍ର ଋଣ ଅଧୀନରେ ୫୦୦୦ କୋଟି ଟଙ୍କାର ଋଣ ମଞ୍ଜୁର କରିଛି। ଏଥିମଧ୍ୟରୁ ୪୩୦୦ କୋଟିରୁ ଅଧିକ ଟଙ୍କା ଏମ୍ଏସ୍ଏମ୍ଇ ଏବଂ କୃଷକମାନଙ୍କୁ ନୂତନ ଋଣ ଭାବରେ ପ୍ରଦାନ କରିଛି। ଏହି ପ୍ରୟାସ ରାଜ୍ୟରେ ନିଯୁକ୍ତି ସୃଷ୍ଟି, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ତୃଣମୂଳସ୍ତରରେ ବିକାଶର ଯୋଗଦାନ କରିଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦାର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ କହିଛନ୍ତି, ଓଡ଼ିଶା ଏକ ଉଦୀୟମାନ ରାଜ୍ୟ ଯେଉଁଠି ଅପାର ଆର୍ଥିକ ଅଭିବୃଦ୍ଧିର ସମ୍ଭାବନା ରହିଛି। ରାଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ସର୍ବାଙ୍ଗୀନ ବିକାଶ ମୂଳରେ କ୍ଷୁଦ୍ର ବ୍ୟବସାୟୀ, ଉଦ୍ୟୋଗୀ, ଚାଷୀ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରିବା ସହ ଦେଶର ପ୍ରଗତିରେ ଏମ୍ଏସ୍ଏମ୍ଇ ଏବଂ ଅନ୍ୟାନ୍ୟ ପ୍ରାଥମିକତା କ୍ଷେତ୍ରର ପରିବର୍ତ୍ତନକାରୀ ଭୂମିକାକୁ ସ୍ୱୀକାରକରି ଓଡ଼ିଶାର ସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ବ୍ୟାଙ୍କ ସର୍ବଦା ପ୍ରତିବଦ୍ଧ ବୋଲି ସେ କହିଥିଲେ। ବ୍ୟାଙ୍କ ଅଫ୍ ବରୋଦା ସ୍ଥାନୀୟ ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଋଣ ଯୋଜନାରେ ବରୋଦା ମହିଳା ସ୍ୱାବଲମ୍ବନ, ମହିଳା ନେତୃତ୍ୱାଧୀନ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଥିବା ଋଣ ଯୋଜନା ଏବଂ ବରୋଦା ସ୍ମାର୍ଟ ଓଡି ଯାହା ଡିଜିଟାଲ ଓଭରଡ୍ରାଫ୍ଟ ସୁବିଧା ଦ୍ୱାରା ଜିଏସ୍ଟି ପଞ୍ଜୀକୃତ ଏମ୍ଏସ୍ଏମ୍ଇ ପାଇଁ ସ୍ୱଳ୍ପକାଳୀନ କାର୍ଯ୍ୟକ୍ଷମ ପୁଞ୍ଜିକୁ ଶୀଘ୍ର ଏବଂ ସହଜରେ ପ୍ରଦାନ କରିଥାଏ। ଏହା ବ୍ୟତୀତ ବ୍ୟାଙ୍କ ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ସ୍ୱନିଧି, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ସୁଭଦ୍ରା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଭଳି ଅନେକ ଯୋଜନା ମାଧ୍ୟମରେ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ପ୍ରୟାସକୁ ସମର୍ଥନକରି ଆସୁଛି। ବ୍ୟାଙ୍କ ଅଫ୍ ବରୋଦା ଓଡ଼ିଶାରେ ୨୦୨ ଶାଖାର ବ୍ୟାପକ ଉପସ୍ଥିତି ରହିଛି ଯାହା ମଧ୍ୟରୁ ୭୨ ପ୍ରତିଶତ ଶାଖା ଅର୍ଦ୍ଧ ସହରୀ ଏବଂ ଗ୍ରାମାଞ୍ଚଳରେ ଅବସ୍ଥିତ।

# ଫୋନ୍ ପେ' ସହ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବୁଝାମଣା

ଭୁବନେଶ୍ୱର,୨୭।୬

ଫୋନ୍‌ପେ' ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ, ଫୋନ୍‌ପେ-ଏଚ୍‌ଡିଏଫ୍‌ସି ବ୍ୟାଙ୍କ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରାଯାଇଛି। ଏହା ଫୋନ୍‌ପେ'ର କୋ-ବ୍ରାଣ୍ଡେଡ୍ କାର୍ଡ ସେଗ୍‌ମେଣ୍ଟରେ ପ୍ରବେଶକୁ ଚିହ୍ନିତ କରିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସହଭାଗିତାରେ ଏହି ନୂତନ କୋ-ବ୍ରାଣ୍ଡେଡ୍ ରୁପେ କ୍ରେଡିଟ୍ କାର୍ଡଗୁଡ଼ିକର ଅୟମାରମ୍ଭ ହୋଇଛି। ଏହି ନୂଆ ଶୃଙ୍ଖଳ ଭାରତୀୟ ଗ୍ରାହକଙ୍କ ବିକଶିତ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଛି, ଏହା ବିଶେଷକରି ଫୋନ୍‌ପେ' ପ୍ଲାଟ୍‌ଫର୍ମର ୟୁପିଆଇ ଖର୍ଚ୍ଚ ଉପରେ ଲାଭ ପ୍ରଦାନ କରିଥାଏ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଫୋନ୍‌ପେ' ମଧ୍ୟରେ ଏହି ରଣନୈତିକ ସହଭାଗିତା(ବୁଝାମଣା) କ୍ରେଡିଟ୍ କାର୍ଡଗୁଡ଼ିକୁ ସୁଲଭ ଏବଂ ବ୍ୟବହାରକାରୀ-ଅନୁକୂଳ କରିବା ପାଇଁ ସେମାନଙ୍କର ବ୍ୟାଙ୍କିଂ ଏବଂ ଫିନ୍‌ଟେକ୍ ଶକ୍ତିକୁ ବ୍ୟବହାର କରୁଛନ୍ତି।

ସେହିଭଳି 'ଅଲ୍‌ଟିମୋ' ଏବଂ 'ୟୁନୋ' ଭାରିଆଣ୍ଟରେ ଏହି କାର୍ଡ ଉପଲବ୍ଧ। ଏହି କାର୍ଡଗୁଡ଼ିକ ରିଚାର୍ଜ, ବିଲ୍ ପେମେଣ୍ଟ, ଯାତ୍ରା, ଅନଲାଇନ୍ ଶପିଂ, କିରାଣା ଏବଂ କ୍ୟାବ୍ ଆଦି ଖର୍ଚ୍ଚବର୍ଗରେ ପୁରସ୍କାର ପ୍ରଦାନ କରିଥାଏ। ଏହାସହିତ କାର୍ଡଗୁଡ଼ିକ ୟୁପିଆଇ ସହିତ ସୁଗମ ଭାବେ ସଂଯୁକ୍ତ ହୁଏ, ଯାହା ବ୍ୟବହାରକାରୀଙ୍କୁ ୟୁପିଆଇ କ୍ୟୁଆର୍‌ରେ ସକ୍ଷମ ବ୍ୟାପକ ମର୍ଚ୍ଚାଣ୍ଟ ନେଟ୍‌ୱର୍କ ମାଧ୍ୟମରେ କାର୍ଡଗୁଡ଼ିକରେ ପ୍ରଦାନ କରାଯାଇଥିବା ପୁରସ୍କାର ଉପଭୋଗ କରିବା ସହିତ କ୍ରେଡିଟ୍ କାର୍ଡ ମାଧ୍ୟମରେ ସେମାନଙ୍କର ଦୈନନ୍ଦିନ ଖର୍ଚ୍ଚ ପାଇଁ ଦେୟ କରିବାକୁ ଅନୁମତି ଦେଇଥାଏ। ଏ ସମ୍ପର୍କରେ ଫୋନ୍‌ପେ'ର କଞ୍ଜ୍ୟୁମର ପେମେଣ୍ଟସ୍‌ର ମୁଖ୍ୟ ବ୍ୟବସାୟିକ ଅଧିକାରୀ ସୋନିକା ଚନ୍ଦ୍ରା କହିଛନ୍ତି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହଭାଗିତାରେ ଆମେ ଆମର ପ୍ରଥମ କୋ-ବ୍ରାଣ୍ଡେଡ୍ କ୍ରେଡିଟ କାର୍ଡ ଆରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏହି କାର୍ଡ ଫୋନ୍‌ପେ' ଗ୍ରାହକମାନଙ୍କୁ ସେମାନଙ୍କର ନିୟମିତ ଖର୍ଚ୍ଚ ଉପରେ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି।




# ବଜାଜ୍ ଫିନ୍‌ସର୍ଭ ସ୍ମଲକ୍ୟାପ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୭।୬

ବଜାଜ୍ ଫିନ୍‌ସର୍ଭ ଏଏମ୍‌ସି ପକ୍ଷରୁ 'ବଜାଜ୍ ଫିନ୍‌ସର୍ଭ ସ୍ମଲକ୍ୟାପ୍ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି। ଏହା ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ଯୋଜନା ହୋଇଥିଲାବେଳେ ଏହା ମୁଖ୍ୟତଃ ସ୍ମଲ୍-କ୍ୟାପ୍ ଷ୍ଟକ୍‌ରେ ନିବେଶ ସହ ଗୁଣବତ୍ତା, ଅଭିବୃଦ୍ଧି ଏବଂ ମୂଲ୍ୟ ପ୍ରଦାନ କରିଥାଏ। ଏହି ଫଣ୍ଡ ୨୦୨୫ ଜୁନ୍ ୨୭ରେ ସବ୍‌ସ୍କ୍ରିପସନ୍ ପାଇଁ ଖୋଲିଥିବାବେଳେ ଚଳିତବର୍ଷ ଜୁଲାଇ ୧୧ରେ ବନ୍ଦ ହେବ। ସ୍ମଲ କ୍ୟାପ୍‌ରେ ସାମ୍ପ୍ରତିକ ସଂଶୋଧନ ଦୀର୍ଘକାଳୀନ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ପ୍ରବେଶ ବିନ୍ଦୁ ଉପସ୍ଥାପନ କରୁଛି। ଏପରିକି ୮୦%ରୁ ଅଧିକ ସ୍ମଲ୍-କ୍ୟାପ୍ କମ୍ପାନୀ ୩୮% ର ଦୃଢ଼ ଲାଭ ବୃଦ୍ଧି ଏବଂ ଦୃଢ଼ ରିଟର୍ନ ଅନୁପାତ ଦେଖାଇଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବର୍ତ୍ତମାନ ବି ସେମାନଙ୍କ ୧୫-ସପ୍ତାହର ସର୍ବୋଚ୍ଚସ୍ତର ତଳେ ୪୫-୫୨% କାରବାର କରୁଛନ୍ତି। ସ୍ମଲକ୍ୟାପ୍ କମ୍ପାନୀଗୁଡ଼ିକ ପରବର୍ତ୍ତୀ ଅଭିବୃଦ୍ଧି ଚକ୍ରରେ ଅସମାନ ଭାବେ ଲାଭ ପାଇବା ପାଇଁ ଭଲ ସ୍ଥିତିରେ ଅଛନ୍ତି, ଯାହା ଏହାକୁ ଏକ ଆକର୍ଷଣୀୟ ନିବେଶ ସୁଯୋଗ କରୁଛି। ବଜାଜ୍ ଫିନ୍‌ସର୍ଭ ସ୍ମଲକ୍ୟାପ୍ ଫଣ୍ଡ ନିବେଶକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି, ଏହାର ଉଦ୍ଦେଶ୍ୟ ହେଉଛି ସ୍ମଲ-କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୱିଟି ଏବଂ ଇକ୍ୱିଟି-ସମ୍ବନ୍ଧୀୟ ଉପକରଣଗୁଡ଼ିକରେ ମୁଖ୍ୟତଃ ନିବେଶ କରି ଦୀର୍ଘକାଳୀନ ସମ୍ପତ୍ତି ନିର୍ମାଣ କରିବା।

ଏ ସମ୍ପର୍କରେ ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ଏମ୍‌ଡି ଗଣେଶ ମୋହନ କହିଛନ୍ତି, ସ୍ମଲ୍ କ୍ୟାପ୍ ଫଣ୍ଡର ଶୁଭାରମ୍ଭ ଭାରତର ଗତିଶୀଳ ସ୍ମଲ୍ କ୍ୟାପ୍ ଜଗତର ଦୀର୍ଘକାଳୀନ ସମ୍ଭାବନା ପ୍ରତି ଆମର ଗଭୀର ବିଶ୍ୱାସକୁ ପ୍ରତିଫଳିତ କରିଛି। ସ୍ମଲ୍ କ୍ୟାପ୍ ସାଧାରଣତଃ ବ୍ୟାପକ ସୂଚକାଙ୍କ ତୁଳନାରେ ଅଧିକ ଅସ୍ଥିରତା ପ୍ରଦର୍ଶନ କରିଥାଏ, ଯାହା ବଜାରର ଉତ୍ଥାନ-ପତନକୁ ନେଭିଗେଟ୍ କରିବାରେ ଏବଂ ଗୁଣାତ୍ମକ ସୁଯୋଗ ଚିହ୍ନଟ କରିବାରେ ସକ୍ରିୟ ପରିଚାଳନାର ଗୁରୁତ୍ୱକୁ ଗୁରୁତ୍ୱ ଦେଇଥାଏ। ଏହି ରଣନୀତି ଅଭିବୃଦ୍ଧିର ପ୍ରାରମ୍ଭିକ ପର୍ଯ୍ୟାୟରେ ଉଚ୍ଚ-ଗୁଣବତ୍ତା କମ୍ପାନୀଗୁଡ଼ିକୁ ଆବିଷ୍କାର କରିବା ଉପରେ ନିର୍ଭରକରି ନିର୍ମିତ ହୋଇଛି, ଯାହା ସମୟ ସହିତ ଭଲ ପ୍ରଦର୍ଶନ କରିବା ପାଇଁ ସ୍ଥିତିରେ ଅଛି। ଏହି ଫଣ୍ଡଟି ବିଏସ୍ଇ ୨୫୦ ସ୍ମଲ୍ କ୍ୟାପ୍ ଇଣ୍ଡେକ୍ସ ଟିଆର୍‌ଆଇ ସହିତ ବେଞ୍ଚମାର୍କ କରାଯାଇଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଭୂମି ପୂଜନ



ଭୁବନେଶ୍ୱର,୨୭।୬

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସାଗାସାହି ଖଣି ନିକଟରେ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଭଞ୍ଜପାଲି ବାଇପାସ୍‌ଠାରୁ କଳମଙ୍ଗ ଛକ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ଲମ୍ବ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ରାସ୍ତାଟି ସ୍ଥାନୀୟ କଳମଙ୍ଗ, ସାଗାସାହି ଏବଂ ଘୋରାଭୁରାଣୀ ଗ୍ରାମର ଗ୍ରାମବାସୀଙ୍କ ପାଇଁ ନିୟମିତ ରାସ୍ତା ତିଆରି କରାଯାଉଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସୁରକ୍ଷିତ ଏବଂ ଅଧିକ ଦକ୍ଷ ଯାତ୍ରା ସୁନିଶ୍ଚିତ କରିବା ନିମନ୍ତେ ବିଦ୍ୟମାନ ମାଟିରାସ୍ତାକୁ ଏକ ସ୍ଥାୟୀ କଂକ୍ରିଟ୍ ରାସ୍ତାରେ ପରିଣତ କରିବାକୁ ପଦକ୍ଷେପ ନେଇଛି। ଏହି ରାସ୍ତା ୬ ମାସ ମଧ୍ୟରେ ଶେଷହେବ ବୋଲି ଆଶା କରାଯାଉଛି। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ୩ ହଜାରରୁ ଅଧିକ ସ୍ଥାନୀୟ ଗ୍ରାମବାସୀ ଉପକୃତ ହେବେ।

ଏହି ପରିପ୍ରେକ୍ଷୀରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶରଣପ୍ପା କାମ୍ବାଲି ଏହି ଭୂମିପୂଜନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ, ଯାହା ସ୍ଥାନୀୟ ଗୋଷ୍ଠୀ ବାସିନ୍ଦା ଏବଂ କମ୍ପାନୀର ଅଧିକାରୀମାନଙ୍କ ଉପସ୍ଥିତିରେ ସମ୍ପନ୍ନ କରାଯାଇଥିଲା।

ଏ ନେଇ କାମ୍ବାଲି କହିଛନ୍ତି, ଏହି ପଦକ୍ଷେପ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କାର୍ଯ୍ୟକ୍ଷମ ସ୍ଥାନର ଆଖପାଖରେ ଥିବା ସମ୍ପ୍ରଦାୟର କଲ୍ୟାଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଏକ କଂକ୍ରିଟ୍‌ରେ ପରିଣତ କରି କମ୍ପାନୀ ସଂଯୋଗୀକରଣ ବୃଦ୍ଧି କରିବା, ଯାତ୍ରାକାଳୀନ ବିପଦ ହ୍ରାସ କରିବା ଏବଂ ଅଞ୍ଚଳର ଆର୍ଥିକ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି।

# ପଲ୍‌ସ କାଣ୍ଡି କଞ୍ଜ୍ୟୁମର ବ୍ରାଣ୍ଡ୍‌ରେ ପରିଣତ

ଭୁବନେଶ୍ୱର,୨୭।୬

ଧରମ୍‌ପାଲ ସତ୍ୟପାଲ ଗ୍ରୁପ୍(ଡିଏସ୍ ଗ୍ରୁପ୍)ର ପ୍ରମୁଖ ବ୍ରାଣ୍ଡ ପଲ୍‌ସକୁ ନିକଟରେ ଏକ ଉଲ୍ଲେଖନୀୟ ସଫଳତା ସହ କଞ୍ଜ୍ୟୁମର ବ୍ରାଣ୍ଡ୍‌ରେ ପରିଣତ ହୋଇଛି। ଏପରିକି ଗତ ଆର୍ଥିକ ବର୍ଷରେ ପଲ୍‌ସ କାଣ୍ଡି ୭୫୦ କୋଟି ଟଙ୍କାର ଉପଭୋକ୍ତା ମୂଲ୍ୟ ହାସଲ କରିଛି, ଯାହାର ଅର୍ଥ ହେଉଛି ଏକବର୍ଷ ମଧ୍ୟରେ ୭୫୦ କୋଟି ପଲ୍‌ସ କାଣ୍ଡି ବିକ୍ରି ହୋଇଛି। ଯାହା ଏହାକୁ ଭାରତର ସର୍ବବୃହତ୍ ବିତରିତ ହାର୍ଡ ବଏଲ୍‌ଡ୍ କାଣ୍ଡିରେ ପରିଣତ କରୁଛି। ଗତ ୩ଟି ଆର୍ଥିକ ବର୍ଷରେ ପଲ୍‌ସ ହାର୍ଡ ବଏଲ୍‌ଡ କାଣ୍ଡି ସେଗ୍‌ମେଣ୍ଟ ଶିଳ୍ପରେ ୯%ର ସିଏଜିଆର ତୁଳନାରେ ୧୫%ର ସିଏଜିଆର ପଞ୍ଜୀକୃତ କରିଛି। ରାଜସ୍ୱରେ ଏହି ନିରନ୍ତର ଅଭିବୃଦ୍ଧି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ବ୍ରାଣ୍ଡ୍‌ର ମଜଭୁତ ଉପସ୍ଥିତିକୁ ହାଇଲାଇଟ୍ କରୁଛି। ବଜାର ତଥ୍ୟ ଅନୁଯାୟୀ, ପଲ୍‌ସ କାଣ୍ଡି ବର୍ତ୍ତମାନ ଭାରତର ହାର୍ଡ-ବଏଲ୍‌ଡ କାଣ୍ଡି ସେଗ୍‌ମେଣ୍ଟରେ ୧୯%ର ବଜାର ଅଂଶ ଧାରଣ କରିଛି ଏବଂ ନିରନ୍ତର ଭାବେ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଡିଏସ୍ ଗ୍ରୁପ୍‌ର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ଭାରତର ଏକ ଅଗ୍ରଣୀ ଭାରତୀୟ ଏଥ୍‌ନିକ କନ୍‌ଫେକ୍ସନାରି ବ୍ରାଣ୍ଡ ପଲ୍‌ସ ପାଇଁ ଡିଏସ୍ ଗ୍ରୁପ୍‌ର ଲକ୍ଷ୍ୟ ହେଉଛି ଏକ ମଲ୍ଟି-ଫର୍ମାଟ, ମଲ୍ଟି-ଅକେଜନ ପ୍ରଡକ୍ଟରେ ବିକଶିତ ହେବା। ଆମେ ସମ୍ପ୍ରସାରଣ ପାଇଁ ଆକ୍ରମଣାତ୍ମକ ଭାବେ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବଜାରଗୁଡ଼ିକୁ ଅନୁସରଣ କରୁଛୁ। ଘରୋଇ କ୍ଷେତ୍ରରେ ଆମେ ଆମର ମଜଭୁତ ବିତରଣ ନେଟ୍‌ୱର୍କକୁ ଉପଯୋଗ କରୁଛୁ, ଯାହାର ଭାରତବ୍ୟାପୀ ୩୫ ଲକ୍ଷରୁ ଅଧିକ ଆଉଟ୍‌ଲେଟ୍ ରହିଛି। ଏହାର ସ୍ୱତନ୍ତ୍ର ଟ୍ୟାଙ୍ଗି ଟେଷ୍ଟ ପାଇଁ ଭାରତର ପସନ୍ଦକୁ ଆକର୍ଷିତ କରିଥିଲା, ଯାହାକି ସେତେବେଳେ ପ୍ରଚଳିତ ଥିବା ୱେଷ୍ଟର୍ନ-ଫର୍ମାଟ କାଣ୍ଡିରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନାନ୍ତରଣ ଥିଲା। ପଲ୍‌ସ କାଣ୍ଡି ଆଜି ଅଧିକ ମୂଲ୍ୟ ସଚେତନ ଥିବା ବିକଶିତ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଏକ ପ୍ରମାଣ ଭାବେ ଉଭା ହୋଇଛି।

# ଡେଲିଭରି କ୍ଷେତ୍ରରେ ସମ୍ପ୍ରସାରଣକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୬

ବର୍ତ୍ତମାନ ସମୟରେ ସବୁବର୍ଗର ଗ୍ରାହକ ଅନ୍‌ଲାଇନ କାରବାରକୁ ଅଧିକ ପସନ୍ଦ କରୁଛନ୍ତି। ଅନ୍‌ଲାଇନ ଉତ୍ପାଦ ଡେଲିଭରି ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଲାଗି ଉତ୍ପାଦ ଠିକ୍ ସମୟରେ ଗ୍ରାହକଙ୍କ ନିକଟକୁ ଯାଇପାରୁନାହିଁ। ଏହାକୁ ଆଖିଆଗରେ ରଖି ଡେଲିଭରି କ୍ଷେତ୍ରରେ ସମ୍ପ୍ରସାରଣକୁ ଆମାଜନ ଇଣ୍ଡିଆ ଗୁରୁତ୍ୱ ଦେଇଛି। ଏପରିକି ଆସନ୍ତ ପ୍ରାଇମ ଡେ' ସେଲ୍ ୨୦୨୫ ଜୁଲାଇରୁ ଆରମ୍ଭ ହେବା ସହିତ ୫ଟି ନୂଆ ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟର(ଏଫ୍‌ସି)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି, ଏହାକୁ ଭାରତରେ ପ୍ଲାଟ୍‌ଫର୍ମର ମଜଭୁତ ଅପରେଶନ ନେଟ୍‌ୱର୍କରେ ସାମିଲ କରାଯାଇଛି। ଏହି ସମ୍ପ୍ରସାରଣ ଇନ୍ଦୋର, ଭୁବନେଶ୍ୱର, କୋଚି ଓ ରାଜପୁରାଠାରେ ପ୍ରଥମ ଆମାଜନ ଏଫ୍‌ସିର ଶୁଭାରମ୍ଭ କରାଯାଇଛି। ଫଳରେ ଏହି ନୂଆ ଏଫ୍‌ସିଗୁଡ଼ିକୁ ରଣନୈତିକ ସହଯୋଗୀଙ୍କ ଦ୍ୱାରା ପରିଚାଳନା ଓ ନିୟନ୍ତ୍ରଣ କରାଯିବ, ଯେଉଁମାନେ ଲଜିଷ୍ଟିକ୍ସ ଶିଳ୍ପର ପ୍ରମୁଖ ଲିଡର ଏବଂ ଏହା ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଡେଲିଭରି ବେଗକୁ ବହୁମାତ୍ରାରେ ବୃଦ୍ଧି କରିବ। ଏ ସମ୍ପର୍କରେ ଆମାଜନର ଭିପି, ଅପରେଶନ୍ସ ଇଣ୍ଡିଆ ଓ ଅଷ୍ଟ୍ରେଲିଆ ଅଭିନବ ସିଂହ କହିଛନ୍ତି, ଆମେ ଭାରତର ଦ୍ରୁତତମ, ସୁରକ୍ଷିତ ଓ ସବୁଠାରୁ ନିର୍ଭରଯୋଗ୍ୟ ଲଜିଷ୍ଟିକ୍ସ ନେଟ୍‌ୱର୍କର ନିର୍ମାଣ ଓ ପରିଚାଳନା ଉପରେ ଗୁରୁତ୍ୱ ଦେଉଛୁ, ଯାହା ଦେଶର ଗ୍ରାହକମାନଙ୍କୁ ସେବା ଯୋଗାଇବ। ଏହି ୫ଟି ନୂଆ ଫୁଲ୍‌ଫିଲମେଣ୍ଟ ସେଣ୍ଟର ଆମର ପରିଚାଳନା ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶର ପ୍ରତିନିଧିତ୍ୱ କରୁଛି ଏବଂ ଭାରତବ୍ୟାପୀ ଆମର ଗ୍ରାହକ ଓ ସେଲରଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ପ୍ରାଇମ ଡେ' ୨୦୨୫ ପାଖେଇ ଆସିବା ସହିତ ପ୍ରାଇମ ମେମ୍ବରମାନେ ଏବେ ଅଧିକ ଦ୍ରୁତ ଡେଲିଭରି ପାଇଁ ଅପେକ୍ଷା କରିପାରିବେ। କାରଣ ଲକ୍ଷ ଲକ୍ଷ ସାମଗ୍ରୀ ଏବେ ସେମ୍-ଡେ' ଡେଲିଭରି କିମ୍ବା ନେକ୍ସଟ-ଡେ' ଡେଲିଭରି ପାଇଁ ଉପଲବ୍ଧ ରହିଛି। ଏହି ସମ୍ପ୍ରସାରଣ ସେଲରମାନଙ୍କୁ ସିଲେକ୍ସନକୁ ତାଙ୍କ ନିକଟତର ରଖି ଗ୍ରାହକଙ୍କୁ ଉତ୍ତମ ଭାବେ ସେବା ପ୍ରଦାନ କରିବା ଏବଂ ହଜାର ହଜାର ନୂଆ କାର୍ଯ୍ୟ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବ, ଯାହା ଅଂଚଳକୁ ଆର୍ଥିକ ଲାଭ ପ୍ରଦାନ କରିବ।

# ବାଲୁକାଶିଳ୍ପୀ ମାନସଙ୍କ ସହ ବେଦାନ୍ତର ସହଭାଗିତା

ଭୁବନେଶ୍ୱର,୨୭।୬ (ଅଭୟ ଦାଶ)




ବେଦାନ୍ତ ଆଲୁମିନିୟମ ଏବଂ ବାଲୁକାଶିଳ୍ପୀ ମାନସ କୁମାର ସାହୁଙ୍କ ମଧ୍ୟରେ ଏକ ସହଭାଗିତା ହୋଇଛି। ବିଶେଷକରି ମାନସଙ୍କ ଟିମ୍ ଦ୍ୱାରା ପୁରୀ ବେଳାଭୂମିରେ ଏକ ସର୍ବବୃହତ୍ ବାଲୁକାକଳାର ନିର୍ମାଣ ପାଇଁ ଏହି ସହଭାଗିତା ହୋଇଥିଲା। ଏହି ସହଭାଗିତା ଅନୁସାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ପୁରୀ ଅନ୍ତର୍ଜାତୀୟ ବେଳାଭୂମିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ ଭବ୍ୟ ବାଲୁକା ମୂର୍ତ୍ତି କରାଯାଇଛି। ଏହି କଳାକୃତିଟି ବାଲୁକାଶିଳ୍ପୀ ମାନସ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ୧୫ ଫୁଟ ଲମ୍ବ ଏବଂ ୬ ଫୁଟ ଉଚ୍ଚତାବିଶିଷ୍ଟ ଏହି ମୂର୍ତ୍ତିକୁ ୧୦ ଟନ୍ ବାଲି ବ୍ୟବହାର କରାଯାଇ ତିଆରି କରାଯାଇଥିଲାବେଳେ ଏହାକୁ ତିଆରି ପାଇଁ ଦୁଇଦିନ ସମୟ ଲାଗିଥିଲା। ଏହି ମୂର୍ତ୍ତିକୁ ବିଭିନ୍ନ ପ୍ରକାର ରଙ୍ଗ ଏବଂ ଫୁଲମାଳାରେ ସଜ୍ଜିତ କରାଯାଇଥିଲା। ଅପରପକ୍ଷରେ ଏହି ଆକର୍ଷଣୀୟ ମୂର୍ତ୍ତିଟି ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ରଥଯାତ୍ରାର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି, ଯାହାଙ୍କର ଅନନ୍ୟ ସୃଷ୍ଟି ତାଙ୍କୁ ପୂର୍ବରୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ପୁରୀ ଅନ୍ତର୍ଜାତୀୟ ବେଳାଭୂମିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଭବ୍ୟ ବାଲୁକା ମୂର୍ତ୍ତିକୁ ଉନ୍ମୋଚନ କରାଯାଇଛି।

ସେହିଭଳି କୋଣାର୍କର ପ୍ରସିଦ୍ଧ ମୂର୍ତ୍ତିକାର ଏବଂ ଐତିହ୍ୟ ସଂରକ୍ଷଣକାରୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଏହି କୃତିକୁ ପ୍ରଶଂସା କରିଥିଲେ, ଯାହା ଏହାର ସାଂସ୍କୃତିକ ଗୁରୁତ୍ୱକୁ ଆହୁରି ସୁଦୃଢ଼ କରିଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ; ଏହା ମହାପ୍ରଭୁ ଜଗନ୍ନାଥ ଏବଂ ଭକ୍ତଙ୍କ ମଧ୍ୟରେ ବିଶ୍ୱାସ, ସମ୍ପ୍ରଦାୟ ଏବଂ ଅନନ୍ତ ବନ୍ଧନର ଏକ ଉତ୍ସବ ବୋଲି କୁହାଯାଉଛି। ଆମେ ବାଲୁକାକଳା ମାଧ୍ୟମରେ ଏହି ପବିତ୍ର ପରମ୍ପରାକୁ ସମର୍ଥନ ଓ ପାଳନ କରି ବେଶ୍ ଉତ୍ସାହିତ ଅଛୁ, ଯାହାକି ଓଡ଼ିଶାର ସଂସ୍କୃତିରେ ଗଭୀର ଭାବେ ରୂପାୟିତ ହୋଇଛି। ବେଦାନ୍ତ ଆଲୁମିନିୟମ ପ୍ରତିବର୍ଷ ରଥଯାତ୍ରା ପାଳନକୁ ଗର୍ବର ସହିତ ସମର୍ଥନ କରିବା ସହ ଓଡ଼ିଶାର ଆଧ୍ୟାତ୍ମିକ ଏବଂ କଳାତ୍ମକ ପରିଚୟକୁ ସଂରକ୍ଷଣ ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥାଏ। ସବୁବର୍ଷ ଭଳି ଏବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ରଥଯାତ୍ରା ଏବଂ ବାହୁଡା ଯାତ୍ରାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରିଛି, ଯେଉଁଥିରେ ଅନ୍ନଛତ୍ର (ଭଣ୍ଡାର ମାଧ୍ୟମରେ ଖାଦ୍ୟ ବଣ୍ଟନ), ପାନୀୟ ଜଳ ଏବଂ ଭକ୍ତଙ୍କ ପାଇଁ ଜଳଖିଆର ବ୍ୟବସ୍ଥା ସହିତ ଏକ ଶାନ୍ତିପୂର୍ଣ୍ଣ ଭଜନ ସନ୍ଧ୍ୟାର ମଧ୍ୟ ଆୟୋଜନ କରାଯାଇଛି, ଯେଉଁଥିରେ ମହାପ୍ରସାଦ ଏବଂ ନିର୍ମାଲ୍ୟ ବଣ୍ଟନ କରାଯାଉଛି।

# ଆସେଟ୍ ଆଲୋକେଶନ୍

## ବଜାର ଅସ୍ଥିରତାକୁ ସୁରୁଖରେ ଅତିକ୍ରମ କରିବାର ଏକ ଉପାୟ

ସମ୍ପ୍ରତି ଭାରତୀୟ ବିତ୍ତୀୟ ବଜାର ନିମ୍ନମୁଖୀ ଚାପର ସମ୍ମୁଖୀନ ହେଉଛି, ଯାହା ଲାର୍ଜ-କ୍ୟାପ୍, ଫ୍ଲେକ୍ସି-କ୍ୟାପ୍, ମିଡ୍-କ୍ୟାପ୍ ଓ ସ୍ମଲ-କ୍ୟାପ୍ ଭଳି ବିଭିନ୍ନ ବର୍ଗର ମ୍ୟୁଚୁଆଲ ଫଣ୍ଡର ମୂଲ୍ୟାୟନକୁ ପ୍ରଭାବିତ କରୁଛି। ଭୌଗୋଳିକ-ରାଜନୈତିକ ଉତ୍ତେଜନା ଏବଂ ଘରୋଇ ଅର୍ଥନୈତିକ ଆହ୍ୱାନ କାରଣରୁ କର୍ପୋରେଟ୍ ଆୟ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି, ଯାହାକୁ ନେଇ ମ୍ୟୁଚୁଆଲ ଫଣ୍ଡ ନିବେଶକ, ବିଶେଷକରି ବିଗତ ୭-୮ ମାସରେ ନିଜର ନିବେଶ ଯାତ୍ରା ଆରମ୍ଭ କରିଥିବା ଏସ୍‌ଆଇପି ନିବେଶକମାନେ ସନ୍ଦିହାନ ହୋଇପଡ଼ିଛନ୍ତି।

### ଆସେଟ୍ ଆଲୋକେଶନ୍ କ'ଣ?

ଆସେଟ୍ ଆଲୋକେଶନ ଇକ୍ୱିଟି, ଡେଟ୍, ସୁନା ଏବଂ ରିୟଲ ଇଷ୍ଟେଟ୍ ଭଳି ବିଭିନ୍ନ ଆସେଟ୍ ଶ୍ରେଣୀରେ ନିବେଶକୁ ବିଭାଜିତ କରିବାର ଏକ ରଣନୀତି ଅଟେ। କ୍ଷତିଭୟର ଆଶଙ୍କାକୁ ହ୍ରାସ କରିବା ଏବଂ ଅସ୍ଥିର ତଥା ସ୍ଥିର ଆସେଟ୍‌ଗୁଡ଼ିକ ମଧ୍ୟରେ ସଂସ୍ପର୍ଶକୁ ସନ୍ତୁଳିତ କରି ରିଟର୍ନକୁ ଅନୁକୂଳତମ କରିବା ଏହାର ପ୍ରାଥମିକ ଲକ୍ଷ୍ୟ ହୋଇଥାଏ।

### ଅତୀତରୁ ଆମେ ପାଇଥିବା ଶିକ୍ଷା

- ୨୦୦୮ ରେ ଜାଗତିକ ବିତ୍ତୀୟ ସଙ୍କଟ ସମୟରେ ବଜାର ଧରାଶାୟୀ ହୋଇଥିଲା, କିନ୍ତୁ ଯେଉଁ ନିବେଶକମାନେ ଡେଟ୍ ଏବଂ ସୁନା ସହ ନିଜର ପୋର୍ଟଫୋଲିଓକୁ ପୁନଃସନ୍ତୁଳିତ କରିଥିଲେ ସେମାନେ ସମୟକ୍ରମେ ନିଜର କ୍ଷତିକୁ ପୁନରୁଦ୍ଧାର କରିପାରିଲେ।
- ୨୦୨୦ର ମହାମାରୀଜନିତ ସଙ୍କଟ – ପ୍ରାରମ୍ଭିକ ପତନ ପରେ ଇକ୍ୱିଟି ବଜାର ଦୃଢ଼ତାର ସହିତ ପ୍ରତ୍ୟାବର୍ତ୍ତନ କରିଥିଲା ଯାହାଫଳରେ ନିଜର ନିବେଶ ଗତିପଥରେ ନିଶ୍ଚଳ ରହିଥିବା ଶୃଙ୍ଖଳିତ ନିବେଶକମାନେ ଲାଭାନ୍ୱିତ ହୋଇଥିଲେ।

### କ୍ଷୁଦ୍ର ନିବେଶକଙ୍କ ପାଇଁ ପ୍ରମୁଖ ଶିକ୍ଷଣୀୟ ବିଷୟ

୧. ନିଜର ଲକ୍ଷ୍ୟ ଓ ଆଲୋକେଶନ୍ ମଧ୍ୟରେ ତାଳମେଳ ରକ୍ଷା କରନ୍ତୁ ତଥା ନିଜର ଆର୍ଥିକ ଲକ୍ଷ୍ୟ ଏବଂ ସମୟରେଖା ଅନୁଯାୟୀ ନିବେଶ କରନ୍ତୁ।
   - **ଇକ୍ୱିଟି** – ଦୀର୍ଘମିଆଦୀ ଅଭିବୃଦ୍ଧି (୫+ ବର୍ଷ) ପାଇଁ ଆଦର୍ଶ।
   - **ଡେଟ୍** – ସ୍ୱଳ୍ପରୁ ମଧ୍ୟମ ମିଆଦୀ (୧-୫ ବର୍ଷ) ଲକ୍ଷ୍ୟ ପାଇଁ ସ୍ଥିରତା ଯୋଗାଇଥାଏ।
   - **ସୁନା** – ବଜାର ଅନିଶ୍ଚିତତା ସମୟରେ ଏକ ସୁରକ୍ଷା କବଚ ଭଳି କାର୍ଯ୍ୟ କରିଥାଏ।
   - **ରିୟଲ ଇଷ୍ଟେଟ୍** – ବିବିଧକରଣ (ଡାଇଭର୍ସିଫିକେଶନ୍) ଏବଂ ଦୀର୍ଘ-ମିଆଦୀ ମୂଲ୍ୟ ବୃଦ୍ଧିର ଲାଭ ଦେଇଥାଏ।

୨. **ନିୟମିତ ଭାବେ ପୁନଃସନ୍ତୁଳନ କରନ୍ତୁ** – ବାଞ୍ଛିତ ଆଲୋକେଶନକୁ ବଜାୟ ରଖିବା ପାଇଁ ପୋର୍ଟଫୋଲିଓକୁ ନିୟମିତ ଭାବେ ଆଡଜଷ୍ଟ କରନ୍ତୁ, ବିଶେଷକରି ବଜାର ନିମ୍ନଗାମୀ ହେଉଥିବା ସମୟରେ।

୩. **ଶୃଙ୍ଖଳିତ ରୁହନ୍ତୁ** – ଭାବାବେଗର ବଶବର୍ତ୍ତୀ ହୋଇ ନିଷ୍ପତ୍ତି ନିଅନ୍ତୁ ନାହିଁ; ବଜାର ପତନଶୀଳ ରହିଥିବା ସମୟରେ ଇକ୍ୱିଟିରେ ଏସ୍‌ଆଇପି ମୂଲ୍ୟର ହାରାହାରିକରଣ କରିପାରିଥାଏ।

୪. **ହାଇବ୍ରିଡ୍ ଫଣ୍ଡଗୁଡ଼ିକୁ ବିଚାରକୁ ନିଅନ୍ତୁ** –
   - ବାଲାନ୍ସଡ୍ ଆଡଭାଣ୍ଟେଜ୍ ଫଣ୍ଡସ (ବିଏଏଫ୍) – ବଜାରର ମୂଲ୍ୟାୟନ ଆଧାରରେ ସକ୍ରିୟ ରୂପେ ଇକ୍ୱିଟି ଓ ଡେଟ୍ ମଧ୍ୟରେ ଆଲୋକେଟ୍ କରନ୍ତୁ, ଯାହାଫଳରେ ମାନୁଆଲ ରିବାଲାନ୍‌ସିଂର ଆବଶ୍ୟକତା ହ୍ରାସ ପାଇଥାଏ।
   - ମଲ୍ଟି-ଆସେଟ୍ ଫଣ୍ଡସ – ଇକ୍ୱିଟି, ଡେଟ୍, ସୁନା ଏବଂ ବେଳେବେଳେ ଅନ୍ତର୍ଜାତୀୟ ଆସେଟ୍‌ରେ ନିବେଶ କରନ୍ତୁ, ଯାହା ଅନ୍ତଃରଚିତ ବିବିଧକରଣ ସୁବିଧା ପ୍ରଦାନ କରିଥାଏ।
   - ଆସେଟ୍ ଆଲୋକେଟର୍ ଫଣ୍ଡ ଅଫ୍ ଫଣ୍ଡସ (ଏଫ୍‌ଓଏଫ୍) – ଇକ୍ୱିଟି, ଡେଟ୍ ଏବଂ ସୁନା ଫଣ୍ଡର ମିଶ୍ରଣରେ ନିବେଶ କରନ୍ତୁ, ଆସେଟ୍ ଆଲୋକେଶନର କାର୍ଯ୍ୟକୁ ପେସାଦାର ଫଣ୍ଡ ମ୍ୟାନେଜରଙ୍କ ଉପରେ ନ୍ୟସ୍ତ କରନ୍ତୁ।

୫. **ଟିକସ ଦକ୍ଷତା** – ହାଇବ୍ରିଡ୍ ଫଣ୍ଡ ଏବଂ ଏଫ୍‌ଓଏଫ୍ ଆଭ୍ୟନ୍ତରୀଣ ଭାବେ ପୁନଃସନ୍ତୁଳନକୁ ସମ୍ଭାଳିପାରିଥାଏ, ଏହାଫଳରେ ପୃଥକ୍ ଆସେଟ୍‌ଗୁଡ଼ିକର ବାରମ୍ବାର କ୍ରୟ/ବିକ୍ରୟ କାରଣରୁ ଉପୁଜୁଥିବା ଟିକସ ଦାୟକୁ ଏଡ଼ାଇହୋଇଥାଏ।



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ
ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍‌ସି ଲିଃ

### ସାମ୍ପ୍ରତିକ ଦୃଶ୍ୟକ୍ରମ

ସମ୍ପ୍ରତି ବଜାର ପତନମୁଖୀ ହୋଇଥିବାରୁ, ଏସ୍‌ଆଇପି ନିବେଶକମାନେ ଦୀର୍ଘ-ମିଆଦୀ ଲକ୍ଷ୍ୟ ଉପରେ ଦୃଷ୍ଟିକେନ୍ଦ୍ରିତ କରିବା ଆବଶ୍ୟକ ଏବଂ ଆତଙ୍କିତ ହୋଇ ପୁଞ୍ଜି ପ୍ରତ୍ୟାହାରରୁ ବିରତ ରହିବା ଉଚିତ। ଆସେଟ୍ ଆଲୋକେଶନ୍ ଅସ୍ଥିରତା ମଧ୍ୟ ଦେଇ ଯାତ୍ରାକୁ ସୁଗମ କରିବା ସୁନିଶ୍ଚିତ କରିଥାଏ ଏବଂ ସ୍ୱଳ୍ପ-ମିଆଦୀ ବିଭ୍ରାଟ ସତ୍ତ୍ୱେ ନିବେଶକମାନଙ୍କୁ ଠିକ୍ ମାର୍ଗରେ ରହିବାରେ ସାହାଯ୍ୟ କରିଥାଏ। ବିଶେଷ କରି ହାଇବ୍ରିଡ୍ ଫଣ୍ଡଗୁଡ଼ିକ ଆସେଟ୍ ଆଲୋକେଶନ୍ ପାଇଁ ହସ୍ତକ୍ଷେପବିହୀନ ମାର୍ଗ ଉପଲବ୍ଧ କରାଇଥାଏ, ତେଣୁ ନିବେଶର ପେସାଦାର ପରିଚାଳନା ଏବଂ ଟିକସ ଦକ୍ଷତା ଚାହୁଁଥିବା ନିବେଶକ ପାଇଁ ସେଗୁଡ଼ିକ ଆଦର୍ଶ ଅଟେ।

*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ*

Aditya Birla Sun Life Mutual Fund

ADITYA BIRLA CAPITAL
MUTUAL FUNDS

ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: **https://mutualfund.adityabirlacapital.com/Investor-Education/education/kyc-and-redressal**

ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜଗୁଡ଼ିକୁ ଧ୍ୟାନପୂର୍ବକ ପଢ଼ନ୍ତୁ

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି-ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ- ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତି। -ଶ୍ରୀମା



# ଦୁଇ ଦକ୍ଷ ଅଧିକାରୀ



ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

ପ୍ରଥମଥର ପାଇଁ ଫେବୃଆରୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ରେ ଦୁଇ ଜଣ ପୂର୍ଣ୍ଣକାଳୀନ ପ୍ରମୁଖ ସଚିବଙ୍କୁ ନେଇ ଚାଲିଥିଥିଲା। ସେହି ଦୁଇ ଜଣ ହେଉଛନ୍ତି ପି. କେ. ମିଶ୍ର ଓ ଶକ୍ତିକାନ୍ତ ଦାସ । ଏଭଳି ବ୍ୟବସ୍ଥା ମୋଦିଙ୍କ ତୃତୀୟ ପାଳିରେ ଶୀଘ୍ର କାମ କରିବା, ମଜଭୁତ ସମନ୍ୱୟ ଏବଂ ୨୦୪୭ ଲକ୍ଷ୍ୟ ଉପରେ ସମ୍ପୂର୍ଣ୍ଣ ଧ୍ୟାନକେନ୍ଦ୍ରିତ କରିବାର ମହତ୍ତ୍ୱାକାଂକ୍ଷା ସ୍ତରକୁ ପ୍ରତିପାଦିତ କରୁଛି। ମିଶ୍ର ଅର୍ଥ ମନ୍ତ୍ରଣାଳୟ ସହ ଜଡ଼ିତ କାର୍ଯ୍ୟ, ଭିତ୍ତିଭୂମି ଏବଂ ନିଯୁକ୍ତି କଥା ବୁଝୁଥିବାବେଳେ ଦାସ ସ୍ୱାସ୍ଥ୍ୟ, କୃଷି ଓ ଶିକ୍ଷା ବିଷୟ ନିରୀକ୍ଷଣ କରୁଛନ୍ତି। ଦାୟିତ୍ୱକୁ ଏଭଳି ଭାଗ କରାଯିବା ଯୁକ୍ତିଯୁକ୍ତ ଏବଂ ଲକ୍ଷ୍ୟ ମଧ୍ୟ ତ୍ରୁଟିଶୂନ୍ୟ, ଯେଉଁଥିରେ ବାଧା ଦୂର ହେବା ସହ ନିଷ୍ପତ୍ତି ପ୍ରକ୍ରିୟାଗୁଡ଼ିକୁ ସଂକ୍ଷିପ୍ତ କରାଯାଇପାରୁଛି। କିନ୍ତୁ ପର୍ଯ୍ୟବେକ୍ଷକଙ୍କ ମତରେ, ଏବେ ଅଧିକ କ୍ଷମତା ଦୁଇଜଣ ଅଣ ନିର୍ବାଚିତ କର୍ମଚାରୀଙ୍କ ପାଖକୁ ଯାଉଛି। ତେବେ ଏହାରେ ମନ୍ତ୍ରଣାଳୟଗୁଡ଼ିକର କ'ଣ ହେବ? ମନ୍ତ୍ରଣାଳୟ ସବୁ କେବଳ ସଙ୍କେତକୁ ଅପେକ୍ଷା କରୁଛନ୍ତି। ଉଭୟ ମିଶ୍ର ଓ ଦାସ ଅଧିକ ଦକ୍ଷ, କିନ୍ତୁ ବ୍ୟକ୍ତିଗତ ଦକ୍ଷତା ଉପରେ କୌଣସି ଶାସନ ଢାଞ୍ଚା ନିର୍ଭର କରିବା ଉଚିତ ନୁହେଁ। ଚିନ୍ତାର ବିଷୟ ହେଉଛି କାମ କରିବାର ଗତି ଓ ଗମ୍ଭୀରତା। ଏକ କେନ୍ଦ୍ରୀକୃତ ଢାଞ୍ଚା ଅଧିକ କାମ କରିପାରେ, କିନ୍ତୁ ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ନିରୀକ୍ଷଣ ଓ ମୁକ୍ତ ବିତର୍କକୁ ସଙ୍କୁଚିତ କରିବ। ମନ୍ତ୍ରଣାଳୟଗୁଡ଼ିକର ଯୋଗାଯୋଗ ଭଲ ରହିଲେ ଏକ ଡବଲ ଇଞ୍ଜିନ ପିଏମ୍‌ଓ ଯୋଜନାର କାର୍ଯ୍ୟକାରିତାକୁ ଅଗ୍ରଗତି କରାଇପାରେ। ଅନ୍ୟଥା ଯାହା ଦକ୍ଷତା ଭଳି ଦେଖାଯାଉଛି, ସମୟକ୍ରମେ ସେଥିରେ ଦୁର୍ବଳତା ପ୍ରକାଶ ପାଇପାରେ। ସାରଥି ଲୁକ ନେତୃତ୍ୱ ନେଇପାରେ ବା ପଥପ୍ରଦର୍ଶନ କରିପାରେ, କିନ୍ତୁ ଶାସନର ଇଞ୍ଜିନ ଚାହେଁ ତାହାର ସବୁ ଅଂଶ ଠିକ୍ ଭାବେ କାମ କରନ୍ତୁ ଏବଂ ଏଥିରେ ପ୍ରଧାନମନ୍ତ୍ରୀଙ୍କ ଅତି ନିକଟରେ ଲୋକଙ୍କର ଦରକାର ନାହିଁ।

## ସତର୍କ ଘଣ୍ଟି

ନିକଟରେ ଉତ୍ତରାଖଣ୍ଡ ରାଜ୍ୟ ଫରେଷ୍ଟ ଫୋର୍ସର ମୁଖ୍ୟ ଡ. ଧନଞ୍ଜୟ ମୋହନ ଅଚାନକ ରହସ୍ୟମୟ ଭାବେ ପଦବୀ ଛାଡ଼ି ଦେଇଛନ୍ତି। ଡେରାଡୁନ୍ ନିବାସୀ ଡ. ମୋହନ ହେଉଛନ୍ତି ଜଣେ ଶୀର୍ଷ ବନ ଅଧିକାରୀ ତଥା ଆଇଆଇଟି କାନପୁରର ଗୋଲ୍ଡ ମେଡାଲିଷ୍ଟ ଏବଂ ଜଣେ ବୈଶ୍ୱିକ ଖ୍ୟାତିସମ୍ପନ୍ନ ପକ୍ଷୀ ବିଶେଷଜ୍ଞ । ସେ ୨୪ ଘଣ୍ଟା ମଧ୍ୟରେ ଅପସରି ନେବି ବୋଲି ଆଶା କରାଯାଇ ନ ପାରେ, କିନ୍ତୁ ସେ ତାହା ହିଁ କଲେ। ସେବା ନିବୃତ୍ତିର ମାତ୍ର ଦୁଇ ମାସ ପୂର୍ବରୁ ଅର୍ଥାତ୍ ଜୁନ୍ ୨୦ରେ ସେ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ପାଇଁ ଆବେଦନ କରିଥିଲେ, ଯାହାକୁ ଶୀଘ୍ର ଗ୍ରହଣ କରି ନିଆଗଲା। ଏହା ସମ୍ପର୍କରେ ସରକାରୀ ସ୍ତରରେ କିଛି କୁହାଯାଇନାହିଁ। କିନ୍ତୁ ବେସରକାରୀ ସ୍ତରରେ ଅନେକ କଥା ସାମ୍ନାକୁ ଆସୁଛି। କେତେକଙ୍କ ବିଶ୍ୱାସ କରୁଛନ୍ତି ଯେ, ସେ ଅଧିକ ସୁବ୍ୟବସ୍ଥିତ ଧାରାରେ କାମ କରୁଥିଲେ ଓ ତାଙ୍କ ସଙ୍କୋଚତା ହିଁ କ୍ଷତିର କାରଣ ହେଲା। ମିୟାୱାକି ପ୍ରୋଜେକ୍ଟରେ ଚାରାଗଛ କିଣାରେ ହୋଇଥିବା ରାଜନୈତିକ ଦୁର୍ନୀତିକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି, ଯାହା ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଥାଇପାରେ; ଯେଉଁଥିରେ ସେ ବଦଳି କେବଳ ଚାହିଁଥାଇ ପାରିଥାଆନ୍ତି। ଏହା ଏକ ବିଡ଼ମ୍ବନା ଓ ଚିନ୍ତାର ବିଷୟ ଯେ, ଯେଉଁ ବ୍ୟକ୍ତି ଜଙ୍ଗଲ ପାଇଁ ବଞ୍ଚିଥିଲେ ଏବଂ ପରିସଂଖ୍ୟାନକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ତାଙ୍କୁ ବାହାର କରିଦିଆଯାଇଥିବା ଅନୁମାନ କରାଯାଉଛି। ତାହା ଯଦି ପ୍ରକୃତ କାରଣ ହୋଇଥାଏ, ତେବେ ଆମେ କେବଳ ଜଣେ ବାବୁଙ୍କୁ ହରାଇନୁ, ବରଂ ଏହା ସଚ୍ଚୋଟ ଲୋକସେବା ପାଇଁ ଏକ ସତର୍କ ଘଣ୍ଟି ବୋଲି କୁହାଯାଇପାରେ।

## ପରିବର୍ତ୍ତନ ଅପେକ୍ଷାରେ ସିବିଡିଟି

ଶୀର୍ଷ ସ୍ତରରେ ଆଉ ଏକ ପର୍ଯ୍ୟାୟ ଅଦଳବଦଳ ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି) ପ୍ରସ୍ତୁତ ହେଉଛି କିମ୍ବା ପରିବର୍ତ୍ତନର ସମ୍ଭାବନା ଦେଖାଯାଉଛି। ସିବିଡିଟି ଚେୟାରମ୍ୟାନ ରବି ଅଗ୍ରୱାଲଙ୍କ ବୃଦ୍ଧି କରାଯାଇଥିବା କାର୍ଯ୍ୟକାଳ ୩୦ ଜୁନ୍‌ରେ ଶେଷ ହେବ। ତାଙ୍କ ସହିତ ଅନ୍ୟ ଦୁଇ ବରିଷ୍ଠ ସଦସ୍ୟ ପ୍ରବୋଧ ସେଠ (ପ୍ରଶାସନ) ଏବଂ ଆର.ଏନ୍.ପର୍ବତ( ଆଇନ) ମଧ୍ୟ ଛାଡ଼ିବାକୁ ଯାଉଛନ୍ତି। ଯଦି ନର୍ଥ ବ୍ଲକର ଗୁଞ୍ଜରଣ ଉପରେ ବିଶ୍ୱାସ କରାଯାଏ, ତେବେ ଅଗ୍ରୱାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇପାରେ, କିନ୍ତୁ ଏହାର ଲୁଚିଭିକ ହୋଇପାରେ। କେତେକଙ୍କ ପର୍ଯ୍ୟବେକ୍ଷକ ଯୁକ୍ତି କରନ୍ତି ଯେ, କାର୍ଯ୍ୟକାଳ ବୃଦ୍ଧି କରିବା ଟ୍ୟାକ୍ସ ଆଡମିନିଷ୍ଟ୍ରେସନ ପାଇଁ ମହତ୍ତ୍ୱପୂର୍ଣ୍ଣ। ତେବେ ରାଜସ୍ୱ ବୋର୍ଡରେ ଏକ ବଡ଼ ଗୋଷ୍ଠୀ ଅଛି ଯାହା ନୂଆ ଲୋକ ଯୋଗଦେବା ଲାଗି ଚାହୁଁଛି। ଏକ ନୂଆ ସିବିଡିଟି ଗଠନ ପାଇଁ ଡିଜି, ପିସିସିଆଇଟିମାନଙ୍କ ସହ ଅନ୍ୟସବୁ ପ୍ରମୁଖ ଆଞ୍ଚଳିକ ପଦବୀଗୁଡ଼ିକ ପରିବର୍ତ୍ତନ ହୋଇପାରେ। ଏହିସବୁ ପଦବୀଗୁଡ଼ିକ ମଧ୍ୟରୁ ଅନେକ ଏବେ ସୁଦ୍ଧା ଖାଲି ପଡ଼ିଛି କିମ୍ବା ଆସନ୍ତୁ ଖାଲି ହେବାକୁ ଯାଉଛି। ନିର୍ବାଚନ ପରେ ବରିଷ୍ଠ ସ୍ତରରେ ପ୍ରଥମେ ଏକ ପ୍ରମୁଖ ଅଦଳବଦଳ ହେବାକୁ ଯାଉଛି। ଜଣାଶୁଣା ଅଧିକାରୀଙ୍କୁ ନେଇ ସୁରକ୍ଷିତ ଭାବେ କେନ୍ଦ୍ର କାର୍ଯ୍ୟ କରିବ ନା କେବଳ ପୁନର୍ଗଠନ ଓ ନବୀକରଣର ସଙ୍କେତ ଦେଉଛି? ଏହି ପରିବର୍ତ୍ତନରେ କିଏ ପଦବୀରେ ବସିବେ ତାହା ବଡ଼ କଥା ନୁହେଁ, ବରଂ ଆଶା କରାଯାଏ, ସେମାନଙ୍କ ପାରିପାର୍ଶ୍ୱିକ ବ୍ୟବସ୍ଥା ଶୀଘ୍ର ଓ ସକ୍ରିୟତାର ସହ କାମ କରୁ ।

Email: dilipcherian@gmail.com

## su | do | ku  ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 6 | 9 | | 8 | |
| | | | 1 | | | 4 | 3 | |
| 1 | | | 2 | 5 | | | | |
| | 5 | 4 | | | | | | |
| | 2 | | | | | 3 | 6 | |
| | | | 3 | | | | | 4 |
| | 8 | | | 3 | | | | 6 |
| | | | | | 7 | 2 | | |
| | | 9 | 6 | | 2 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 9 | 6 | 8 | 5 | 3 | 2 |
| 9 | 6 | 5 | 3 | 1 | 2 | 4 | 7 | 8 |
| 2 | 3 | 8 | 4 | 7 | 5 | 9 | 6 | 1 |
| 1 | 4 | 3 | 7 | 8 | 9 | 6 | 2 | 5 |
| 8 | 9 | 2 | 5 | 3 | 6 | 7 | 1 | 4 |
| 7 | 5 | 6 | 2 | 4 | 1 | 3 | 8 | 9 |
| 3 | 7 | 9 | 1 | 2 | 4 | 8 | 5 | 6 |
| 5 | 8 | 1 | 6 | 9 | 7 | 2 | 4 | 3 |
| 6 | 2 | 4 | 8 | 5 | 3 | 1 | 9 | 7 |

ଗତକାଲିର ଉତ୍ତର

# ଗଣତନ୍ତ୍ର ସରକାର ଓ ଏହାର ସ୍ୱରୂପ



ହରେକୃଷ୍ଣ ପଣ୍ଡା

ଯେଉଁଠାରେ ରାଷ୍ଟ୍ର ବା ରାଜ୍ୟର ଶାସନ ଅଳ୍ପ ବ୍ୟକ୍ତିଙ୍କ ହାତରେ ନ୍ୟସ୍ତ ଥାଏ ଏବଂ ସେମାନେ ଶାସନ ପରିଚାଳନା କରିଥାଆନ୍ତି, ତାହାକୁ ଆଭିଜାତତନ୍ତ୍ର କୁହାଯାଏ। ଶାସନ କ୍ଷମତା ବହୁ ସଂଖ୍ୟକ ବ୍ୟକ୍ତିଙ୍କ ହାତରେ ରହିଲେ ତାହାକୁ ଜନତନ୍ତ୍ର କୁହାଯାଏ। ରାଜତନ୍ତ୍ର, ଜନତନ୍ତ୍ର ଓ ଆଭିଜାତତନ୍ତ୍ର ହେଉଛି ସରକାରଙ୍କ ସ୍ୱାଭାବିକ ରୂପ। ଏଗୁଡ଼ିକ ରାଷ୍ଟ୍ରର ମଙ୍ଗଳ ସାଧନ ପାଇଁ ଉଦ୍ଦିଷ୍ଟ ଓ ଏହା ସୁଶାସନ ପ୍ରତିଷ୍ଠା କରିଥାଏ। ଏଗୁଡ଼ିକ ଯେତେବେଳେ ଆଦର୍ଶଭ୍ରଷ୍ଟ ହୋଇ ବିକୃତ ରୂପ ଧାରଣ କରେ ସେତେବେଳେ ଏହା ସର୍ବସାଧାରଣଙ୍କ ମଙ୍ଗଳସାଧନ ନ କରି ଶାସକ ଗୋଷ୍ଠୀର ସ୍ୱାର୍ଥସାଧନରେ ବ୍ରତୀ ହୁଏ। ଆଭିଜାତତନ୍ତ୍ର ଆଦର୍ଶ ଭ୍ରଷ୍ଟ ହେଲେ ତାହା ଗୋଷ୍ଠୀତନ୍ତ୍ରରେ ପରିଣତ ହୁଏ। ଏହି ଶାସନ ବ୍ୟବସ୍ଥାରେ ଶାସକ ଗୋଷ୍ଠୀ ନିଜର ସ୍ୱାର୍ଥସାଧନ ପାଇଁ ଶାସନକାର୍ଯ୍ୟ ପରିଚାଳନା କରିଥାଆନ୍ତି। ଆରିଷ୍ଟଟଲଙ୍କ ମତରେ ଜନତନ୍ତ୍ର ବିକୃତ ରୂପଧାରଣ କଲେ ଗଣତନ୍ତ୍ର ସୃଷ୍ଟି ହୋଇଥାଏ। ଏଥିରେ ବହୁବ୍ୟକ୍ତି ଶାସନରେ ଥିଲେ ମଧ୍ୟ ସେମାନେ ନିଜ ସ୍ୱାର୍ଥ ପାଇଁ କ୍ଷମତା ପ୍ରୟୋଗ କରିଥାଆନ୍ତି। ପୁଣି ଆରିଷ୍ଟଟଲ କହିଛନ୍ତି, କୌଣସି ଶାସନ ବ୍ୟବସ୍ଥା ସ୍ଥାୟୀ ନୁହେଁ। ଏହା ପରିବର୍ତ୍ତନଶୀଳ।

ଆମେ ଏବେ ଦେଖିବା ଭାରତୀୟ ରାଜନୀତିର ବହୁରୂପୀ ଆଭିମୁଖ୍ୟ କଥା। ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ବିଜୟ ହାସଲ କରି କ୍ଷମତାସୀନ ହେଉଛନ୍ତି। କିନ୍ତୁ ଗଣତାନ୍ତ୍ରିକ ଶାସନ ଓ ବ୍ୟବସ୍ଥା ପରିବର୍ତ୍ତେ ନିଜକୁ, ନିଜ ଦଳକୁ ସୁହାଇଲା ଭଳି ଶାସନ ତଥା ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସରକାର ଆସିଛନ୍ତି। କିନ୍ତୁ ଦେଖାଯାଉଛି ପ୍ରତି ସରକାରଙ୍କର ଶାସନ ପରିଚାଳନା ଢାଞ୍ଚା ଭିନ୍ନ ଭିନ୍ନ। ସେମାନେ ଶାସନ ପରିବର୍ତ୍ତନ ଆଳରେ ସମାଜ ସହ ତାଳ ଦେଇ ଗତି କରିଛନ୍ତି। କିନ୍ତୁ ଦେଖାଯାଉଛି ସାମାଜିକ ମଙ୍ଗଳ ବା ରାଷ୍ଟ୍ରୀୟ ପ୍ରଗତି ଆଳରେ ସନ୍ତୁଷ୍ଟୀକରଣ ନୀତିକୁ ଆପଣେଇ ନେଉଛନ୍ତି। ଯାହାଫଳରେ ମନୁଷ୍ୟଙ୍କୁ ସାମାଜିକ ପରିବର୍ତ୍ତନର ଶକ୍ତି ବା ଆୟୁଧ ସହ ପରିଚିତ କରାଇ ପାରିନାହାନ୍ତି। ଆଧୁନିକ ଯୁଗର ପ୍ରସିଦ୍ଧ ରାଜନୀତି ବିଜ୍ଞାନୀ ଅଧ୍ୟାପକ ହାରଲ୍ଡ ଜି, ଲାସ୍କି ଓଲେଙ୍କ ମତରେ ମନୁଷ୍ୟର ଚରିତ୍ର, ବ୍ୟବହାର, ଆଚରଣ ମନୋବୃତ୍ତି ଅନୁଶୀଳନ ପରେ ଯେଉଁ ତତ୍ତ୍ୱ ନିର୍ଦ୍ଧାରିତ ହେଉଛି, ତାହା ସମାଜ ତଥା ରାଜନୈତିକ ଜୀବନକୁ ପରିବର୍ତ୍ତନଶୀଳ ଓ ଗତିଶୀଳ କରିବାରେ ସାହାଯ୍ୟ କରିଥାଏ। କେତେକେ କୁହନ୍ତି, ବିବର୍ତ୍ତନ ଧାରାରେ ଗଣତନ୍ତ୍ର ହେଉ କିମ୍ବା ରାଜତନ୍ତ୍ର , ତାହା ପରିବର୍ତ୍ତନ ହେବାକୁ ବାଧ୍ୟ ହୋଇଥାଏ। ସେଥିପାଇଁ ଗଣତନ୍ତ୍ରପ୍ରେମୀ ଜନତାଙ୍କ ପ୍ରଶ୍ନ ଉଠେ, ଭାରତୀୟ ରାଜନୀତିରେ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତି ଆଡ଼କୁ ନା ଜନତନ୍ତ୍ର ଆଡ଼କୁ ନା ଆଭିଜାତତନ୍ତ୍ର ଆଡ଼କୁ ନା ସମାଜବାଦ ଆଡ଼କୁ? କିନ୍ତୁ କୌଣସି ରାଜନୀତିଜ୍ଞ କହି ପାରି ନାହାନ୍ତି କେଉଁ ସରକାରଙ୍କ ଆଭିମୁଖ୍ୟ କେଉଁ ଆଡ଼କୁ। ଯେଉଁମାନେ କହିଛନ୍ତି ତାହା କେବଳ ଅନ୍ଧାରୁଆ ବାଡ଼ି ବୁଲାଇଲାଭଳି। ବୁଦ୍ଧିଜୀବୀ ମହଲରେ ଆହୁରି ଏକ ପ୍ରଶ୍ନ ଏଯାବତ୍ ସମାଧାନ କରି କେହି କହିପାରିନାହାନ୍ତି। ରାଷ୍ଟ୍ର ବିଜ୍ଞାନବିତ୍‌ମାନେ ଆରିଷ୍ଟଟଲଙ୍କ ଥିଓରିକୁ ଅନୁସରଣ କରି ଆଧୁନିକ ରାଷ୍ଟ୍ରକୁ ରାଜତନ୍ତ୍ର, ଆଭିଜାତତନ୍ତ୍ର ଓ ଗଣତନ୍ତ୍ର ଏହିପରି ତିନିଭାଗରେ ବିଭକ୍ତ କରିଛନ୍ତି। କେତେବେଳେ ଗଣତନ୍ତ୍ରକୁ ସାଧାରଣତନ୍ତ୍ର ରାଷ୍ଟ୍ର ବୋଲି କୁହାଯାଉଛି। ଅନ୍ୟ ଜଣେ ରାଷ୍ଟ୍ରବିଜ୍ଞାନୀ ଜନତନ୍ତ୍ର ବୋଲି କହିଛନ୍ତି। ଏହା ବ୍ୟତୀତ ଆଉ ଗୋଟିଏ ପ୍ରକାର ରାଷ୍ଟ୍ର ଅଛି ଯାହାକୁ ଏକଛତ୍ରବାଦ ରାଷ୍ଟ୍ର କୁହନ୍ତି। ସୁତରାଂ ଆଧୁନିକ ଯୁଗରେ ରାଷ୍ଟ୍ରକୁ ଜନତନ୍ତ୍ର ବା ଏକଛତ୍ରବାଦ ଦୃଷ୍ଟିରୁ ଗୋଟିଏ ଶାସନ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ପଡ଼ିଥାଏ। ଆଉ କେତେକ ରାଷ୍ଟ୍ରକୁ ରାଷ୍ଟ୍ର ସଂଘ ବା ସଂସଦୀୟ ସରକାର ବୋଲି କହିଥାଆନ୍ତି। ଆମ ଦେଶକୁ ସଂସଦୀୟ ସରକାରରୂପକୁ ଶାସନ କରନ୍ତି। ଏମାନଙ୍କ ଆଭିମୁଖ୍ୟ ଗଣତନ୍ତ୍ର, ଜନତନ୍ତ୍ର, ଆଭିଜାତତନ୍ତ୍ର, ଏକଛତ୍ରବାଦ ଏଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ଦିଗକୁ ଗତି କରିଥାଏ। ଆଜିକାଲି ଗୋଟିଏ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରୁଛି; ଯେଉଁଥି ପାଇଁ ଶାସକମାନେ କହୁଥିବା କଥା ପ୍ରାୟତଃ ସତ ହୁଏ ବୋଲି ଯାହା ମାଡ୍ରାସ ହାଇକୋର୍ଟରେ ଜନସାଧାରଣଙ୍କ ପାଇଁ କୁହାଯାଉଛି ତାହାର ସତ୍ୟତା ଅଛି। ଯାହା ଫଳରେ ଅମଲାତନ୍ତ୍ରର ଶାସନ ପାଖରେ ଜନତନ୍ତ୍ର ଶାସନ ଗୌଣ ହୋଇଯାଉଥାଏ।

ଭାରତ ସ୍ୱାଧୀନ ହେବା ପରଠାରୁ ଏଯାବତ ଶାସନତନ୍ତ୍ରରେ ଅମଲାତନ୍ତ୍ର ସବୁବେଳେ ପ୍ରଭାବଶାଳୀ ହୋଇ ଆସିଛି। ସେମାନଙ୍କ ରେ ଏତେ ଗଭୀର ଯେ ତାକୁ ହଲେଇବା କଷ୍ଟକର । ସେମାନେ ଯେତେ ପ୍ରଭାବଶାଳୀ ହେବେ ଆଭିଜାତତନ୍ତ୍ର ଜନତନ୍ତ୍ରକୁ ଧ୍ୱଂସସାତ୍ କରିଦେବ। ଭାରତ ସ୍ୱାଧୀନତା ହେବା ପରେ ଆଭିଜାତ ତନ୍ତ୍ର ଶାସନ ପାଖରେ ପରିଦୃଶ୍ୟ ହୁଏ ନାହିଁ। ତାହା ଅମଲାତନ୍ତ୍ର ପାଖରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ରହି ଯାଇଛି। ଆରିଷ୍ଟଟଲଙ୍କ ଥିଓରିର ମୌଳିକ



ପରିବର୍ତ୍ତନ ଘଟିଛି। ଏହାର ବହୁତ କାରଣ ମଧ୍ୟ ଅଛି। ନିର୍ବାଚିତ ପ୍ରତିନିଧି ଅଜ୍ଞ, ଅନଭିଜ୍ଞ, ଅଦୂରଦୃଷ୍ଟିସମ୍ପନ୍ନ ହେଲେ ଗଣତନ୍ତ୍ର ରାଷ୍ଟ୍ରରେ ଅମଲାତନ୍ତ୍ର ବଳଶାଳୀ ହୋଇଯିବ। ଦେଖିବାକୁ ଗଲେ ଅମଲାତନ୍ତ୍ର ସବୁ ସରକାରଙ୍କ ଅମଳରେ ଶାସନକର୍ତ୍ତା ସାଜିଛନ୍ତି। ଏହାର ଢାଞ୍ଚା ପରିବର୍ତ୍ତନ ପାଇଁ ସରକାରମାନେ କେବେ ଚିନ୍ତା କରିବା ଦେଖା ଯାଏନାହିଁ।

ଆମ ଦେଶରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ଘନିଷ୍ଠ ସମ୍ପର୍କ ରହିଛି। ଯେଉଁଠାରେ ବ୍ୟବସ୍ଥାପକ ଓ କାର୍ଯ୍ୟପାଳିକାର ପରସ୍ପର ସହଯୋଗ ଏବଂ ବୁଝାମଣା ଉପରେ ପର୍ଯ୍ୟବେକ୍ଷିତ ତାହାକୁ ସଂସଦୀୟ ସରକାର କୁହାଯାଇଥାଏ। ଏହି ସରକାରରେ କାର୍ଯ୍ୟପାଳିକା ବ୍ୟବସ୍ଥାପିକାର ଅଂଶ ବିଶେଷ ହୋଇଥାଏ। କାର୍ଯ୍ୟପାଳିକା ତା'ର ସମସ୍ତ କାର୍ଯ୍ୟପାଇଁ ବ୍ୟବସ୍ଥାପିକା ପାଖରେ ଦାୟୀ ରହିବା କଥା। ବ୍ୟବସ୍ଥାପକମାନେ ଜନସାଧାରଣଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ବାଚିତ ହୋଇଥିବାରୁ ସେମାନେ ମଧ୍ୟ ସେମାନଙ୍କ କାମ ପାଇଁ ଜନସାଧାରଣଙ୍କ ପାଖରେ ଦାୟୀ ରହିଥାଆନ୍ତି। ତେଣୁ ଏହାକୁ ଉତ୍ତରଦାୟୀ ସରକାର କୁହାଯାଏ। କିନ୍ତୁ ଆମ ଦେଶର ଜନସାଧାରଣ କେବଳ ହେଲେ ଏହି ଉତ୍ତରଦାୟିତ୍ୱ ସମ୍ପର୍କରେ ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରଶ୍ନ କରନ୍ତି ନାହିଁ କିମ୍ବା ଏ ସମ୍ପର୍କରେ ଆଦୌ ସଚେତନ ହୋଇ ନାହାନ୍ତି ବୋଲି କୁହାଯିବ। ସରକାରଙ୍କ ପରେ ସରକାର ଆସୁଛନ୍ତି, ଯାଉଛନ୍ତି। ସେମାନେ ସମ୍ବିଧାନ ଓ ବ୍ୟବସ୍ଥାପିକାର ଶକ୍ତିକୁ ଉଲ୍ଲଂଘନ କରି ବହୁ କାର୍ଯ୍ୟ କରି ଯାଉଥିଲେ ହେଁ କେବେହେଲେ ପରବର୍ତ୍ତୀ ସମୟରେ ଉତ୍ତରଦାୟୀ ହୋଇପାରି ନାହାନ୍ତି। ସେମାନଙ୍କ ପାଇଁ ଏଭଳି ସୁଯୋଗ ସୃଷ୍ଟି ହୋଇଛି କେବଳ ସଂସଦୀୟ ସରକାରଙ୍କ ପାଇଁ। ଗଣତନ୍ତ୍ରରେ ଅମଲା ରୁହନ୍ତି ବରଂ ନିର୍ବାଚିତ ସରକାର ଲୋକଙ୍କ ନିକଟରେ ଉତ୍ତରଦାୟୀ ହୋଇଥିବାରୁ ମନ୍ତ୍ରୀମାନଙ୍କୁ ସେମାନଙ୍କର କ୍ଷମତା ପ୍ରୟୋଗ କରିବାକୁ ସୁଯୋଗ ପ୍ରଦାନ କରାଯାଇଥାଏ। ଏଠାରେ ବିଚାର କରାଯାଇପାରେ ଯେ ଆଭିଜାତତନ୍ତ୍ରର ମୌଳିକ ସ୍ୱରୂପଟି ହେଉଛି ଅମଲାତନ୍ତ୍ର। ପ୍ରାୟତଃ ସେମାନଙ୍କ ଇଚ୍ଛାରେ ଶାସନ ଚଳେ। ନିଯୁକ୍ତି, ଉନ୍ନୟନ କାର୍ଯ୍ୟ, ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ରାଜକୋଷରୁ ଅର୍ଥ ଆଣିବା ଦାୟିତ୍ୱ ରହିଛି ସଚିବମାନଙ୍କ ଉପରେ। ଏପରିସ୍ଥଳେ ଦେଖିବାକୁ ଗଲେ ରାଷ୍ଟ୍ରସଂଘର ଆବଶ୍ୟକତା ରହିଛି। କାରଣ ରାଷ୍ଟ୍ରସଂଘ ଏକ ଶକ୍ତିଶାଳୀ ଓ ବୃହତ୍ ରାଷ୍ଟ୍ର ସୃଷ୍ଟି କରେ। ଏଠାରେ ଲିଖିତ ସମ୍ବିଧାନ ଓ ନିରପେକ୍ଷ ନ୍ୟାୟାଳୟ ଥିବାରୁ ଏକଚ୍ଛତ୍ରବାଦ ଶାସନ ପ୍ରତିଷ୍ଠା ହୋଇପାରେ ନାହିଁ। ଅପରପକ୍ଷରେ କ୍ଷମତା ବିକେନ୍ଦ୍ରୀକରଣ ଫଳରେ ଶାସନଗତ ଐକ୍ୟ ଓ ସଂହତି ବାଧାପ୍ରାପ୍ତ ହୁଏ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପ୍ରଣୀତ ଆଇନ ମଧ୍ୟରେ ବେଳେ ବେଳେ ସଂଘର୍ଷ ଦେଖାଦିଏ। ତେଣୁ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଦୁହେଁ ଯଦି ନିଜର ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନ ରୁହନ୍ତେ ଏବଂ ଏମାନଙ୍କ ଉପରେ ରାଷ୍ଟ୍ରପତି ତଥା ରାଜ୍ୟପାଳଙ୍କୁ ସାମ୍ବିଧାନିକ ଲିଖିତ କ୍ଷମତା ଦିଆଯାଆନ୍ତା ତେବେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପୃଥିବୀରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଥାଆନ୍ତା।

-ସୟଦପୁର, ଯାଜପୁର,
ମୋ:୯୪୩୭୩୧୫୬୭୩

# ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧରେ ବିରଳ ଧାତୁ



ଇଂ. ମାୟାଧର ସ୍ୱାଇଁ

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ଶାସନ ଭାର ଗ୍ରହଣ କରିବା ପରେ ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଛି। ଏହି ଦୁଇ ଦେଶ ହେଉଛନ୍ତି ପୃଥିବୀର ଦୁଇ ବୃହତ୍ ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ର। ଗୋଟିଏ ଦେଶ ଆର୍ଥିକ ଭାବେ ଅନ୍ୟ ଦେଶକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଛି। ଆମେରିକା ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଅଧିକ ଟାରିଫ ବା ଆମଦାନୀ ଶୁଳ୍କ ଲଗାଉଛି। ଏହାର ଜବାବରେ ଚାଇନା ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ମଧ୍ୟ ଅଧିକ ଶୁଳ୍କ ଘୋଷଣା କରିଛି।

ଏହି ବାଣିଜ୍ୟ ଯୁଦ୍ଧରେ ଚାଇନା ହାତରେ ଅଛି ଗୋଟିଏ ଆମୋଘ ଅସ୍ତ୍ର। ତାହା ହେଉଛି ସାତଟି ବିରଳ ଧାତୁ। ମୌଳିକ ପଦାର୍ଥର ପର୍ଯ୍ୟାୟ ସାରଣୀରେ ସତରଟି ବିରଳ ଧାତୁ ଅଛି। ଏଗୁଡ଼ିକ ବିରଳ କହିବାର ତାତ୍ପର୍ଯ୍ୟ ହେଉଛି ଯେ, ଭୂଗର୍ଭରେ ଏହାର ପରିମାଣ ହେଉଛି ବହୁତ କମ୍ ଏବଂ ପୁନଶ୍ଚ ଏହା ନିର୍ଦ୍ଦିଷ୍ଟ କେତେକ ଦେଶରେ ଉପଲବ୍ଧ ହୋଇଥାଏ। ଅବଶ୍ୟ ସତରଟି ବିରଳ ମୌଳିକ ପଦାର୍ଥ ମଧ୍ୟରୁ କେତୋଟି ବାସ୍ତବରେ ବିରଳ ନୁହେଁ ଏବଂ ଏଗୁଡ଼ିକ ଭୂଗର୍ଭରେ ବହୁଳ ପରିମାଣରେ ଥିବାର ଜଣାଯାଇଛି। ମାତ୍ର ଆବିଷ୍କାର ସମୟରେ ଏଗୁଡ଼ିକ ବିରଳ ଥିବାରୁ ଏଗୁଡ଼ିକର ନାମ ଆଜିପର୍ଯ୍ୟନ୍ତ ସେହିପରି ଅଛି।

ଚାଇନା ଯେଉଁ ସାତଟି ବିରଳ ଓ ମୂଲ୍ୟବାନ ଧାତୁକୁ ବାଣିଜ୍ୟ ଯୁଦ୍ଧରେ ଅସ୍ତ୍ର କରିଛି, ପ୍ରକୃତରେ ସେଗୁଡ଼ିକ ହେଉଛି ବିରଳ। ଏଥିରୁ ଅନେକ ଧାତୁ ମୁଖ୍ୟତଃ ଚାଇନାରେ ଉପଲବ୍ଧ ଖଣିକୁ ନିଜ ଅକ୍ତିଆରରେ ରଖିଛି। ବର୍ତ୍ତମାନ ଚାଇନା ଏହି ସାତଟି ବିରଳ ଧାତୁକୁ ଆମେରିକାକୁ ରପ୍ତାନି ପାଇଁ ନିଷେଧ କରିଛି। ଏହାର ପ୍ରଭାବ କେବଳ ଆମେରିକାରେ ନୁହେଁ, ବରଂ ସମଗ୍ର ପୃଥିବୀରେ ଅନୁଭୂତ ହେବ। ଏହି ସାତଟି ବିରଳ ଧାତୁ ହେଉଛି ସମରିୟମ୍, ଗାଡୋଲିନିୟମ୍, ଟର୍ବିୟମ୍, ଡାଇସ୍ପ୍ରୋସିୟମ୍, ଲୁଟେସିୟମ୍, ସ୍କାଣ୍ଡିୟମ୍ ଏବଂ ୟିଟ୍ରିୟମ୍।

ଏହି ଧାତୁଗୁଡ଼ିକ ଜେଟ୍ ଇଞ୍ଜିନ, ଲେଜର, କାର୍, ହେଡ୍‌ଲାଇଟ୍ ଏବଂ କେତେକ ସ୍ପାର୍କ ପ୍ଲଗ ଓ କାପାସିଟର ଉତ୍ପାଦନରେ ବ୍ୟବହୃତ ହୁଏ। ଏଗୁଡ଼ିକ ମଧ୍ୟ କମ୍ପ୍ୟୁଟର ଚିପ୍ ଓ ସ୍ମାର୍ଟଫୋନ୍ ପାଇଁ ଦରକାର ହେଉଛି। ଏଗୁଡ଼ିକ ଯାନବାହନ, ସେମିକଣ୍ଡକ୍ଟର, ଏରୋସ୍ପେସ୍, ରକେଟ୍, ବିଦ୍ୟୁତ୍ ଗାଡ଼ି, କୃତ୍ରିମ ବୁଦ୍ଧିମତ୍ତା ଆଦି କ୍ଷେତ୍ର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଧାତୁଗୁଡ଼ିକ ପାଇଁ ଚାଇନା ଉପରେ ଆମେରିକା ବହୁମାତ୍ରାରେ ନିର୍ଭରଶୀଳ। ଏହି ବିରଳ ଧାତୁଗୁଡ଼ିକ ହେଉଛି ଆମେରିକା ପ୍ରତିରକ୍ଷା ଶିଳ୍ପର ମେରୁଦଣ୍ଡ। ଏହା ବ୍ୟତୀତ କାର, ଡ୍ରୋନ, ରୋବୋଟ, କ୍ଷେପଣାସ୍ତ୍ର ଆଦିରେ ବ୍ୟବହୃତ ହେଉଥିବା ଚୁମ୍ବକ ମଧ୍ୟ ଚାଇନାରୁ ଆମେରିକା ଯାଇଥାଏ। ବର୍ତ୍ତମାନ ଚାଇନା ଏହି ଚୁମ୍ବକ ରପ୍ତାନି ଉପରେ ମଧ୍ୟ କଟକଣା କରିଛି।



ସୂଚନାଯୋଗ୍ୟ ଯେ, ଏହି ଶକ୍ତିଶାଳୀ ଚୁମ୍ବକଗୁଡ଼ିକ ବିରଳ ଧାତୁରେ ନିର୍ମିତ ହୋଇଥାଏ।

ବିରଳ ଧାତୁ ଗଚ୍ଛିତ ଥିବା ଦେଶଗୁଡ଼ିକ ଯଥା ଚାଇନା, ଭିଏତନାମ, ବ୍ରାଜିଲ ଓ ରୁଷିଆ ପରେ ରହିଛି ଭାରତ। ଚାଇନାରେ ପୃଥିବୀର ମୋଟ ବିରଳ ଧାତୁର ୪୪ ପ୍ରତିଶତ ଥିବାବେଳେ ଭିଏତନାମ, ବ୍ରାଜିଲ, ରୁଷିଆ ଓ ଭାରତରେ ଏହା ଯଥାକ୍ରମେ ହେଉଛି ୨୨, ୨୧, ୧୯ ଓ ୬.୯ ପ୍ରତିଶତ। ଏହା ବ୍ୟତୀତ ଅଷ୍ଟ୍ରେଲିଆରେ ୪.୨ ପ୍ରତିଶତ, ଆମେରିକାରେ ୨.୩ ପ୍ରତିଶତ ଏବଂ ଗ୍ରୀନଲାଣ୍ଡରେ ୧.୫ ପ୍ରତିଶତ ବିରଳ ଧାତୁ ଗଚ୍ଛିତ ଅଛି। ଆମେରିକାରେ କେବଳ ଗୋଟିଏ ବିରଳ ଧାତୁ ଖଣି ଅଛି ଏବଂ ଏହାର ଅବଶିଷ୍ଟ ଆବଶ୍ୟକତା ଚାଇନାରୁ ପୂରଣ ହୋଇଥାଏ। ଖଣିଜରୁ ଏହି ଧାତୁଗୁଡ଼ିକର ବିଶୋଧନ ପ୍ରକ୍ରିୟା ହେଉଛି ଅତି ଜଟିଳ ଓ ବ୍ୟୟବହୁଳ। ପୃଥିବୀରେ ଉତ୍ତୋଳିତ ମୋଟ ବିରଳ ଧାତୁର ୯୦ ପ୍ରତିଶତର ବିଶୋଧନ କ୍ଷମତା ଚାଇନା ନିୟନ୍ତ୍ରଣରେ ଅଛି। ଏପରିକି ଆମେରିକାରେ ଉତ୍ତୋଳିତ ବିରଳ ଧାତୁ ବିଶୋଧନ ପାଇଁ ଏହାକୁ ଚାଇନା ପଠାଯାଉଥିଲା। ଏହା ବ୍ୟତୀତ ମ୍ୟାନମାର ଓ ଲାଓସରେ ମଧ୍ୟ ଏହି ଧାତୁଗୁଡ଼ିକ ଅଳ୍ପ ପରିମାଣରେ ଉତ୍ତୋଳନ କରାଯାଉଛି। ମାତ୍ର ଏହାର ଉତ୍ତୋଳନ ଓ ବିଶୋଧନରେ ଚାଇନା ସଂଶ୍ଳିଷ୍ଟ ଅଛି।

ଆଉ ଦୁଇଟି ଅତି ବିରଳ ଧାତୁ ନିଓଡିମିୟମ ଓ ପ୍ରାସିଓଡିମିୟମ ସ୍ଥାୟୀ ଚୁମ୍ବକ ନିର୍ମାଣ ପାଇଁ ବ୍ୟବହୃତ ହେଉଛି, ଯାହା ମୋଟର ଗାଡ଼ିରେ ବ୍ୟବହୃତ ହୁଏ। ମାତ୍ର ଏହି ଦୁଇ ଧାତୁ ଚାଇନାର ନିଷେଧ ତାଲିକାରେ ନାହିଁ।

ଆମେରିକା ଓ ଚାଇନା ମଧ୍ୟରେ ଅନେକ ବର୍ଷରୁ ବିଭିନ୍ନ ସ୍ତରରେ ବାଣିଜ୍ୟ ଯୁଦ୍ଧ ଲାଗି ରହିଛି। ଆମେରିକା ଚାଇନାରୁ ବିରଳ ଧାତୁର ଆମଦାନୀକୁ ୨୦୦୭ ମସିହାରେ ଥିବା ୮୦ ପ୍ରତିଶତ ବର୍ତ୍ତମାନ ୭୦ ପ୍ରତିଶତକୁ ହ୍ରାସ କରିଛି। ମାତ୍ର ଅନ୍ୟ ଦେଶରୁ ଆମଦାନୀ ଧାତୁଗୁଡ଼ିକର ପ୍ରକ୍ରିୟାକରଣ ଓ ବିଶୋଧନରେ ମଧ୍ୟ ଚାଇନା ସଂଶ୍ଳିଷ୍ଟ ଅଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧରେ କେହି ପଛକୁ ହଟିବା ଜଣା ପଡୁନାହିଁ। ଏଣୁ ଆମେରିକା ବିରଳ ଧାତୁ ପାଇଁ ଗ୍ରୀନ୍‌ଲାଣ୍ଡଠାରୁ ଆରମ୍ଭ କରି ୟୁକ୍ରେନ ପର୍ଯ୍ୟନ୍ତ ଚେଷ୍ଟା ଚଳାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଧାତୁର ଗବେଷଣା ଓ ବିକାଶ ପାଇଁ ଆମେରିକା ଭାରତ ସହିତ ମଧ୍ୟ ଯୋଗାଯୋଗ କରିଛି।

ବର୍ତ୍ତମାନ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଚାଇନା ଆମେରିକାକୁ ଅନ୍ୟ ତିନୋଟି ବିରଳ ଧାତୁର ରପ୍ତାନି ଉପରେ ନିଷେଧ ଘୋଷଣା କରିଛି। ସେଗୁଡ଼ିକ ହେଉଛି ଗାଲିୟମ, ଜର୍ମାନିୟମ ଏବଂ ଏଣ୍ଟିମନି। ଏଗୁଡ଼ିକ ପ୍ରତିରକ୍ଷା ଶିଳ୍ପରେ ବ୍ୟବହୃତ ହୋଇଥାଏ। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଯୋଗୁ ବିରଳ ଧାତୁଗୁଡ଼ିକର ଆମଦାନୀ କଟକଣାର ପ୍ରଭାବ ସମଗ୍ର ପୃଥିବୀରେ ପଡ଼ିଲେ ଅନେକ ଶିଳ୍ପ ବନ୍ଦ ହୋଇଯିବ ଏବଂ ଅନେକ ଲୋକ ବେରୋଜଗାର ହୋଇଯିବାର ଆଶଙ୍କା ମଧ୍ୟ ଅଛି।

ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର,
ମୋ:୯୪୩୮୬୯୩୭୭୪

## ଏଇ ଭାରତରେ

ପ୍ଲାଷ୍ଟିକ ବର୍ଜ୍ୟ ପରିବେଶ ପ୍ରଦୂଷଣର ବଡ଼ କାରଣ ପାଲଟିଛି। ଏଣୁ ପ୍ଲାଷ୍ଟିକ ପ୍ରଦୂଷଣ ଦୂର କରିବା ଲାଗି ବିଭିନ୍ନ ବର୍ଜ୍ୟରୁ ଏହାର ବିକଳ୍ପ ସାମଗ୍ରୀ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ହାଇଦ୍ରାବାଦର ରେହା ଜୋଠାରି ଓ ରିଶିକା ରେଡ୍ଡୀ। ଏହି ଦୁଇ ମହିଳା କଫି, ଛତୁ, କଦଳୀ ଚୋପା, ଟମାଟୋ ବର୍ଜ୍ୟରୁ ପରିବେଶ ଉପଯୋଗୀ ପ୍ୟାକେଜିଂ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ରେହା ଓ ରିଶିକା ୨୦୨୦ରେ 'ଦି ଗ୍ରେଣ୍ଡ ପ୍ୟାକେଜିଂ' କମ୍ପାନୀ ପ୍ରତିଷ୍ଠା କରି ଏଭଳି ସାମଗ୍ରୀ ତିଆରି କରୁଛନ୍ତି। ଏହିସବୁ ସାମଗ୍ରୀ ବିଘଟନ ପ୍ରକ୍ରିୟାରେ କମ୍ ସମୟରେ ମାଟିରେ ମିଶି ଯାଇପାରୁଛି। କମ୍ପାନୀ ଦ୍ୱାରା ୭୦ରୁ ଅଧିକ ପ୍ରକାର ଉତ୍ପାଦ ପ୍ରସ୍ତୁତ ହେଉଛି। କମ୍ପାନୀ ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଏକ ମଜଭୁତ ଯୋଗାଣ ନେଟୱର୍କ ପ୍ରତିଷ୍ଠା କରିପାରିଛି। କୋଭିଡ୍ ମହାମାରୀର ଲକ୍‌ଡାଉନ ସମୟରେ ପ୍ୟାକେଜିଂ ବର୍ଜ୍ୟକୁ ଲକ୍ଷ୍ୟ କରି ରେହା ଓ ରିଶିକା ଏହାର ସମାଧାନ ପାଇଁ ଉପାୟ ଖୋଜିବା ଲାଗି ଗବେଷଣା ଆରମ୍ଭ କରିଥିଲେ। ପରେ ସେମାନେ ଗବେଷଣାରେ ସଫଳ ହୋଇ ପ୍ଲାଷ୍ଟିକ୍‌ର ବିକଳ୍ପ ପ୍ୟାକେଜିଂ ସାମଗ୍ରୀ ତିଆରି କରିବାରେ ସଫଳ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୭୬

- ସମୁଦ୍ର ଗର୍ଭରେ ବୁଡ଼ିଯାଇଥିବା ଗ୍ରୀକ୍ ଜାହାଜ 'ଇଲାସ୍ତିଆ'ର ୨୮ ଜଣଯାକ ନାବିକ କର୍ମଚାରୀଙ୍କୁ ଆଣ୍ଡାମାନ ଦ୍ୱୀପପୁଞ୍ଜର ଏକ ଦ୍ୱୀପରୁ ଉଦ୍ଧାର କରାଯାଇଛି।
- ଫିଲିପାଇନ୍ସର ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଭାରତ ୧୭୫୦ କିଲୋଗ୍ରାମ୍ ଓଜନର ୧୦୦୦ଟି କମ୍ବଳ ଦାନ କରିଛି।
- ବେରୁଟ୍‌ରେ ଅନିଶ୍ଚିତ ଅବସ୍ଥା ଲାଗି ରହିଥିବାରୁ ଭାରତୀୟ ଦୂତାବାସ ଓ କର୍ମଚାରୀମାନଙ୍କୁ ଅସ୍ଥାୟୀ ଭାବେ ପ୍ରତ୍ୟାହାର କରି ନିଆଯାଇଛି।

## ଚିରନ୍ତନୀ

ନିଷ୍କଣ୍ଟକ କରି ପଥ ପାଶେ ତା'ର
ରୋପିଗଲ ତରୁ
ଶାନ୍ତିର ଉଦକ ଢାଳି କୁସୁମିତ
କଲ ମହା ମରୁ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମା' ତାରିଣୀଙ୍କ ନଡ଼ିଆ ପଚୁଛି

ମହାଶୟ,

ଘଟଗାଁ ବାସିନୀ ମା' ତାରିଣୀଙ୍କ ପାଖକୁ ଭକ୍ତ ନଡ଼ିଆଟିଏ ପଠାଇବା ପାଇଁ ବସ୍ ମାଲିକ ସଂଘ ଭାଗୁଣ୍ଡ ବ୍ୟବସ୍ଥା କରିଥାନ୍ତି। ଲୋକମାନେ ଏଥିରେ ନଡ଼ିଆ ରଖନ୍ତି। ଧୀରେ ଧୀରେ ଭୁଣ୍ଡ ଭର୍ତ୍ତି ହୋଇଯାଉଛି। କିନ୍ତୁ ବସ୍ ମାଲିକ ସଂଘ ନଡ଼ିଆ ପଠାଇବାର କୌଣସି ବ୍ୟବସ୍ଥା କରୁ ନ ଥିବାର ପରିଲକ୍ଷିତ ହୋଇଥାଏ। ଫଳରେ ଭୁଣ୍ଡରେ ଦୀର୍ଘଦିନ ଧରି ନଡ଼ିଆ ପଡ଼ିରହୁଥିବାରୁ ବହୁ ସଂଖ୍ୟାରେ ପଚି ନଷ୍ଟ ହୋଇଯାଉଛି। ଏହା ଏକ ପ୍ରକାର ଆର୍ଥିକ କ୍ଷତି। ଯଦି କେଉଁଝର ଯାଉଥିବା ବସ୍‌ରେ ପ୍ରତିଦିନ ଗୋଟିଏ ଲେଖା ନଡ଼ିଆ ବସ୍ତା ପଠାଯିବାର ବ୍ୟବସ୍ଥା କରାଯାଆନ୍ତା ତେବେ ଭଲ ହୁଅନ୍ତା।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିବାଦରେ ମଣିଷଙ୍କ କୃତ୍ରିମ ଡିଏନ୍ଏ

**ବ୍ରିଟେନ୍‌ର ବୈଜ୍ଞାନିକମାନେ ରାମ୍ପୁଡ଼ା କ୍ଷତରୁ ମଣିଷର ଡିଏନ୍ଏ ପ୍ରସ୍ତୁତ କରିବା ଲାଗି ଏକ ବିବାଦୀୟ ପ୍ରୋଜେକ୍ଟରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଶ୍ୱର ସର୍ବବୃହତ୍ ମେଡିକାଲ ଚାରିଟି 'ୱେଲ୍‌କମ୍ ଟ୍ରଷ୍ଟ' ପକ୍ଷରୁ ସିନ୍ଥେଟିକ୍ ହ୍ୟୁମାନ୍ ଜେନୋମ୍ (ଏସ୍‌ୱାଇଏନ୍‌ଏଚ୍‌ଜି) ପ୍ରୋଜେକ୍ଟ ପାଇଁ ୧୦ ନିୟୁତ ପାଉଣ୍ଡ (ପ୍ରାୟ ୧୧୭ କୋଟି ଟଙ୍କା) ଦାନ କରାଯାଇଛି। ଉକ୍ତ ୫ ବର୍ଷିଆ ପ୍ରକଳ୍ପରେ ଅକ୍ସଫୋର୍ଡ ୟୁନିଭର୍ସିଟି, କେମ୍ବ୍ରିଜ ୟୁନିଭର୍ସିଟି ଓ ଇମ୍ପେରିଆଲ୍ କଲେଜର ଗବେଷକମାନେ ନିୟୋଜିତ ହୋଇଛନ୍ତି। ସେମାନେ ସମ୍ପୂର୍ଣ୍ଣ ରୂପେ ମାନବ ଗୁଣସୂତ୍ରର କୃତ୍ରିମ ଡିଏନ୍ଏ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏହି ଟେକ୍ନୋଲୋଜିର ଦ୍ରୁତ ବ୍ୟବସାୟୀକରଣ ହେବା ଆଶଙ୍କା କରି ନୈତିକ ଓ ନିରାପତ୍ତା ବିଷୟକୁ ନେଇ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।**



ଲଣ୍ଡନ୍,୨୭।୬

### ବ୍ରିଟେନ୍ ବୈଜ୍ଞାନିକ ପ୍ରସ୍ତୁତ କରୁଛନ୍ତି ଗୁଣସୂତ୍ର

ମଣିଷର ରାମ୍ପୁଡ଼ା କ୍ଷତରୁ ଜେନେଟିକ୍ ମ୍ୟାଟେରିଆଲ ପ୍ରସ୍ତୁତ କରିବା ପାଇଁ ଗବେଷକମାନେ ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଡିଏନ୍ଏ କିପରି କାର୍ଯ୍ୟ କରିଥାଏ ତାହା ଜଣାପଡ଼ିବା ପରେ ଆଗାମୀ ପିଢ଼ିର ଡାକ୍ତରୀ ଚିକିତ୍ସାରେ ଏହା ସହାୟକ ହେବ ବୋଲି ସେମାନେ ଆଶାବାଦୀ। ସିନ୍ଥେଟିକ୍ ହ୍ୟୁମାନ୍ ଜେନୋମ୍ (ଏସ୍‌ୱାଇଏନ୍‌ଏଚ୍‌ଜି) ପ୍ରୋଜେକ୍ଟ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରକଳ୍ପ ଅଧୀନରେ ଲାବ୍‌ରେ ହ୍ୟୁମାନ୍ ଜେନେଟିକ୍ କୋଡ୍ ନିର୍ମାଣର ଉପାୟ ବାହାର କରାଯିବ। ସେହି କୋଡ୍‌କୁ ବ୍ୟବହାର କରି ଜୀବନ୍ତ କୋଷିକାଗୁଡ଼ିକୁ ପ୍ରସ୍ତୁତ କରାଯିବ। ଏହା ବିଭିନ୍ନ ରୋଗର ଉନ୍ନତ ଚିକିତ୍ସାରେ ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ବିଶେଷକରି ରୋଗ ପ୍ରତିଷେଧକ ବ୍ୟବସ୍ଥା ଉପରେ ଆକ୍ରମଣ କରୁଥିବା ଭାଇରସ୍ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ। ଜୀବନ୍ତ କୋଷିକାଗୁଡ଼ିକୁ ରୋଗୀଙ୍କ ଶରୀରରେ ପ୍ରବେଶ କରାଇ ଅଟୋଇମ୍ୟୁନ୍ ଡିଜିଜ୍ ବ୍ୟବସ୍ଥା ଜରିଆରେ ଜଟିଳ ସଂକ୍ରାମକ ରୋଗରୁ ଯକୃତ୍ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ। ଗବେଷଣାରୁ ମିଳିବାକୁ ଥିବା ତଥ୍ୟ ପ୍ରାୟ ସମସ୍ତ ରୋଗର ଚିକିତ୍ସା ପାଇଁ ପ୍ରତ୍ୟକ୍ଷ ଭାବେ ଉପାଦେୟ ହେବ ବୋଲି ଗବେଷଣାର ନେତୃତ୍ୱ ନେଉଥିବା କେମ୍ବ୍ରିଜ୍ ଲାବୋରେଟୋରି ଅଫ୍ ମୋଲେକ୍ୟୁଲାର ବାୟୋଲୋଜି (ଏଲ୍‌ଏମ୍‌ବି) ପ୍ରଫେସର ଜସୋନ୍ ଚିନ୍ କହିଛନ୍ତି। ଏଲ୍‌ଏମ୍‌ବିର ଡ. ଜୁଲିଆନ୍ ସେଲ୍ କହିଛନ୍ତି, ଏଥିରୁ ଯେଉଁ ଚିକିତ୍ସା ପ୍ରଣାଳୀ ହାସଲ ହେବ, ତାହା ବୟସ୍କ ଲୋକଙ୍କୁ ଉନ୍ନତ ଜୀବନ ଜିଇବାରେ ସହାୟକ ହେବ।

ବୈଜ୍ଞାନିକମାନେ ଅନେକ ଦଶନ୍ଧି ଧରି ଡିଏନ୍ଏ (ଡିଓକ୍ସିରାଇବୋନ୍ୟୁକ୍ଲିକ୍ ଏସିଡ୍) ଉପରେ ଅଧ୍ୟୟନ ଓ ବିଶ୍ଳେଷଣ ଜାରି ରଖିଛନ୍ତି। ମଣିଷ ଗୁଣସୂତ୍ରର ପ୍ରଥମ ଡ୍ରାଫ୍ଟ ସମ୍ପର୍କରେ ୨୫ ବର୍ଷ ପୂର୍ବେ ଘୋଷଣା କରାଯାଇଥିଲା। ସେବେଠୁ ଚାଲିଥିବା ଗବେଷଣା ଡିଏନ୍ଏ ସମ୍ପର୍କିତ ଜ୍ଞାନକୁ ପରିବର୍ଦ୍ଧିତ କରିଥିବାବେଳେ ସେ ସମ୍ପର୍କରେ ଉଲ୍ଲେଖ କରିବା କାଠିକର ପାଠ ହୋଇଛି। ଏସ୍‌ୱାଇଏନ୍‌ଏଚ୍‌ଜି ପ୍ରକଳ୍ପ ପାଇଁ ଗବେଷକମାନେ ମାନବ କ୍ରମୋଜୋମ୍‌ର ବିଭିନ୍ନ ଭାଗ ତିଆରି କରିବେ ଏବଂ ସେଗୁଡ଼ିକୁ ମଣିଷ ଚର୍ମ କୋଷିକାରେ ପ୍ରୟୋଗ କରିବେ। ଏହି ପ୍ରକଳ୍ପରେ କେମ୍ବ୍ରିଜ୍, କେଣ୍ଟ, ମାଞ୍ଚେଷ୍ଟର, ଅକ୍ସଫୋର୍ଡ ଆଦି ୟୁନିଭର୍ସିଟି ଏବଂ ଇମ୍ପେରିଆଲ କଲେଜ୍ ଲଣ୍ଡନର ବୈଜ୍ଞାନିକମାନଙ୍କୁ ସାମିଲ କରାଯାଇଛି। ତେବେ ସ୍ୱାସ୍ଥ୍ୟସେବା କ୍ଷେତ୍ରର କମ୍ପାନୀଗୁଡ଼ିକ ଏହି ଟେକ୍ନୋଲୋଜିର ଦ୍ରୁତ ବ୍ୟବସାୟୀକରଣ କରି ବିପୁଳ ଅର୍ଥ ଉପାର୍ଜନ କରିବେ। ଆର୍ଟିଫିସିଆଲ କ୍ରମୋଜୋମ୍‌ର ଦୁରୁପଯୋଗ ହେବାର ଆଶଙ୍କା ରହିଛି। ଏଥିରୁ ଲୋକେ ଲାଭ ପାଇବା ପରିବର୍ତ୍ତେ ଏହା ସେମାନଙ୍କ କ୍ଷତି ସାଧିତ କରିବ ବୋଲି ବିୟଣ୍ଡ ଜିଏମ୍ ନିର୍ଦ୍ଦେଶକ ଡ. ପାଟ୍ ଥୋମାସ୍ ସତର୍କ କରାଇଛନ୍ତି।

## ଗଲ୍‌ୱାନ ଭଳି ସ୍ଥିତି ଏଡ଼ାଇବାକୁ ଚାଇନାକୁ ରାଜନାଥଙ୍କ ପରାମର୍ଶ

କିଙ୍ଗ୍‌ଡାଓ,୨୭।୬(ପି.ଟି.)

ଦ୍ୱିପାକ୍ଷିକ ସମ୍ପର୍କରେ ସକାରାତ୍ମକ ଗତିଶୀଳତା ବଜାୟ ରଖିବା ସହ ପୁନର୍ବାର ଗଲ୍‌ୱାନ ସଂଘର୍ଷ ଭଳି ଜଟିଳତାରୁ ଦୂରେଇ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ତାଙ୍କ ଚାଇନାକୁ ପରାମର୍ଶ ଦେଇଛନ୍ତି। ଚାଇନାର କିଙ୍ଗ୍‌ଡାଓ ବନ୍ଦର ସହରରେ ଗୁରୁବାର ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ରାଜନାଥ ଚାଇନା ପ୍ରତିପକ୍ଷ ଆଡମିରାଲ ଡନ୍ ଜୁନ୍‌ଙ୍କ ସହ ଆଲୋଚନା କରିଥିଲେ। ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ଉପୁଜିଥିବା ମୁହାଁମୁହିଁ ସ୍ଥିତି ଦୂର ପାଇଁ ଗତବର୍ଷ ଅକ୍ଟୋବରରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇଥିଲା। ଏହା ପରେ ସମ୍ପର୍କରେ ସୁଧାର ପାଇଁ ଭାରତ ଓ ଚାଇନା ଉଦ୍ୟମ ଚଳାଇଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ବେଳେ ସ୍ଥାୟୀ ଆଲୋଚନା ଓ ଉତ୍ତେଜନା ହ୍ରାସ ପାଇଁ ଗଠନମୂଳକ ରୋଡ୍‌ମ୍ୟାପ୍ ଜରିଆରେ ଜଟିଳ ସୀମା ପ୍ରସଙ୍ଗର ସମାଧାନ ଉପରେ ରାଜନାଥ ଜୋର୍ ଦେଇଥିଲେ।

## ଚାଇନା-ଆମେରିକା ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର

ୱାଶିଂଟନ,୨୭।୬

### ଭାରତ ସହ ବଡ଼ ଡିଲ୍ ଖୁବ୍‌ଶୀଘ୍ର: ଟ୍ରମ୍ପ୍

ଚାଇନା ସହ ଆମେରିକାର ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଭାରତ ସହ ବହୁତ ବଡ଼ ରାଜିନାମା ହେବା ନେଇ ସେ ସୂଚନା ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେ ପ୍ରତ୍ୟେକଙ୍କ ସହ ଡିଲ୍ କରିବାକୁ ଯାଉନାହୁଁ। ତେବେ କେତେକ ବଡ଼ ଚୁକ୍ତିନାମା କରିବାକୁ ହେବ।

ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ବେଜିଂ ଶୁକ୍ରବାର ସ୍ପଷ୍ଟ କରିଛି। ଏହି ଚୁକ୍ତି ବଳରେ ୱାଶିଂଟନ କେତେକ କଟକଣାମୂଳକ ପଦକ୍ଷେପ ହଟାଇବାକୁ ଥିବାବେଳେ ବେଜିଂ ବାଣିଜ୍ୟ ନିୟନ୍ତ୍ରଣ ଅଧୀନରେ ବିଭିନ୍ନ ସାମଗ୍ରୀର ସମୀକ୍ଷା ଓ ଅନୁମୋଦନ କରିବ ବୋଲି କହିଛି। ଭାରତ ସହ ବାଣିଜ୍ୟ ଚୁକ୍ତିନାମା ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହୋଇପାରେ ବୋଲି ଚଳିତ ମାସ ଆରମ୍ଭରେ ଆମେରିକା-ଭାରତ ଷ୍ଟ୍ରାଟେଜିକ୍ ପାର୍ଟନରଶିପ୍ ଫୋରମ୍‌ରେ ଉଦ୍‌ବୋଧନ ଦେଇ ଆମେରିକା ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ କହିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## ନୋଏଡ଼ାର ବେଆଇନ ବୃଦ୍ଧାଶ୍ରମରୁ ୪୨ ଜଣଙ୍କୁ ଉଦ୍ଧାରକଲା ପୋଲିସ

ନୂଆଦିଲ୍ଲୀ,୨୭।୬

ନୋଇଡ଼ାରେ ଚାଲିଥିବା ଏକ ବେଆଇନ ଓଲ୍ଡଏଜ୍ ହୋମ୍ ଉପରେ ପୋଲିସ ଚଢ଼ାଉ କରି ୪୨ ଜଣ ବୃଦ୍ଧାବୃଦ୍ଧଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ କେତେଜଣ ମହିଳାଙ୍କୁ ବାନ୍ଧି ରଖାଯାଇଥବାବେଳେ ଅନେକ ଅନ୍ତେବାସୀ ବିନା ପୋଷାକରେ ବେସ୍‌ମେଣ୍ଟ ଭଳି ପ୍ରକୋଷ୍ଠରେ ରହିଥିଲେ। ଉତ୍ତରପ୍ରଦେଶ ରାଜ୍ୟ ମହିଳା କମିଶନ ଏବଂ ରାଜ୍ୟ କଲ୍ୟାଣ ବିଭାଗ ସଦସ୍ୟଙ୍କ ଉପସ୍ଥିତିରେ ଗୁରୁବାର ନୋଏଡ଼ାର ସି-୫, ସେକ୍ଟର ୫୫ରେ ଥିବା ଆନନ୍ଦ ନିକେଶତ ବୃଦ୍ଧ ସେବା ଆଶ୍ରମରେ ଚଢ଼ାଉ ବେଳେ ବୃଦ୍ଧାବୃଦ୍ଧ ଅତି ଦୟନୀୟ ଅବସ୍ଥାରେ ଥିବା ଦେଖାଯାଇଥିଲା। ଉଦ୍ଧାର ହୋଇଥିବା ୪୨ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ସାମାଜିକ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମକୁ ନିଆଯାଇଥିବାବେଳେ ଆଗାମୀ ୫ ଦିନ ମଧ୍ୟରେ ଅନ୍ୟମାନଙ୍କୁ ସରକାରୀ ସ୍ୱୀକୃତିପ୍ରାପ୍ତ ଓଲ୍ଡଏଜ୍ ହୋମ୍‌କୁ ନିଆଯିବ।

### ଅହମଦାବାଦ ରଥଯାତ୍ରା

## ହାତୀ ପାଗଳ ହେବାରୁ ଆତଙ୍କ: ୨ ଆହତ

ଅହମଦାବାଦ,୨୭।୬

ଗୁଜରାଟର ଅହମଦାବାଦରେ ଶୁକ୍ରବାର ୧୪୮ତମ ରଥଯାତ୍ରା ପାଳନ ବେଳେ ଡିଜେ ବାଦ୍ୟର ପ୍ରଚଣ୍ଡ ଶବ୍ଦରେ ଏକ ଦନ୍ତା ହାତୀ ପାଗଳପ୍ରାୟ ହୋଇ ଏଣେତେଣେ ଧାଁଦଉଡ଼ କରିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ହାତୀ ଭୟରେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବାବେଳେ ୨ ଜଣ ଭକ୍ତ ଆହତ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ପରେ ହାତୀକୁ କାବୁ କରାଯିବା ସହ ଗହଳିରୁ ବାହାରକୁ ନିଆଯାଇ ୨ ମାଈ ହାତୀଙ୍କ ସହ ରଖାଯାଇଥିଲା। ତେବେ ହାତୀ ପ୍ରତ୍ୟକ୍ଷ ଭାବେ କାହାକୁ ଆହତ କରିନାହିଁ। ରଥ ଶୋଭାଯାତ୍ରାରେ ୧୪ଟି ହାତୀ ସାମିଲ ହୋଇଥିବା କଙ୍କରିଆ ଚିଡ଼ିଆଖାନାର ଉପଦେଷ୍ଟା ଡ. ଆର୍.କେ. ସାହୁ କହିଛନ୍ତି।



## ମହାରାଷ୍ଟ୍ରରେ ହିନ୍ଦୀକୁ ବିରୋଧ: ଏକାଠି ହୋଇପାରନ୍ତି ଉଦ୍ଧବ, ରାଜ୍

ମୁମ୍ବାଇ,୨୭।୬

ମହାରାଷ୍ଟ୍ରର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ପ୍ରଚଳନ କରିବାକୁ ରାଜ୍ୟର ଭାଜପା ନେତୃତ୍ୱାଧୀନ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହା ବିରୋଧରେ ଦୁଇ ଠାକ୍‌ରେ ଭ୍ରାତା ଉଦ୍ଧବ ଏବଂ ରାଜ ଠାକ୍‌ରେ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ମରାଠୀ ଭାଷା ଏବଂ ମରାଠୀ ମାନୁସ୍‌ଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସେମାନେ ଏକାଠି ହେବାକୁ ଯାଉଛନ୍ତି। ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ୍ ଠାକ୍‌ରେ ରାଜ୍ୟ ଶିକ୍ଷାମନ୍ତ୍ରୀ ଦାଦା ଭୁସେଙ୍କୁ ଭେଟିବା ପରେ ସରକାରଙ୍କ ପଦକ୍ଷେପର ଯଥାର୍ଥତାକୁ ଅଗ୍ରାହ୍ୟ କରିଛନ୍ତି। ଜାତୀୟ ଶିକ୍ଷାନୀତି ଲକ୍ଷ୍ୟ ପୂରଣ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ଥିଲେ ପ୍ରାଥମିକ ବିଦ୍ୟାଳୟ ସ୍ତରରେ କ୍ରୀଡ଼ା ଏବଂ କଳା ଭଳି ବିଷୟ ସାମିଲ ନେଇ ବିଚାର କରନ୍ତୁ ବୋଲି ସେ କହିଛନ୍ତି। ଜୁଲାଇ ୬ରେ ଏମ୍‌ଏନ୍‌ଏସ୍ ଦକ୍ଷିଣ ମୁମ୍ବାଇରେ ରାଲି କରିବାକୁ ଥିବାବେଳେ ଏହି ଅବସରରେ ରାଜ୍ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବଙ୍କ ସମେତ ଦଳର ଅନ୍ୟ ନେତାମାନଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି।

## 'ଏକ ଦେଶ ଏକ ନିର୍ବାଚନ' ମତ ରଖିବେ ୨ ପୂର୍ବତନ ସିଜେଆଇ

ନୂଆଦିଲ୍ଲୀ,୨୭।୬

ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭା ଭୋଟ କରାଇବା ପ୍ରସ୍ତାବ ଉପରେ ଜୁଲାଇ ୧୧ରେ ସଂସଦୀୟ କମିଟି ସମ୍ମୁଖରେ ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜେ.ଏସ୍. ଖେହର ମତ ରଖିବେ ବୋଲି ଗୁରୁବାର ସୂତ୍ରରୁ ଜଣାପଡ଼ିଛି। ସମ୍ବିଧାନର ୧୨୯ତମ ସଂଶୋଧନ ବିଧେୟକ, ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ ବିଲ୍), ୨୦୨୪ ଉପରେ ଯୁଗ୍ମ କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ୧୧ରେ ଅନୁଷ୍ଠିତ ହେବ।

### ଆର୍‌ଏସ୍‌ଏସ୍ ନେତାଙ୍କ ଆହ୍ୱାନ

## ସମ୍ବିଧାନ ପ୍ରସ୍ତାବନାରୁ ସମାଜବାଦ, ଧର୍ମନିରପେକ୍ଷ ଶବ୍ଦ ଉଚ୍ଛେଦ ହେଉ

ନୂଆଦିଲ୍ଲୀ,୨୭।୬

ସମ୍ବିଧାନର ପ୍ରସ୍ତାବନାରୁ 'ସମାଜବାଦ' ଏବଂ 'ଧର୍ମନିରପେକ୍ଷ' ଶବ୍ଦ ଉଚ୍ଛେଦ ହେବା ଆବଶ୍ୟକ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସାବଲେ ଗୁରୁବାର କହିଥିଲେ। ୫୦ ବର୍ଷ ପୂର୍ବେ ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିବା କଂଗ୍ରେସକୁ ସେ ସମାଲୋଚନା କରିଥିଲେ। ୧୯୭୫ ଜୁନ୍ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସରକାର ଏମର୍ଜେନ୍ସି ଘୋଷଣା କରିଥିଲେ, ଯାହା ୧୯୭୭ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ୨୧ ମାସ ବଳବତ୍ତର ରହିଥିଲା। ଏହି ସମୟରେ କଂଗ୍ରେସ ସରକାର ସମ୍ବିଧାନ ପ୍ରସ୍ତାବନାରେ ସଂଯୋଗ କରିଥିବା ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦ ରହିବା ପ୍ରଯୁଜ୍ୟ କି ବୋଲି ହୋସାବଲେ ପ୍ରଶ୍ନ କରିଥିଲେ। ଜରୁରୀ ସ୍ଥିତି ଜାରି ପାଇଁ କଂଗ୍ରେସ କ୍ଷମା ମାଗିବାକୁ ଆର୍‌ଏସ୍‌ଏସ୍ ନେତା ଦାବି କରିଛନ୍ତି। ଏମର୍ଜେନ୍ସି ଜାରି କରିଥିବା ଦଳର ନେତାମାନେ ଏବେ ସମ୍ବିଧାନ ଧରି ବୁଲୁଥିବା ସେ କହିଥିଲେ।

ହୋସାବଲେଙ୍କ ଏଭଳି ଆହ୍ୱାନକୁ ବିରୋଧୀ ଦଳ ସମାଲୋଚନା କରିଛି। ସଂଘ ପରିବାର ସମ୍ବିଧାନକୁ କଦାପି ଗ୍ରହଣ କରିନାହିଁ।



ଦତ୍ତାତ୍ରେୟ ହୋସାବଲେ



ଜୟରାମ ରମେଶ

### ବିରୋଧୀଙ୍କ ସମାଲୋଚନା

ସେମାନଙ୍କ ନୂଆ ଆହ୍ୱାନ ବି.ଆର୍. ଆମ୍ବେଦ୍‌କରଙ୍କ ସ୍ୱପ୍ନକୁ ନଷ୍ଟ କରି ମନୁସ୍ମୃତିର ପୁରୁଣା ଢାଞ୍ଚାକୁ ଲଦିଦେବା ନିମନ୍ତେ ଦୀର୍ଘଦିନର ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସମ୍ବିଧାନରୁ ଧର୍ମନିରପେକ୍ଷ ଓ ସମାଜବାଦ ଶବ୍ଦ ହଟାଇବା ନିମନ୍ତେ ଆର୍‌ଏସ୍‌ଏସ୍ ନେତାଙ୍କ ଆହ୍ୱାନକୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ନିନ୍ଦା କରିଛନ୍ତି। ଆମ ସାଧାରଣତନ୍ତ୍ରର ମୁଖ୍ୟ ବିଚାରଧାରାକୁ ନଷ୍ଟ କରିଦେବା ଲାଗି ଏହା ଏକ ନିର୍ଲଜ ପ୍ରୟାସ ବୋଲି ସେ କହିଛନ୍ତି।

ଆବଶ୍ୟକ
ଘର ସହ ରନ୍ଧା ରୁମ୍, ଗାଧୋଇବା, ପାଇଖାନା ଘର ସହିତ ଖାଲିଅଛି। ଅଟୋ ଓ କାର୍ ଚଳାଇବା ୨୪ରୁ ୨୫ବର୍ଷର ଯୁବକ ଛୋଟ ପରିବାର କିମ୍ବା ଛୋଟ ପିଲା ଥିବା ପରିବାର ପଶ୍ଚିମ କିମ୍ବା ଦକ୍ଷିଣ ଓଡ଼ିଶା ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ବୟସାଧିକ ଘରର ମା'ଙ୍କୁ ରନ୍ଧାବଢ଼ାରେ ସକାଳ, ସଞ୍ଜରେ ୨ଘଣ୍ଟା ସାହାଯ୍ୟ କଲେ ପ୍ରାପ୍ୟ ମଧ ରହୁଥିବା ଲୋକର ସ୍ତ୍ରୀକୁ ଦିଆଯିବ।
ଯୋଗାଯୋଗ: ଟଙ୍କପାଣି ରୋଡ୍, ଭୁବନେଶ୍ୱର
9861037236

See Career Appointment on every Wednesday & Saturday

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in.
M: 9840335849

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22-75-2024/1344 Dated, the 23rd June, 2025
Advertisement
Applications are invited from Indian Nationals for engagement of 01 (one) (UR) Engineer In-Charge (Tug) (Class-II) on Direct Recruitment basis in Paradip Port Authority.
For further details, visit our website : www.paradipport.gov.in/Career.aspx.
Sr. Asst. Secretary, Paradip Port Authority
PPA/PR/22/2025-2026, Dt.24/06/2025

Radhakrishna Institute of Technology & Engineering (RITE), Bhubaneswar
(AICTE Approved, NAAC Accredited, BPUT Affiliated)
Ref. No.: RITE/HR/Advt./2025-26/01
RECRUITMENT OF STAFF & FACULTIES
RITE Bhubaneswar is a premier Institute offering B.Tech., MBA and MCA programs.
RITE Bhubaneswar invites applications from eligible & experienced candidateds for following positions in corresponding departments:
01. Professor/Associate Professor/Assistant Professor/Lab Assistant in following disciplines.
MBA/MCA/B.Tech (CSE/CIVIL/ME/EE/Comp. Engg., Physics/Chemistry/Mathematics/English)
Eligibility: "M.Tech/MSc/MA/PhD in respective Subject"
02. IT Administrator
Eligibility: "M.Tech/MSc/MA/PhD in respective Subject"
03. Non-Teaching Staff Positions : Driver (Truck, Tractor, Car) Plumber, Painter
Eligibility: "Candidates must have at least 10th pass and a minimum of 5 years of relevant experience ."
SALARY: AS PER AICTE NORMS/INDUSTRY STANDARDS.
For further details visit College Campus or send your resume to : career@riteindia.edu.in
The interested candidates need to email the duly filled application, CV, Photograph, Copy of Pan, Copy of Adhar Card & Testimonial within 7 days of Publication of this Advertisement.
The authority reserves the right to reject any or all applications without assigning any reason. -SD- PRINCIPAL
RITE BHUBANESWAR
IDCO Plot-1, IDCO Industrial Estate Barunei, Khordha-752057, India,
Phone : 8895199998 Email - riteodisha@gmail.com, web : riteindia.edu.in

ଭାରତ ସରକାର
ରେଳ ମନ୍ତ୍ରଣାଳୟ
ରେଳ ନିଯୁକ୍ତି ବୋର୍ଡ (RRBs)
କେନ୍ଦ୍ରୀୟ ନିଯୁକ୍ତି ସୂଚନା (CEN) ସଂଖ୍ୟା - 02/2025
ଟେକ୍ନିସିଆନ୍ ନିଯୁକ୍ତି ପାଇଁ ସାଂକେତିକ ବିଜ୍ଞପ୍ତି
ନିମ୍ନ ସାରଣୀରେ ଦିଆଯାଇଥିବା ଟେକ୍ନିସିଆନ୍ ଗ୍ରେଡ୍-IIIର ବିଭିନ୍ନ ପଦବୀ ଏବଂ ଟେକ୍ନିସିଆନ୍ ଗ୍ରେଡ୍-I ସିଗନାଲ ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆହ୍ୱାନ କରାଯାଉଛି। ଆବେଦନ ପତ୍ର ଦାଖଲର ଶେଷ ତାରିଖ 28.07.2025 ରହିଛି। ସମସ୍ତ ଆବେଦନ କେବଳ ଅନଲାଇନ୍ ମାଧ୍ୟମରେ ଦାଖଲ ହେବା ଜରୁରୀ।
ଗୁରୁତ୍ୱପୂର୍ଣ୍ଣ ତାରିଖ
ଆବେଦନର ଆରମ୍ଭ ତାରିଖ : 28 ଜୁନ 2025 ଆବେଦନ | ଦାଖଲର ଶେଷ ତାରିଖ : 28 ଜୁଲାଇ 2025 (23:59 ଘଟିକା)

| ପଦବୀର ନାମ | ସପ୍ତମ ସିପିସି ଅନୁଯାୟୀ ବେତନ ସ୍ତର | ପ୍ରାରମ୍ଭିକ ଦରମା (₹) | ଚିକିତ୍ସା ମାନକ | ବୟସ (01.07.2025 ପର୍ଯ୍ୟନ୍ତ) | ଖାଲି ପଦବୀ (ସମସ୍ତ RRB ନିମନ୍ତେ) | ମୋଟ ଖାଲି ପଦବୀ (ସମସ୍ତ RRB ନିମନ୍ତେ) |
|---|---|---|---|---|---|---|
| ଟେକ୍ନିସିଆନ୍ ଗ୍ରେଡ୍-I ସିଗନାଲ | 5 | 29,200/- | B-1 | 18 - 33 ବର୍ଷ | 183 | 6238 |
| ଟେକ୍ନିସିଆନ୍ ଗ୍ରେଡ୍-III | 2 | 19,900/- | ବିସ୍ତୃତ CEN ରେ ସଂଲଗ୍ନ A ଦେଖନ୍ତୁ | 18 - 30 ବର୍ଷ | 6055 | |

ଟିପ୍ପଣୀ:
(1) ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଏକ ନିର୍ଦ୍ଦିଷ୍ଟ ବେତନ ସ୍ତର ପାଇଁ କେବଳ ଗୋଟିଏ RRB ରେ ଆବେଦନ କରିବାର ଅନୁମତି ଦିଆଯାଇଛି, ଏବଂ ବେତନ ସ୍ତର ଅଧୀନରେ ଏକ କିମ୍ବା ଅଧିସୂଚିତ ପଦବୀ ପାଇଁ କେବଳ ଗୋଟିଏ ସାଧାରଣ ଅନଲାଇନ ଆବେଦନ କରିପାରିବେ
(2) ପ୍ରତ୍ୟେକ ବେତନ ସ୍ତର ପାଇଁ ଅଲଗା ଆବେଦନ ପତ୍ର ଦାଖଲ କରିବାକୁ ପଡ଼ିବ।
(3) ଅନ୍‌ଲାଇନ୍ ଆବେଦନ ପୂରଣ ସମୟରେ, ଆଧାର ଯାଞ୍ଚ ହୋଇନଥିବା ଆବେଦନଗୁଡ଼ିକ ପାଇଁ ନିଯୁକ୍ତି ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ବିଶେଷ ବିସ୍ତୃତ ଯାଞ୍ଚ ହେତୁ ଅତିରିକ୍ତ ବିଳମ୍ବ କିମ୍ବା ଅସୁବିଧାକୁ ଏଡାଇବା ପାଇଁ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଆଧାର ବ୍ୟବହାର କରି ସେମାନଙ୍କର ପ୍ରାଥମିକ ବିବରଣୀ ଯାଞ୍ଚ କରିବାକୁ ଦୃଢ଼ ପରାମର୍ଶ ଦିଆଯାଉଛି। ଆଧାରର ସଫଳ ଯାଞ୍ଚ ପାଇଁ, ଆଧାରରେ ଅପଡେଟ୍ ହୋଇଥିବା ନାମ ଏବଂ ଜନ୍ମ ତାରିଖ ଦଶମ ଶ୍ରେଣୀ ପାସ୍ ପ୍ରମାଣପତ୍ରରେ ଉପଲବ୍ଧ ପୂର୍ଣ୍ଣ ନାମ ଏବଂ ଜନ୍ମ ତାରିଖ ସହିତ 100% ମେଳ ହେବା ଆବଶ୍ୟକ। ସେହିପରି, ଅନଲାଇନ୍ ଆବେଦନ ପୂରଣ କରିବା ପୂର୍ବରୁ ନବୀନତମ ଫଟୋ ଏବଂ ନବୀନତମ ବାୟୋମେଟ୍ରିକ୍ସ [(ଫିଙ୍ଗରପ୍ରିଣ୍ଟ ଏବଂ ଆଇରିସ୍ (Iris)] ସହିତ ଆଧାର ଅପଡେଟ୍ ହୋଇଥିବା ଦରକାର।
ଏହି ବିଜ୍ଞପ୍ତି ସମ୍ପୂର୍ଣ୍ଣ ଭାବେ ସାଙ୍କେତିକ ଅଟେ। ଅଧିକ ବିବରଣୀ ପାଇଁ, ଦୟାକରି ବିସ୍ତୃତ କେନ୍ଦ୍ରୀୟ ନିଯୁକ୍ତି ବିଜ୍ଞପ୍ତି (CEN) ନଂ 02/2025 ଦେଖନ୍ତୁ, ଯାହା 28.06.2025ରେ ନିମ୍ନ ତାଲିକାଭୁକ୍ତ ସମସ୍ତ ଅଂଶଗ୍ରହଣକାରୀ RRB ଗୁଡ଼ିକର ୱେବସାଇଟରେ ପ୍ରକାଶିତ ହେବ।

| CEN ସଂଖ୍ୟା 02/2025 ରେ ଅଂଶଗ୍ରହଣ କରୁଥିବା RRB ମାନଙ୍କର ୱେବସାଇଟ୍ | | | ଗୋରଖପୁର www.rrbgkp.gov.in |
|---|---|---|---|
| ଅହମଦାବାଦ www.rrbahmedabad.gov.in | ଆଜମେର www.rrbajmer.gov.in | ବେଙ୍ଗାଲୁରୁ www.rrbbnc.gov.in | ଭୋପାଳ www.rrbbhopal.gov.in |
| ଭୁବନେଶ୍ୱର www.rrbbbs.gov.in | ବିଳାସପୁର www.rrbbilaspur.gov.in | ଚଣ୍ଡୀଗଡ଼ www.rrbcdg.gov.in | ଚେନ୍ନାଇ www.rrbchennai.gov.in |
| ଗୋହାଟି www.rrbguwahati.gov.in | ଜାମ୍ମୁ-ଶ୍ରୀନଗର www.rrbjammu.nic.in | କୋଲକାତା www.rrbkolkata.gov.in | ମାଲଦା www.rrbmalda.gov.in |
| ମୁମ୍ବାଇ www.rrbmumbai.gov.in | ମୁଜାଫରପୁର www.rrbmuzaffarpur.gov.in | ପାଟନା www.rrbpatna.gov.in | ପ୍ରୟାଗରାଜ www.rrbald.gov.in |
| ରାଞ୍ଚି www.rrbranchi.gov.in | ସିକନ୍ଦରାବାଦ www.rrbsecunderabad.gov.in | ଶିଲିଗୁଡ଼ି www.rrbsiliguri.gov.in | ଥିରୁଅନନ୍ତପୁରମ୍ www.rrbthiruvananthapuram.gov.in |

ଉପରୋକ୍ତ ନିଯୁକ୍ତି ସହିତ ଜଡ଼ିତ ଯେକୌଣସି ଶୁଦ୍ଧିପତ୍ର/ ପରିଶିଷ୍ଟ/ ଗୁରୁତ୍ୱପୂର୍ଣ୍ଣ ସୂଚନା କେବଳ RRB ର ଉପରୋକ୍ତ ୱେବସାଇଟ୍‌ରେ ସମୟ ସମୟରେ ପ୍ରଦାନ କରାଯିବ।
ଅଧ୍ୟକ୍ଷ
ସଂଖ୍ୟା : RRB/BNC/RT/Advt/02/2025, ତାରିଖ : 28.06.2025 ରେଳ ନିଯୁକ୍ତି ବୋର୍ଡ
PR-293/Q/25-26 ଦଲାଲ, ଠକେଇ ଏବଂ ନିଯୁକ୍ତି ନାମରେ ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଲୋକମାନଙ୍କଠାରୁ ସତର୍କ ରୁହନ୍ତୁ

## ଫରିଦାବାଦ ମହିଳାଙ୍କୁ ହତ୍ୟା ପୂର୍ବରୁ ବଳାତ୍କାର କରିଥିଲେ ଶ୍ୱଶୁର

ଫରିଦାବାଦ,୨୭।୬

ହରିୟାଣାର ଫରିଦାବାଦରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇ ପୋତି ଦିଆଯିବା ଘଟଣା ନୂଆ ମୋଡ଼ ନେଇଛି। ମହିଳାଙ୍କୁ ହତ୍ୟା କରିବା ପୂର୍ବରୁ ତାଙ୍କ ଶ୍ୱଶୁର ବଳାତ୍କାର କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅପରାଧରେ ସମ୍ପୃକ୍ତ ଥିବା ମହିଳାଙ୍କ ଶାଶୁଙ୍କୁ ଗିରଫ କରାଯାଇଥିବାବେଳେ ନିଖୋଜ ଥିବା ସ୍ୱାମୀ ଅରୁଣଙ୍କୁ ପୋଲିସ ଖୋଜୁଛି। ମୁଖ୍ୟ ଅଭିଯୁକ୍ତ ଶ୍ୱଶୁର ଭୁପ ସିଂଙ୍କୁ ପୋଲିସ ୩ ଦିନିଆ ରିମାଣ୍ଡରେ ନେଇ ଜେରା କରିଥିଲା। ୨୪ ବର୍ଷୀୟା ତନୁଙ୍କୁ ହତ୍ୟା ପାଇଁ ଏପ୍ରିଲ୍ ୧୫ରେ ଯୋଜନା ହୋଇଥଲା ଏବଂ ଏଥିରେ ତାଙ୍କ ସ୍ୱାମୀ ଓ ଶାଶୁ ସମ୍ପୃକ୍ତ ଥିବା ଜେରା ବେଳେ ଜଣାପଡ଼ିଛି। ଯୋଜନା ଅନୁଯାୟୀ, ଶାଶୁଙ୍କୁ ୧୫ ତାରିଖରୁ ଇଟାହରେ ସମ୍ପର୍କୀୟଙ୍କ ବିବାହ ଉତ୍ସବକୁ ପଠାଯିବା ପରେ ଏପ୍ରିଲ ୨୧ରେ ସ୍ୱାମୀ ଅରୁଣ ତନୁ ଓ ଭଉଣୀ କାଜଲଙ୍କ ଖାଦ୍ୟରେ ନିଦ ଔଷଧ ମିଶାଇଥିଲେ। ଉଭୟ ଅଲଗା ପ୍ରକୋଷ୍ଠରେ ଗଭୀର ନିଦ୍ରାରେ ଶୋଇଯିବା ପରେ ତନୁଙ୍କୁ ମାରିବା ପାଇଁ ଭୁପ ନିଷ୍ପତ୍ତି ନେଇଥିଲେ। ବିଳମ୍ବିତ ରାତିରେ ଭୁପ ତନୁଙ୍କ ରୁମ୍‌ରେ ପଶି ଓଢ଼ଣିରେ ତାଙ୍କ ଗଳା ଚାପିଥିଲେ। ତେବେ ସେ ମାରିବା ପୂର୍ବରୁ ବୋହୂଙ୍କୁ ବଳାତ୍କାର କରିଥିଲେ। ବଳାତ୍କାର ସମ୍ପର୍କରେ ଭୁପ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ କହି ନ ଥିଲେ।

## ମହିଳାଙ୍କୁ ଅଧିକ କ୍ଷତି ପହଞ୍ଚାଉଛି ଲିଭ୍-ଇନ୍ ରିଲେଶନ: ହାଇକୋର୍ଟ

ଲକ୍ଷ୍ନୌ,୨୭।୬

ଲିଭ୍-ଇନ୍ ରିଲେଶନଶିପ୍ ମହିଳାମାନଙ୍କୁ ଅଧିକ କ୍ଷତି ପହଞ୍ଚାଉଥିବା ଆଲ୍ଲାହାବାଦ ହାଇକୋର୍ଟ କହିଛନ୍ତି। ଏଭଳି ସମ୍ପର୍କ ଭାଙ୍ଗିଯିବା ପରେ ପୁରୁଷମାନେ ସହଜରେ ବାହାରିଯାଇ ଅନ୍ୟତ୍ର ବିବାହ କରୁଥିବାବେଳେ ଜଣେ ଜୀବନସାଥୀ ପାଇବା ପାଇଁ ମହିଳାଙ୍କୁ ସଂଘର୍ଷ କରିବାକୁ ପଡୁଛି। ଏଭଳି ବ୍ୟବସ୍ଥା ଭାରତୀୟ ସମାଜର ମଧ୍ୟମବର୍ଗଙ୍କ ନିୟମ ବିରୋଧୀ ବୋଲି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସିଦ୍ଧାର୍ଥଙ୍କ ଖଣ୍ଡପୀଠ କହିଛନ୍ତି। ଅଧିକରୁ ଅଧିକ ଲିଭ୍-ଇନ୍ ରିଲେଶନଶିପ୍ ମାମଲା ଅଦାଲତକୁ ଆସିଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ଜଣେ ବ୍ୟକ୍ତିଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତା ଏବଂ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିବାବେଳେ ତାଙ୍କ ଜାମିନ ଆବେଦନର ଶୁଣାଣି ବେଳେ ହାଇକୋର୍ଟ ଏଭଳି ଟିପ୍ପଣୀ ଦେଇଛନ୍ତି।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY |
|---|---|
| ACCOUNTS EXECUTIVES | Candidates should have at least 3 years+ experience in the field of Accounts. Experience should include cash register maintenance, day to day accounting, MIS, Verification of Bills and Tally entry. Proficiency in MS Excel, MS Word & Tally is a must. |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# କୁକୁର ଆଶ୍ରୟ ସ୍ଥଳରେ ବିବାହ



ବେଜିଂ: ନିକଟରେ ଚାଇନାର ଏକ ପ୍ରେମୀଯୁଗଳ ଏପରି ଏକ ସ୍ଥାନରେ ବିବାହ କରିଛନ୍ତି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ୟାଙ୍ଗ (୩୧) ନାମକ ଜଣେ ଯୁବକ ଏବଂ ଖାଓ (୨୫) ନାମ୍ନୀ ଜଣେ ଯୁବତୀ ଉତ୍ତର ଚାଇନାର ତିଆନ୍‌ଜିନ୍ ସହରରେ ଥିବା ଏକ କୁକୁର ଆଶ୍ରୟ ସ୍ଥଳରେ ବିବାହ କରିଥିଲେ। ଉକ୍ତ କୁକୁର ଆଶ୍ରୟ ସ୍ଥଳରେ ୨୦୦ରୁ ଅଧିକ ଉଦ୍ଧାର କରାଯାଇଥିବା କୁକୁରଙ୍କ ଉପସ୍ଥିତିରେ ଏହି ବିବାହ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ୟାଙ୍ଗ ଏବଂ ଖାଓ ଗତ ୩ ବର୍ଷ ଧରି ରିଲେସନ୍‌ସିପ୍‌ରେ ଥିଲେ। ତେବେ ଉକ୍ତ କୁକୁର ଆଶ୍ରୟ ସ୍ଥଳରେ ଉଭୟେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ତେଣୁ ଏହାକୁ ମନେରଖିବା ପାଇଁ ଏହି ଯୋଡ଼ି କୁକୁର ଆଶ୍ରୟ ସ୍ଥଳରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ରିପୋର୍ଟ ଅନୁଯାୟୀ, ୟାଙ୍ଗ ଜଣେ ବ୍ୟବସାୟୀ ଥିଲେ। ତେବେ ୨୦୨୦ରେ ନିଜ ବ୍ୟବସାୟରେ ଅନେକ କ୍ଷତି ସହିବା ପରେ ସେ ଅସହାୟ କୁକୁରମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ନିଜ ସଞ୍ଚୟରୁ ସେ ପ୍ରଥମେ ଏକ କୁକୁର ଆଶ୍ରୟ ସ୍ଥଳ ନିର୍ମାଣ କରିଥିଲେ। ସେତେବେଳେ ସେ ବିଭିନ୍ନ ସ୍ଥାନରୁ ଉଦ୍ଧାର କରିଥିବା ୧୦ କୁକୁରଙ୍କୁ ଉକ୍ତ ଆଶ୍ରୟ ସ୍ଥଳରେ ରଖିଥିଲେ। ବର୍ତ୍ତମାନ ଏହି ସଂଖ୍ୟା ବଢ଼ି ୨୦୦ରେ ପହଞ୍ଚିଛି। ଅସହାୟ କୁକୁରଙ୍କ ସେବା କରୁଥିବାରୁ ଧୀରେ ଧୀରେ ୟାଙ୍ଗଙ୍କ ଏହି କାମକୁ ସହଯୋଗ ବଢ଼ିଥିଲା। ଅନେକ ସ୍ୱେଚ୍ଛାସେବୀ ତାଙ୍କ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଖାଓ ରହିଥିଲେ। ୨୦୨୨ରେ ବିଶ୍ୱବିଦ୍ୟାଳୟରେ ପଢ଼ୁଥିବା ସମୟରେ ସେ ଏହି କୁକୁର ଆଶ୍ରୟ ସ୍ଥଳ ସହ ଯୋଡ଼ି ହୋଇଥିଲେ। ଏହାପରେ ୟାଙ୍ଗ ଏବଂ ଖାଓଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା, ଯାହା ପରେ ପ୍ରେମରେ ପରିଣତ ହୋଇଥିଲା। ଏହି ଦମ୍ପତି କୁକୁର ଆଶ୍ରୟ ସ୍ଥଳରେ ବିବାହ କରିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିପାଇଁ ଅନେକ ୟୁଜର୍ସ ୟାଙ୍ଗ ଏବଂ ଖାଓଙ୍କୁ ପ୍ରଶଂସା କରିଛନ୍ତି।


## ODISHA PUBLIC SERVICE COMMISSION CUTTACK

**NOTICE**

**No. 4429/PSC, Dt.26.06.25**
**(1R-01-24/25) (DR-V)**
**Assistant Professor (Stage-I) in Anthropology**
**(Advertisement No.27 of 2023-24)**

**No.D :-** It is for information of all concerned that, document verification of **90 (ninety)** candidates having **PPSAN** mentioned below for the post of **Assistant Professor (Stage-I) "Anthropology"**, pursuant to Advertisement No.27of 2023/24 shall be held on **from 07.07.2025 to 11.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 07.07.2025 | 10.30 AM | P240298062, P220082545, P240303560, P240305518, P240282401, P240286477, P240306951, P240307989, P240298208, P240304505 & P240308513 = **11 Candidates** |
| | 2.30 PM | P240309509, P230143375, P240302303, P220075447, P240304434, P240293119 & P240273752 = **07 Candidates** |
| 08.07.2025 | 10.30 AM | P240300769, P220079299, P230161931, P240292771, P240296688, P240298118, P240306161, P220082859, P220068092, P240283655 & P240304579 = **11 Candidates** |
| | 2.30 PM | P220055575, P240289964, P220075477, P240302287, P220003218, P240242604 & P240301539 = **07 Candidates** |
| 09.07.2025 | 10.30 AM | P220003224, P230097405, P240283451, P240298568, P220075069, P240308943, P22003 1551, P240256783, P240264309, P240280461 & P240292952 = **11 Candidates** |
| | 2.30 PM | P220069294, P240252387, P240296892, P240309587, P220048211, P220048224 & P220080908 = **07 Candidates** |
| 10.07.2025 | 10.30 AM | P240256415, P240273182, P240292859, P240295764, P240309190, P220055677, P220025075, P220046718, P240274958, P230163694 & P240262879 = **11 Candidates** |
| | 2.30 PM | P240285311, P240256664, P240269138, P230108710, P240295689, P220005517 & P220016016 = **07 Candidates** |
| 11.07.2025 | 10.30 AM | P230205361, P240270319, P240287638, P240304885, P230105378, P230132907, P240303099, P240270366, P240286437, P240296544 & P240256330= **11 Candidates** |
| | 2.30 PM | P230153111, P240309451, P230135744, P220022557, P220024290, P230142339 & P220050277 = **07 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfilment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0253/2526 **Sd./- Secretary**


# 'ୱାର୍ ୨'ରେ କିଆରାଙ୍କ ଆକ୍ସନ ଅବତାର

**ମୁମ୍ବାଇ:** ଚଳିତବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'ୱାର୍ ୨' ଆସନ୍ତା ଅଗଷ୍ଟ ୧୪ରେ ରିଲିଜ୍ ହେବ। ଆୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଏକ ନୂତନ ପୋଷ୍ଟର ଗୁରୁବାର ରିଲିଜ୍ ହୋଇଛି। ଏହି ପୋଷ୍ଟର ଦ୍ୱାରା ଫିଲ୍ମରେ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ଲୁକ୍ ଉପରୁ ପରଦା ଉଠିଛି। ଏଥିରେ କିଆରାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିଛି। କିଆରା ବ୍ଲାକ୍ ଆଉଟ୍‌ଫିଟ୍ ସହ ବନ୍ଧୁକ ଧରି




ଜଣଙ୍କୁ ଟାର୍ଗେଟ କରୁଥିବାର ନଜରକୁ ଆସିଛନ୍ତି। କିଆରା ଏହି ପୋଷ୍ଟରକୁ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହାକୁ ଫିଲ୍ମର ଅଭିନେତା ହୃତିକ ରୋଷନ ଏବଂ ଜୁନିୟର୍ ଏନ୍‌ଟିଆର୍ ମଧ୍ୟ ରି-ଶେୟାର କରିଛନ୍ତି। ବନ୍ଧୁକ ସହ କିଆରାଙ୍କ ଦମଦାର ଲୁକ୍‌କୁ ସିନେପ୍ରେମୀ ଖୁବ୍ ପସନ୍ଦ କରିଛନ୍ତି। ପୂର୍ବରୁ ଫିଲ୍ମର ଟିଜର ରିଲିଜ୍ ହୋଇସାରିଛି, ଯେଉଁଥିରେ ହୃତିକ୍ ଏବଂ ଜୁନିୟର୍ ଏନ୍‌ଟିଆର୍‌ଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଥିଲା। ଟିଜରରେ ଉଭୟେ ପରସ୍ପର ମଧ୍ୟରେ ଲଢ଼େଇ କରୁଥିବାର ନଜରକୁ ଆସିଥିଲେ। ପ୍ରକାଶ ଯେ, 'ୱାର୍ ୨' ହେଉଛି ୨୦୧୯ରେ ରିଲିଜ୍ ହୋଇଥିବା 'ୱାର୍' ଫିଲ୍ମର ସିକ୍ୱେଲ।


## କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ
ନୟାପଲ୍ଲୀ,ଭୁବନେଶ୍ୱର-୭୫୧୦୧୨

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

No.TT-09:୨୮.୦୫.୨୦୨୫ରେ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୨୪ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଆବେଦନର ସମୟ ସୀମା ତା.୨୦.୦୬.୨୦୨୫ ରିଖ ପରିବର୍ତ୍ତେ ତା.୦୫.୦୭.୨୦୨୫ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଅଛି ।

ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ ଏବଂ ଆବେଦନ ପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.sportsodisha.gov.in ରେ ଉପଲବ୍ଧ ଅଟେ ।

ନିର୍ଦ୍ଦେଶକ
OIPR-29001/11/0095/2526 କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା



## OFFICE OF THE MUNICIPAL COUNCIL: KHORDHA

At/Po/Dist.-Khordha, Phone No.06755-220674,
E-Mail:khurda_municipality@yahoo.co.in

No.2103 Date:26.06.25

**Corrigendum to e-Tender Call Notice No.1977, Dated 13.06.2025**

No.C-598:Due to unavoidable circumstance the above e-Tender Call Notice vide Tender Reference KMPLTY/01/2025-26 dated 17.06.2025 will be open on date 01.07.2025 from 11.00 AM instead of date 26.06.2025 at 11.00 AM, other Terms & Conditions are unchanged.

**Sd./- Executive Officer**
OIPR-13082/11/0023/2526 **Khordha Municipality**



## GOVERNMENT OF ODISHA
## CHIEF DISTRICT MEDICAL & PUBLIC HEALTH OFFICER, ANGUL

No.E-197

**TENDER CALL NOTICE NO-2OF 2025-26, ANGUL**

1. Name of the work : Establishment DPMU Office Building at DHH, Angul
2. Period of Completion : One month
3. Date & time of Availability of Bid document : Dt.30.06.2025 at 10.00 A.M.
4. Last date/time for receipt of Bid in the portal : Dt.08.07.2025 at 5.00 P.M.
5. Date of opening Bid : Dt.09.07.2025 at 11.00 A.M.
6. Name and address of the Office inviting Bid : Chief District Medical & Public Health Officer, Angul

The detail tender call notice is available on the website : www.angul.nic.in

**Sd./ CDM & PHO-cum-District Mission Director Angul**
OIPR-10142/11/0011/2526



## OFFICE OF THE PROJECT MANAGER, NFSM, GANJAM

No.96 Agril./Dated: 25.06.2025

**EXPRESSION OF INTEREST (EOI)**

**For short listing of Firms/Sole Marketers for Video Documentation**

No. L-28: Expression of Interest (EOI) is invited by CDAO-cum-PM, NFSM, Ganjam from intending bidders/reputed firms for production of Video Documentation under NFSM/NMEO & Different Agricultural programmes 2025. The interested firms having experience in agricultural field may offer their sealed EOI latest by Dt.08.07.2025 upto 1.00 P.M. which will be opened by the committee on same day at 3.00 P.M. The bidder may remain present or send their authorized representatives while opening of quotations. The EOI in sealed cover are to be dropped in the box placed in the office of the PD, ATMA, Ganjam during office hours on working days only and the limit price fixed per minute programme is Rs.3000/- excluding GST. The authority reserves the right to cancel any or all the quotations in part or whole without assigning any reason thereof.

**List of Documents to be submitted:**
1. Self Certificate stating that the agency has not been blacklisted in the past.
2. GST Clearance and PAN
3. Registration Certificate for making video documentation.
4. Experience in Agriculture field.
5. Copy of Empanelment by I&PR Deptt.

**Sd./- Project Manager, NFSM, Ganjam**
OIPR-01500/11/0001/2526



## OFFICE OF THE NOTIFIED AREA COUNCIL G.UDAYAGIRI, KANDHAMAL

Email Id:orissagudnac@gmail.com
No.1648, Date 26.06.2025

**CORRIGENDUM**

**E Notice Inviting Tender No.1533/Dated 11.06.2025**
**Bid Identification No.GUDR-NAC-01/2025-26**

No.C-601: Due to some technical glitch, the opening of the above E tender is rescheduled to 30.06.2025 at 11.30 AM.

Other details are unchanged.

**Sd./- Executive Officer,**
OIPR-13202/11/0002/2526 **NAC, G.Udayagiri**



SIMILIPAL | ଆମ ଶିମିଳିପାଳ ଆମ ଗର୍ବ

## OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA

Phone No- (06792) 252593, Fax- 256705,
Email Id: dfo.similipalsouthwl@odisha.gov.in
**Office Order No.146/1F-40/2025**
**Dated, Baripada the 24th June, 2025**

**Result of the Expression of Interest (EOI) for "Preparation of Detail Project Report (DPR) For Development of various Tourism Infrastructures at Sitakund Waterfall Site, Mayurbhanj, Odisha"**

**No.MM-102:**The following bidder/firm is selected through the transparent selection process held on dtd.23.06.25 & 24.06.25 in the conference hall of the O/o the Deputy Director, Similipal South WL Division, Bhanjpur, Baripada with reference to the Expression of Interest Called vide EOI-DD South-01/2025-26, dtd.23.05.25 with the following financial proposal as mentioned below;

| Name of the Firm | Project Value | DPR Only | DPR+ Supervision |
|---|---|---|---|
| M/s Malus Infratech, GGP Colony, Rasulgarh, Bhubaneswar-751010 | Upto Rs.1 Cr. | 02% | 05% |
| | Rs.1-2 Cr | 1.90% | 4.84% |
| | Rs.2-5 Cr | 1.80% | 4.68% |
| | Rs.5-10 Cr | 1.70% | 4.52% |
| | Rs.10-20 Cr | 1.60% | 4.36% |
| | Above Rs.20 | 1.50% | 4.20% |

**Sd./- Deputy Director Similipal (South) WL Division Baripada**
OIPR-08127/11/0031/2526



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

No.B-234
Mail ID : sepwdsbp@rediffmail.com

**e-Procurement**

**BID IDENTIFICATION NO. CCENC (R AND B) / 02 / 2025-26**
**No. 2138 Dtd.19.06.2025**

| | |
|---|---|
| 1 | The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Building Works** as detailed in the DTCN from the eligible class of contractors. |
| 2 | No. of works : **03 (Three) (Buildings Work & Road Work)** |
| 3 | Tender Cost : **Rs. 10,000/-** |
| 4 | Class of contractor : **"B" Class and "A" Class** |
| 5 | Date & Time of available in website & receipt of Bids from **30.06.2025 to 17.00 hours of 15.07.2025** |
| 6 | Date of opening of Technical Bid **16.07.2025 at 11.00 hours** |
| 7 | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. |
| 8 | Any corrigendum / Addendum will be displayed in the website www.tendersodisha.gov.in. |

**Sd./- Chief Construction Engineer Northern (R&B) Circle, Sambalpur**
OIPR-34035/11/0027/2526



## Office of District Manager Odisha State Civil Supplies Corporation Ltd. (OSCSC), Angul

Phone :___________
District Website https://angul.odisha.gov.in

**Tender No. : 2427 to 2436** **Dt. : 23.06.2025**

**No.CAD-911** : District Manager, Odisha State Civil Supplies Corporation Ltd., Angul (District) invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) in Angul district of the State of Odisha |
| 2 | Availability of bid document in the portal | From 26.06.2025 |
| 3 | Last Date / Time for receipt of bids in the portal | Dt. 11.07.2025 up to 5.30 (P.M.) |
| 4 | Date/Time of Opening of Technical Bid | Dt. 15.07.2025 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Angul, At-O/o CSO-cum-DM, OSCSC Ltd, Angul, Near Rotary Public School, Biju Maidan, Angul |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd./- District Manager**
OIPR-07064/11/0007/2526 **OSCSC Ltd. Angul**



## ODISHA HYDRO POWER CORPORATION LIMITED

OHPC

BALIMELA HYDRO ELECTRIC PROJECT: POST: BALIMELA
DIST:MALKANGIRI (ODISHA), PIN:764051
Phones:06861-232581(O)/ 232641 (R), Fax:06861-232541
E-Mail:unit.head_balimela@yahoo.com

**REGD.OFFICE: ODISHA HYDRO POWER CORPORATION LIMITED**
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR-751022, Tel:91-0674-2542983, 2542802, 2545526, Fax:2542102, GRAM HYDROPOWER,
E-MAIL: ohpc.co@gmail.com/ md@ohpcltd.com,Web: www.ohpcltd.com
CIN: U40101OR1995SGC003963, GSTIN- 21AAACO2575P1Z9

**TENDER CALL NOTICE No.BHEP/TECH/20/2025-26 Dtd.25.06.2025**

**No.CAD-905:** The Sealed tenders are invited in single part bid basis from the Registered agencies having valid certificate of recognition as competent person issued by Director of Factories & Boilers, Odisha, Bhubaneswar for the works as detailed below.

| Sl. No. | Description of Items | Cost of Tender Paper in Rs. |
|---|---|---|
| 1 | Safety Audit of Power Plant & other related installation of BHEP, Balimela | **Rs.2360/- Inclusive of GST @ 18%** |

**The Sale of Tender Paper will be from : 01.07.2025 to 15.07.2025 (upto 11.00 Hrs.)**
**The last date & time of receipt of tenders : Upto 12.00 hrs. of 15.07.2025**
**Date and time of opening of the Bid : 15.07.2025 at 12.30 Hrs.**

For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**

**Sd./- C & P Head**
OIPR-04019/11/0097/2526 **BHEP, Balimela**



## OFFICE OF THE DISTRICT MANAGER, OSRTC BHADRAK

**TENDER NOTICE**

**Letter No.473 Date. 18.06.2025**

**Selection of Agency for Providing Facility Management Services (FMS) at Atala Bus Stand, Aradi & Bhandaripokhari, Odisha**

**No.CAD-918** : Request for Proposal is invited from eligible Firm/Agency interested to provide different Manpower Services/Facility Management Services (FMS) at Type-B & Type-C Category of Atala Bus Stand on outsourcing basis for Aradi & Bhandaripokhari Bus Stand, Bhadrak. Details regarding the eligibility criteria, Terms & Conditions and formats of submission of tender may be downloaded from the website **https://bhadrak.odisha.gov.in/** and the tender should reach the office of the undersigned by 07.07.2025 (4:00 P.M.). The undersigned reserves the right to reject any or all the tenders without assigning any reason thereof.

**Sd./- Collector-Cum-Chairman District Level ABS Committee, Bhadrak**
OIPR-38040/11/0003/2526



## OFFICE OF THE BARIPADA MUNICIPAL COUNCIL, BARIPADA

Phone : 06792-252703, Fax : 06792-252703, Email : baripadam.hud@nic.in
Website : www.baripadamunicipality.in
**No. 945 Dated : 24.06.2025**

**DTCN PART-I (TECHNICAL BID) SECTION-II COMPETITIVE BIDDING THROUGH 'e' PROCUREMENT**

**No.C-595** : The Executive Officer on behalf of Baripada Municipality, Baripada invites percentage rate bids in **double** cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

Tender Reference No. : **BPDM-8 of 2025-2026**
Tender I.D No. : **2025_ORULB**

| Sl. No. | Description | Critical Dates |
|---|---|---|
| 1 | Procurement Officer-Publisher/Tender Inviting Authority / Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt.30.06.2025 (01.00 P.M.) to Dt.21.07.2025 (5.00 P.M.) |
| (ii) | Last date and time of bidding on-line (Submission of Bids) | Dt.21.07.2025 (5.00 P.M.) |
| (iii) | Date and time of opening of the Bids received on-line | Dt.22.07.2025 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e' procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality website.

**Sd./- Executive Officer**
OIPR-13078/11/0055/2526 **Baripada Municipality**



## DISTRICT PROJECT OFFICE SAMAGRA SHIKSHA, BALANGIR

At: College Chowk, P.O./Dist.: Balangir - 767001
Email ID: dpcbolangirssa.opepa@nic.in
No. XXIII/KGBV/01/2025/1880 Dt.25.06.2025

**ADVERTISEMENT FOR FILLING UP DIFFERENT VACANCIES UNDER KGBV HOSTELS (TYPE-III)**

No. n-85: In pursuance to OSEPA letter No. 5857/GE/dated 29.05.2025, applications are invited from eligible and interested female candidates only having requisite qualification, in prescribed application form, for engagement in different category of posts in Kasturaba Gandhi Balika Vidyalaya (KGBV) Hostels (Type-III) of Balangir district on contractual basis with consolidated remuneration as mentioned against each. The post wise vacancies in KGBV Hostels and format of Application Form along with other details, such as Educational Qualification, Age, Monthly Remuneration, required documents etc. can be downloaded from the official websites **www.balangir.odisha.gov.in** & **www.osepa.odisha.gov.in**.

The application duly filled up and signed by the candidate should be sent by **Speed Post/Registered Post only** to the District Project Office, SS, Balangir **(Address: District Project Office, Samagra Shiksha, Balangir, At: College Square, P.O.: Rajendra College, Dist.: Balangir - 767002)** and must reach on or before **19.07.2025 by 5.00P.M.** The application received after stipulated date & time or in other mode will not be entertained and the undersigned will not be responsible for any postal delay. The undersigned reserves the right to cancel any or all the applications without assigning any reason thereof. Vacancy may increase or decrease at the time of actual engagement or instructions received from Govt. to this effect in future.

**Sd./- Collector-cum-Chairman**
OIPR-27071/11/0009/2526 **Samagra Shiksha, Balangir**



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା
## OFFICE OF THE NOTIFIED AREA COUNCIL, ATTABIRA

DIST:- BARGARH (ODISHA) PIN-768027
Email- attabiranac.2013@gmail.com, Ph. 06682-221212
No. 1641/ATTB, Dated: 26.06.2025

**Bidding Through e-Procurement**
**Bid Identification No.- NAC-ATTB-01/2024-25**

No.C-599:- The Executive Officer, N.A.C. Attabira on behalf of NAC invites Percentage bid through e-procurement in single cover system according to norm of e-Procurment system in online mode.

| | | | |
|---|---|---|---|
| 1. | Name of works | : | Civil Works |
| 2. | No. of works | : | 15 (Fifteen) Civil of Work |
| 3. | Estimated cost | : | 2.16 Lakhs - 14.00 lakhs |
| 4. | Class of Contractor | : | "C & D" Class Contractor |
| 5. | Period of completion | : | As per DTCN |
| 6. | Date & time of availablity of bids documents in the portal | : | From 3 PM hours of 26.06.2025 to 5 P.M. hours of Dt.08.07.2025 |
| 7. | Last Date & time of received of bids in portal | : | 5 P.M. hours of Dt. 08.07.2025 |
| 8. | Date & time of opening of bids | : | Dt.09.07.2025 at 11.00 AM |
| 9. | Name & Address of the Office | : | Executive Officer, Attabira NAC |

The bidders have to participate in online bidding only. Further details can be seen from the e-procurement portal- www.tendersorissa.gov.in

**Sd./- Executive Officer**
OIPR-13176/11/0012/2526 **Attabira NAC**



## OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR

E-Mail : eebbsrrwss@gmail.com

**Quotation Call Notice No. 11 of 2025-26**

**No.O-341** : Executive Engineer, RWS&S Division, Bhubaneswar Plot No.1214 (Part) At-Tapovan, PO-Khandagiri, Bhubaneswar-30 on behalf of the Governor of Odisha invites item rate price bids in offline mode from authorised dealer, distributor/supplier.

| | | |
|---|---|---|
| 1 | Nature of work | Procurement of Sundry materials for State Water Testing Laboratory, Khandagiri, Bhubaneswar |
| 2 | No. of Item | 28 (Twenty eight) |
| 3 | Time for completion | 15 (Fifteen) days |
| 4 | Cost of bidding document | Rs.600.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.30.06.2025 (10.00 A.M.) to Dt.08.07.2025 (1.00 P.M.) |
| 6 | Last date and time for submission of Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | 08.07.2025 up to 4.00 P.M. |
| 7 | Date & time of opening of Quotation | Dt.09.07.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appeared in office notice board of the undersigned.

**Sd./- Executive Engineer,**
OIPR-25011/11/0022/2526 **RWS&S Division, Bhubaneswar**

## ସଂକ୍ଷେପରେ

### ମୋବାଇଲ ଚାର୍ଜ ବାହାନାରେ ନାବାଳିକାଙ୍କୁ ବଳାତ୍କାର

ବୈଶିଙ୍ଗା, ୨୭।୬(ରତନ ଦାଶ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ମୋବାଇଲ ଚାର୍ଜ ବାହାନାରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ତାଙ୍କ ମା' ଓ ବାପା ଉଭୟ କାମ କରିବା ପାଇଁ ପଳାଉଥିଲେ। ସେ ସମୟରେ ଅଭିଯୁକ୍ତ ତାର୍ଜନ ମାଝୀ (୨୧) ମୋବାଇଲ ଚାର୍ଜ କରିବା ପାଇଁ ନାବାଳିକାଙ୍କ ଘରକୁ ଆସିଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ମା'ବାପା କାମରୁ ଫେରିବା ପରେ ଝିଅ ନିକଟରୁ ସବୁକଥା ଜାଣି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ଶୁକ୍ରବାର ସନ୍ଧ୍ୟାରେ ତାର୍ଜନଙ୍କୁ ଗିରଫ କରି ଉଭୟଙ୍କ ଡାକ୍ତରୀ ମାଇନା କରିଛି। ଏକ ମାମଲା(ନଂ. ୩୦୬/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ବାରିପଦା କୋର୍ଟଚାଲାଣ କରିଛି।

### ମହିଳାଙ୍କୁ ପ୍ରତାରଣା, କନଷ୍ଟେବଲ ନିଲମ୍ବିତ

ବ୍ରହ୍ମପୁର, ୨୭।୬(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ମହିଳାଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ଜଣେ କନଷ୍ଟେବଲ୍ ନିଲମ୍ବିତ ହୋଇଛନ୍ତି। ସେ ହେଲେ ମନୋରଞ୍ଜନ ସେଠୀ। ତାଙ୍କୁ ରିଜର୍ଭ ଅଫିସକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ମନୋରଞ୍ଜନ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗର ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଅଭିଯୋଗରୁ ଜଣାପଡ଼ିଛି ଯେ, କନଷ୍ଟେବଲ୍ ମନୋରଞ୍ଜନଙ୍କ ଘରେ ଜଣେ ମହିଳା ଓ ତାଙ୍କ ପରିବାର ଭଡ଼ାରେ ରହୁଥିଲେ। ପୋଲିସ କ୍ଷମତାର ଭୟ ଓ ପରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ୭/୮ ମାସ ତଳେ ମନୋରଞ୍ଜନଙ୍କର ଦିଗପହଣ୍ଡି ବଦଳି ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ମହିଳାଙ୍କୁ ସେ ପ୍ରତାରଣା କରିଛନ୍ତି। ଘଟଣାକୁ ନେଇ ପୀଡ଼ିତା ବ୍ରହ୍ମପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିଲା। ମହିଳା ଜଣକ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହ ନ୍ୟାୟ ଦାବି କରିଥିଲେ।

### ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କେନ୍ଦୁଝର,୨୭।୬(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ବିଟ୍ କୁଙ୍ଗୁଆ ବଳାଙ୍ଗୀ ସାହିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତେଲକୋଇ ବ୍ଲକ୍ ରାଇସୁଆଁ ପଞ୍ଚାୟତ କୁଙ୍ଗୁଆ ବଳାଙ୍ଗୀ ସାହି ଗ୍ରାମର ଧନେଶ୍ୱର ଜୁଆଙ୍ଗ (୬୦)। ସୂଚନା ଅନୁଯାୟୀ, ଧନେଶ୍ୱର ନିକଟସ୍ଥ ଖାରଡେହ୍ରା ସଂରକ୍ଷିତ ଜଙ୍ଗଲର ଝିଙ୍କିଡିହ ଗ୍ରାମ୍ୟ ଜଙ୍ଗଲକୁ ଛେଳି ଓ ଗୋରୁ ଚରାଇବାକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣ କରିଥିଲା। ହାତୀ ଶୁଣ୍ଢରେ ଉଠାଇ ତାଙ୍କୁ ତଳେ ପିଟି ଓ ଛାତିରେ ମାଡ଼ି ଦେଇଥିଲା। ଗ୍ରାମ୍ୟ ଲୋକେ ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚିବା ପରେ ହାତୀକୁ ଘଉଡ଼ାଇଥିଲେ। ସେତେବେଳକୁ ଧନେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ତେଲକୋଇ ବନ କର୍ମଚାରୀ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

# ୨ ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

ଚିକିଟି,୨୭।୬(ପ୍ରକାଶ ଚନ୍ଦ୍ର ସାହୁ): ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ଚାନ୍ଦପୁର ମୁଖ୍ୟ ବଜାର ଗ୍ରାହକ ସେବାକେନ୍ଦ୍ର ସମ୍ମୁଖରେ ଥିବା କୃଷ୍ଣଚନ୍ଦ୍ର ସାହୁଙ୍କ ଦୁଇଟି ବାଇକ୍ ଓ ଗୋଟିଏ ସାଇକେଲକୁ ଗୁରୁବାର ମଧ୍ୟରାତ୍ରରେ କେତେ ଜଣ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏ ନେଇ ଶୁକ୍ରବାର ସକାଳେ ବାଇକ ମାଲିକ କୃଷ୍ଣଚନ୍ଦ୍ର କେ. ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଚାନ୍ଦପୁର ପଞ୍ଚାୟତ ଦେଉଳିଆପଡା ଗ୍ରାମର କୃଷ୍ଣଚନ୍ଦ୍ର ଦୀର୍ଘ ବର୍ଷ ଧରି ଚାନ୍ଦପୁର ବଜାରରେ ଏକ ଭଡାଘରେ ଗ୍ରାହକ ସେବାକେନ୍ଦ୍ର କରି ଆସୁଥିଲେ। ପ୍ରତିଦିନ ଭଳି ଗୁରୁବାର ମଧ୍ୟ କୃଷ୍ଣଚନ୍ଦ୍ର ୨ଟି ବାଇକ୍, ଗୋଟିଏ ସାଇକେଲ, ଗୋଟିଏ କାର, ପଡ଼ୋଶୀ ଘର ତ୍ରିଲୋଚନ ସାହୁଙ୍କ ଏକ ବାଇକ୍ ଓ ସମ୍ମୁଖରେ ରହୁଥିବା ଅର୍ଜୁନ ସାହୁଙ୍କ ଏକ ବାଇକ୍ ଗ୍ରାହକ ସେବାକେନ୍ଦ୍ର ସମ୍ମୁଖରେ ରଖି ଘରେ ଶୋଇଥିଲେ। ମଧ୍ୟରାତିରେ ସ୍ଥାନୀୟ ଅଞ୍ଚଳର କେତେ ଜଣ ଲୋକ ବାଇକ୍ ଜଳୁଥିବା ଦେଖି ପାଟି କରିବା ପରେ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପାଖରେ ରହିଥିବା କାରକୁ ପଛପଟୁ ଠେଲି ବାହାର କରିଦେଇଥିଲେ। ଅନ୍ୟ ୨ଟି ବାଇକ୍କୁ ମଧ୍ୟ ବାହାର କରାଯାଇଥିଲା। ଫଳରେ ଏହି ୩ଟି ଗାଡ଼ି ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଥିଲା। କୃଷ୍ଣଚନ୍ଦ୍ରଙ୍କ ୨ଟି ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ।



କ୍ଷତିଗ୍ରସ୍ତ ବାଇକ୍ ।

# ପ୍ଲଟ୍ ବିକ୍ରି ଆଳରେ ୬୭ ଲକ୍ଷ ଠକେଇ, ୨ ଗିରଫ

ମୁବାରକ କାଜୀଙ୍କ ପୂର୍ବରୁ କବି ପ୍ରଫେସର ସବାଦସ୍ତିୟାରୀଙ୍କୁ ପ୍ରାନ୍ତୀୟ ରାଜଧାନୀ କ୍ୱେଟାରେ ଦିନ ଦ୍ୱିପ୍ରହରେ ହତ୍ୟା କରାଯାଇଥିଲା। ଆଉ ଜଣେ ପ୍ରଗତିଶୀଳ ଔପନ୍ୟାସିକ କବି ହନିଫ ସରିଫଙ୍କୁ ଅପହରଣ କରିନିଆଯାଇ ଏକାନ୍ତ କାରାବାସରେ ରଖାଯାଇଥିଲା। ବେଲୁଚି ଭାଷାର ଗଦ୍ୟ ସାହିତ୍ୟ ବର୍ତ୍ତମାନ ସମୟରେ ଗପ କାହାଣୀ ଭିତରେ ସୀମିତ ଅଛି, କିନ୍ତୁ ଏହାର ପଦ୍ୟ ସାହିତ୍ୟ ଅଧିକ ବିସ୍ତୃତ ଆଉ ଉନ୍ନତ। ଫରାସୀ ଭାଷା ପରିବାରର ସଦସ୍ୟ ବେଲୁଚିରେ ପ୍ରାଚୀନ ଅବସ୍ତାୟୀ ଭାଷାର ଝଲକ ନଜରକୁ ଆସୁଛି, ଯାହାକୁ ବୈଦିକ ସଂସ୍କୃତର ବହୁ ନିକଟତର ମନେକରାଯାଏ। ଉତ୍ତର-ପଶ୍ଚିମ ଇରାନ, ପୂର୍ବ-ତୁର୍କୀ ଆଉ ଉତ୍ତର-ଇରାକରେ କୁହାଯାଉଥିବା କୁର୍ଦ୍ଦଭାଷା ସହିତ ବେଲୁଚି ଭାଷାର ସାମ୍ୟ ରହିଛି। ପୂରା ବିଶ୍ୱରେ ପ୍ରାୟ ୮୮ ଲକ୍ଷ ଲୋକ ବେଲୁଚି ଭାଷାରେ କଥାବାର୍ତ୍ତା କରନ୍ତି। ଏଥିମଧ୍ୟରୁ ପ୍ରାୟ ୬୫ ଲକ୍ଷ ବେଲୁଚି ଭାଷାଭାଷୀ ପାକିସ୍ତାନରେ ଅଛନ୍ତି।

ପ୍ରାରମ୍ଭିକ କାଳରେ ବେଲୁଚି କବିତାର ସ୍ୱରୂପ ଥିଲା ଲୋକଗୀତ। ବେଲୁଚି ଇତିହାସର ସବୁଠାରୁ ବଡ଼ ବ୍ୟକ୍ତିତ୍ୱ ମୀର୍ ଚାକର ଖାଁ ରିଂଦନ୍ତ ୧୪୮୭ରେ



ଶାସନ କ୍ଷମତାକୁ ଆସିବା ପରେ ବେଲୁଚି କବିତାରେ ଯୁଦ୍ଧ ବିଷୟ ଅଧିକ ପ୍ରାଧାନ୍ୟ ପାଇଲା। ତାଙ୍କ ସମକାଳୀନ କବିଙ୍କ ମଧ୍ୟରେ ମୀର୍ ଗବାହିରାମ, ଲାଣାରୀ, ନୌଦ ବଂଦଗ, ବେବର୍ଗ, ଶହ ମୁରୀଦ, ହାନୀ, ଶାହଦାଦ, ମାହନାଜ, ଉମର ଖାଁ ନୋହାନୀ ପ୍ରମୁଖ କବିମାନେ ବେଲୁଚି ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିଥିଲେ। ୧୮ଶ ଶତାବ୍ଦୀରେ ବେଲୁଚି ଭାଷାରେ ଏପରି ପ୍ରେମ କବିତାର ସୃଜନ ହେଲା, ଯେଉଁ ସମୟରେ ସୌନ୍ଦର୍ଯ୍ୟ, କେଶ, କପୋଳ ଆଉ ଅଧର ବର୍ଣ୍ଣନା ସ୍ଥାନ ପାଇଲା। ଏହି କାଳର କବିତା ସୌନ୍ଦର୍ଯ୍ୟର ସ୍ୱଚ୍ଛ ଅନୁଭୂତି ତଥା ହିଜ୍ର-ଓ-ବିଶାଲ-ଏ-ୟାର ପ୍ରେମିକାଠାରୁ ଦୂରରେ ରହୁଥିବା ଦୁଃଖୀ ହୃଦୟର କାହାଣୀ ବେଲୁଚି ସାହିତ୍ୟକୁ ବଳିଷ୍ଠ କରିଛି।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇଂରେଜମାନେ ବେଲୁଚିସ୍ତାନରେ ନୂଆ ସଭ୍ୟତା ଆରମ୍ଭ କଲେ। ବେଲୁଚି ସାହିତ୍ୟର ସ୍ୱରୂପ ବଦଳିଗଲା। ଜୈସୁର ଏଭଳି କବିତା ଲେଖିଲେ ଯେଉଁଥିରେ ନୂଆ ଶବ୍ଦ, ନୂଆ ଚେତନା ଥିଲା। ଆଜାଦ୍ ଜମାଲ ଦୀନୀ ଇଂରେଜ ଶାସନରେ ବେଲୁଚି ସଂସ୍କୃତିର ଅବନତିକୁ ଦେଖିଲେ। ସାୟର ମହମ୍ମଦ ହୁସେନ 'ଉନଟା' ଲକ୍ଷ୍ୟ କଲେ କାର୍ ଚକ ତଳେ ଗରିବ ଲୋକମାନଙ୍କ ଇଚ୍ଛାକୁ ଦମନ କରାଯାଉଛି। ରହମଅଲ୍ଲୀ ବଜଲାଜ ମଧ୍ୟ ଇଂରେଜମାନଙ୍କ ବେଲୁଚିସ୍ତାନ ଆଗମନକୁ ବିରୋଧ କରିଥିଲେ। ୧୯୪୭ରେ ପ୍ରତାରଣା କରି ବେଲୁଚିସ୍ତାନକୁ ପାକିସ୍ତାନରେ ମିଶାଇ ଦିଆଗଲା। ପରେ କ୍ୱେଟାରେ ରେଡ଼ିଓ ପାକିସ୍ତାନ ସ୍ଥାପନ କରାଗଲା। ୧୯୬୧ରେ କ୍ୱେଟାରେ ବେଲୁଚି ଏକାଡେମୀ ସ୍ଥାପନ କରାଗଲା। ଗୁଲଖାନ ନସୀରଙ୍କ ଭଳି କବିମାନଙ୍କ କୃତୀ ସଂସ୍କୃତି ଉତ୍ପୀଡ଼ନ ବିରୋଧରେ ଥିଲା। ଏଥିରେ ବହୁ ଲେଖକ ଉତ୍ସାହିତ ହେଲେ। ନୟାଲା କାହାରୀ ବେଲୁଚିସ୍ତାନର ଜଣେ ମହିଳା ସଂଗଠକ, କବି, ଲେଖିକା। ଅନ୍ତଃରାଷ୍ଟ୍ରୀୟ ବ୍ୟାଖ୍ୟାନ ପାଇଁ ସେ ବେଶ୍ ପରିଚିତ।

ଏବେ ନୂଆ ସୃଜନକାରୀ ଲେଖକମାନେ କବିତା ଲେଖିବାକୁ ଅଧିକ ଆଗ୍ରହୀ। କବି ମୀର୍ ୟାର ବେଲୁଚିଙ୍କ କବିତା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ବେଲୁଚିସ୍ତାନକୁ ସ୍ୱତନ୍ତ୍ର ରାଷ୍ଟ୍ର ଘୋଷଣା କରି ଭାରତରେ ଦୂତାବାସ ଖୋଲିବା ପାଇଁ ସେ ଦାବି କରିଛନ୍ତି। ମୀର୍ ୟାର ସଂଯୁକ୍ତରାଷ୍ଟ୍ରକୁ ଶାନ୍ତିସେନା ପଠାଇବା ଓ ପାକିସ୍ତାନ ସେନା ହଟାଇବା ପାଇଁ ଆବେଦନ କରିଛନ୍ତି। ତାଙ୍କ ମତରେ ଦୁନିଆ ଆଉ ମୂକ ଦର୍ଶକ ହୋଇ ରହିପାରିବ ନାହିଁ। ଭାରତରେ ବେଲୁଚି ସାହିତ୍ୟ ଓ ସଂସ୍କୃତି ଉପରେ ବିଶେଷ କାମ ହୋଇନାହିଁ। ଏ ଦିଗରେ ଅଧିକରୁ ଅଧିକ କାମ ହେଲେ ଭାରତ ଓ ବେଲୁଚିସ୍ତାନ ମଧ୍ୟରେ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ହୋଇପାରିବ। ବେଲୁଚିସ୍ତାନର ମାନବାଧିକାର କର୍ମୀ ମୀର୍ ୟାର ବେଲୁଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ୧୯୯୮ରେ ପାକିସ୍ତାନ ଦ୍ୱାରା ବେଲୁଚିସ୍ତାନରେ କରାଯାଇଥିବା ପରମାଣୁ ପରୀକ୍ଷଣକୁ ନରସଂହାରର ଆରମ୍ଭ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ପାକିସ୍ତାନ ସେନା ନୱାଜ ସରିଫ ସରକାରଙ୍କ ସହମତିରେ ବେଲୁଚିସ୍ତାନକୁ କ୍ଷତିଗ୍ରସ୍ତ କରିବାର ଉପକ୍ରମ କରିଛନ୍ତି ବୋଲି ସେ ଜଣାଇଛନ୍ତି। ସେ ଲେଖିଛନ୍ତି, ପରମାଣୁ ବିସ୍ଫୋରଣ ଯୋଗୁ ଚଗାଇ ଏବଂ ରାସକୋହ ପାହାଡ଼ରୁ ଏବେ ବି ବିସ୍ଫୋରକ ଗନ୍ଧ ଆସୁଛି। ଅନେକ ଫାର୍ମ ନଷ୍ଟ ହୋଇଛି, ଗାଈଗୋରୁ ମରିଛନ୍ତି, ପିଲାମାନେ ଭିନ୍ନକ୍ଷମ ହୋଇ ଜନ୍ମ ନେଇଛନ୍ତି। ସେ ଆହୁରି କହିଛନ୍ତି– ''ପାକିସ୍ତାନ ହେଉଛି ଆତଙ୍କବାଦର ଜନନୀ। ଏହାର ମୂଳ ନ ଉପାଡ଼ିବା ପର୍ଯ୍ୟନ୍ତ ଆତଙ୍କବାଦ ଶେଷ ହେବ ନାହିଁ।''

ମୋ: ୯୭୭୭୭୪୪୦୭୧

## ପୁସ୍ତକ ପରିଚୟ

### ଆକାଶ ସମୁଦ୍ର ଧରିତ୍ରୀ



**ଲେଖକ:** କୁମୁଦ ଚନ୍ଦ୍ର ଦାଶ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୬୦/-

ଆଲୋଚ୍ୟ କବିତା ସଂକଳନରେ ମୋଟ ୧୧୯ଟି କବିତା ସ୍ଥାନିତ। ତେର ନମ୍ବର କବିତାଟିକୁ କବି ବହିର ଶିରୋନାମ କରିଛନ୍ତି। ବହିରେ ଥିବା କବିତାଗୁଡ଼ିକ ଜୀବନର ବିଭିନ୍ନ ମୁହୂର୍ତ୍ତରେ ମନ ଓ ଚେତନାକୁ ଉଦ୍‌ବେଳିତ କରିଥିବା ଅନୁଭବସମୂହର ଉଜ୍ଜ୍ୱଳ ପରିପ୍ରକାଶ। ଶବ୍ଦ ଓ ଶବ୍ଦାନୁଷଙ୍ଗର ଦକ୍ଷ ପ୍ରୟୋଗ ଭାଷା ବ୍ୟବହାରରେ କବିଙ୍କ ଅଧିତ ଜ୍ଞାନ ଓ ପରିପକ୍ୱ ବିନ୍ୟାସର ପରିଚୟ ପ୍ରଦାନ କରେ, ପ୍ରାୟ ପ୍ରତ୍ୟେକ କବିତାରେ। କେତୋଟି ଦୃଷ୍ଟାନ୍ତ ନେବା: ୧. ''ଏଇ ଦେଖ ଦେଖ/ ଶରତ ଋତୁର ସାବଲୀଳ ସୂର୍ଯ୍ୟ/ ଅସ୍ତଯାଏ ପଶ୍ଚିମ ଶିଖରୀ ତଟେ'' (ଶରତ ଆକାଶ, ପୃ:୩୬), ୨. ''ମୋତେ ତ ଭୁଲାଇଦିଏ/ ସାତ ଜନ୍ମ ସହସ୍ର ମୃତ୍ୟୁର/ ନିଷ୍ଠୁର ଅନ୍ଧାର/ ସମୟର ହିଡ଼ ଟପି ହସୁଥାଅ ତୁମେ/ ବିସ୍ମିତ ସ୍ମିତରେ ତୁମ/ ଆଷାଢ଼ର ବର୍ଷାତୁର ମେଘ'' (ସୁହାସିନୀ, ପୃ:୫୬), ୩. ''ଭଲ ଲାଗେ/ ନୀଳ ନୀଳ ତୁମ ଆଖି ଓଦା ଓଦା ଆଖିର ଭ୍ରୂଲତା/ ସେଠି ଲେଖାଅଛି/ ମଧ୍ୟାହ୍ନର ଇତିକଥା/ ଆରକ୍ତିମ ସମୟର ନିଖିଳ କବିତା'' (ଆଖି-୩, ପୃ:୩୨୨), ୪. ''ପୃଥିବୀ ପଢ଼ୁଛି ଆଜି/ ବସନ୍ତର ଚୋରା ପ୍ରେମ ଚିଠି/ ଶୀତର କଙ୍କାଳ ପରେ/ ଚେଇଁଉଠେ ଆବେଗର/ ଆଚ୍ଛନ୍ନ ଦରୋଟି'' (ବସନ୍ତ, ପୃ: ୨୩୮) ଓ ୫. ''ଆଲୁଅ ଲିଭାଇଦିଅ ଜଳୁ ତୁମ ମୁକ୍ତ ଦେହଶିଖା ନଗ୍ନ ନୈସର୍ଗିକ/ ତମିସ୍ରାର ନିଶ୍ଛିଦ୍ର ଆକାଶ'' (ଶୃଙ୍ଗ ଆରୋହଣ, ପୃ: ୨୧)। କୁମୁଦଙ୍କ କବିତାରେ ପସରା ମେଲି ବସେ ପ୍ରକୃତି, ପ୍ରେମ ବାହୁ ମେଲାଇ ମାଗେ ଆଲିଙ୍ଗନ, ବିରହ ଜଳୁଥାଏ ଦୂର କେଉଁ ମଶାଣିରେ ଲିଭି ଲିଭି ଜଳୁଥିବା ଜୁଇ ପରି। ପରମ୍ପରାର ଗଭୀର ଭୂତଳେ ଥାଏ ତାଙ୍କ କବିତ୍ୱର ସିକଡ଼, ପବନରେ ଦୋଳି ଖେଳୁଥାଏ କବିତା। 'ପ୍ରତି ଅକ୍ଷରରେ ମୋର ନିହିତ ଅସ୍ମିତା'– କବିଙ୍କର ଏ ଉଦ୍‌ଘୋଷଣା ମିଥ୍ୟା ନୁହେଁ। 'ଆପେକ୍ଷିକ ଭାବେ ମୌଳିକ' ହେବା ବି କବିଠୁଁ କମ୍ ପ୍ରସ୍ତୁତିର ଅପେକ୍ଷା ରଖେନାହିଁ। ପ୍ରତ୍ୟାଶିତ ସେ ପ୍ରସ୍ତୁତି କୁମୁଦଙ୍କ କବିତାରେ ଦୁର୍ଲକ୍ଷ୍ୟ ନୁହେଁ। ଗଦ୍ୟ ଓ ପଦ୍ୟର ଏକ ରଫାନାମା ତାଙ୍କ କବିତା। ଭାବ ଓ ଛନ୍ଦର ଏକ ନୂଆ ନିର୍ମାଣ। ଲାଗୁଥିବ କେଉଁଠି ପଢ଼ିଛି, ଅଥଚ 'ନୂଆ ପଢ଼ିବାର ଆନନ୍ଦ'ରେ ପୂରି ଉଠୁଥିବ ମନ– 'ଆକାଶ ସମୁଦ୍ର ଧରିତ୍ରୀ'ର ପ୍ରାୟ କବିତାରେ ଅଛି ସୃଜନର ଏ ଦୁର୍ଲଭ ନିର୍ମିତି।

### ପ୍ରଜ୍ଞା ପ୍ରବନ୍ଧ ପର୍ଯ୍ୟାଲୋଚନା



**ଲେଖକ:** ଡ. ଦୁର୍ଗାମାଧବ ପୃଷ୍ଟି
**ପ୍ରକାଶକ:** ଅଗ୍ନି, ରସୁଲଗଡ଼, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ସତରଟି ପ୍ରବନ୍ଧରେ ପୁଷ୍କଳ ଆଲୋଚ୍ୟ ନିବନ୍ଧଗ୍ରନ୍ଥ। 'ଅଗ୍ରଲେଖ'ରେ ଲେଖକ କହନ୍ତି: ''ପୁସ୍ତକରେ କେବଳ ଯେ ଗବେଷଣା ବା ବୌଦ୍ଧିକ ପ୍ରବନ୍ଧ ଉପସ୍ଥାପିତ ହୋଇଛି ତାହା ନୁହେଁ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କେତେକ ପ୍ରଥିତଯଶା ସ୍ରଷ୍ଟାଙ୍କ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଛି। ସାହିତ୍ୟର ସମାଲୋଚନା ଦିଗ ପ୍ରତି ମଧ୍ୟ ଯତ୍‌ପରୋନାସ୍ତି ଦୃଷ୍ଟି ଦିଆଯାଇଛି। ସାମଗ୍ରିକ ଭାବେ ପୁସ୍ତକଟି 'ପ୍ରଜ୍ଞା-ପ୍ରତିଭା-ପ୍ରବନ୍ଧ'ର ସମାହାର x x।'' ଭକ୍ତ ଭକ୍ତି ଭଗବାନ, ଯା ଦେବୀ ସର୍ବଭୂତେଷୁ, ଆରାଧ୍ୟା ଦେବୀ ମା' ବାଣେଶ୍ୱରୀ ଭଳି ପ୍ରବନ୍ଧ ସାଙ୍ଗକୁ ରହିଛି ଭାଗବତରେ ତନ୍ତ୍ରର ପ୍ରଭାବ ଓ ବୌଦ୍ଧତନ୍ତ୍ରର ଉନ୍ମେଷ ତଥା ବିକାଶ ସମ୍ପର୍କରେ ଚର୍ଚ୍ଚା। କେତେକ ସାରସ୍ୱତ ସାଧକଙ୍କ କୃତି ଉପରେ ରହିଛି ଆଲୋଚନା, ଯହିଁରେ ଅନ୍ତର୍ଭୁକ୍ତ ଦୀନକୃଷ୍ଣ, ସୁଲକ୍ଷଣା ଦେବୀ ଓ ରବି ସିଂଙ୍କ ପରି ଯଶସ୍ୱୀ ସ୍ରଷ୍ଟା। ଓଡ଼ିଶାର ଲୋକକଳା ପାଲା, ଦଣ୍ଡନାଟ ଓ ଲୋକନାଟକର ପର୍ଯ୍ୟାଲୋଚନା ସହିତ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ ସମ୍ବନ୍ଧରେ ମଧ୍ୟ ଆଲୋକପାତ କରାଯାଇଛି। ଗ୍ରନ୍ଥସ୍ଥ ନିବନ୍ଧଗୁଡ଼ିକ ନିବନ୍ଧକାରଙ୍କ ନିବିଡ଼ ଅଧ୍ୟୟନ ଓ ଗବେଷଣାର ସ୍ମାରକୀ। 'ଶ୍ରୀମଦ୍‌ଭାଗବତରେ ତନ୍ତ୍ରର ପ୍ରଭାବ' ନିବନ୍ଧରେ ପ୍ରାବନ୍ଧିକ ଶ୍ରୀକ୍ଷେତ୍ରକୁ ଏକ ତାନ୍ତ୍ରିକପୀଠ ଭାବେ ନାନା ତଥ୍ୟ ଆଧାରରେ ପ୍ରମାଣ କରିଛନ୍ତି। କହିଛନ୍ତି– 'କୁଳାର୍ଣ୍ଣବ ତନ୍ତ୍ର'ରେ ଶ୍ରୀକ୍ଷେତ୍ର ହେଉଛି ଉଡ୍ଡୀୟାନ ପୀଠ। ଏହା ପୁଣି ଉଚ୍ଛିଷ୍ଟ ପୀଠ, ଜିହ୍ୱାପୀଠ ଓ ପାଦପୀଠ ଭାବେ ଗୃହୀତ। ଏଠାରେ ବିମଳା ଦେବୀଙ୍କୁ ଭୈରବରୂପୀ ଜଗନ୍ନାଥଙ୍କର ଉଚ୍ଛିଷ୍ଟ ସମର୍ପଣ କରାଯାଉଥିବାରୁ ଏହା ଉଚ୍ଛିଷ୍ଟ ପୀଠ ଏବଂ ସତୀଙ୍କର ପାଦ ପଡ଼ିଥିବାରୁ ଏହା ପାଦପୀଠ। ଦଣ୍ଡନାଟ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ପ୍ରାବନ୍ଧିକ 'ଶୋଭାଯାତ୍ରା ଦଣ୍ଡ', 'ଧୂଳି ଦଣ୍ଡ', 'ପାଣି ଦଣ୍ଡ', 'ବନ ଦଣ୍ଡ', 'ଅଗ୍ନି ଦଣ୍ଡ' ଓ 'ନୃତ୍ୟ ଦଣ୍ଡ' ଆଦି ଦଣ୍ଡର ବିଭିନ୍ନ ପ୍ରକାରଭେଦ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଆଶା କରାଯାଏ, ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥଟି ଲୋକାଦୃତି ଲାଭ କରିବ ଓ ଗବେଷକଙ୍କ ପ୍ରୟୋଜନରେ ଲାଗିବ।

## ନିର୍ଜନ ରାତିର ନାୟିକା

**ଶରତ କୁମାର ଦାସ**

କିଏ ସେ ଆଙ୍କିଛି ଝୋଟି
ଆକାଶର ନୀଳ ଅଗଣାରେ
ଚିକିମିକି ତାରା ଗହଣରେ।

କିଏ ସେ ବୋଳିଦେଇଛି ରଙ୍ଗ
ଭିଜା ଭିଜା ବାଦଲ ମୁହଁରେ
କେଉଁ ଏକ ସୁନେଲି ସୂର୍ଯ୍ୟାସ୍ତ ବେଳାରେ।

କାହାର କୋମଳ ହାତର ସ୍ପର୍ଶ
ମୋ' ଛାତିରେ ଖୁନ୍ଦାଖୁନ୍ଦି ହୋଇ ରହିଥିବା
ତମାମ ଦୁଃଖକୁ ଶୁଆଇଦେଉଛି
ରାତିର ଅନ୍ଧାରୀ ଶେଯରେ।

କାହାର ଗୁଣୁଗୁଣୁ ଗୁଞ୍ଜରଣ
ଭରିଦେଉଛି ମଧୁ କୋଳାହଳ
ମୋ' ଶୂନ୍ୟ, ନୀରବ ଓ ଶୋକାର୍ତ୍ତ ମନରେ।

କାହାର କଟିର ମେଖଳା
ରିମ୍‌ଝିମ୍ ସୁର ସୃଷ୍ଟି କରେ
ମୋ' ଉଦାସ ମନରେ
ଆଉ କାହା ପାଉଁଜିର ରୁଣୁଝୁଣୁ ଶବ୍ଦ
ସ୍ୱପ୍ନ ଭରିଦିଏ ମୋ' ଉନ୍ନିଦ୍ର ଆଖିରେ।

ତମେ କି ସତେ ମୋ' ଅମାବାସ୍ୟା ଆକାଶର
ପହିଲି ଚନ୍ଦ୍ରମା...!
ତମେ କି ସତେ ମୋ' କ୍ଷରିତ ରକ୍ତର
ସତେଜ ଲାଲିମା...!

ମୁଁ ଅବଶ୍ୟ ଜାଣିଛି ଏବେ ଏବେ
ଅବିଶ୍ରାନ୍ତ ବୈଶାଖର ଉହଡହ
ମରୁବାଲିରେ
ପାଦ ଥାପିଛି ମୁଁ ନୂଆ ନୂଆ,
ମଧ୍ୟାହ୍ନର ହୁତୁହୁତୁ ଜଳୁଥିବା ସୂର୍ଯ୍ୟଙ୍କୁ
ସାମ୍ନା କରିବାକୁ ହେବ ବାରମ୍ବାର।

ଏହା ବି ତ ଅକାଟ୍ୟ ସତ୍ୟ।
ହେଲେ ଭୟ ନାହିଁ ମୋର
କେବେ ବି ନଥିଲା
ଜଳିବାରେ କେବେ ଅବସୋସ ନାହିଁ ମୋର
ନା କିଛି ଅଭିଯୋଗ ନା ଅଭିମାନ।

ହାରିଗଲେ ବି ଜିତିବାର ଦୀପ ଜାଳୁଥିବି
ଯେତେ କଣ୍ଟା ଆସିଲେ ବି
ଗୋଲାପର ପରଶ ପାଇବି।

କାହିଁକି ନା ଜାଣିଛି ମୁଁ ନିଜର ଅସ୍ତିତ୍ୱ
ମୋ' ତମାମ ଅନ୍ଧାରର ଚୌହଦି ଭିତରେ
ତମେ ଏକ ଫର୍ଚ୍ଚା ଜହ୍ନରାତି
ମୋ' ହୃଦୟର ପ୍ରଥମ ଅକ୍ଷର
ମୁଁ ତମ ଶେଷ ପ୍ରତିଶ୍ରୁତି।

ମୋ: ୮୨୪୯୧୩୭୦୯୧

## ମନ

**ଦୀପ୍ତି ମିଶ୍ର**

ମନ...
କେବେ ଆହ୍ଲାଦ ନ ଥିବା ଡଙ୍ଗାଟିଏ
ତ କେବେ ସ୍ୱଚ୍ଛ ଗଡ଼ିଆର ଗଙ୍ଗାଟିଏ...
କଳ୍ପନାରେ କୋଣାରକ ଗଢ଼ିଥାଏ,
ଅଧା ଛାଇ ଆଲୁଅରେ ଖେଳୁଥାଏ...
ଏକ ଦକ୍ଷ କାରିଗର ପରି ସିଏ,
ଯିଏ ସ୍ୱପ୍ନର ଇନ୍ଦ୍ରଜାଲ ବୁଣିଥାଏ...

ମନ...
କେବେ ବା ସୁନାର ହରିଣୀଟେ
ବାଟବଣା କରିବାକୁ ବାଟ କାଟେ,
ଚାନ୍ଦ ଛୁଇଁବାକୁ ସ୍ୱପ୍ନ ଦେଖୁଥାଏ
ଭିଜାମାଟିର ବାସ୍ନାକୁ ତୋଳିଥାଏ,
କେତେ ଆପଣାପଣରେ ବାନ୍ଧିନିଏ
ହୃଦ ବତୁରାଇ ଆକାଶର ଲୁହେ...

ମନ...
କେବେ ଶୂନ୍ୟତାର ବେଳାଭୂମି,
କେବେ ବିଶାଳ ଉତ୍ତପ୍ତ ମରୁଭୂମି...
କେବେ ସବୁଜ ସତେଜ ଉପବନ
କେବେ ଗୋଲାପର ଦଗ୍ଧ ଫୁଲବନ...
କେବେ ଚେତନାରେ ଭରା ପୂର୍ଣ୍ଣ ଜ୍ଞାନ
କେବେ ପ୍ରୀତିଝରା ମଧୁ ବ୍ୟାକରଣ।

ମୋ: ୯୪୩୮୪୦୪୩୦୮

**କବିତା**

**ବ୍ୟଙ୍ଗ କବିତା**

## ଆଳୁ ରାଜାର କନିଆଁଖୋଜା

**ପ୍ରଶାନ୍ତ କୁମାର ସାହୁ**

ଆଳୁ ରାଜା ଦିନେ ବିଚାରିଲେ ମନେ
କିଏ ହେବ ମୋର ରାଣୀ,
ଦିନ ବାର ଦେଖି ବାହାରିଲେ ଥରେ
ବଜାରୁ ଆଣିବେ କିଣି।

ବାଟେ ବାଇଗଣ ସାଥେ ଦେଖା ହେଲା
ହେଲା ବାଇଗଣ ରାଜି,
କହିଲା ହେ ରାଜା ନିଅ ସାଥେ ମୋତେ
ଯିବି ସାଥେ ତୁମ ଆଜି।

ଆଳୁ କହେ ତୁମ ଆୟୁଷ ଦି'ଦିନ
ତିନି ଦିନେ ଯିବ ଶୁଖି,
କି ଲାଭ ପାଇବି ସାଥିରେ ନେଇକି
ଚାଲିଗଲେ ନାକ ଟେକି।

ଭେଣ୍ଡି କହେ ଆହେ ଆଳୁ ରାଜା ମୋତେ
ନିଅ ତୁମ ସାଥେ ଘର,
ଘରଣୀ ମୁଁ ହେବି ସେବା କରୁଥିବି
ନ କରିବି କେବେ ପର।

ଶୁଣି ଆଳୁ ରାଜା କହିଲେ ହେ ଶୁଣ
କାଲି କି ତୁମେ ତ ବୁଢ଼ୀ
କେଉଁ ସୁଖ ଦେବ କି ସେବା କରିବ
ତୁମ ଅନ୍ତେ ଯିବି ବୁଡ଼ି।

କଲରା ସଲରା ବିଲାତି ପୋଟଳ
ହୋଇଲେ ନିରାଶ ଶେଷେ,
ରାଜା କହିଗଲେ ଋତୁ ଅନୁସାରେ
ଆସୁଅଛ ମୋର ପାଶେ।

ପିଆଜ କହିଲା ମନର ମଣିଷ
ମୁହିଁ ହେବି ତୁମ ପାଇଁ,
ସାଥେ ରହିଥିବି ସବୁ ସମୟରେ
ଗରିବର କଂସା ଚାହିଁ।

ବିଚାରିଲେ ଆଳୁ ପିଆଜର କଥା
କହିଲା ଅବଶ୍ୟ ସତ,
ମାସ ମାସ ଧରି ରହି ସେ ପାରିବ
କରୁଥିବ ସେବା ନିତ୍ୟ।

ସଂସାରେ ଝିଅର ଅଭାବ ହେଲାଣି
ପିଆଜ ମହଙ୍ଗା ଆଜ,
କିଣି ନେବି ତାକୁ ସାଥିରେ ମୋହର
କାହିଁକି କରିବି ଲାଜ।

ମୋ: ୯୭୭୭୦୯୦୦୫୬

## କାଳକାଳକୁ



**''ପରାଜୟ ପାଇଁ ମଣିଷର ଜନ୍ମ ନୁହେଁ; ସେ ଭାଙ୍ଗିଯାଇପାରେ, କିନ୍ତୁ ହାରିଯିବ ନାହିଁ''**
**–ଆର୍ନେଷ୍ଟ ହେମିଙ୍ଗ୍‌ୱେ**

**ଆର୍ନେଷ୍ଟ ହେମିଙ୍ଗ୍‌ୱେଙ୍କ** ଜନ୍ମ ୨୧ ଜୁଲାଇ ୧୮୯୯ରେ ଓ ପରଲୋକ ୨ ଜୁଲାଇ ୧୯୬୧ରେ। ସେ ଏକାଧାରରେ ଥିଲେ ଔପନ୍ୟାସିକ, କଥାଶିଳ୍ପୀ ଓ ପତ୍ରକାର। ତାଙ୍କର ପ୍ରାୟ ରଚନା ଆମେରିକୀୟ ସାହିତ୍ୟରେ କ୍ଲାସିକ୍ ଭାବେ ପରିଗଣିତ। 'ଇନ୍ ଆୱାର୍ ଟାଇମ୍', 'ମ୍ୟାନ୍ ଉଇଦାଉଟ୍ ଓମେନ୍', 'ଏ ଫେୟାର୍‌ୱେଲ୍ ଟୁ ଆର୍ମସ' ଓ 'ଦ ଓଲ୍ଡ ମ୍ୟାନ୍ ଆଣ୍ଡ ଦ ସି' ହେଉଛି ତାଙ୍କ ପ୍ରସିଦ୍ଧ କୃତି ମଧ୍ୟରୁ କତିପୟ। ୧୯୨୬ରେ ତାଙ୍କର ପ୍ରଥମ ଉପନ୍ୟାସ 'ଦ ସନ୍ ଅଲ୍‌ସୋ ରାଇଜେସ୍' ପ୍ରକାଶ ପାଇବା ପରେ ଆମେରିକୀୟ ଉପନ୍ୟାସର ଧାରା ବଦଳି ଯାଇଥିଲା। ନିଜର ପ୍ରଭାବଶାଳୀ ରଚନା, ବିଶେଷକରି 'ଦ ଓଲ୍ଡ ମ୍ୟାନ୍ ଆଣ୍ଡ ଦ ସି' ଉପନ୍ୟାସ ପାଇଁ ସେ ୧୯୫୩ରେ 'ପୁଲିଜର୍ ପ୍ରାଇଜ୍' ଓ ୧୯୫୪ରେ 'ନୋବେଲ ପୁରସ୍କାର' ଲାଭ କରିଥିଲେ। ତାଙ୍କ ମତରେ ''ଲୋକଙ୍କୁ ବିଶ୍ୱସ୍ତ ବନାଇବାର ଅଛି ତ ଆଗ ତାଙ୍କୁ ବିଶ୍ୱାସ କର।''

# କାଠମୁଣ୍ଡେଇ

**ଲଘୁଗଳ୍ପ**

**ଡ. ତ୍ରିନାଥ ପଟ୍ଟନାୟକ**

ପିଲାଦିନୁ ଆନମନା ବୋଲି ତା' ନାଁ ଦିଆଯାଇଥିଲା ଋଷି। ମା'ବାପା ସ୍ନେହରେ ଡାକନ୍ତି ଋଷିଆ। ତା'ର କଥାବାର୍ତ୍ତା, ଚାଲିଚଳଣ ସବୁ କିଛି ଭଲ। ସେଥିପାଇଁ ସ୍କୁଲ୍ କଲେଜ କ'ଣ, ଗାଁସାରା ଲୋକ ତାକୁ ବହୁତ ଭଲପାଆନ୍ତି। ସେ ଏକା ଏକା ଘରେ ଥାଏ। ସେଦିନ ସନ୍ଧ୍ୟାରେ ଚଇତାଳି ପବନ ଆଉ ମଧୁମାଳତି ଫୁଲର ବାସ୍ନା ତାକୁ ଉତଳା କରିଦେଲା। ମନ ତା'ର କେମିତି କେମିତି ଅନୁଭବ କଲା। ସେ କଥାକୁ ସେ ଭାଷାରେ କହିପାରୁନି।

ଆର ସାହିର ଝିଅ ସୀତା। ମା'ବାପା ତା'ର ଜଙ୍ଗଲରୁ କାଠ କାଟି ବଞ୍ଚନ୍ତି। ଜଙ୍ଗଲରୁ କାଠ କାଟି ଉପରବେଳା ଘରେ ପହଞ୍ଚନ୍ତି। ସୀତା କାଠକୁ ଛୋଟଛୋଟ ବିଡ଼ା କରେ। ଆଉ ଗାଁ ଭିତରକୁ ବିକିବା ପାଇଁ ଯାଏ। ପ୍ରାୟ ସବୁଦିନେ ଋଷି ଘରେ କିଛି କାଠବିଡ଼ା ଦେଇକରି ଆସେ। ଋଷିର ମାଆ ସୀତାକୁ ବହୁତ ସ୍ନେହ କରନ୍ତି।

ସୀତା କାଠଗୋଛା ମୁଣ୍ଡେଇ ଋଷିଘରେ ପହଞ୍ଚିଲା। ସୀତା ଗରିବ ଘରର ଝିଅ ହେଲେ ସୁଦ୍ଧା ଭାରି ସୁନ୍ଦରୀ। ମଥାରେ ଗୋଛାଏ କେଶ, ପୂରିଲା ପୂରିଲା ଦେହ। ଆଖି ତା'ର କଥା କୁହେ। ପାଟି ନ ଖୋଲିଲେ ବି ଓଠରେ ଓଠରେ କେତେ ଅକୁହା କଥା କହି ହୋଇଯାଏ। ସେ କହିଲା– ଋଷି ଭାଇ! କାଠବିଡ଼ାଗୁଡ଼ାକ ବହୁତ ଭାରି। ଖୁଡ଼ୀ ଥିଲେ ଓହ୍ଲାଇ ଦେଇଥା'ନ୍ତେ। ଏବେ ତୁମେ ଟିକିଏ କାଠବିଡ଼ା ଉପରେ ହାତ ପକାଇଦିଅ, ମୁଁ କାଠବିଡ଼ା ଓହ୍ଲାଇଦେବି।

ଋଷି ସୀତା ମୁଣ୍ଡରୁ କାଠବିଡ଼ା ଓହ୍ଲାଇବାକୁ ଗଲା। ଗୋଟିଏ ପାଖରୁ କାଠବିଡ଼ାକୁ ଧରୁଧରୁ ସୀତାର ଅତି ନିକଟତର ହୋଇଗଲା। ତା' ଦେହର ଗନ୍ଧ ଆଉ ମଲ୍ଲୀଫୁଲିଆ ଖୋଷା ଋଷିକୁ କେମିତି ବିମୁଗ୍ଧ କରିଦେଇଛି ଏବଂ ଆକୃଷ୍ଟ କରୁଛି। ଛାତିର ସ୍ପନ୍ଦନ ଆମନ୍ତ୍ରଣ କରୁଚି। ସେ ନିଜର ସତ୍ତାକୁ କ୍ରମେ କ୍ରମେ ହରାଇ ବସୁଛି। ଅଳ୍ପ ଅଳ୍ପ ବହୁଥିବା ଚଇତାଳି ଓ ମଧୁମାଳତୀ ଫୁଲର ବାସ୍ନା ତାକୁ ପାଗଳ କରିଦେଉଛି। ଏମିତି ଅନୁଭବ ଋଷି କେବେ କରି ନଥିଲା।

ଯାହା କରିବାର କଥା ନୁହେଁ, ତାହା ସେ କରିବାକୁ ଯାଉଛି। ଛାତି ଓ ଓଠ ଏକାଠି ହୋଇଯାଉଛି।

ସୀତା ବାଧା ଦେଇ କହିଲା– ଭାଇ, ଏ କ'ଣ ହେଉଛି? କେବଳ ଆଜି କାଠଗୋଛା ଓହ୍ଲାଇ ଦେଲେ ହେବନାହିଁ; ସାରା ଜୀବନ ପାଇଁ ମୋ' ମୁଣ୍ଡରୁ କାଠଗୋଛା ଓହ୍ଲାଇଦେବ କି? ତମେ ତ ବହୁତ ପାଠ ପଢିଛ; ମୁଁ ଅପାଠୁଆ ବାଉରି ଘରର ଝିଅ। ମୋ' ଭାର ଯଦି ମୁଣ୍ଡାଇ ନ ପାରିବ, ତେବେ ଆଉ ଆଗାଅନି।

ହଁ ଶୁଣ ଭାଇ, ମୁଁ କାଠଗୋଛା ମୁଣ୍ଡାଇ ପାରିବି। ଆଜିଠାରୁ ଯେଉଁ କଳଙ୍କର ବୋଝ ମୋ' ମୁଣ୍ଡ ଉପରେ ଥୁଆ ହୋଇଯିବ, ତାହା ମୁଁ ବୋହି ପାରିବି ନାହିଁ। ଆତ୍ମହତ୍ୟା କରିବା ହିଁ ସାର ହେବ। କାରଣ ତୁମେ ପୁଅ; ପାଠଶାଠ ପଢ଼ିଛ।



ସମସ୍ତେ ତୁମ କଥାକୁ ବିଶ୍ୱାସ ନ କରି ମୋ' କଥାକୁ କିଏ ବିଶ୍ୱାସ କରିବ? ଋଷିର ଦେହ ମନ କେମିତି କେମିତି ଶିଥିଳ ହୋଇ ଉଠୁଥିଲା। ସେ ସୀତାର କାଠଗୋଛାକୁ ତଳକୁ ଓହ୍ଲାଇବା ସହିତ ତା' ମନରେ ଉଙ୍କି ମାରୁଥିବା କାମନାକୁ ଦୂରକୁ ଠେଲିଦେଲା। ସେ ଏବେ ମୁକ୍ତ। ହଠତ୍ ଦଲକାଏ ଚଇତାଳି ପବନ ପୁଣି ଋଷିକୁ ଧକ୍କା ଦେଲା; ମାତ୍ର ଏ ଥିଲା ମୁକ୍ତ ଓ ଆନନ୍ଦର ବାସ୍ନାଭରା ଚଇତାଳି, ଉତଳା ଚଇତାଳି ନୁହେଁ।

ମୋ: ୯୯୩୭୮୪୦୩୮୭

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୨୮/୨୦୨୫ Bhubaneswar, Saturday, June 28/ 2025

# ଅଲ୍‌କାରାଜ-ଫଗ୍‌ନିନି ପ୍ରଥମ ରାଉଣ୍ଡ ଭେଟ
## ୱିମ୍ବେଲଡନ ଡ୍ର'

**ଲଣ୍ଡନ, ୨୭।୬ (ଏପି):** ଆସନ୍ତା ଜୁନ୍ ୩୦ରୁ ଜୁଲାଇ ୧୩ ପର୍ଯ୍ୟନ୍ତ ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରମାଗତ ତୃତୀୟ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା କାର୍ଲୋସ ଅଲ୍‌କାରାଜ ସେଣ୍ଟର କୋର୍ଟରେ ସୋମବାର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ଫାବିଓ ଫଗ୍‌ନିନିଙ୍କୁ ଭେଟିବେ। ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ଅନୁଷ୍ଠିତ ଡ୍ର'ରେ ଏହା ସ୍ପଷ୍ଟ ହୋଇଯାଇଛି। ସେହିପରି ମହିଳା ବିଭାଗର ପ୍ରଥମ ରାଉଣ୍ଡରେ ଆମେରିକାର କୋକୋ ଗଫ୍ ୟୁକ୍ରେନର ଦୟାନା ୟାସ୍ତ୍ରେମସ୍କାଙ୍କୁ ଭେଟିବେ। ପୂର୍ବାନୁମାନ ଯଦି ଠିକ ପ୍ରମାଣିତ ହୁଏ ତେବେ ଏହି ଗ୍ରାସ୍‌କୋର୍ଟ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ନମ୍ବର-୧ ଜାନିକ୍ ସିନର ନମ୍ବର-୭ ଓ ଲୋରେଞ୍ଜୋ ମୁସେଟି, ନମ୍ବର ୪ ଜ୍ୟାକ୍ ଡ୍ରାପର ଓ ନମ୍ବର ୬ ନୋଭାକ୍ ଜୋକୋଭିଚ୍ (୭ଥର ୱିମ୍ବେଲଡନ ଓପନ ବିଜେତା), ନମ୍ବର-୨ ଅଲ୍‌କାରାଜ ଓ ନମ୍ବର ୮ ହୋଲ୍‌ଗର ରୁନ୍ ଏବଂ ନମ୍ବର ୩ ଆଲେକ୍‌ଜାଣ୍ଡର ଜେଭରେଭ୍ ଓ ନମ୍ବର ୫ ଟେଲର ଫ୍ରିଜ୍‌ଙ୍କ ମଧ୍ୟରେ ହେବା ସମ୍ଭାବନା ରହିଛି। ସେହିପରି ମହିଳା କ୍ୱାର୍ଟରଫାଇନାଲ ନମ୍ବର-୧ ଆରିନା ସାବାଲେଙ୍କା ବନାମ ନମ୍ବର ୬ ମାଡିସନ କିଜ୍, ନମ୍ବର-୪ ଜସ୍ମିନ ପାଓଲିନ୍ ବନାମ ନମ୍ବର ୫ ଝେଙ୍ଗ୍ କ୍ୱିନୱେନ, ନମ୍ବର ୨ କୋକୋ ଗଫ୍ ବନାମ ନମ୍ବର ୮ ଇଗା ସ୍ୱିଟେକ୍ କିମ୍ବା ୨୦୨୨ ଚାମ୍ପିୟନ ଏଲିନା ରିବାକିନା ଏବଂ ନମ୍ବର ୩ ଜେସିକା ପେଗୁଲା ବନାମ ନମ୍ବର ୭ ମୀରା ଆନ୍ଦ୍ରିଭାଙ୍କ ମଧ୍ୟରେ ଖେଳାଯିବା ସମ୍ଭାବନା ରହିଛି।

# ଜାତୀୟ ପଦକ ବିଜେତା ଟ୍ୱିଙ୍କଲ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୭।୬ (ପି.ଟି.)**

ଭାରତର ମିଡଲ ଡିଷ୍ଟାନ୍ସ ଧାବିକା ଟ୍ୱିଙ୍କଲ ଚୌଧାରୀ ନିଷିଦ୍ଧ ଷ୍ଟେରଏଡ୍ ବ୍ୟବହାର କରି ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍(ଏଆଇୟୁ) ଦ୍ୱାରା ସସ୍‌ପେଣ୍ଡ ହୋଇଛନ୍ତି। ୨୮ବର୍ଷୀୟା ଚୌଧାରୀ ଜାତୀୟ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଜାତୀୟ କ୍ରୀଡ଼ାର ଉତ୍ତରାଖଣ୍ଡ ସଂସ୍କରଣରେ ସେ ୪X୪୦୦ ମିଟର ମହିଳା ରିଲେ ରେସ୍‌ରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେ ଆହୁରି ମଧ୍ୟ ୮୦୦ ମିଟର ରେସ୍‌ରେ ରୌପ୍ୟ ଏବଂ ୪X-୪୦୦ ମିଟର ମିକ୍ସଡ ରିଲେରେ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ଚୌଧାରୀ ଏକ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍ ମିଥାଇଲ ଟେଷ୍ଟୋଷ୍ଟେରନ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ଏଆଇୟୁ କହିଛି, ଏହି ଧାବିକାଙ୍କୁ ଅଭିଯୋଗ ନୋଟିସ ପଠାଯାଇଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଚୌଧାରୀଙ୍କର ଏକ ଶୁଣାଣି ହେବ। ଏଥିରେ ତାଙ୍କୁ ସଫେଇ ଦେବା ଲାଗି ଏକ ସୁଯୋଗ ମିଳିବ। ଜଳନ୍ଧରର ଚୌଧାରୀ ଏପ୍ରିଲରେ କୋଚିଠାରେ ଅନୁଷ୍ଠିତ ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୮୦୦ମିଟର ଇଭେଣ୍ଟ ୨:୦୦.୭୧ ସେକେଣ୍ଡ ଟାଇମିଂରେ ଶେଷ କରି ଏକ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଥିଲେ। ପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ତାଇୱାନ ଓପନ ୮୦୦ ମିଟର ରେସ୍‌ରେ ସେ ୨:୦୬.୯୬ ସେକେଣ୍ଡ ଟାଇମିଂରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ମେ ମାସରେ ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସମାନ ଇଭେଣ୍ଟରେ ସେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଦେଶର ଖରାପ ଡୋପିଙ୍ଗ ରେକର୍ଡ ରହିଥିବାରୁ ସଦ୍ୟତମ ସସ୍‌ପେଣ୍ଡ ଘଟଣା ଦେଶର ଚିନ୍ତାକୁ ବଢ଼ାଇଦେଇଛି। ମେ ମାସରେ କ୍ୱାର୍ଟରମାଇଲର ସ୍ନେହ କୋଲେରି ଏକ ପ୍ରକାର ଆନାବୋଲିକ୍ ଷ୍ଟେରଏଡ୍ ଷ୍ଟାନାଜୋଲୋଲ ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। କୋଲେରି ଏସିଆନ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳର ଜଣେ ସଦସ୍ୟା ଥିଲେ। ମାତ୍ର ଡୋପ୍ ଟେଷ୍ଟରେ ବିଫଳ ହେବାପରେ ତାଙ୍କୁ ଏଥିରୁ ଓହରିଯିବାକୁ ହୋଇଥିଲା। ନିକଟରେ ୨୦୨୩ ବର୍ଷର ଟେଷ୍ଟିଂ ରିପୋର୍ଟ ପ୍ରକାଶ ପାଇଥିଲା। ବିଶ୍ୱର ୨୦୪,୮୦୯ ଆଥ୍‌ଲେଟଙ୍କ ଡୋପ୍ ଟେଷ୍ଟ ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡ଼ା) ଦ୍ୱାରା କରାଯାଇଥିଲା। ତନ୍ମଧ୍ୟରୁ ନିଷିଦ୍ଧ ଡ୍ରଗ୍ସ ବ୍ୟବହାର କରିଥିବା ୧,୮୨୦ ଜଣଙ୍କର ପଜିଟିଭ ଆସିଥିଲା। ଦେଶର ୫,୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଏଥିରେ ଭାରତୀୟ ହାର ୩.୮ ରହିଥିଲା, ଯାହାକି ଅତ୍ୟନ୍ତ ଖରାପ ବୋଲି କୁହାଯାଉଛି।

**ଡୋପ୍ ଟେଷ୍ଟ**



# କୋଚ୍ ଲୁଇସଙ୍କ ସହ ସମ୍ପର୍କ ତୁଟାଇଲା ୟୁପି ୱାରିୟର୍ଜ
## ଓମେନ୍ସ ପ୍ରିମିୟର ଲିଗ୍

**ନୂଆଦିଲ୍ଲୀ, ୨୭।୬ (ପି.ଟି.):** ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ଦଳ ୟୁ.ପି. ୱାରିଅର୍ଜ ଏହାର ମୁଖ୍ୟ କୋଚ୍ ଜନ୍ ଲୁଇସ୍‌ଙ୍କ ସହିତ ସମ୍ପର୍କ ଛିନ୍ନ କରିଛି। ଡବ୍ଲ୍ୟୁପିଏଲ୍ ୨୦୨୫ ଷ୍ଟାଣ୍ଡିଂର ସର୍ବନିମ୍ନ ସ୍ଥାନରେ ଥିବା ୱାରିୟର୍ଜ ସେମାନଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ ଜରିଆରେ ଏକଥା ଜଣାଇଛି। ଲିୱିସ ୨୦୨୩ରୁ ୱାରିୟର୍ଜର ମୁଖ୍ୟ କୋଚ୍ ଦାୟିତ୍ୱ ନେବାପରେ ଦଳ ୨୦୨୩ରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସିଜନରେ ଡବ୍ଲ୍ୟୁପିଏଲ୍‌ର ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିଲା। ଦଳ କେବଳ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାଜିତ ହୋଇଥିଲା। ୨୦୨୪ରେ ୮ଟି ମ୍ୟାଚରୁ ୩ ବିଜୟ ସହ ଦଳ ୪ର୍ଥ ସ୍ଥାନରେ ରହିଥିଲା। ୟୁପି ୱାରିଅର୍ଜ ଲିୱିସଙ୍କ ତତ୍ତ୍ୱାବଧାନରେ ୩ଟି ସିଜନରେ ୨୫ଟି ମ୍ୟାଚ ଖେଳି ୯ଟିରେ ବିଜୟ ଲାଭ କରିଥିଲା। ୟୁପି ୱାରିଅର୍ଜର ମୁଖ୍ୟ କୋଚ୍ ବ୍ୟତୀତ ଲୁଇସ୍ ୨୦୨୨ ନଭେମ୍ବରରୁ ଇଂଲଣ୍ଡ ମହିଳା ଦଳର କୋଚ୍ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ଚଳିତବର୍ଷ ମାର୍ଚ୍ଚରେ ତାଙ୍କ ପଦବୀରୁ ଓହରି ଯାଇଥିଲେ। ଲୁଇସ ତାଙ୍କ କ୍ରିକେଟ କ୍ୟାରିୟରରେ ଗ୍ଲୋସେଷ୍ଟରଶାୟାର, ସରେ ଓ ସସେକ୍ସ ପାଇଁ କାଉଣ୍ଟି କ୍ରିକେଟ ଖେଳିଥିବା ବେଳେ ଇଂଲଣ୍ଡ ତରଫରୁ ଗୋଟିଏ ଟେଷ୍ଟ, ୧୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇଟି ଅନ୍ତର୍ଜାତୀୟ ଟି୨୦ ଖେଳିଥିଲେ।









Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୨୮/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 28/2025 Page 20 ₹ 7.00 | SAMBALPUR
୫୧ଶ ଭାଗ ୨୧୩ ସଂଖ୍ୟା VOLUME 51 ISSUE 213 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul

# ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର: ୩ ଗିରଫ



ମୋନୋଜିତ୍ ମିଶ୍ରା

- ବିବାହ ପାଇଁ ମନା କରିବାରୁ ବର୍ବରତା
- ମୁଖ୍ୟ ଅଭିଯୁକ୍ତ ଟିଏମ୍‌ସି ଛାତ୍ର ଶାଖାର
- ମମତାଙ୍କୁ ଭାଜପା, ବାମପନ୍ଥୀଙ୍କ ଟାର୍ଗେଟ

**କୋଲକାତା,୨୭।୬**

କୋଲକାତାରେ ଜଣେ ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଏହି ଘଟଣାରେ ଆଇନ କଲେଜର ଜଣେ ପୂର୍ବତନ ଛାତ୍ରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ୪ ଦିନିଆ ରିମାଣ୍ଡରେ ନେଇଥିବା ଶୁକ୍ରବାର ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ହୋଇଥିବାରୁ ଏହି ମାମଲାକୁ ନେଇ ରାଜନୀତି ସରଗରମ ହୋଇଛି।

ଗତବର୍ଷ ଅଗଷ୍ଟରେ କୋଲକତାସ୍ଥିତ ଆର୍.ଜି. କର ମେଡିକାଲ କଲେଜରେ ଜଣେ ଇନ୍‌ଟର୍ନଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ଘଟଣାର ସ୍ମୃତି ମନରୁ ନ ଲିଭୁଣୁ ସାଉଥ୍ କାଲକାଟା ଲ' କଲେଜରେ ଗତ ବୁଧବାର ଆଉ ଏକ ଗଣବଳାତ୍କାର ଘଟଣା ଘଟିଛି। ୩୧ ବର୍ଷୀୟ ମୁଖ୍ୟ ଅଭିଯୁକ୍ତ ମୋନୋଜିତ୍ ମିଶ୍ରା ୨୪ ବର୍ଷୀୟା ଛାତ୍ରୀ ଜଣଙ୍କୁ ବିବାହ କରିବାକୁ ଚାପ ପକାଉଥିଲେ। ଛାତ୍ରୀ ପୂର୍ବରୁ ଜଣଙ୍କ ସମ୍ପର୍କରେ ଥିବା କହି ବିବାହ କରିବାକୁ ମନା କରିଦେଇଥିଲେ। ତେଣୁ ମୋନୋଜିତ୍ ତାଙ୍କୁ ବଳାତ୍କାର କରିବାକୁ ଯୋଜନା ଚଳାଇଥିଲେ। ବୁଧବାର ଅପରାହ୍ନ ୪ଟାରେ ଛାତ୍ରୀ କୌଣସି କାମରେ ଲ' କଲେଜକୁ ଯାଇଥିଲେ। ମୋନୋଜିତ୍ ତାଙ୍କୁ ସେଠାରେ ଅଟକାଇ ରଖି ପ୍ରଥମେ ଯୌନ ସମ୍ବନ୍ଧ ରଖିବାକୁ କହିଥିଲେ। ସେ ବିରୋଧ କରିବାରୁ ସନ୍ଧ୍ୟା ୭ଟା ୩୦ରେ ମୋନୋଜିତ୍ ଓ ଅନ୍ୟ ୨ ଜଣ ଛାତ୍ର ସମ୍ପୃକ୍ତ ଛାତ୍ରୀଙ୍କୁ କଲେଜର ଗାର୍ଡ ରୁମ୍‌କୁ ନେଇ ଗଣବଳାତ୍କାର କରିଥିଲେ। ରାତି ୧୦ଟା ୫୦ ମିନିଟ୍ ପର୍ଯ୍ୟନ୍ତ ଥମି ନ ଥିଲା ସେମାନଙ୍କ ବର୍ବରତା। ଥାନାରେ ଛାତ୍ରୀ ଜଣକ ଦେଇଥିବା ଏତଲା ଅନୁସାରେ ବଳାତ୍କାର ନ କରିବାକୁ ସେ ଅଭିଯୁକ୍ତମାନଙ୍କ ଗୋଡ଼ ଧରି ନେହୁରା ହୋଇଥିଲେ। କିନ୍ତୁ ସେମାନେ ତାଙ୍କ କଥା ଆଦୌ ଶୁଣି ନ ଥିଲେ। ସେମାନେ ପୀଡ଼ିତାଙ୍କୁ ବଳାତ୍କାର କରିବା ପୂର୍ବରୁ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏପରି କି ସେଠାରେ ମୁତୟନ ହୋଇଥିବା ସୁରକ୍ଷା କର୍ମୀ ମଧ୍ୟ ସେମାନଙ୍କ ଭୟରେ ପୀଡ଼ିତାଙ୍କୁ ସାହାଯ୍ୟ କରିପାରି ନ ଥିଲେ। ବଳାତ୍କାର ସମୟରେ ସେମାନେ ମୋବାଇଲରେ ସେହି ଦୃଶ୍ୟର ଭିଡିଓ ଶୁଟିଂ କରିଥିଲେ ଏବଂ ତାଙ୍କ ମୁହଁ ବନ୍ଦ ପାଇଁ ବ୍ଲାକ୍‌ମେଲିଂ କରିଥିଲେ। ବଳାତ୍କାର ଶିକାର ହେବା ପରେ ସେମାନେ ଛାତ୍ରୀଙ୍କୁ ହକି ଷ୍ଟିକ୍‌ରେ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ କାହାକୁ କିଛି କହିଲେ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଗୁରୁବାର ମାମଲା ରୁଜୁ ପରେ କସ୍‌ବା ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ମୋନୋଜିତ୍ ମିଶ୍ରା ଓ ଅନ୍ୟ ୨ ଜଣଙ୍କୁ ଗିରଫ କରିଛି। ମୋନୋଜିତ୍ ଉକ୍ତ କଲେଜର ଜଣେ ପୂର୍ବତନ ଛାତ୍ର। ସେ ଟିଏମ୍‌ସି ଛାତ୍ର ପରିଷଦ ଦକ୍ଷିଣ କୋଲକାତା ଜିଲା ୟୁନିଟ୍‌ର ସାଧାରଣ ସମ୍ପାଦକ। ମୋନୋଜିତ୍ ସେସନ୍ସ କୋର୍ଟରେ ଓକିଲାତି କରିବା ସହ ଉକ୍ତ କଲେଜରେ ଅସ୍ଥାୟୀ ଭାବେ ନିଯୁକ୍ତି ମଧ୍ୟ ପାଇଥିଲେ। ଅନ୍ୟ ୨ ଅଭିଯୁକ୍ତ ହେଲେ ଉକ୍ତ କଲେଜର ୧୯ ବର୍ଷୀୟ ଛାତ୍ର ଜଇବ ଅହମଦ ଏବଂ ୨୦ ବର୍ଷୀୟ ପ୍ରମିତ୍ ମୁଖାର୍ଜୀ। ଇତିମଧ୍ୟରେ ପୋଲିସ ଓ ଫୋରେନ୍ସିକ୍ ବିଶେଷଜ୍ଞମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତମାନଙ୍କ ୩ ମୋବାଇଲ ଫୋନ୍‌କୁ ଜବତକରି ଫୋରେନ୍ସିକ୍ ଟେଷ୍ଟ ପାଇଁ ପଠାଯାଇଛି।

ଅନ୍ୟପକ୍ଷେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ସାମ୍ନାକୁ ଆସିବା ପରେ ଭାଜପା ଓ ବାମପନ୍ଥୀ ଦଳ ଶାସକ ଟିଏମ୍‌ସିକୁ ଟାର୍ଗେଟ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କ ପୁତୁରା ତଥା ଦଳର ଦ୍ୱିତୀୟ ନେତା ଅଭିଷେକ ବାନାର୍ଜୀଙ୍କ ସହ ମୋନୋଜିତ୍‌ଙ୍କ ଫଟୋକୁ ଭାଜପା ପକ୍ଷରୁ ଶେୟାର କରାଯାଇଛି। ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ଓ ଜାତୀୟ ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଆର୍.ଜି. କର ମାମଲା ସହ ସଦ୍ୟ ଘଟଣାର ଅବତାରଣା କରି ମମତାଙ୍କୁ ସମାଲୋଚନା କରିଛନ୍ତି। ଟିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ମୋନୋଜିତ୍‌ଙ୍କୁ ଦଣ୍ଡିତ କରିବାରେ ଆଇନ ନିଜ କାର୍ଯ୍ୟ କରିବ। ଏହି ଘଟଣାକୁ ନେଇ ବାମପନ୍ଥୀ ଛାତ୍ର ସଂଘ ଏସ୍‌ଏଫ୍‌ଆଇ ଏବଂ ଡିୱାଇଏଫ୍‌ଆଇ ପକ୍ଷରୁ କସ୍‌ବା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ ସହ ସଂଘର୍ଷ ହୋଇଛି। ସଂଘର୍ଷରେ ଅନେକ ବିକ୍ଷୋଭକାରୀ ଆହତ ହୋଇଛନ୍ତି। ଅନେକଙ୍କୁ ସିଟି ପୋଲିସର ଲାଲବଜାର ମୁଖ୍ୟାଳୟରେ ଅଟକ ରଖାଯାଇଛି।









# ସୁଭଦ୍ରା କ୍ଷେତ୍ରରେ ନିଆରା ପରମ୍ପରା


ଗଡ଼କୁଜଙ୍ଗ ସୁଭଦ୍ରା କ୍ଷେତ୍ର

ତତ୍କାଳୀନ କୁଜଙ୍ଗ ରାଜ୍ୟର କୁଜଙ୍ଗଗଡ଼ ବର୍ତ୍ତମାନ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗ, ସୁଭଦ୍ରା କ୍ଷେତ୍ର ନାମରେ ପରିଚିତ। ଏଠାରେ ଶ୍ରୀଗୁଣ୍ଡିଚା ପରଦିନ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାକୁ ବାସି ରଥ କୁହାଯାଏ, ଯାହାକି ଏକ ନିଆରା ପରମ୍ପରା। ଶ୍ରୀକ୍ଷେତ୍ର ସହିତ ଏହି କ୍ଷେତ୍ରର ଆବେଗିକ ସମ୍ପର୍କ ରହିଛି। କିମ୍ବଦନ୍ତୀ କୁହେ, ୧୫୬୮ ମସିହାରେ କଳାପାହାଡ଼ ଶ୍ରୀମନ୍ଦିର ଉପରେ ଆକ୍ରମଣ କରି କିଛି ଅଂଶ ଭାଙ୍ଗି ଚୂରମାର କରିବା ସାଙ୍ଗକୁ ମନ୍ଦିର ମଧ୍ୟରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହକୁ ଆଣି ବଡ଼ଦାଣ୍ଡରେ କଚାଡ଼ିଥିଲେ। ତା'ପରେ ଚର୍ମ ଦଉଡ଼ିରେ ବାନ୍ଧି ହାତୀପିଠିରେ ନେଇ କଲିକତା ଗଙ୍ଗାନଦୀ କୂଳରେ ତାଙ୍କ ଦେହରେ ଅଗ୍ନି ସଂଯୋଗ କରିଦେଇଥିଲେ। ବିଗ୍ରହମାନେ ହୁତୁ ହୁତୁ ହୋଇ ଜଳିବା ପରେ କଳାପାହାଡ଼ ଅସୁସ୍ଥ ହୋଇ ପଡ଼ିଲେ। ଲୋକ କଥା ଅନୁସାରେ ସେଠାରେ କଳାପାହାଡ଼ର ପୁଅ ତାଙ୍କୁ କହିଥିଲେ, ତୁମେ ହିନ୍ଦୁଙ୍କ ଆଲ୍ଲାଙ୍କୁ ଆଣି ପୋଡ଼ିଛ। ତୁମକୁ ରକ୍ଷା ନାହିଁ। ଫଳରେ ତିନି ଅର୍ଦ୍ଧଦଗ୍ଧ ବିଗ୍ରହକୁ କଳାପାହାଡ଼ ଗଙ୍ଗାନଦୀରେ ଫିଙ୍ଗି ଦେଇଥିଲେ। ସେଠାରେ ବିଶର ମହାନ୍ତି ନାମକ ଜନୈକ ବ୍ୟକ୍ତି ଯାହାଙ୍କ ପ୍ରକୃତ ପରିଚୟ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ (କେହି କେହି ତାଙ୍କୁ ବୈଷ୍ଣବ, କବିରାଜ କୁହନ୍ତି ତ କେହି କେହି ତାଙ୍କୁ ଯାଜପୁର ବା ବାଲେଶ୍ୱର ଲୋକ ବା କେହି ଖିଦିରପୁର ବନ୍ଦର ଡକ୍ ଶ୍ରମିକ କୁହନ୍ତି), ସେ ଅର୍ଦ୍ଧଦଗ୍ଧ ବିଗ୍ରହମାନଙ୍କ ଭାସମାନ ଅବସ୍ଥାକୁ ଲକ୍ଷ୍ୟ କରି ପିଛା କରିଥିଲେ। ବିଗ୍ରହମାନେ ଯେତେବେଳେ କୂଳରେ ଲାଗିଲେ, ବିଶର ମହାନ୍ତି ସେମାନଙ୍କୁ ଆଣି ସେମାନଙ୍କଠାରୁ ବ୍ରହ୍ମମଣି ସଂଗ୍ରହ କରି ତାକୁ ମୃଦଙ୍ଗ ଭିତରେ ରଖିଲେ। ତା'ପରେ ବଙ୍ଗୋପସାଗର କୂଳେ କୂଳେ କୀର୍ତ୍ତନ କରି କରି ଘଞ୍ଚ ଜଙ୍ଗଲଘେରା କୁଜଙ୍ଗଗଡ଼ ବା ଏବର ଗଡ଼କୁଜଙ୍ଗରେ ପହଞ୍ଚିଥିଲେ। ସେଠାରେ ମହାପ୍ରଭୁ ଜଗନ୍ନାଥ ବିଶର ମହାନ୍ତିଙ୍କୁ ସ୍ୱପ୍ନାଦେଶ କଲେ, ତାଙ୍କର ଯେହେତୁ କଳେବର ନଷ୍ଟ ହୋଇଯାଇଛି, ସେମାନଙ୍କୁ ଅନ୍ୟ କେଉଁଠିକୁ ନ ନେଇ ସେଠାରେ ପର୍ଣ୍ଣକୁଟୀର କରି ରଖି ପୂଜାର୍ଚ୍ଚନା କରିବାକୁ। ସେହି ଦିନଠାରୁ ୧୫୭୫ ମସିହା ପର୍ଯ୍ୟନ୍ତ ସେଠାରେ ପୂଜା ପାଇଥିଲେ। କଳାପାହାଡ଼ ଦ୍ୱାରା ଭଙ୍ଗା ଯାଇଥିବା ଶ୍ରୀମନ୍ଦିର ୧୫୭୫ ମସିହାରେ ମରାମତି ପରେ ତତ୍କାଳୀନ ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ ଚିନ୍ତା କଲେ ବଡ଼ଦେଉଳରେ ତ ବିଗ୍ରହ ନାହାନ୍ତି, ପୂଜା ପାଇବେ କିଏ ? ଶୁଣିବାକୁ ମିଳେ, ଦ୍ୱିତୀୟ ରାମଚନ୍ଦ୍ର ଦେବ ଶ୍ରୀମନ୍ଦିର ଭିତରେ ଅଧିଆ ପଡ଼ିଥିଲେ। ପ୍ରଭୁ ସ୍ୱପ୍ନାଦେଶ କଲେ ଯେ, ସେ ଗଡ଼କୁଜଙ୍ଗରେ ଜଙ୍ଗଲ ମଧ୍ୟରେ ପର୍ଣ୍ଣକୁଟୀରରେ ପୂଜା ପାଉଛନ୍ତି। ଗଡ଼କୁଜଙ୍ଗ କେଉଁଠି ସେ ବିଷୟରେ ବିଚାରବିମର୍ଶ ପାଇଁ ରାଜା ପଞ୍ଚସଖାଙ୍କ ନିକଟରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ରାଜାଙ୍କୁ ବ୍ୟସ୍ତ ନ ହେବା ପାଇଁ କହି ସେମାନେ ଗଡ଼କୁଜଙ୍ଗ କେଉଁଠି ଯାଇ ଠାବ କରିବେ ବୋଲି କହିଥିଲେ। ସେମାନେ ପାଦରେ ଚାଲି ଚାଲି ଆସି ଆଧୁନିକ କୁଜଙ୍ଗ ତଥା ସେତେବେଳର ଅନନ୍ତପୁରରେ ପହଞ୍ଚିଥିଲେ। ଅନନ୍ତପୁରରୁ ଗଡ଼କୁଜଙ୍ଗ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ପାଞ୍ଚ କୋଶ ଦୂର। ସେଠାକୁ ଯିବା ସମ୍ଭବ ହୋଇନଥିଲା। ପଞ୍ଚସଖା ଏ ସମ୍ପର୍କରେ ରାଜାଙ୍କୁ ଜଣାଇଲେ। ପଦ୍ମନାଭ ପଟ୍ଟନାୟକ ନାମକ ବ୍ୟକ୍ତି ନଦୀପଥରେ ଆସି ଗଡ଼କୁଜଙ୍ଗରେ ପହଞ୍ଚି ତତ୍କାଳୀନ କୁଜଙ୍ଗ ରାଜାଙ୍କୁ ଡକାଇ ଠାକୁରଙ୍କୁ ଫେରାଇନେବା ନେଇ ଆଲୋଚନା କରିଥିଲେ। ରାଜା କହିଥିଲେ, ଠାକୁର ନିଜ ଇଚ୍ଛାରେ ଆସିଛନ୍ତି। ତେଣୁ ଶ୍ରୀମନ୍ଦିରକୁ ଜଗନ୍ନାଥ, ବଳଭଦ୍ରଙ୍କ ବ୍ରହ୍ମମଣି ଫେରିଯାଆନ୍ତୁ। କିନ୍ତୁ ମା' ସୁଭଦ୍ରାଙ୍କ ବ୍ରହ୍ମମଣିକୁ ଏଠାରେ ରଖାଯିବା ସହ ପୁରୀ ରଥଯାତ୍ରା ପରଦିନ ଏଠାରେ ରଥଯାତ୍ରା କରିବାକୁ ଅନୁରୋଧ କରିଥିଲେ। ସେହିଦିନଠାରୁ ପୁରୀ ରଥଯାତ୍ରା ପରଦିନ ଗଡ଼କୁଜଙ୍ଗରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ପରଦିନ ହେବାର କାରଣ ହେଉଛି ଭଉଣୀ ରଥଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଯୋଗ ଦେଇଥାନ୍ତି। ତେଣୁ ସୁଭଦ୍ରା କ୍ଷେତ୍ରର ରଥଯାତ୍ରାକୁ ବାସି ରଥ କୁହାଯାଏ। ଏଠାରେ ଗୋଟିଏ ରଥ ନିର୍ମାଣ କରାଯାଏ, ଯେଉଁଥିରେ ଦଧିବାମନ ରଥାରୂଢ଼ ହୁଅନ୍ତି। ଶ୍ରୀଗୁଣ୍ଡିଚା ଦିନ ସମସ୍ତ ରୀତିନୀତି, ନିୟମ ଅନୁସାରେ ସମ୍ପନ୍ନ କରାଯାଇ ରାତି ଦଶଟାରେ ଦଧିବାମନ ରଥାରୂଢ଼ ହୁଅନ୍ତି । ତା'ପରଦିନ ରଥ ଟଣା ହୁଏ।

**-ରିପୋର୍ଟ: ମନୋଜ ପ୍ରଧାନ, କୁଜଙ୍ଗ**

# ରୁପା ଖଡ଼ିକାରେ ଛେରା ପହଁରା କଲେ ମହାରାଜା

## ବାରିପଦା: ଆଜିଠୁ ଆରମ୍ଭ ରଥଟଣା

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ପହଣ୍ଡି ବିଜେ ହୋଇ ରଥାରୁଢ଼ ହୋଇଛନ୍ତି। ପରମ୍ପରା ଅନୁଯାୟୀ ପୁରୀ ରଥଯାତ୍ରାର ପରଦିନ ୨ ଦିନ ଧରି ବାରିପଦା ବଡ଼ଦାଣ୍ଡରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତଦନୁଯାୟୀ ଶନିବାର ଓ ରବିବାର ରଥଟଣା ହେବ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି ଲାଗି ରହିଥିଲା।

ସକାଳ ୯ଟା ୩୦ରୁ ୧୧ ମଧ୍ୟରେ ଅବକାଶ ପରେ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ପୂଜାପଣ୍ଡାଙ୍କ ଦ୍ୱାରା ମଙ୍ଗଳ ଆଳତୀ, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶଶେଷ, ଗୋପାଳ ବଲ୍ଲଭ ଓ ସକାଳ ଧୂପ ସରିଥିଲା। ଦିନ ୧୧ଟା ୩୦ରୁ ୧ଟା ୩୦ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନବ ଯୌବନ ବେଶ ଦର୍ଶନ ହୋଇଥିଲା। ପରେ ମା' ଅମ୍ବିକାଙ୍କ ମନ୍ଦିରରୁ ଦାସୀ ଆଜ୍ଞାମାଳ ନେଇ ଆସିବା ପରେ ପ୍ରଦକ୍ଷିଣ କରି କଳସ ଓ ରଥ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରାଯାଇଛି। ଚକାଛଡ଼ା ନୀତି ସମ୍ପନ୍ନ ହେବା ପରେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ୩ ରଥରେ ରୁପା ଖଡ଼ିକାରେ ଛେରା ପହଁରା କରିଥିଲେ। ଅପରାହ୍ନ ୫ଟାରେ ନାଗରା ବାଜିବା ପରେ ମନ୍ଦିର ପରିଛା ଆଜ୍ଞାମାଳ ଓ କୁଣ୍ଡରେ ସୁବାସିତ ଚନ୍ଦନ ଜଳ ସିଂଚନ କରିଥିଲେ। ତିନି ଦିଅଁଙ୍କୁ ଗୋଟି ପହଣ୍ଡି ହୋଇ ରଥାରୁଢ ହୋଇଥିଲେ। ପ୍ରଥମେ ମହାବାହୁ ବଳଭଦ୍ରଙ୍କୁ ପହଣ୍ଡିଆମାନେ ପହଣ୍ଡି ବିଜେ କରିଥିଲେ। ପୂଜା ନୀତିରେ ଠାକୁରଙ୍କୁ ଛେନା ଓ ମିଠାଇ ଲାଗି କରିବା ପରେ କର୍ପୁର ଆରତୀ କରାଯାଇ ମହାପ୍ରଭୁଙ୍କୁ ରଥାରୁଢ଼ କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁରଙ୍କ ପହଣ୍ଡି ହୋଇଥିଲା। ଦେବୀ ସୁଭଦ୍ରାଙ୍କୁ ପହଣ୍ଡିଆମାନେ ଝୁଲାଇ ଝୁଲାଇ ପହଣ୍ଡି କରିଥିବା ବେଳେ ଜଣେ ପହଣ୍ଡିଆ ସୁଦର୍ଶନଙ୍କୁ କାନ୍ଧରେ ବସାଇ ପହଣ୍ଡି ସାଙ୍ଗରେ ଆସିଥିଲେ। ଶେଷରେ ମହାପ୍ରଭୁ ଜଗନ୍ନାଥ ପହଣ୍ଡି ବିଜେ କରି ରଥାରୁଢ଼ କରାଯାଇଥିଲା। ମହାପ୍ରଭୁଙ୍କୁ ସନ୍ଧ୍ୟା ଆରତୀ ଦର୍ଶନ ଓ ତୁଳସୀ ସେବନ ପରେ ସମସ୍ତ ରୀତିକାନ୍ତି ଶେଷ ହୋଇଥିଲା। ଶନିବାର ଅପରାହ୍ନ ୨ଟା ୩୦ମିନିଟରୁ ୫ଟା ୩୦ ପର୍ଯ୍ୟନ୍ତ ରଥଟଣା ହେବା ନେଇ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏସ୍‌ପି ଏସ.ସୁଶ୍ରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲ। ଦେବୋତ୍ତର ବିଭାଗର ଅଧିକାରୀ ଡ.ଦୟାସିନ୍ଧୁ ପରିଡ଼ା ତଥା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରୁଛନ୍ତି।


ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ରୁପା ଖଡ଼ିକାରେ ଛେରା ପହଁରା କରୁଛନ୍ତି।

**-ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା**

# ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି

## ନୀଳଗିରି ୨ ଦିନ ଘୋଷଯାତ୍ରା


ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଉଛି।

ବାଲେଶ୍ୱର ଜିଲା ନୀଳଗିରିରେ ଶୁକ୍ରବାର ରଥଦାଣ୍ଡରେ ଭକ୍ତ ଭଗବାନଙ୍କ ମହାମିଳନ ପର୍ବ ଆରମ୍ଭ ହୋଇଛି। ପହଣ୍ଡି ପରେ ରଥାରୂଢ ହୋଇଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଅପରାହ୍ନ ୫ଟାରେ ସମସ୍ତ ନୀତିକ୍ରାନ୍ତି ପରେ ପଣ୍ଡା ପଢ଼ିଆରୀମାନେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଣସର ଚକାରୁ ପହଣ୍ଡିରେ ଆଣଇ ରଥରେ ବିଜେ କରାଇଥିଲେ। ପରେ ରାମକୃଷ୍ଣ ମୋଦନ ମୋହନ ଆସିଥିଲେ। ଏହି ସମୟରେ ନାମ ସଂକୀର୍ତ୍ତନ, ଜୟ ଜଗନ୍ନାଥ ତାଳରେ ଘଣ୍ଟୁଆ ଘଣ୍ଟ ବଜାଇବା ସହିତ କାହାଳି, ଛତ୍ର, ଆଳଟ, ତ୍ରାସ ଓ ଆଗେ ଗୋଟିପୁଅ ନୃତ୍ୟ ତଥା ଉପସ୍ଥିତ ଜନତାଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ପରିବେଶ ପ୍ରକମ୍ପିତ ହୋଇଥିଲା। ପରମ୍ପରା ଅନୁସାରେ ନୀଳଗିରି ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ଛେରାପହଁରା କରିଥିଲେ। ଏହି ପହଣ୍ଡି ଯାତ୍ରାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଏସ୍‌ପି ରାଜ ପ୍ରସାଦ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ତହସିଲଦାର ସୋନମ୍ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ମଲିକ, ବିଡିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ନୀଳଗିରି ରଥଯାତ୍ରା ପୁରୀ ଶ୍ରୀମନ୍ଦିର ଭଳି ନୀତିକାନ୍ତି ଅନୁସାରେ ପାଳିତ ହୋଇଆସୁଛି। ମାତ୍ର ପୁରୀରେ ଗୋଟିଏ ଦିନରେ ମହାପ୍ରଭୁଙ୍କ ପହଣ୍ଡି ଓ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିର ପହଞ୍ଚିଥିବା ବେଳେ ନୀଳଗିରିରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପାଇଁ ତିନି ଦିନ ଧରି ରଥଯାତ୍ରା ପାଳନ କରାଯିବାର ପରମ୍ପରା ରହିଛି।

**-ରିପୋର୍ଟ: ପ୍ରଶାନ୍ତ ବିଶ୍ୱାଳ, ନୀଳଗିରି**

# ରଙ୍ଗନାଥ ଦେବ, ଚରଣ ଚକାଦେବଙ୍କ ଘୋଷଯାତ୍ରା

ବାଣପୁରରେ ଶ୍ରୀରଙ୍ଗନାଥ ଦେବ ଏବଂ ଚରଣ ଚକାଦେବଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଙ୍ଗନାଥ ଦେବଙ୍କ ପୀଠରେ ଠାକୁରଙ୍କୁ ଗୋଟି ପହଣ୍ଡିରେ ଆଣି ରଥାରୂଢ କରାଯାଇଥିଲା। ପାରିକୁଦ ରାଜା ସନ୍ତୋଷ କୁମାର ମର୍ଦ୍ଦରାଜ ମାନସିଂହ ଛେରାପହଁରା କରିଥିଲେ। ପରେ ରଥ ଟଣା ଆରମ୍ଭ ହୋଇଥିଲା। ମା' ସୁଭଦ୍ରାଙ୍କ ରଥକୁ ମହିଳା ଓ ଯୁବତୀମାନେ ଟାଣିଥିଲେ। ପଲଟଣ ପଡ଼ିଆ ନିକଟ ଶ୍ରୀଚରଣ ଚକାଦେବଙ୍କ ରଥଯାତ୍ରାରେ ଭାଟପଡ଼ା ଦଳବେହେରା ମାନବେନ୍ଦ୍ର ମହାରଥା ଛେରାପହଁରା କରିଥିଲେ। ରଙ୍ଗନାଥଙ୍କ ରଥଯାତ୍ରାରେ ତିନୋଟି ରଥ ହେଉଥିବା ବେଳେ ଚରଣ ଚକାଦେବଙ୍କ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରଥରେ ଯାତ୍ରା କରିଥିଲେ।

**-ରିପୋର୍ଟ:ଦିଲୀପ କୁମାର ସ୍ୱାଇଁ, ବାଣପୁର**












# ଚିଲିକାରେ ଘୋଷଯାତ୍ରା


ଲୀଳାକ୍ଷେତ୍ର ନଈରୀଠାରେ ଠାକୁରଙ୍କ ପହଣ୍ଡିବେଳେ ନୃତ୍ୟ ପ୍ରଦର୍ଶନ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନ୍ୟତମ ଲୀଳାକ୍ଷେତ୍ର ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ନଈରୀ ଗ୍ରାମଠାରୁ ଅନତିଦୂର ତଥା ଚିଲିକାରେ ଅବସ୍ଥିତ କାଙ୍କଣଶିଖରୀ ପୀଠରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ, ତିନି ଠାକୁରଙ୍କୁ ଚିଲିକା ହ୍ରଦରେ ସ୍ୱତନ୍ତ୍ର ଭାବେ ଡଙ୍ଗାରେ ପ୍ରସ୍ତୁତ ହୋଇଥିବା ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା। ଏହା ପରେ କାଙ୍କଣଶିଖରୀ ଜଗନ୍ନାଥ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ହାଡୁବନ୍ଧୁ ପଟ୍ଟନାୟକ ରଥରେ ଛେରାପହଁରା କରିଥିଲେ। ପରେ ଚିଲିକା ଜଳରାଶିରେ ଠାକୁରଙ୍କୁ ପରିକ୍ରମା କରାଯାଇ ରଥଯାତ୍ରା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଘଣ୍ଟ କାହାଳି ଶବ୍ଦରେ ଉତ୍ସବସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ପୀଠକୁ ଯାତାୟାତ ପାଇଁ ଶ୍ରଦ୍ଧାଳୁଙ୍କ ନିମନ୍ତେ ବୋଟ୍ ଆସୋସିଏଶନ ଏବଂ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଡଙ୍ଗାର ବ୍ୟବସ୍ଥା କରାଯାଇଥିଲା। ଏସ୍‌ପି ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଏବଂ ଅଞ୍ଚଳବାସୀ ପରିଚାଳନା କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ୧୭୩୧ ମସିହାରେ ମୋଗଲ ସାମ୍ରାଜ୍ୟ ରାଜୁତି କାଳରେ ପୁରୀ ଶ୍ରୀମନ୍ଦିର ଉପରେ ତକି ଖାଁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ମହାପ୍ରଭୁଙ୍କୁ ଲୁକ୍କାୟିତଭାବେ ଦେଉଳରୁ ନେଇ ଚିଲିକା ହ୍ରଦ ମଧ୍ୟରେ ଥିବା ଏହି କାଙ୍କଣଶିଖରୀ ପୀଠରେ ରଖାଯାଇଥିଲା। ଠାକୁରଙ୍କ ରହଣିକାଳରେ ଉକ୍ତ ଟାପୁରେ ଫଳୁଥିବା କାଙ୍କଣ ମହାପ୍ରଭୁଙ୍କୁ ଲାଗି କରାଯାଉଥିଲା। ସେହିଦିନଠାରୁ ଏହି ସ୍ଥାନ କାଙ୍କଣଶିଖରୀ ଭାବେ ନାମିତ ହୋଇଛି।

**-ରିପୋର୍ଟ: ସଂଗ୍ରାମ ପାଇକରାୟ,ବାଲୁଗାଁ**







## ସଂକ୍ଷେପରେ

### ମହିଳା ଟାଣିଲେ ଦେବଦଳନ ରଥ

ସିନାପାଲି,୨୭।୬ (ମନଫୁଲ ମେହେର): ଶୁକ୍ରବାର ସକାଳୁ ରୀତିନୀତି ଅନୁଯାୟୀ ସିନାପାଲି ଜଗନ୍ନାଥ ମନ୍ଦିରରେ ପୂଜାପାଠ ପରେ ଅପରାହ୍ନରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ହୋଇଥିଲା। ଡ. ବିକାଶ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହଁରା କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ଏଠିକାର ପରମ୍ପରା ଅନୁସାରେ ମା’ ସୁଭଦ୍ରାଙ୍କ ଦେବଦଳନ ରଥକୁ ଟାଣିବାକୁ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ପୁରୀ ଗଜପତିଙ୍କ ଦ୍ୱାରା ସିନାପାଲିରେ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରଠାରୁ ଏଠାରେ ତିନୋଟି ରଥ ଟଣା ହୋଇଆସୁଛି। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର କମିଟି ଓ ସ୍ୱେଚ୍ଛାସେବୀଙ୍କ ତରଫରୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଆଦି ବ୍ୟବସ୍ଥା କରାଯାଇଥିଲା।

### ଦୁର୍ଘଟଣାର ହବ୍ ପାଲଟିଛି ନର୍ଲା ଚିପୁଲ ଯୋର ବୁଲାଣି

ପଲମ, ୨୭।୬ (ଭିକାରି ଗଉଡ଼): କଳାହାଣ୍ଡି ଜିଲା ନର୍ଲା ବ୍ଲକର ଚିପୁଲ ଯୋର ବୁଲାଣି ଦୁର୍ଘଟଣାର ହବ୍ ପାଲଟିଛି। ଭବାନୀପାଟଣାଠାରୁ ନର୍ଲା ପ୍ରବେଶ ପଥରେ ରହିଛି ଚିପୁଲ ଯୋର ବୁଲାଣି। ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳ ହୋଇଥିବାରୁ ଏଠାରେ ଦୁର୍ଘଟଣା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଗତ ନଭେମ୍ବରରେ ୪ ଦୁର୍ଘଟଣା ଘଟିଥିବା ବେଳେ ଫେବୃଆରୀ ଓ ମାର୍ଚ୍ଚରେ ଦୁଇଗୋଟି ସଂଘଟିତ ହୋଇଥିଲା। ଗତ ୫ବର୍ଷ ମଧ୍ୟରେ ଏଠାରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଛି। ଏଥିରେ ଅନେକ ଧନଜୀବନ ମଧ୍ୟ ଯାଇଛି। ଏବେ ଛତିକୁଡାରୁ ନର୍ଲା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାମ ଚାଲିଛି। ଏଣୁ ଦୁର୍ଘଟଣା ପ୍ରତିହତ କରିବା ପାଇଁ ଚିପୁଲ ଯୋର ଦୁଇ ପାଖରେ ଲମ୍ବା ସ୍ପିଡ୍ ବ୍ରେକର କିମ୍ବା ସ୍ପିଡ୍ ଟ୍ରାକ୍ର କ୍ୟାମେରା ଲଗାଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

### ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା

ଖଡ଼ିଆଳ,୨୭।୬ (ସୁଜିତ କୁମାର ପ୍ରଧାନ): ନାରୀ ନିର୍ଯାତନା ବିରୋଧରେ ବୁଧବାର ନୂଆପଡ଼ା ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ବିଜୁ ଛାତ୍ର ଜନତା ଦଳର ଶତାଧିକ କର୍ମୀ ସହ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହାସହ ରାଜ୍ୟରେ ବଢୁଥିବା ମହିଳା ନିର୍ଯାତନା ଓ ଗୋପାଳପୁର ଛାତ୍ରୀ ଗଣ ବଳାତ୍କାର ଘଟଣାର ନିନ୍ଦା କରିଥିଲେ। ଏହାକୁ ରୋକିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଆନ୍ଦୋଳନରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ବରିଷ୍ଠ ନେତା ଲମ୍ବୋଦର ନିଆଳ, ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ଅଭିଷେକ ଜଗତ, ଯୁବ ନେତା ଟିଟୁ ପାଣ୍ଡେଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ। ପରେ ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

### ମତ୍ସ୍ୟ ବିଭାଗ କାର୍ଯ୍ୟ ଉପରେ ସମୀକ୍ଷା

ନୂଆପଡ଼ା,୨୭।୬ (ମକାରୁ ବେମାଲ): ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମତ୍ସ୍ୟ ବିଭାଗ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମତ୍ସ୍ୟ ବିଭାଗ ତରଫରୁ ଚାଲିଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ମତ୍ସ୍ୟ ପୋଖରୀ ଯୋଜନାରେ ୧୦୮ ହେକ୍ଟର ଅଞ୍ଚଳରେ ପୋଖରୀ ଖନନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୪.୨୦ ହେକ୍ଟର କ୍ଷେତ୍ରରେ ପୋଖରୀ ଖନନ ହୋଇସାରିଥିବାବେଳେ ୪୫ ହେକ୍ଟର କ୍ଷେତ୍ର ପୁରୁଣା ପୋଖରୀରେ ମାଛ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୯୪ ଏକର କ୍ଷେତ୍ର ପୋଖରୀରେ ଯାଆଁଳ ଛାଡି ମତ୍ସ୍ୟ ଉତ୍ପାଦନ କରିବାକୁ ସରକାରଙ୍କ ଅନୁମୋଦନ ରହିଛି। ସେହିପରି ୧୨୦ ବାୟୋଫ୍ଲକ୍ସ କୁଣ୍ଡରେ ମାଛ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ୪୦ ହେକ୍ଟର କ୍ଷେତ୍ର ଗ୍ରାମପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛଚାଷ ପାଇଁ ସୁଯୋଗ ଦିଆଯିବ। ଜିଲାରେ ମତ୍ସ୍ୟ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିବାରୁ ଏହାର ସଦୁପଯୋଗ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

# ରଥାରୂଢ଼ ବିଗ୍ରହଙ୍କୁ ଦର୍ଶନ କରି ଭକ୍ତ ବିହ୍ୱଳ

- କଳାହାଣ୍ଡିରେ ମହାପ୍ରଭୁଙ୍କ ରଥଯାତ୍ରା
- ୪୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ)



ଭବାନୀପାଟଣାଠାରେ ରଥକୁ ଟାଣିନେଉଛନ୍ତି ଶ୍ରଦ୍ଧାଳୁ।

କଳାହାଣ୍ଡି ଜିଲାର ମୁଖ୍ୟାଳୟ ଭବାନୀପାଟଣା ସହର ସମେତ ବିଭିନ୍ନ ସ୍ଥାନରେ ଶୁକ୍ରବାର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ସମାରୋହରେ ପାଳିତ ହୋଇଯାଇଛି। ଭବାନୀପାଟଣା ଜଗନ୍ନାଥ ମନ୍ଦିର, ବାଲାଜୀ ମନ୍ଦିର, ଇରିଗେଶନ କଲୋନି, ପୁରୁଣାପଡା ସମେତ ସହର ବାହାରେ ଥିବା ଯୁଗସାଇପାଟଣା ଓ ଦେପୁର ଅଞ୍ଚଳରେ ଅନୁଷ୍ଠିତ ରଥଯାତ୍ରାରେ ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜଗନ୍ନାଥ ମନ୍ଦିରରେ ମଧ୍ୟାହ୍ନ ଭୋଗ ପରେ ଶ୍ରୀ ଜୀଉମାନଙ୍କୁ ସେନାପଟା ଲାଗି ଓ ଟାହିଆ ବନ୍ଧା ଯାଇଥିଲା। ଅପରାହ୍ନ ସାଢ଼େ ୪ଟାରେ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ବଳଭଦ୍ର ମହାପ୍ରଭୁଙ୍କ ପାଟଦଉଡ଼ି ଧରି ପହଣ୍ଡି ବିଜେ ସମ୍ପାଦନ କରିଥିବା ବେଳେ ଯୁବରାଜ ଅଦ୍ୱୈତ ପ୍ରତାପ ଦେଓ ଜଗନ୍ନାଥ ମହାପ୍ରଭୁଙ୍କ ପାଟ ଦଉଡ଼ି ଧରି ପହଣ୍ଡି ବିଜେ ସମ୍ପାଦନ କରିଥିଲେ। ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଚାରିପଟେ ତିନିଥର ପରିକ୍ରମା କରିବା ପରେ ରଥାରୂଢ଼ କରାଯାଇଥିଲା। ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମହାରାଜା ନିଉଛାଳି ହେବା ପରେ ଆଳତି ବନ୍ଦାପନା କରିଥିଲେ। ପରେ ରଥରୁ ଚାରମାଳ ଫିଟାଯାଇ ଦଉଡ଼ି ବନ୍ଧା ଯାଇଥିଲା। ଅପରାହ୍ନ ୫ଟା ୨୫ରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟାରେ ରଥ ନିର୍ଦ୍ଧାରିତ ସ୍ଥାନ ମାଣିକେଶ୍ୱରୀ ମନ୍ଦିର ସାମ୍ନା ଛକରେ ପହଞ୍ଚିଥିଲେ। ବିଳମ୍ବିତ ରାତି ଯାଏ ରଥରୂଢ ବିଗ୍ରହଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ ବିହ୍ୱଳ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଶନିବାର ଅପରାହ୍ନ ୪ଟାରେ ରଥ ଉପରୁ ପହଣ୍ଡି କରି ଗୁଣ୍ଡିଚା ମନ୍ଦିର ନିଆଯିବାର କାର୍ଯ୍ୟକ୍ରମ ରହିଛି। ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରଥଯାତ୍ରାର ଧାରାବିବରଣୀ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଭାଷ୍ୟକାର ସତ୍ୟ ନାରାୟଣ ମହାପାତ୍ର, ଡ. ଉମେଶ ଚନ୍ଦ୍ର ଶତପଥୀ, ଡ. ତପନ ରଥ, ବିରଞ୍ଚି ମୁଣ୍ଡ, ସ୍ନେହଲତା ଷଡ଼ଙ୍ଗୀ ଓ ମିନତୀ ପ୍ରଧାନ ସାମିଲ ଥିଲେ। ବାହୁଡା ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ମାଉସୀ ମା’ ମନ୍ଦିରରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଜଗନ୍ନାଥ ଭଜନଧାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଜିଲାର ଲାଞ୍ଜିଗଡ଼, ଥୁଆମୂଳ ରାମପୁର, କର୍ଲାମୁଣ୍ଡା, କଳମପୁର ଆଦି ଅଞ୍ଚଳରେ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।

### ସିଆର୍‌ପିଏଫ୍ ପକ୍ଷରୁ ନିଆରା ଢଙ୍ଗରେ ରଥଯାତ୍ରା ପାଳନ

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସିଆର୍‌ପିଏଫ୍ ୭୪ ବାଟାଲିଅନ ମୁଖ୍ୟାଳୟରେ ନିଆରା ଢଙ୍ଗରେ ରଥଯାତ୍ରା ପାଳିତ ହୋଇଯାଇଛି। ଚଳିତ ବର୍ଷ ଏକ ସୁନ୍ଦର ରଥ ନିର୍ମାଣ କରି ପହଣ୍ଡି, ଛେରାପହଁରା ଭଳି ସମସ୍ତ ନିତିକାନ୍ତି ସହ ରଥଯାତ୍ରା ଆୟୋଜନ କରାଯାଇଛି। ଏଥିରେ ଜିଲା ପ୍ରଶାସନ ସମେତ ସହରର ବିଭିନ୍ନ ସାମାଜିକ ସଂଗଠନ, କଳାହାଣ୍ଡି ବ୍ରାହ୍ମଣ ସମାଜ, ବରିଷ୍ଠ ନାଗରିକ ସଂଘ, କଳାହାଣ୍ଡି ସିଟିଜେନ ଫୋରମ, ଦିବ୍ୟ ଜୀବନ ସଂଘ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ। ବ୍ରାହ୍ମଣ ସମାଜ କଳାହାଣ୍ଡିର ପ୍ରଜ୍ଞା ବାହିନୀ ମହିଳାମାନଙ୍କ ଦ୍ୱାରା ଦେବୀ ସୁଭଦ୍ରାଙ୍କ ପହଣ୍ଡି କରାଯାଇଥିଲା। ସିଆର୍‌ପିଏଫ୍ ମୁଖ୍ୟାଳୟରୁ ଜେଲ ଛକ ଓ ସେଠାରୁ ପୁଣି ସିଆର୍‌ପିଏଫ ମୁଖ୍ୟାଳୟ ପର୍ଯ୍ୟନ୍ତ ଯବାନ ଓ ଶ୍ରଦ୍ଧାଳୁମାନେ ରଥ ଟାଣି ନେଇଥିଲେ। ସିଆରପିଏଫ ୭୪ ବାଟାଲିଅନ ମୁଖ୍ୟାଳୟରେ ଏକ ଅସ୍ଥାୟୀ ମାଉସୀ ମା’ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ୯ଦିନ ଅବସ୍ଥାନ କଲାପରେ ଜୁଲାଇ ୫ରେ ବାହୁଡା ଯାତ୍ରା ଓ ପରଦିନ ରଥରେ ସୁନାବେଶ ଆୟୋଜନ କରାଯିବ ବୋଲି ସିଆର୍‌ପିଏଫ୍ କମାଣ୍ଡାଣ୍ଟ ସୂଚନା ଦେଇଛନ୍ତି। ନିଆରା ଢଙ୍ଗରେ ରଥଯାତ୍ରା ଆୟୋଜନକୁ ସମସ୍ତେ ପ୍ରଶଂସା କରିଥିଲେ।

# ୩୦ ସୁଦ୍ଧା ଧାନ ନ ଉଠିଲେ ଜୁଲାଇ ୧ରୁ ଆନ୍ଦୋଳନ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନୂଆପଡ଼ା,୨୭।୬ (ମକାରୁ ବେମାଲ)

ଆସନ୍ତା ୩୦ ତାରିଖ ସୁଦ୍ଧା ସବୁ ମଣ୍ଡିରୁ ଧାନ ଉଠାଣ ନ ହେଲେ ଜୁଲାଇ ୧ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ। ନୂଆପଡ଼ା ଏବିଟି ସମ୍ମିଳନୀ କକ୍ଷଠାରେ ଗୁରୁବାର ଜିଲା ବିଜୁ ଜନତା ଦଳ ଓ ପାକ୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଖରିଆର ରୋଡ୍ ପାକ୍ସ ତଥା ପାକ୍ସ ସଂଘର ଜିଲା ସଭାପତି ରାଜେଶ ନିଗମ ଏହି ସୂଚନା ଦେଇଛନ୍ତି। ଏହା ପରେ ଜିଲାପାଳ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ଭେଟି ମଣ୍ଡି ସମସ୍ୟା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ରଏତ ଆସନ୍ତା ୩୦ ତାରିଖ ଭିତରେ ମଣ୍ଡିରେ ପଡିଥିବା ସମସ୍ତ ଚାଷୀଙ୍କ ଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟଙ୍କୁ ପଚାରିବାରୁ ଚଳିତ ରବିଋତୁରେ ୭ ଲକ୍ଷ ୧୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। ୧୨ ହଜାର ୫ ଶହ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ସେଥିରୁ ୧୧ ହଜାର ୬ ଶହ ଚାଷୀଙ୍କ ୬ ଲକ୍ଷ ୭୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ବର୍ତ୍ତମାନ ୯ ଶହ ଚାଷୀଙ୍କ ୩୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ବାକି ରହିଛି ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଧରମବନ୍ଧା ପାକ୍ସ ସଭାପତି ଦିଲିମ ନିର୍ମଳକର, ବେଲଟୁକୁରୁ ପାକ୍ସ ସଭାପତି ରୁମେନ୍ଦ୍ର ଚନ୍ଦ୍ରକାର, ନୂଆପଡା ପାକ୍ସ ସଭାପତି ଦେବି ପ୍ରସାଦ ମିଶ୍ର, ଭୁଆଝର ପାକ୍ସ ସଭାପତି ଯୁବରାଜ ଜାଗତ, ବରଗାଁ ପାକ୍ସ ସଭାପତି ସତ୍ୟ ମୁଣ୍ଡ, ଡୁକଲା ପାକ୍ସ ସଭାପତି ନୀଳକଣ୍ଠ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ

ନୂଆପଡ଼ା,୨୭।୬ (ମକାରୁ ବେମାଲ)

ନୂଆପଡ଼ା ଜିଲା ସଦରଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ଗୁରୁବାର ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ରାଲି ବାହାରି ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ସବୁଜ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ଜିଲା ଆଇନସେବା ପ୍ରାଧିକରଣର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ରଇତଙ୍କ ସଭାପତିତ୍ୱରେ ସଦ୍‌ଭାବନା ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ।

### ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଉପରେ ସଚେତନତା ଶିବିର

କେସିଙ୍ଗା,୨୭।୬(ତୁମେଶ୍ୱର ସାହୁ): ତାଲୁକ ଆଇନସେବା ସମିତି କେସିଙ୍ଗା ତରଫରୁ ବୋରିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କେସିଙ୍ଗା ଦୀପ୍ତା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଆଇନ ଉପରେ ଅବଗତ କରାଇଥିଲେ।

# ଜିଲା ଅମଲା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର/ଲୋଇସିଂହା,୨୭।୬ (ବୀରେନ୍ଦ୍ର ଝାଙ୍କର/ସୁଶାନ୍ତ ବାରିକ)

ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି କ୍ରମେ ବଲାଙ୍ଗୀର ଜିଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଗୌରବ ଶିଓ୍ୱାଜୀ ଇସଲଓ୍ୱାରଙ୍କୁ ପ୍ରଦାନ କରାଯାଇଛି। ଜିଲା ସଭାପତି ପ୍ରଭାତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଥିଲା। ପ୍ରକଶ ଥାଉ କି, ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ଦିଗରେ ରାଜ୍ୟ ସରକାର ଅହେତୁକ ବିଳମ୍ବ ତଥା ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଏହାକୁ ନେଇ ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା - ୨୦୧୭ ନିୟମ ଅନୁଯାୟୀ ଲେବଲ-୯କୁ ବୃଦ୍ଧି କରିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮, ତା.୧୫।୦୩।୨୦୨୪ ଅନୁଯାୟୀ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ ଦାବି, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରବା, ୨୦୨୦ରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା, ୧୯୯୦ରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ନୂତନ ପେନ୍‌ସନ ଯୋଜନା ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆଦି ରହିଛି। ସରକାର ଆଗାମୀ ୧୫ ଦିନ ମଧ୍ୟରେ ଉପରୋକ୍ତ ଦାବି ପୂରଣ ନ କଲେ ଜୁଲାଇ ୭ ତାରିଖ ଠାରୁ ୧୧ ତାରିଖ ଯାଏ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରାଯିବ। ଯଦି ଦାବି ପୂରଣ ନ ହୁଏ ଜୁଲାଇ ୧୪ ତାରିଖଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ପ୍ରଭାତ କୁମାର ମଲ୍ଲିକ ଓ ସମ୍ପାଦକ ରତିକାନ୍ତ ପୁରୋହିତ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ମୁଖ୍ୟ ଉପଦେଷ୍ଟା ସୁଧାକର ମହାପାତ୍ର, ରାଜ୍ୟ ଉପ-ସଭାପତି ସୁରେନ୍ଦ୍ର କୁମାର ବାବୁ, ଜିଲା କୋଷାଧ୍ୟକ୍ଷ ଜିତେନ୍ଦ୍ର ସାହୁ, ଉପଦେଷ୍ଟା ନୀଳମାଧବ ପଟ୍ଟନାୟକ, ସୁନୀଲ ବିଶି, ଜିଲା କାର୍ଯ୍ୟକାରିଣୀ ସଭାପତି ସୌମ୍ୟରଞ୍ଜନ ପଣ୍ଡା ଚନ୍ଦନ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶା ନିବାରଣ ଜନ ସଚେତନତା

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ କାରବାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ ହୋଇଯାଇଛି। ନିଶା ନୁହେଁ ଜୀବନ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଜିଲା ପ୍ରଶାସନ ଓ ଅବକାରୀ ବିଭାଗ ତରଫରୁ ଜିଲାର ସମସ୍ତ ବ୍ଲକରେ ନିଶା ନିବାରଣ ସଚେତନତା ରଥ ପରିକ୍ରମା କରିଥିଲା। ସେହିପରି ଜିଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଶା ନିବାରଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଟାଉନ ହଲ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନ ହଲଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.କିଶୋର ଚନ୍ଦ୍ର ପୃଷ୍ଟି, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶା ସେବନର ଅପକାରିତା, ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନରେ ଛାତ୍ରୀଛାତ୍ର ଓ ଯୁବପିଢିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ପରିଚାଳନା କରିଥିଲେ।

### ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଖଡ଼ିଆଳ,୨୭।୬ (ସୁଜିତ କୁମାର ପ୍ରଧାନ): ଅନ୍ତର୍ଜାତୀୟ ଡ୍ରଗ୍ସ ଓ ନିଶା ନିବାରଣ ଦିବସ ଉପଲକ୍ଷେ ନୂଆପଡ଼ା ଜିଲା ଖଡ଼ିଆଳ ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀମାନେ ଆମ ସଂକଳ୍ପ ନିଶା ନୁହେଁ ଜୀବନ ଭଳି ବିଭିନ୍ନ ସ୍ଲୋଗାନ ଦେଇ ଖଡ଼ିଆଳ ସହରବାସୀଙ୍କୁ ସଚେତନ କରିଥିଲେ। ଖଡ଼ିଆଳ ବିଡିଓ ନରସିଂ ଗଡ଼ବା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଖଡ଼ିଆଳ ଅବକାରୀ ଉପନିରୀକ୍ଷକ ଅଲେଖ ପୁଟେଲ, ବରିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଏସ୍‌ଆଇ ଅମରନାଥ ବିଶୋଇଙ୍କ ସମେତ କନଷ୍ଟେବଲ ବୈଜୟନ୍ତୀ ଶବର, ପ୍ରଭାତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ୮୫ ମଣ୍ଡିରେ ପଡିରହିଛି ୨ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ

**ଲଗାଣ ବର୍ଷା, ମନ୍ଥର ଗତିରେ ଚାଲିଛି ଧାନକିଣା**

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ)



ଜିଲାର ଏକ ମଣ୍ଡି ଖୋଲା ଆକାଶ ତଳେ ଚାଲିଛି।

କଳାହାଣ୍ଡି ଜିଲାରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଏହା ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ରବି ଧାନ ଅମଳ କରି ବିକ୍ରି ପାଇଁ ଚାଷୀମାନେ ମଣ୍ଡିରେ ରଖିଛନ୍ତି। ହେଲେ ମଣ୍ଡିରୁ ଧାନ ଠିକ୍ ଭାବେ ଉଠୁନାହିଁ। ଫଳରେ ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ ବର୍ଷା ପାଣିରେ ଭିଜି ନଷ୍ଟ ହେବାରେ ଲାଗିଛି। ବିଶେଷ କରି ଜିଲାର ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ସେଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳିଛି। ଆର୍‌ଏମ୍‌ସି ପକ୍ଷରୁ ତାରପୋଲିନ ଦିଆଯାଉଥିଲେ ମଧ୍ୟ ଲଗାଣ ବର୍ଷା ଯୋଗୁ ତଳ ପଟେ ପାଣି ପଶି ଧାନ ଭିଜିଯାଉଛି। ଏଥିଯୋଗୁ ଅନେକ ଚାଷୀଙ୍କ ଧାନ ଗଜା ହୋଇଯାଇଛି। ଧାନ କିଣା ମନ୍ଥର ଯୋଗୁ ଜିଲାର ୮୫ ମଣ୍ଡିରେ ୫ ହଜାର ଟୋକନର ୨ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ବୁଧବାର ସୁଦ୍ଧା ୪୨ ହଜାର ୫୭୭ ଚାଷୀଙ୍କ ୩୦ ଲକ୍ଷ ୩ ହଜାର ୬୬୪ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ସେଥିରୁ ବୁଧବାର ଗୋଟିଏ ଦିନରେ ୭୫୮ ଜଣ ଚାଷୀଙ୍କ ୬୦ ହଜାର ୮୧୫ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଜିଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ୨୨ ହଜାର ରହିଥିବାବେଳେ ଅବଶିଷ୍ଟ ଧାନ ଏବେ ବିକ୍ରି ନ ହୋଇ ମଣ୍ଡିରେ ପଡିଛି। ସେହିପରି ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୪ ଧାନ ମଣ୍ଡି ରହିଥିବାବେଳେ ସେଥିରୁ ବର୍ତ୍ତମାନ ୫୯ ମଣ୍ଡିରେ ଧାନ କିଣା ସରିଥିବା ଜଣାପଡିଛି। ପ୍ରକାଶ ଯେ, ଏହି ସମୟରେ ଚାଷୀ ମାନେ ରବି ଧାନ ଅମଳ ପ୍ରକ୍ରିୟା ସାରି ଖରିଫ ଚାଷ ପାଇଁ ସଜବାଜ ହେବା କଥା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରବି ଧାନ ବିକ୍ରି ଶେଷ ହୋଇ ନାହିଁ। ଗତ ୩ବର୍ଷ ଧରି ଜୁନ ୨୦ ତାରିଖ ସୁଦ୍ଧା ରବି ଧାନ ପ୍ରକ୍ରିୟା ଶେଷ ହେଉଥିବାବେଳେ ଚଳିତ ବର୍ଷ କିନ୍ତୁ ଜୁନ ୨୬ ତାରିଖ ପହଞ୍ଚି ଥିବାବେଳେ ଏହା ଶେଷ ହୋଇ ନାହିଁ। ଫଳରେ ଖରିଫ ଧାନ ଚାଷ ବିଳମ୍ବିତ ହେବ ବୋଲି ଜଣାପଡିଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ବର୍ଷା ଯୋଗୁ ଧାନ କିଣା ପ୍ରଭାବିତ ହେଉଛି। ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ଧାନ ଭିଜିବା ସ୍ୱାଭାବିକ। ବର୍ଷା ସତ୍ତ୍ୱେ ଚାଷୀଙ୍କ ଧାନ ଉଠାଣ କରାଯାଉଛି। ବର୍ଷା କମିଲେ ଧାନ କିଣା ସ୍ୱାଭାବିକ ହେବ ବୋଲି କହିଥିଲେ।

### ସମିତି ସଭ୍ୟ ମୃତ୍ୟୁ ଘଟଣା: ଏସ୍‌ପିଙ୍କୁ ଭେଟିଲା ଜିଲା ଆଦିବାସୀ ସଂଘ

କୋକସରା,୨୭।୬ (ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତର ସମିତି ସଭ୍ୟ ଦେବେନ୍ଦ୍ର ଧରୁଆଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଟଙ୍କା ନେଣଦେଣକୁ ନେଇ କିଛିଦିନ ହେଲା ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଦେବେନ୍ଦ୍ର ଗତ ୧୬ ତାରିଖରେ କୋକସରା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମାନସିକ ଚାପରେ ଆସି ଗତ ମଙ୍ଗଳବାର ଦେବେନ୍ଦ୍ର ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ସଭାପତି ହେମନ୍ତ ମାଝୀ, ସମ୍ପାଦକ ତ୍ରିନାଥ ଶବର ଓ ଅନ୍ୟ କର୍ମକର୍ତ୍ତା ବୁଧବାର ଥାନାର ଦ୍ୱାରସ୍ଥ ହୋଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ନଚେତ ଆସନ୍ତା ୨୮ରେ ଥାନା ଘେରାଉ କରିବାକୁ ଚେତାବନୀ ଦେଇଥିଲେ। ଜିଲା ଆଦିବାସୀ ସଂଘ ଏଥିରେ ଉଦ୍‌ବେଗ ପ୍ରକାଶ କରି ଗୁରୁବାର ସଭାପତି ପ୍ରକାଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ସମ୍ପାଦକ ଋତୁରାଜ ମାଝୀ, ବ୍ଲକ ସଭାପତି ହେମନ୍ତ ମାଝୀ, ସମ୍ପାଦକ ତ୍ରିନାଥ ଶବର ପ୍ରମୁଖ କର୍ମକର୍ତ୍ତା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଥିଲେ। ଦେବେନ୍ଦ୍ରଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ କର୍ମକର୍ତ୍ତା ଦାବି କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଏହି ଘଟଣା ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିବା ନେଇ ଆଦିବାସୀ ସଂଘ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଅଧା ବାଟରେ ଅଟକିଲା ରଥ

**ପାଇକମାଲ, ୨୭।୬(ବଡ଼ ଶତପଥୀ):** ବରଗଡ ଜିଲାର ପ୍ରସିଦ୍ଧ ନୃସିଂହନାଥ ମନ୍ଦିରରେ ରଥଯାତ୍ରା ଅବସରରେ ଭକ୍ତ ମାନଙ୍କର ପ୍ରବଳ ଭିଡ ହୋଇଥିଲା। ପୂଜାପାଠ ନୈବେଦ୍ୟ ଅର୍ପଣ, ଆଳତି କରି ତିନି ଠାକୁରଙ୍କୁ ପହଣ୍ଡିରେ ରଥକୁ ଅଣାଯାଇଥିଲା । ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଛେରା ପହରା କରିଥିଲେ। ନୃସିଂହନାଥରୁ ୪ କିମି ରାସ୍ତାରେ ତିନି ଠାକୁରଙ୍କୁ ରଥରେ ବସାଇ ଭକ୍ତମାନେ ଟାଣି ଟାଣି ଆଣୁଥିଲା ବେଳେ ରଶି ଛିଡିଯିବାରୁ ରଥ ଗଡି ନ ଥିଲା। ଫଳରେ ବାଟରେ ଅଟକି ଯାଇଥିଲା। ଦେଢ କିମି ପହଣ୍ଡି ହୋଇ ଠାକୁରମାନଙ୍କୁ ରାତି ୯ ଟାରେ ପାଇକମାଳ ସ୍ଥିତ ମାଉସି ମା' ମନ୍ଦିରକୁ ଅଣାଯାଇଛି। ପହଣ୍ଡି କାର୍ଯ୍ୟକ୍ରମରେ ପଦ୍ମପୁର ଏଡିଏମ୍ କୁନାଲ ମୋତିରାମ ଚୌହାନ, ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ମନ୍ଦିର କୁଳ ପୁରୋହିତ ସୁନିଲ ପୁରୋହିତ, ମନ୍ଦିର ପୂଜକ ସେବାୟତ, ନୃସିଂହନାଥ ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ବିଜୁ ଏକ୍ସପ୍ରେସ୍ ୱେ'ରୁ ଯୁବକଙ୍କ ମୃତଦେହ ଜବତ

**ସୋହେଲା, ୨୭।୬(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ପଦ୍ମପୁର ବିଜୁ ଏକ୍ସପ୍ରେସ୍ ୱେ ଶରଧାପାଲି ନିକଟରେ ସୋହେଲାର ଲଳିତ ଭୁଏ(କାତିଆ) ନାମକ ଜଣେ ଯୁବକଙ୍କ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ରାସ୍ତାରେ ଯାଉଥିବା ପଥଚାରୀମାନେ ଏକ ମୃତଦେହ ପଡ଼ିଥିବାର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏକ ଅଜଣା ଗାଡ଼ି ଧକ୍କାରେ ଲଳିତଙ୍କ ମୃତ୍ୟୁ ଘଟିଥିବା ନେଇ ମୃତକଙ୍କ ଭିଣୋଇ ଲବ କୁମାର ଭୁଏ ଏତଲାରେ ଦର୍ଶାଇଛନ୍ତି । ଏ ନେଇ ପୋଲିସ ନଂ.୨୦୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଚାଷୀନେତା କପିଳ ଥପାଙ୍କ ପରଲୋକ

**ସୋହେଲା,୨୭।୬ (ଅଶ୍ୱିନୀ କୁମାର ପାତ୍ର) :** ବରଗଡ଼ ଜିଲା ସୋହେଲା ଅଞ୍ଚଳର ବିଶିଷ୍ଟ ଚାଷୀନେତା କପିଳ ଥପା(୮୭)ଙ୍କ ଶୁକ୍ରବାର ତାଙ୍କ ଗ୍ରାମ ବଂଜାରୀରେ ପରଲୋକ ହୋଇଛି। ସେ ଜଣେ ଧର୍ମ



ପରାୟଣ ବ୍ୟକ୍ତି ଥିଲେ। ଛୋଟ ପିଲାଙ୍କ କଫ ସମସ୍ୟା ହେଲେ ତାଙ୍କ ଚିକିତ୍ସା ବିଧି ବହୁତ ଜନାଦୃତ ଥିଲା। ସୋହେଲା ବ୍ଲକ ଯାଦବ ସମାଜର ଉପଦେଷ୍ଟା ଥିଲେ। ପ୍ରତିବର୍ଷ ହଲଦୀପାଳିରେ ବୈଦ୍ୟମାନଙ୍କୁ ନେଇ ଧନମନ୍ତରିଙ୍କୁ ପୂଜା ସହ ଆଲୋଚନାରେ ସାମିଲ ହେଉଥିଲେ। ଥପାଙ୍କ ବିୟୋଗରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ସୋହେଲା ବ୍ଲକ ରନେଶ୍ୱର ରାମଚଣ୍ଡୀ ପରିବାର, ଯାଦବ ସମାଜ, କୃଷକ ବିକାଶ ମଞ୍ଚ, ସୋହେଲା ସାମ୍ବାଦିକ ସଂଘ ତରଫରୁ ଶୋକ ପ୍ରକାଶ କରାଯାଇଛି।

### ମହିଳା ଟାଣିଲେ ଦେବଦଳନ ରଥ

**ସିନାପାଲି,୨୭।୬ (ମନଫୁଲ ମେହେର):** ଶୁକ୍ରବାର ସିନାପାଲି ଜଗନ୍ନାଥ ମନ୍ଦିରରେ ପୂଜାପାଠ ପରେ ଅପରାହ୍ନରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ହୋଇଥିଲା। ଡ. ବିକାଶ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହଁରା କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ଏଠିକାର ପରମ୍ପରା ଅନୁସାରେ ମା' ସୁଭଦ୍ରାଙ୍କ ଦେବଦଳନ ରଥକୁ ଟାଣିବାକୁ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



ଭଟଲି



ପଦ୍ମପୁର



ବରଗଡ଼ ତଳିପଡା

# ରଥାରୂଢ଼ ହେଲେ ମହାବାହୁ, ଗଡ଼ିଲା ନନ୍ଦିଘୋଷ

**ବରଗଡ଼,୨୭।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ପୁରପଲ୍ଲୀରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହୋଇଛି। ଭଟଲିରେ ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଛାଡ଼ି ରଥାରଢ଼ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଏଥିପାଇଁ ଶୁକ୍ରବାର ପ୍ରତ୍ୟୁଷରୁ ପ୍ରଭୁଙ୍କ ଦୈନିକ ପୂଜାନୀତି ତଥା ପହ ଦ୍ୱାରଫିଟା ନୀତି, ମଙ୍ଗଳପ୍ରଦୀପ, ସୁର୍ଯ୍ୟପୂଜା, ଅବକାଶ ନୀତି, ମଇଲମ ଓ ବେଶ ପରିବର୍ତ୍ତନ, ଗୋପାଲବଲ୍ଲଭ ଭୋଗ ଲାଗି, ଦ୍ୱାରପାଳ ପୂଜା, ରୋଷ ପୂଜା, ସକାଳଧୂପ ଅନୁଷ୍ଠିତ ହେବାପରେ ପ୍ରଭୁଙ୍କ ସାହାଣମେଳା ଅନୁଷ୍ଠିତ ହୋଇଥିଲା। ଏହାପରେ ଦଧିବାମନଙ୍କ ଘୋଷଯାତ୍ରା ପାଇଁ ପହଣ୍ଡିପୂଜା ଆରମ୍ଭ ହୋଇଥିଲା। ପହଣ୍ଡିପୂଜା ପରେ ମଙ୍ଗଳାର୍ପଣ ଶେଷ ହେବାସହିତ ଭଟଲି ଗୌନ୍ତିଆଙ୍କ ଦ୍ୱାରା ଛେରାପହରା ଆରମ୍ଭ ହୋଇଥିଲା। ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ବଡ଼ଦାଣ୍ଡକୁ ବିଜେ କରିଥିଲେ । ପରମ୍ପରା ଅନୁଯାୟୀ ଶିଶୁ ମାନଙ୍କୁ ରଥଛୁଆଁ ଯାଇଥିଲା । ଏହାସହ ରଥରେ ଡାହୁକ(ସାରଥୀ) ତାଙ୍କର ଗୀତ ବୋଲିବା ପରେ ରଥ ମାଉସୀ ମା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲା । ଅପରାହ୍ନ ପ୍ରାୟ ୪ଟାରେ ରଥ ପଡ଼ିଆରେ ପହଞ୍ଚିଥିଲା। ରଥ ପହଞ୍ଚିବା ପରେ ରଥ ଉପରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କ ମଙ୍ଗଳ ଆଳତୀ କରାଯାଇଥିଲା। ଏହି ପ୍ରସିଦ୍ଧ ରଥଯାତ୍ରା ଦେଖିବା ତଥା ରଥାର ଦଧିବାମନଙ୍କୁ ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ଥିବାରୁ ପଶ୍ଚିମ ଓ ବରଗଡ଼ ସମ୍ବଲପୁର, ଝାରସୁଗୁଡ଼ା ସୁନ୍ଦରଗଡ଼ ରାଉରକେଲା, ବଲାଙ୍ଗିର, ସୁବର୍ଣ୍ଣପୁର, ସମେତ ପଡ଼ୋଶୀ ଛତିଶଗଡ ରାଜ୍ୟର ରାୟଗଡ଼ ରାୟପୁର, ବିଲାସପୁର, ବୈସନା, ଭିଲାଇ ଓ



ବରଗଡ଼ ଖଜୁରଟିକ୍ରା ।

ମଧ୍ୟପ୍ରଦେଶ ଆଦି ସ୍ଥାନରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଠାରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ରଥ ଟାଣି ଥିବାବେଳେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସନ୍ଧ୍ୟା ୭ଟାରେ ମାଉସୀ ମା ମନ୍ଦିରକୁ ପହଞ୍ଚି ଥିଲା। ଏସ୍‌ପି ପି. ଏସ୍ ମିନା ପହଞ୍ଚି ଶୃଙ୍ଖଳା ବ୍ୟବସ୍ଥା ତଦାରଖ କରିଥିବା ବେଳ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲି ସିମେଣ୍ଟ ନଗରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ମଧୁ ଭୋଇ ଓ ତାଙ୍କ ସାଥୀ କଳାକାରଙ୍କ ଦାରା ସଞ୍ଚାର ପରିବେଷଣ କରାଯାଇଥିଲା। ଏହା ସହିତ ବରଗଡ଼ ସହରର ତଳିପଡା, ଖଜୁରଟିକ୍ରା ସମେତ ବିଭିନ୍ନ ୱାର୍ଡରେ ରଥଯାତ୍ରା ପାଳିତ ହୋଇଛି।

**ପଦ୍ମପୁର,(ପ୍ରଦୀପ୍ତ ଦାଶ):** ପଦ୍ମପୁରର ବିଭିନ୍ନ ସ୍ଥାନରେ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ରଜାପଡ଼ାରେ ଶହଶହ ଭକ୍ତଙ୍କ ସମାଗମରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ନୀତିକାନ୍ତିରେ ପୂଜାର୍ଚ୍ଚନା ସହ ରଥ ଉପରକୁ ବିଜେ କରାଯାଇଥିଲା।



ଭଟଲି



ବୌଦ୍ଧ ଜଗନ୍ନାଥ ମନ୍ଦିର ପକ୍ଷରୁ ଶ୍ରୀଜୀଉଙ୍କ ପହଣ୍ଡି ଚାଲିଛି।

# ବୌଦ୍ଧରେ ରଥଯାତ୍ରା : ଲକ୍ଷାଧିକ ଭକ୍ତଙ୍କ ସମାଗମ

**ବୌଦ୍ଧ,୨୭।୬(ଅଜିତ କୁମାର ବାରିକ)**

ବୌଦ୍ଧରେ ରାଜରାଜୁଡା ଅମଳରୁ ରଥଯାତ୍ରା ପାଳିତ ହୋଇଆସୁଥିବା ବେଳେ ବୌଦ୍ଧ ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି। ଏହାକୁ ଗଣପର୍ବ ଭାବେ ପାଳନ କରାଯାଉଛି। ଶୁକ୍ରବାର ପ୍ରତ୍ୟୁଷରୁ ବୌଦ୍ଧ ଠାରେ ଶ୍ରୀଜୀଉଙ୍କ ପହଡ ଭଙ୍ଗ ହେବା ପରେ ଜଗନ୍ନାଥ ମନ୍ଦିରର ପୂଜକଙ୍କ ଦ୍ୱାରା ନୀତିକାନ୍ତି ଆରମ୍ଭ ହୋଇଥିଲା। ମୁଖ୍ୟମନ୍ଦିର ଓ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିରରେ ନୂତନ ଧ୍ୱଜା ଚଢା ଯାଇଥିଲା। ପରେ ତିନି ଠାକୁରଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇ ରହିଥିବା ରଥରେ ଧ୍ୱଜା ଚଢାଯାଇଥିଲା। ବୌଦ୍ଧ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଉପସ୍ଥିତିରେ ତିନି ଠାକୁରଙ୍କ ସକାଳ ନୀତିକାନ୍ତି କରାଯାଇଥିଲା। ପହଣ୍ଡିଆ ସେବକମାନେ ଧାଡି ପହଣ୍ଡିରେ ଆଣି ପହଣ୍ଡି କରିଥିଲେ । ଏହାପରେ ଠାକୁରମାନେ ଗୋଟି ପହଣ୍ଡିରେ ବ୍ରାହ୍ମଣ ସେବକଙ୍କ କାନ୍ଧରେ ସଂକୀର୍ତ୍ତନର ତାଳେ ତାଳେ ଝୁଲି ଝୁଲି ରଥଖଳା ଅଭିମୁଖେ ବାହାରିଥିଲେ। ଶଙ୍ଖ, ଘଣ୍ଟ , ମୃଦଙ୍ଗର ତାଳେ ତାଳେ ଠାକୁର ପହଣ୍ଡିରେ ଆସିଥିବା ବେଳେ ଏହି ସମୟରେ ବିଭିନ୍ନ ସ୍ଥାନରେ ବାଟ ଭୋଗ ହୋଇଥିଲା । ପହଣ୍ଡି ସମୟରେ ଏଠାକାର ବଡଦାଣ୍ଡ ଭକ୍ତମୟ ହୋଇ ପଡିଥିଲା । ଅନେକ ସ୍ଥାନରେ ଭକ୍ତମାନଙ୍କ ଦ୍ୱାରା ବାଟଭୋଗ ଲାଗି କରାଯାଇଥିଲା। ତିନି ଠାକୁର ରଥଖଳାରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ରଥ ଚାରିପଟେ ୪ ଥର ପରିକ୍ରମା କରାଯାଇ ଶ୍ରୀଜୀଉମାନଙ୍କୁ ରଥାରୁଢ କରାଯାଇଥିଲା। ବୌଦ୍ଧ ରଥଯାତ୍ରାରେ ଏକ ଭିନ୍ନ ପରମ୍ପରା ରହିଛି ରଥଛୁଆଁ । ତିନି ଠାକୁର ରଥାରୁଢ ହେବା ପରେ ରଥଛୁଆଁ ହୋଇଥାଏ । ଛୋଟ ଛୋଟ ଛୁଆଙ୍କୁ ଶ୍ରୀଜୀଉଙ୍କ ପାଖରେ ରଥ ଛୁଆଁଇଲେ ମଙ୍ଗଳ ହୋଇଥାଏ ବୋଲି ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି। ଏଥିପାଇଁ ରଥ ନିକଟରେ ଭିଡ ହୋଇଥିଲା । ସେହିପରି ସହରର ପୋଡାପୋଡା ହରିଗୁଡି ଜଗନ୍ନାଥଙ୍କ ରଥଟଣା ହୋଇଥିଲା । ସାହି ବାସିନ୍ଦାଙ୍କ ମିଳିତ ସହଯୋଗରେ ପାଳିତ ହୋଇ ଆସୁଥିବା ରଥଯାତ୍ରାରେ ଏକ ବିଶେଷତ୍ୱ ହେଲା ଏହି ରଥକୁ କେବଳ ମହିଳା ଭକ୍ତମାନେ ଟାଣିଥାନ୍ତି । ମହିଳାଭକ୍ତମାନେ ହରିଗୁଡି ମନ୍ଦିର ଜଗନ୍ନାଥଙ୍କ ରଥକୁ ଟାଣିଥିଲେ । ଉଭୟ ରଥ ଆଗ ପଛ ହୋଇ ଗୋଟିଏ ଜାଗାରେ ଥିବା ମାଉସୀ ମା' ମନ୍ଦିରକୁ ଯାଇଥିଲେ । ଚଳିତବର୍ଷ ପାଗ ଅନୁକୁଳ ଥିବାରୁ ରଥଯାତ୍ରା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ପୁରା ବଡଦାଣ୍ଡ ଜନସମୁଦ୍ର ପାଲଟିଥିଲା । ଶାନ୍ତିଶୃଙ୍ଖଳା ପାଇଁ ବୌଦ୍ଧ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା । କିନ୍ତୁ ଚଳିତବର୍ଷ ମୀନବଜାର ପଡି ନ ଥିବାରୁ ରଥଯାତ୍ରା ଟିକିଏ ଫିକା ପଡିଯାଇଥିଲା। ସେହିପରି ଜିଲାର ପୁରୁଣାକଟକ, ଠିଡିକାଯୋର, ହରଭଙ୍ଗା, କୁଶଙ୍ଗ, ମନମୁଣ୍ଡା, ବାଉଁଶୁଣୀ, କଣ୍ଟାମାଳ ଓ ପୁରପଲ୍ଲୀରେ ରଥଯାତ୍ରା ପାଳିତ ହୋଇଯାଇଛି ।

### ମହିଳା ଭକ୍ତ ଟାଣିଲେ ହରିଗୁଡି ଜଗନ୍ନାଥଙ୍କ ରଥ



ପାଇକମାଲ

# ରାଜ୍ୟପାଳଙ୍କୁ ବିଏସ୍‌ପିର ସ୍ମାରକପତ୍ର

**ବରଗଡ଼,୨୭।୬(ପ୍ରେମାନନ୍ଦ ଖମାରୀ)**

ଗଞ୍ଜାମ ଜିଲାରେ ଦଳିତଙ୍କ ପ୍ରତି ଅତ୍ୟାଚାର ଏବଂ ଗୋପାଳପୁର ବେଳାଭୂମିରେ ସଂଘଟିତ ଗଣବଳାତ୍କାର ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ବରଗଡ଼ ଶାଖା ଦାବି କରିଛି। ଏହି ଦାବି ନେଇ ଦଳର ଜିଲା ସଭାପତି ଅଜୟ କୁମ୍ଭାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗଞ୍ଜାମ ଜିଲା ଧରାକୋଟ୍ ଥାନା ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ଭାଇ ବୁଲୁ ନାୟକ ବଜାରରୁ ଗାଈ କିଣି ଫେରୁଥିବା ବାଟରେ କିଛି ଲୋକ କଙ୍ଗାରୁ କୋର୍ଟ କରିବା ସହିତ ତାଙ୍କୁ ଲଣ୍ଡା କରି ଦେଇଥିଲେ। ଏହାସହିତ ୩୦ହଜାର ଟଙ୍କା ଜରିମାନା କରିଥିଲେ। ସେହିପରି ଗୋପାଳପୁର ବେଳାଭୂମିରେ ଗଣବଳାତ୍କାର ଯୋଗୁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଛି। ଏହି ୨ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହିତ ନେଇ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଉଭୟ ଘଟଣାର ପୀଡ଼ିତା, ପୀଡ଼ିତଙ୍କ ପରିବାର ଲୋକଙ୍କୁ ପୋଲିସ ସୁରକ୍ଷା, ଗୋପାଳପୁର ଗଣବଳାତ୍କାର ପୀଡ଼ିତାଙ୍କୁ ୧କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ, ସିଙ୍ଗିପୁର ଗ୍ରାମର ବାବୁଲା, ବୁଲୁଙ୍କୁ ୫୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ, ଫାଷ୍ଟଟ୍ରାକ୍ କୋର୍ଟରେ ଉଭୟ ମାମଲାର ବିଚାର ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଏସ୍‌ପି ଦାବି ହୋଇଛି।



ବିଏସ୍‌ପି ପ୍ରତିନିଧିଦଳ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ବଣ୍ଟନ

**ପାଇକମାଲ,୨୭।୬(ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ହାଇସ୍କୁଲରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୫୨ ଜଣ ଛାତ୍ରୀଛାତ୍ରଙ୍କୁ ଗୁରୁବାର ସାର୍ଟିଫିକେଟ ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଛାତ୍ରୀଛାତ୍ରଙ୍କ ଉନ୍ନତି କାମନା କରିଥିଲେ। ବିଦ୍ୟାଳୟର ଶିକ୍ଷକ କାହ୍ନୁଚରଣ ମେହେର, ଫକୀର ମୋହନ ବାରିକ, ଅଶ୍ୱିନୀ କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ, ହେମସାଗର ସାହୁ, ଜ୍ୟୋତିରଞ୍ଜନ ପ୍ରଧାନ, ରମେଶ ପଟେଲ, ଗୌରଚନ୍ଦ୍ର ସାହୁ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ଜାମସେଠ ପଞ୍ଚାୟତ ହାଇସ୍କୁଲରେ ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଛି।



ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଉଛି।

# ୮୫ ମଣ୍ଡିରେ ପଡିରହିଛି ୨ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ

### ଲଗାଣ ବର୍ଷା, ମନ୍ଥର ଗତିରେ ଚାଲିଛି ଧାନକିଣା

**ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଏହା ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ରବି ଧାନ ଅମଳ କରି ବିକ୍ରି ପାଇଁ ଚାଷୀମାନେ ମଣ୍ଡିରେ ରଖିଛନ୍ତି। ହେଲେ ମଣ୍ଡିରୁ ଧାନ ଠିକ୍ ଭାବେ ଉଠୁନାହିଁ। ଫଳରେ ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ ବର୍ଷା ପାଣିରେ ଭିଜି ନଷ୍ଟ ହେବାରେ ଲାଗିଛି। ବିଶେଷ କରି ଜିଲାର ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ସେଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳିଛି। ଆର୍‌ଏମ୍‌ସି ପକ୍ଷରୁ ତାରପୋଲିନ ଦିଆଯାଉଥିଲେ ମଧ୍ୟ ଲଗାଣ ବର୍ଷା



ଜିଲାର ଏକ ମଣ୍ଡି ଖୋଲା ଆକାଶ ତଳେ ଚାଲିଛି।

ଯୋଗୁ ତଳ ପଟେ ପାଣି ପଶି ଧାନ ଭିଜିଯାଉଛି। ଏଥିଯୋଗୁ ଅନେକ ଚାଷୀଙ୍କ ଧାନ ଗଜା ହୋଇଯାଇଛି। ଧାନ କିଣା ମନ୍ଥର ଯୋଗୁ ଜିଲାର ୮୫ ମଣ୍ଡିରେ ୫ ହଜାର ଟୋକନର ୨ ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ବୁଧବାର ସୁଦ୍ଧା ୪୨ ହଜାର ୫୭୭ ଚାଷୀଙ୍କ ୩୦ ଲକ୍ଷ ୩ ହଜାର ୬୬୪ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ସେଥିରୁ ବୁଧବାର ଗୋଟିଏ ଦିନରେ ୭୫୮ ଜଣ ଚାଷୀଙ୍କ ୬୦ ହଜାର ୮୧୫ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଜିଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ୨୨ ହଜାର ରହିଥିବାବେଳେ ଅବଶିଷ୍ଟ ଧାନ ଏବେ ବିକ୍ରି ନ ହୋଇ ମଣ୍ଡିରେ ପଡିଛି। ସେହିପରି ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୪ ଧାନ ମଣ୍ଡି ରହିଥିବାବେଳେ ସେଥିରୁ ବର୍ତ୍ତମାନ ୫୯ ମଣ୍ଡିରେ ଧାନ କିଣା ସରିଥିବା ଜଣାପଡିଛି। ପ୍ରକାଶ ଯେ, ଏହି ସମୟରେ ଚାଷୀ ମାନେ ରବି ଧାନ ଅମଳ ପ୍ରକ୍ରିୟା ସାରି ଖରିଫ ଚାଷ ପାଇଁ ସଜବାଜ ହେବା କଥା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରବି ଧାନ ବିକ୍ରି ଶେଷ ହୋଇ ନାହିଁ। ଗତ ୩ବର୍ଷ ଧରି ଜୁନ ୨୦ ତାରିଖ ସୁଦ୍ଧା ରବି ଧାନ ପ୍ରକ୍ରିୟା ଶେଷ ହେଉଥିବାବେଳେ ଚଳିତ ବର୍ଷ କିନ୍ତୁ ଜୁନ ୨୬ ତାରିଖ ପହଞ୍ଚି ଥିବାବେଳେ ଏହା ଶେଷ ହୋଇ ନାହିଁ। ଫଳରେ ଖରିଫ ଧାନ ଚାଷ ବିଳମ୍ବିତ ହେବ ବୋଲି ଜଣାପଡିଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ବର୍ଷା ଯୋଗୁ ଧାନ କିଣା ପ୍ରଭାବିତ ହେଉଛି। ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ଧାନ ଭିଜିବା ସ୍ୱାଭାବିକ। ବର୍ଷା ସତ୍ତ୍ୱେ ଚାଷୀଙ୍କ ଧାନ ଉଠାଣ କରାଯାଉଛି। ବର୍ଷା କମିଲେ ଧାନ କିଣା ସ୍ୱାଭାବିକ ହେବ ବୋଲି କହିଥିଲେ।

# ରଥଯାତ୍ରାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ରାଉରକେଲା,୨୭।୬ (ଦିନେଶ ମିଶ୍ର):** ଷ୍ଟିଲ ସିଟି ରାଉରକେଲାରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ରଥଟଣା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଯାତ୍ରାରେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୨ ଅତିରିକ୍ତ ଏସ୍‌ପିଙ୍କ ସମେତ ୪ ଡିଏସ୍‌ପି, ୧୮ ଥାନାଧିକାରୀ ଏବଂ ୧୨୦ ହୋମଗାର୍ଡ ମୁତୟନ ଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସ୍ଥାନରେ ବ୍ଲିଚିଂ ପାଉଡର ସିଞ୍ଚନ ସହ ରାଉରକେଲା ମେନ୍ ରୋଡ୍‌ର ସମସ୍ତ ଦୋକାନ ବଜାର ଅପରାହ୍ନ ୨ଟାରୁ ବନ୍ଦ ରହିଥିଲା। ରଥଟଣା ଲାଗି ଅପରାହ୍ନ ସାଢେ ୪ଟାରେ ସହରରେ ବିଦ୍ୟୁତ୍ କାଟ୍ କରାଯିବା ସହ ରାଉରକେଲା ରିଂରୋଡ୍‌କୁ ୱାନୱେ କରାଯାଇଥିଲା। ସହରର ପ୍ରମୁଖ ଛକ ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା ସାଙ୍ଗକୁ ସ୍ୱତନ୍ତ୍ର ପାଟ୍ରୋଲିଂ କରାଯାଇଥିଲା ବୋଲି ରାଉରକେଲା ଏସ୍‌ପି ନିତେଶ ୱାଧୱାନି ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବଡ଼ଗାଁ, ୨୭।୬(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ନିକଟ ମାଲିପଡ଼ା ଗ୍ରାମରେ ଗୁରୁବାର ରାତି ସାଢ଼େ ୧୨ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଲିପଡ଼ା ଗ୍ରାମର ଆମ୍ରିତ ସଏ(୨୩)। ସେ ତାଙ୍କ ଘର ସମ୍ମୁଖ ରାସ୍ତାକୁ କାମରେ ବାହାରିଥିଲେ। ଏହି ସମୟରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କଲାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।


ରାଉରକେଲା ଏନ୍‌ଆଇଟିରେ ରଥଟଣା ହେଉଛି।


ବାସନ୍ତୀ କଲୋନିରେ ରଥଯାତ୍ରା ପାଳନ କରାଯାଉଛି।

# ରଥମୟ ହେଲା ଇସ୍ପାତ ସହର

**ରାଉରକେଲା,୨୭।୬ (ସଙ୍ଗୀତା ଜେନା)**

## ଉତ୍ସାହ, ଉଦ୍ଦୀପନା ସହ ଘୋଷଯାତ୍ରା ସମ୍ପନ୍ନ

ଇସ୍ପାତ ସହର ରାଉରକେଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଦ୍ୱିଦିବସୀୟ ରଥଯାତ୍ରା ଆୟୋଜନ ହୋଇଛି। ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) କ୍ୟାମ୍ପସରେ ଥିବା ରାମ ମନ୍ଦିର ପରିସରରେ ଠାକୁର ରାଜା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଅପରାହ୍ନ ୪ଟାରେ ଛେରାପହଁରା କରିଥିଲେ। ଅପରାହ୍ନ ୫ଟାରେ ରଥଟଣା ହୋଇଥିଲା। ରଥ କ୍ୟାମ୍ପସ ପରିକ୍ରମା କରି ସନ୍ଧ୍ୟାରେ ଆଡମଣ୍ଡପରେ ପହଞ୍ଚିଥିଲା। ପରିଚାଳନା କମିଟି ସଭାପତି ଶିବ ଶଙ୍କର ମହାପାତ୍ର, ଉପସଭାପତି ରାମଚନ୍ଦ୍ର ପ୍ରଧାନ, ଜ୍ଞାନରଞ୍ଜନ ସେନାପତି, ହିମାଂଶୁ ଭୂଷଣ ସେନାପତି, ଡିପି ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ସାହୁ, ଜଗନ୍ନାଥ ଦେବାଶିଷ ପାରୀ, ପ୍ରସନ୍ନଜିତ୍ ଲେଙ୍କା, ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସେକ୍ଟର-୩ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ହୋଇଛି। ସକାଳ ସମୟରେ ପୂଜାର୍ଚ୍ଚନା ହୋଇ ଅପରାହ୍ନରେ ପହଣ୍ଡି ହୋଇଥିଲା। ଠାକୁର ରାଜା ତଥା ରାଉରକେଲା ଇସ୍ପାତ କାରଖାନା ପ୍ରଭାରୀ ଡିଆଇସି ଆଲୋକ ବର୍ମା ସାଢ଼େ ଅପରାହ୍ନ ୩ଟାରେ ଛେରାପହଁରା କରିଥିଲେ। ପ୍ରାୟ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ମନ୍ଦିର ଟ୍ରଷ୍ଟ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ସୁଧୀର ସୁନ୍ଦର ରାୟ, ସୁଶାନ୍ତ ତ୍ରିପାଠୀ,ରଜତ ଚୌଧୁରୀ, ପ୍ରଭୁ ପ୍ରସାଦ ସାହୁ, ବଡପଣ୍ଡା ତ୍ରିନାଥ ପାଢ଼ୀ, ପୂଜକ ପରମେଶ୍ୱର ପତି, ମଣ୍ଟୁ ପଣ୍ଡା, ସେବାୟତ ନିୟୋଗ କମିଟି ସଭାପତି ପ୍ରକାଶ ଦାସ, ସମ୍ପାଦକ କିଶୋର ଚନ୍ଦ୍ର ନାୟକ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। କୋଏଲନଗର ସି' ବ୍ଲକ ନୀଳକଣ୍ଠେଶ୍ୱର ଜଗନ୍ନାଥ ମନ୍ଦିରରେ ଠାକୁର ରାଜା ମଧୁସୂଦନ ମହାପାତ୍ର ଛେରାପହଁରା କରିଥିଲେ। ଏହାପରେ ରଥଟଣା ହୋଇ ସନ୍ଧ୍ୟା ୭ଟାରେ ରଥ ସି' ବ୍ଲକ ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ସେହିପରି କୋଏଲନଗର ଏ' ବ୍ଲକ ସ୍ଥିତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସମସ୍ତ ନୀତି କରାଯାଇଥିଲା। ଅପରାହ୍ନ ସାଢେ ୨ଟାରେ ପହଣ୍ଡି ହେବା ପରେ ପାନପୋଷ ଉପଜିଲାପାଳ ବିଜୟ ନାୟକ ଛେରାପହଁରା କରିଥିଲେ। ଅପରାହ୍ନ ୪ଟା ୧୫ରେ ୩ ରଥ ଟଣା ହୋଇ ସେକ୍ଟର-୨୦ ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ଆଲୋକ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବ୍ରଜେନ୍ଦ୍ର ଦାଶ, ଅମୂଲ୍ୟ ମିଶ୍ର, ମନୋଜ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ରଥଯାତ୍ରା ସମୟରେ ନ୍ୟାଶନାଲ୍ ହ୍ୟୁମ୍ୟାନ ରିସୋର୍ସ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ଏବଂ ରାଉରକେଲା ୟୁଥ୍ ଫୋରମ୍ ଆସୋସିଏଶନ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଭଳି ଭାବେ ରାଉରକେଲାର ୩୩ରୁ ଊର୍ଦ୍ଧ୍ୱ ସ୍ଥାନରେ ରଥଟଣା ହୋଇଛି। ସେହିପରି ପ୍ଲାଣ୍ଟସାଇଟ୍, ବାସନ୍ତୀ କଲୋନୀ, ଉଦିତନଗର, ହନୁମାନ ବାଟିକା, ଛେଣ୍ଡର ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା ପାଳନ କରାଯାଇଥିଲା।

# ଯାଞ୍ଚ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ

**ରାଉରକେଲା,୨୭।୬ (ସଙ୍ଗୀତା ଜେନା)**

## ପ୍ଲେସ୍ ଅଫ୍ ସେଫ୍ଟିରେ ଅନିୟମିତତା ଅଭିଯୋଗ

ରାଉରକେଲା ସ୍ୱତନ୍ତ୍ର ଜେଲରେ ନାବାଳକ ଅଭିଯୁକ୍ତଙ୍କୁ ନ୍ୟାୟିକ ବ୍ୟବସ୍ଥା ଯୋଗାଉଥିବା ପ୍ଲେସ୍ ଅଫ୍ ସେଫ୍ଟି (ସୁରକ୍ଷିତ ଆଶ୍ରୟ କେନ୍ଦ୍ର) ଏବେ ବିବାଦୀୟ ହୋଇପଡ଼ିଛି। ଉକ୍ତ କେନ୍ଦ୍ରରେ ଅନିୟମିତତା ଅଭିଯୋଗରେ ଯାଞ୍ଚ ଚାଲିଛି। ଫଳରେ ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ ଉକ୍ତ କେନ୍ଦ୍ରକୁ ନ ଆସିବା ପାଇଁ ଏହାର ସୁପରିଣ୍ଟେଣ୍ଡେଣ୍ଟ ଉମେଶ ସାବତଙ୍କୁ ପ୍ଲେସ୍ ଅଫ୍ ସେଫ୍ଟିର ସମ୍ପାଦକ ତଥା ପାନପୋଷ ଉପଜିଲାପାଳ ବିଜୟ ନାୟକ ଚିଠି ମାଧ୍ୟମରେ ବାରଣ କରିଛନ୍ତି।

ସୂଚନାଯୋଗ୍ୟ, ରାଉରକେଲା ସ୍ୱତନ୍ତ୍ର ଜେଲରେ ଥିବା ପ୍ଲେସ୍ ଅଫ୍ ସେଫ୍ଟିରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଗତ ବୁଧବାର ଅନ୍ତେବାସୀମାନେ ଖାଦ୍ୟ ଗ୍ରହଣ କରି ନ ଥିଲେ। ଅପରାହ୍ନ ୨ଟାରେ ସେମାନେ ଉତ୍ତ୍ୟକ୍ତ ହୋଇ ନିଜ ଆସବାବପତ୍ର ଜଳାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ପରିଚାଳକ ସେମାନଙ୍କୁ ବୁଝାଶୁଝା କରିବାରେ ଅସଫଳ ହୋଇଥିଲେ। ଖବର ପାଇ ଜେଲ୍ କର୍ତ୍ତୃପକ୍ଷ, ଜିଲା ଶିଶୁମଙ୍ଗଳ ସମିତି ସଦସ୍ୟ, ଶିଶୁ ସୁରକ୍ଷା ଅଧିକାରୀ ଏବଂ ରଘୁନାଥପାଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ସେହିପରି ଉକ୍ତ ସଂସ୍ଥାରେ ଅନିୟମିତତାର ନିରପେକ୍ଷ ଯାଞ୍ଚ ପାଇଁ ଓଡ଼ିଶା ଷ୍ଟେଟ୍ ଚାଇଲ୍ଡ ପ୍ରୋଟେକ୍ସନ ସୋସାଇଟି (ଓଏସ୍‌ସିପିଏସ୍)ର ପ୍ରୋଗାମ୍ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡାଙ୍କ ସମେତ ୪ଜଣିଆ ଟିମ୍ ରାଉରାକେଲା ଆସିଥିଲେ। ସେମାନେ କ୍ରମାଗତ ଭାବେ ମଙ୍ଗଳବାର ଓ ବୁଧବାର ୨ ଦିନ ବ୍ୟାପୀ ପ୍ଲେସ୍ ଅଫ୍ ସେଫ୍ଟିରେ ଯାଞ୍ଚ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା କେନ୍ଦ୍ର ପରିଦର୍ଶନ କରି କହିଥିଲେ, କେନ୍ଦ୍ରରେ ସ୍ଥିତି ସ୍ୱାଭାବିକ ରହିଛି। ଭୁବନେଶ୍ୱରରୁ ଆସିଥିବା ଟିମ୍‌ର ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଭର କରୁଛି। ଆସନ୍ତା ୨/୩ ଦିନ ମଧ୍ୟରେ ସତ୍ୟତା ପଦାକୁ ଆସିବ ବୋଲି ଜେନା କହିଥିଲେ। ସେହିପରି ପାନପୋଷ ଉପଜିଲାପାଳ ନାୟକଙ୍କୁ ପଚାରିବାରୁ ସେ କହିଲେ, ପ୍ଲେସ୍ ଅଫ୍ ସେଫ୍ଟିରେ ଅନ୍ତେବାସୀଙ୍କ ବିକ୍ଷୋଭ ଘଟଣାରେ ସେମାନଙ୍କୁ ପଚରାଉଚୁରା କରାଯାଇଥିଲା। ଜେଲରେ ଖାଦ୍ୟ ଖରାପ ନ ଥିବା ସେମାନେ କହିଛନ୍ତି। ସେହିପରି ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଅନିୟମିତତା ଅଭିଯୋଗ ରହିଛି। ତେଣୁ ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଉକ୍ତ ସଂସ୍ଥାକୁ ଯିବା ପାଇଁ ବାରଣ କରାଯାଇଛି। ଜେଲରେ ଅନ୍ତେବାସୀଙ୍କ ବିକ୍ଷୋଭ ଏବଂ ଯାଞ୍ଚ ମାମଲା ମଧ୍ୟରେ ସମ୍ପର୍କ ରହିଛି। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନାୟକ କହିଥିଲେ।

# ଦେଶବ୍ୟାପୀ ଧର୍ମଘଟକୁ ସିପିଆଇଏମ୍‌ର ସମର୍ଥନ

**ରାଉଲକେଲା,୨୭।୬(ସଙ୍ଗୀତା ଜେନା)**

ଦେଶର ଟ୍ରେଡ୍ ୟୁନିୟନ ସମୂହର ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ଜୁଲାଇ ୯ତାରିଖରେ ଡାକରା ଦିଆଯାଇଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଜଣାଇଛି ସିପିଆଇଏମ୍। ଏକ ପ୍ରେସ ବିବୃତିରେ ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଜିଲା ସମ୍ପାଦକ ପ୍ରମୋଦ ସାମଲ, ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ପ୍ରଭାତ ପଣ୍ଡା ପ୍ରମୁଖ ଜଣାଇଛନ୍ତି, ଶ୍ରମିକମାନଙ୍କ ମୌଳିକ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟରେ କର୍ପୋରେଟ୍ କର୍ମସୂଚୀର ଏକ ପ୍ରମୁଖ ଅଂଶ ଶ୍ରମ ସଂହିତା (ଲେବର କୋଡ୍)ର କାର୍ଯ୍ୟକାରିତା ବିରୋଧରେ ଏହି ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି। ଭାଜପା ନେତୃତ୍ୱାଧୀନ ସରକାର ଏବେ ତୃତୀୟ ପାଳିର କାର୍ଯ୍ୟକାଳରେ ନିଜର କାର୍ଯ୍ୟସୂଚୀକୁ ଜୋରଦାର ଭାବେ ଆକ୍ରମଣାତ୍ମକ ଢଙ୍ଗରେ ଆଗେଇ ନେଉଛନ୍ତି। ଏହି ସରକାର ଜାତୀୟ ସମ୍ପଦ ବିଶେଷତଃ ପ୍ରତିରକ୍ଷା ଏବଂ ଯୋଗାଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ବେସରକାରୀକରଣ ଆଡ଼କୁ ଆକ୍ରମଣାତ୍ମକ ଭାବେ ଗତି କରୁଛି। ଏହି ଶ୍ରମିକ ବିରୋଧୀ ନୀତିଗୁଡିକର ସମସ୍ତ ବିରୋଧକୁ ଦମନ କରିବାକୁ ଏହି ସରକାର ଚେଷ୍ଟା କରୁଛି। ଜୁଲାଇ ୯ ତାରିଖର ସାଧାରଣ ଧର୍ମଘଟରେ ଟ୍ରେଡ୍ ୟୁନିୟନ ଦ୍ୱାରା ଉଠାଯାଇଥିବା ଦାବିଗୁଡ଼ିକ ପୁନରାବୃତ୍ତି ହୋଇଛି। ଯାହା କୃଷକ, କୃଷି ଶ୍ରମିକ ଏବଂ ଜନସାଧାରଣଙ୍କ ଉଦବେଗ ତଥା ଚିନ୍ତାକୁ ମଧ୍ୟ ପ୍ରତିଫଳିତ କରୁଛି। ବାମପନ୍ଥୀ ଦଳମାନଙ୍କ ସମେତ ସିପିଆଇଏମ୍ ଏହି ସାଧାରଣ ଧର୍ମଘଟକୁ ସମର୍ଥନ କରିବାକୁ ଆହ୍ୱାନ ଦେଇଛି।

# କ୍ୟାମ୍ପସ ମାଧ୍ୟମରେ ୧୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି



କ୍ୟାମ୍ପସରେ ମନୋନିତ ହୋଇଥିବା ଛାତ୍ରୀଛାତ୍ର।

**ରାଉରକେଲା,୨୭।୬(ବିପ୍ଳବ ରଞ୍ଜନ ଦାଶ)**

ଝିରପାଣିସ୍ଥିତ ଇନ୍ଦିରା ମେମୋରିଆଲ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜୁପିଟର ଇଞ୍ଜିନିୟର୍ସ ତରଫରୁ କ୍ୟାମ୍ପସ ମାଧ୍ୟମରେ ନିଯୁକ୍ତି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟଜିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁପିଟର ଇଞ୍ଜିନିୟର୍ସର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ବିଶ୍ୱାଳ, ପ୍ରବନ୍ଧକ କିଶୋର ଚନ୍ଦ୍ର ମହାରଣା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସାକ୍ଷାତକାର ନେଇଥିଲେ। କାର୍ଯ୍ୟକ୍ରମରେ ଆଇଟିଆଇର ପ୍ରାୟ ୨୮ ଜଣ ଇଲେକ୍ଟ୍ରିକାଲ ଓ ଫିଟର ଟ୍ରେଡ୍‌ର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଯୋଗ୍ୟତା ଭିତ୍ତିରେ ୧୦ ଜଣଙ୍କୁ ନିଯୁକ୍ତି ପାଇଁ ମନୋନୀତ କରାଯାଇଥିଲା। ଆଇଟିଆଇର ପ୍ରଶାସନିକ ଅଧିକାରୀ ମୌସୁମୀ ଦାଶ, ସୋମନାଥ ନାୟକ, ସାଲୋନୀ ପାତ୍ର, ରିଙ୍କି ନିଶା ପ୍ରମୁଖ ସହଯୋଗ କରିଥିଲେ।

# ଜୟ ହିନ୍ଦ୍ କ୍ଲବ୍ ପକ୍ଷରୁ ଚାରା ରୋପଣ

**ବଡ଼ଗାଁ,୨୭।୬(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଜୟ ହିନ୍ଦ କ୍ଲବ ପକ୍ଷରୁ ଗୁରୁବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଦସ୍ୟ ରାଜା ହାସଦା, ସଞ୍ଜୀବ ବାଗେ, ଉପେନ୍ଦ୍ର ହାସଦା, ଅର୍ଜୁନ ବାଗେ, ସୀତାରାମ ଖ୍ରିଡି, କ୍ଲବର ଉପଦେଷ୍ଟା ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ଲବଣୀଧର ପୃଷେଟ, ପୂର୍ବତନ ନାଏବ ସରପଞ୍ଚ କେଶବ କର୍ସେଲଙ୍କ ସହିତ ବଡ଼ଗାଁ ଥାନା ଅଧିକାରୀ ବାଲୁଙ୍କେଶ୍ୱର ନାଏକ, ଫରେଷ୍ଟ ରେଞ୍ଜର ପ୍ରଦୀପ ଭୁତିଆ, ବରିଷ୍ଠ ନାଗରିକ ସଂଘ ସଭାପତି ଦିଲ୍ଲୀପ ପୁରୋହିତ, ବ୍ରାହ୍ମଣ ସମାଜ ସଭାପତି ପରମାନନ୍ଦ ପାଣିଗ୍ରାହୀ, ରାଧା ମାଧବ ହୋତା, ରେଣୁ ମାଧବ ହୋତା, ଅର୍ଜୁନ ନାୟକ, ଚମାର ସା, ଚକ୍ରଧର ପୃଷେଟ, ବିଭୂତି ଭୂଷଣ ନାୟକ, ସୁବାସ ଚନ୍ଦ୍ର ସାହୁ, ଆଶୁତୋଷ ମହାପାତ୍ର, କିଶାନ ବିଶି, ହରିଶ୍ଚନ୍ଦ୍ର ପୃଷ୍ଟି ଓ ପରିବେଶ ପ୍ରେମୀମାନେ ଥାନା ସମ୍ମୁଖ ଓ ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ଚାରା ରୋପଣ କରିଥିଲେ। କୃଷକ ମାର୍ଗ ଓ ରାଜପଥ ପାର୍ଶ୍ୱରେ କରଞ୍ଜ, ଛତିଆନ, ପିପେଲ, ବର, କୃଷ୍ଣଚୂଡ଼ା ଆଦି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିବା ସରକାରୀ ଅଧିକାରୀ ଓ ବରିଷ୍ଠ ନାଗରିକମାନେ ବୃକ୍ଷ ଦେବତାଙ୍କ ପୂଜା କଲାପରେ କ୍ଲବ ସଦସ୍ୟଙ୍କ ସହିତ ମିଶି ଚାରା ରୋପଣ କରିଥିଲେ। ଏହାସହିତ ବିଗତ ବର୍ଷରେ ଲଗାଯାଇଥିବା ବୃକ୍ଷର ଯତ୍ନ ନେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଓ ଅଧିକାରୀମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଯୋଗ୍ୟ ଯେ, ଗତ ୧୫ ବର୍ଷ ହେଲା ବଡ଼ଗାଁର ଜୟ ହିନ୍ଦ କ୍ଲବ ପକ୍ଷରୁ ପ୍ରତିବର୍ଷ ବୃକ୍ଷ ଚାରା ରୋପଣ କରାଯାଉଛି ଓ ଗ୍ରୀଷ୍ମ ଋତୁ ରେ ପାଣି ଦେଇ ଗଛର ଯତ୍ନ ନେଇ ଆସୁଛନ୍ତି।


ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ ଓ ଅଧିକାରୀ।

# ରଘୁନାଥପାଲ୍ଲୀରେ ବାଲ୍, ଯୁବ ସଂସ୍କାର ଶିବିର

**ରାଉରକେଲା,୨୭।୬(ଦିନେଶ ମିଶ୍ର)**

ଭାରତ ବିକାଶ ପରିଷଦ ରାଉରକେଲା ମହିଳା ଶାଖା ପକ୍ଷରୁ ପାନପୋଷ ସ୍ଥିତ ରଘୁନାଥପାଲ୍ଲୀ ୟୁପି ସ୍କୁଲ ପରିସରରେ ବାଲ ଓ ଯୁବ ସଂସ୍କାର ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଅଶୋକ କକ୍କଡଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର କଲ୍ୟାଣୀ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବାଲ ଓ ଯୁବ ସଂସ୍କାର ପାଇଁ ସୁସମ୍ପର୍କ, ଜୀବନରେ ଆଧ୍ୟାତ୍ମିକତା ନୀତି, ସେବା ଓ ସମର୍ପଣ ଭାବ ରହିବା ନିତାନ୍ତ ଆବଶ୍ୟକ ବୋଲି ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ସାଧାରଣ ସମ୍ପାଦକ ବନ୍ଦିତା ମାହାତୋ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ରବି ଦାସ, କୋଷାଧ୍ୟକ୍ଷ ଅସୀମ ଗୁପ୍ତା ପ୍ରମୁଖ ଯୁବ ସଂସ୍କାର ଶିବିରର ଆବଶ୍ୟକତା ଓ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ସ୍କୁଲର ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ବାଲ ବିଭାଗରେ ଏବଂ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଯୁବ ସଂସ୍କାର ଶିବିରରେ ଅଂଶଗ୍ରହଣ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାମଲ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ବକ୍ତବ୍ୟ ରଖିଥିଲେ। ଅଞ୍ଜୁ କକ୍କଡ, ଗୀତା ଦାସ, ନଳନୀ ମହାପାତ୍ର, ଭାଷା ଦାସ, ଭାରତୀ ଗୁପ୍ତା, ପ୍ରାଞ୍ଜନୀ ନାଗ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦିକା ମଞ୍ଜୁ ମେହେର ଶିବିର ସଂଯୋଜନା ଏବଂ ବନ୍ଦିତା ମାହାତୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଃଖୀ, ଦରିଦ୍ରଙ୍କ ପାଇଁ ସମର୍ପିତ ଥିଲେ ଗୋପବନ୍ଧୁ

**ରାଉରକେଲା,୨୭।୬(ଦିନେଶ ମିଶ୍ର)**

## ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ମତପ୍ରକାଶ

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଉପସଭାପତି ଶର୍ମିଷ୍ଠା କବି ଶତପଥୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ ଓ ଓଡିଶା ପ୍ରତି ତାଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ନଗେନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗୋପବନ୍ଧୁଙ୍କ ଜୀବନ ଦୁଃଖୀ, ଦରିଦ୍ରଙ୍କ ପାଇଁ ସମର୍ପିତ ଥିଲା। ତାଙ୍କ ପରି ନିଷ୍ଠାପର, ସଚ୍ଚୋଟ ଓ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଓଡ଼ିଶା ଇତିହାସରେ ବିରଳ। ଶିକ୍ଷା, ସାହିତ୍ୟ, ରାଜନୀତି, ସାମ୍ବାଦିକତା ଓ ଜନସେବା କ୍ଷେତ୍ରରେ ତାଙ୍କ ସେବା ଅଦ୍ୱିତୀୟ ବୋଲି ମଞ୍ଚାସୀନ ଅତିଥିଗଣ ମତପ୍ରକାଶ କରିଥିଲେ। ଏହି ଅବସରରେ ପ୍ରାତଃ ସମୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ଗୋପବନ୍ଧୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ହରିହର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଲକ୍ଷ୍ମଣନାଥ ଦାସ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ରବୀନ୍ଦ୍ର କୁମାର ସରାଫ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂର୍ଯ୍ୟନାରାୟଣ ପଣ୍ଡା, କୈଳାସ ଚନ୍ଦ୍ର ସାମଲ, ସାବିତ୍ରୀ ଦାସ, ଉମେଶ ଚନ୍ଦ୍ର ଜେନା, ରାଜୀବ ପାଣି ପ୍ରମୁଖ ସହଯୋଗ କରିଥିଲେ। ପାଠାଗାର କାର୍ଯ୍ୟକାରୀ ସଦସ୍ୟ ଧ୍ରୁବଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ଅତ୍ୟାଧୁନିକ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଟ୍ରାଏଲ

**ରାଉରକେଲା,୨୭।୬(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଦ୍ୱାରା ସ୍ଥାପିତ ଅତ୍ୟାଧୁନିକ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଆସନ୍ତା ଜୁଲାଇ ତୃତୀୟ ସପ୍ତାହରେ କମିଶନିଂ ହେବା ଆଶା କରାଯାଉଛି। ଏହାର ଯନ୍ତ୍ରୋପକରଣ ସ୍ଥାପନ କାର୍ଯ୍ୟ ଶେଷ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟ ଟ୍ରାଏଲ ଅପରେଶନ ଏପ୍ରିଲ ମାସରେ ଶେଷ ହୋଇଛି। ଖୁବଶୀଘ୍ର ଏହାର ଦ୍ୱିତୀୟ ପର୍ଯ୍ୟାୟ ଟ୍ରାଏଲ ଅପରେଶନ ଆରମ୍ଭ ହେବ, ଯାହା ଏହାର ତୃତୀୟ ପର୍ଯ୍ୟାୟ ଟ୍ରାଏଲ ଓ କମିଶନିଂ ପାଇଁ ରାସ୍ତା ପ୍ରଶସ୍ତ କରିଛି। ଏହି ଅତ୍ୟାଧୁନିକ ସୁବିଧା ଦୈନିକ ୩୦ନିୟୁତ ଲିଟର(ଏମ୍‌ଏଲ୍‌ଡି) ସିୱେଜ ଜଳ ପ୍ରବନ୍ଧନର କ୍ଷମତା ବହନ କରୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ଙ୍କ ପରାମର୍ଶ ଅନୁଯାୟୀ ଗ୍ରହଣ କରାଯାଇଥିବା ଏହି ପ୍ରମୁଖ ପଦକ୍ଷେପ ଇସ୍ପାତ ସହରାଞ୍ଚଳରେ ପରିବେଶ ସମସ୍ୟାକୁ ସମାଧାନ କରିବା ସହିତ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ୯୬କୋଟି ଟଙ୍କା ରହିଛି।


ନିର୍ମାଣାଧୀନ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ।

ଆର୍‌ଏସ୍‌ପି ଉକ୍ତ ପ୍ରକଳ୍ପ ପାଇଁ ୨୦୨୩ ଜୁନ ମାସରେ ମେସର୍ସ ବି.ଜି ପଟେଲ ଏବଂ ମେସର୍ସ ଓଆସିସ୍ ଇପିସି ସଲ୍ୟୁଶନକୁ ନେଇ ଗଠିତ ଏକ କନ୍ସୋର୍ସିୟମ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଏହି ଚୁକ୍ତିନାମାରେ ଉକ୍ତ ନୂତନ ସୁବିଧାର ସ୍ଥାପନା, କମିଶନିଂ, ୫ବର୍ଷର ଅପରେଶନ ଏବଂ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଭୁକ୍ତ ରହିଛି। ଉକ୍ତ ଅତ୍ୟାଧୁନିକ ବ୍ୟବସ୍ଥାରେ ଜଳ ବିଶୋଧନ ପାଇଁ ମୁଭିଙ୍ଗ ବେଡ୍ ବାୟୋଫିଲ୍ମ ରିଆକ୍ଟର (ଏମ୍‌ବିବିଆର) ଜ୍ଞାନକୌଶଳ ବ୍ୟବହାର ହେବ। ଇସ୍ପାତ ସହରାଞ୍ଚଳରେ ଉତ୍ପନ୍ନ ସମସ୍ତ ସ୍ୱେରେଜ ଜଳକୁ ଏହି ନୂତନ ବ୍ୟବସ୍ଥା ପରିଚାଳନା କରିବ।

ଇସ୍ପାତ ସହରାଞ୍ଚଳର ସମସ୍ତ ବାସିନ୍ଦାଙ୍କ ପାଇଁ ଏକ ନିରାପଦ ତଥା ସୁସ୍ଥ ପରିବେଶ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇ ସିୱେଜ ବିଶୋଧନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ମରାମତି କରିବାକୁ ଆର୍‌ଏସ୍‌ପି ପଦକ୍ଷେପ ନେଇଛି। ଉକ୍ତ ପ୍ରକଳ୍ପ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗ ଦ୍ୱାରା ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ନେତୃତ୍ୱ କ୍ରମେ କାର୍ଯ୍ୟକାରୀ ହେଉଛି। ମେସର୍ସ ମେକନ ଲିମିଟେଡ ପ୍ରକଳ୍ପର ପରାମର୍ଶଦାତା ହୋଇଥିବା ବେଳେ ସହର ଇଞ୍ଜିନିୟରିଂ ଏବଂ ସହର ସେବା ଏହାର ଉପଭୋକ୍ତା ବିଭାଗ ଅଟନ୍ତି। ପ୍ରକଳ୍ପ ବିଭାଗର ସିଜିଏମ ଡି. କେ. ସାହୁ, ଜିଏମ୍ ସୂର୍ଯ୍ୟ କୁମାର ଦାସ, ଡିଜିଏମ୍ ଭି. କେ. ଯାଦବଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଗାଯୋଗ ଦଳରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ. ଜୋଜୋ, ସହର ସେବା ଓ ସିଏସ୍‌ଆର ବିଭାଗର ସିଜିଏମ୍ ଟି. ଜି କାନେକର, ସହର ଇଞ୍ଜିନିୟରିଂ ଜଳ ଯୋଗାଣ ବିଭାଗର ଜିଏମ୍ ମଙ୍ଗଳ ଓରାମ, ସିଏସ୍‌ଆର ବିଭାଗର ଜିଏମ୍ ବି. ମଲ୍ଲିକ ତଥା ସହରସେବା ବିଭାଗର ଜିଏମ୍ ସଞ୍ଜୟ ଦେଓ ସାମିଲ ଅଛନ୍ତି।

## ଯୁବକଙ୍କୁ ଆକ୍ରମଣ କରି ମୋବାଇଲ, ଟଙ୍କା ଲୁଟ୍

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ବଡ଼ମାଲ ଥାନା ଅଧିନ ଗୌଡପଡ଼ା ଛକରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଜଣେ ଯୁବକଙ୍କୁ ଆକ୍ରମଣ କରି ମୋବାଇଲ, ଟଙ୍କା ଲୁଟ୍ ହୋଇଛି। ବୃନ୍ଦାମାଲ ଗ୍ରାମର ଛବିଳ ଡିଲ୍ଲା ସ୍ଥାନୀୟ କାରଖାନାରେ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ଏହି ସମୟରେ ଗୌଡପଡ଼ା ଛକରେ ଗୋଟିଏ ବାଇକ୍‌ରେ ଦୁଇଜଣ ଯୁବକ ଆସି ତାଙ୍କୁ ଅଟକାଇଥିଲେ। ପରେ ସେମାନେ ତାଙ୍କୁ କାଚ ବୋତଲରେ ଆକ୍ରମଣ କରିବା ସହ ତାଙ୍କଠାରୁ ଗୋଟିଏ ମୋବାଇଲ ସହ ୪୫୦୦ ଟଙ୍କା ଲୁଟ୍‌ନେଇ ଫେରାର ହୋଇଯାଇଛନ୍ତି। ଏନେଇ ଛବିଳ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ସହର

**ସମ୍ବଲପୁର,୨୭।୬(ବି.ଶଙ୍କର)**

ସମ୍ବଲପୁର ସହର ସ୍ଥିତ ୨୫ଟି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ସର୍ବପୁରାତନ ଝାଡୁଆପଡା ବ୍ରହ୍ମପୁରାରେ ପ୍ରାତଃ ସାଢେ ୪ଟାରେ ସକାଳ ଧୂପ, ସକାଳ ୬ଟାରେ ନିତି ଆଳତୀ, ସକାଳ ୮ଟାରୁ ସେନାପଟା ନିତି, ସକାଳ ୯ଟା ୩୦ମିନିଟରେ ପହଣ୍ଡି ବିଜେ, ୧୧ଟାରେ ଛେରା ପହଁରା, ୧୧.୩୦ରେ ଠାକୁରଙ୍କ ରଥାରୁଢ ନିତି ହେବାପରେ ପଶ୍ଚିମ ଓଡିଶାର ନିଆର ପରମ୍ପରା ରଥଛୁଆଁ କାର୍ଯ୍ୟକ୍ରମ ହୋଇଥିଲା। ଅପରାହ୍ନ ୩ଟାରେ ନିୟମାନୁସାରେ ରଥଟଣା ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ମହାଆଳତୀ ଓ ପୂଜାର୍ଚ୍ଚନା କରିଥିଲେ। ରାତି ୭ଟାରେ ଦଲେଇପଡା ଛକରେ ରଥ ପହଞ୍ଚିଥିଲା। ଝାଡୁଆପଡା ପଡାର ବରିଷ୍ଠ ନାଗରିକ ଅମରନାଥ ସୂପକାର ଛେରା ପହଁରା କରିଥିଲେ। ବ୍ରହ୍ମପୁରା ଟ୍ରଷ୍ଟ ସଭାପତି ସରୋଜ ଦଳପତି, ସଭ୍ୟ ସୁଶାନ୍ତ ପୁରୋହିତ, ସଞ୍ଜୟ କୁମାର ମିଶ୍ର, ଅଭିଷେକ ମିଶ୍ରଙ୍କ ସମେତ ଯୁବ ଉଦୟନ ସଭ୍ୟମାନେ ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ମହିଳା କୀର୍ତ୍ତନ, ଶଙ୍ଖବାଦ୍ୟ, ସଂପ୍ରଦା, ସଂକୀର୍ତ୍ତନ ମଣ୍ଡଳୀ, ଦୁଲଦୁଲି କଳାକାରଙ୍କ ନୃତ୍ୟବାଦ୍ୟରେ ରଥଟଣା ନିତି ହୋଇଥିଲା। କିନ୍ତୁ ନିଆରା ପରମ୍ପରାକୁ ପାଳନ କରିବା ପୂର୍ବକ ୨ଟି ଜଗନ୍ନାଥ ମନ୍ଦିରରେ କେବଳ ପୂଜାର୍ଚ୍ଚନା ହୋଇଛି। କିନ୍ତୁ ରଥଯାତ୍ରା ହୋଇ ନାହିଁ। ସୂଚନାଯୋଗ୍ୟ ଯେ, ସହର ସ୍ଥିତ ୨୭ଟି ଜଗନ୍ନାଥ ମନ୍ଦିର ମଧ୍ୟରୁ ୨୫ଟିରେ ରଥଯାତ୍ରା ହୋଇଥିଲା। ବାଲିବନ୍ଧା ରଘୁନାଥ ଜୀ ଓ କମିଶନର୍ସ କଲୋନୀ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। କିନ୍ତୁ ରଥ ଟଣା ନିତି ହୋଇନଥିଲା। ସେହିପରି ରାମଜୀ ଗୁଡି ନିକଟସ୍ଥ କୁଠା ଜଗନ୍ନାଥ ମହାପ୍ରଭୁ ରଥାରୁଢ଼ ହୋଇଥିଲେ। କିନ୍ତୁ ପରମ୍ପରାନୁସାରେ ରଥ ଟଣା ହୋଇନଥିଲା। କମଲିବଜାର ଗୋପାଳଜୀ ମଠସ୍ଥିତ ଜଗନ୍ନାଥ ଠାକୁରଙ୍କ ଛୋଟ ବିଗ୍ରହଙ୍କୁ ରଥାରୁଢ଼ କରାଯାଇ ରଥଟଣା ହୋଇଥିଲା। ବାଟରେ କୁଠା ଜଗନ୍ନାଥଙ୍କ ପ୍ରତିନିଧି ଭାବେ ଛୋଟ ବିଗ୍ରହଙ୍କୁ ଛେରାପହଁରା କରାଯାଇ ରଥାରୁଢ଼ କରାଯାଇଥିଲା। ଏହି ଦୁଇ ମନ୍ଦିର ଠାକୁର ଗୋଟିଏ ରଥରେ ରଥାରୁଢ଼ ହେବାପରେ ରଥ ଟଣା ଯାଇଥିଲା। ରାତିରେ ବାଲିବନ୍ଧା ଗୀତାଗୁଡି ଛକ ପର୍ଯ୍ୟନ୍ତ ରଥ ଆସିଥିଲ।। ସେଠାରେ ରଥକୁ ଦକ୍ଷିଣ ମୁହାଁ କରି ଆଳତୀ ନିତି ହୋଇଥିଲା। ଏହାପରେ ରଥ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଅପରପକ୍ଷେ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଅଇଁଠାପାଲି ଶୁଭଶ୍ରୀ ବିହାରଠାରେ ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସଦୃଶ୍ୟ ରଥ ହୋଇଥିଲା। ଏହା ପରେ ଭକ୍ତମାନଙ୍କ ଦ୍ୱାରା ରଥ ଟଣାଯାଇଥିଲା। କାର୍ଯ୍ୟକ୍ରମରେ ଶୁଭଶ୍ରୀ ବିହାରବାସୀଙ୍କ ସମେତ ଘଣ୍ଟ, ଶଙ୍ଖ ଓ କୀର୍ତ୍ତନ କଳାକାର ସାମିଲ ଥିଲେ। ଯୁବ ଚିତ୍ରଶିଳ୍ପୀ ଜ୍ୟୋତିରାଦିତ୍ୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଶିଶୁମାନଙ୍କ ଦ୍ୱାରା ପ୍ରସ୍ତୁତ ଶତାଧିକ ରଥ ସହର ପରିକ୍ରମା କରିଥିଲା।


ସମ୍ବଲପୁର ଝାଡୁଆପଡାରେ ଠାକୁରଙ୍କ ପହଣ୍ଡି ବିଜେ ନୀତି କରାଯାଉଛି।

**୨୫ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା**

## ବାର ବର୍ଷରେ ପଦାର୍ପଣ କଲା ପିଲାଙ୍କ ରଥଯାତ୍ରା


ଛୋଟପିଲାମାନେ ରଥଯାତ୍ରା ଆୟୋଜନ କରୁଛନ୍ତି।

**ସମ୍ବଲପୁର,୨୭।୬(ଭବାନୀ ଶଙ୍କର ଭୋଇ):** ବିଭିନ୍ନ ଅଞ୍ଚଳରେ ଜଗନ୍ନାଥଙ୍କ ରଥଯାତ୍ରା ଭିନ୍ନ ଭିନ୍ନ ଢ଼ଙ୍ଗରେ ଅନୁଷ୍ଠିତ ହୋଇଥାଏ। ସମ୍ବଲପୁର କୁଲୁଥକାନୀରେ ଶୁକ୍ରବାର ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ଆୟୋଜିତ ରଥଯାତ୍ରା ଚଳିତବର୍ଷ ୧୨ ବର୍ଷରେ ପଦାର୍ପଣ କରିଛି। ୨୦୧୪ ମସିହାରେ ଛୋଟ ପିଲାମାନେ ରଥଯାତ୍ରା ଦିନ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଛୋଟିଆ ରଥରେ ବସାଇ ସାହିରେ ରଥଯାତ୍ରା ଆରମ୍ଭ କରିଥିଲେ। ପ୍ରତିବର୍ଷ ସେହି ପରମ୍ପରାକୁ ପିଲାମାନେ ଆଗକୁ ବଢ଼ାଇ ଚାଲିଛନ୍ତି। ଏହି ରଥଯାତ୍ରାରେ ସାଜସଜ୍ଜା ଠାରୁ ପୂଜାପାଠ ପର୍ଯ୍ୟନ୍ତ ସବୁକିଛି ପଡ଼ାର ପିଲାମାନେ କରିଥାନ୍ତି। ଏଥିରେ ରଥଯାତ୍ରାର ସମସ୍ତ ପରମ୍ପରାକୁ ପାଳନ କରାଯାଇଥାଏ। ପଡ଼ାର ଷୋହଳ ବର୍ଷିୟ ଶିବଶଙ୍କର ପଣ୍ଡା ଚଳିତ ବର୍ଷ ରଥଯାତ୍ରାର ସମସ୍ତ ପୂଜାନୀତି କରୁଥିବା ବେଳେ ଏଗାର ବର୍ଷର ଆୟାଂଶ ଯତି ଛେରାପହଁରା କରିଥିଲେ। ରଥଯାତ୍ରା ଆୟୋଜନରେ ପଡ଼ାର ପ୍ରତ୍ୟୁଷ କୁମାର ଭୋଇ, ଅନିରୁଦ୍ଧ ଦଳାଇ, ଆୟୁଷ ସ୍ୱାଇଁ, ଆଦ୍ୟାଶା ଯତି, ପ୍ରେରଣା ମୟୀ ପାଢ଼ୀ, ପ୍ରୟାସ ରଞ୍ଜନ ପାଢ଼ୀ, ଶ୍ରୟାଂସୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ପିଡିଏଫ୍ କଲୋନୀରେ ନଳକୂଅ ଉଦ୍‌ଘାଟିତ


ନୂତନ ନଳକୂଅକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ସମ୍ବଲପୁର,୨୭।୬(ବି.ଶଙ୍କର)**

ଆକାଂକ୍ଷା ଲେଡିଜ୍ କ୍ଲବ ପକ୍ଷରୁ ସମ୍ବଲପୁର ଜିଲା ଠେଲକୋଲୋଇର ପିଡିଏଫ କଲୋନିରେ ନୂତନ ନଳକୂଅ ଉଦ୍‌ଘାଟିତ ହୋଇଯାଇଛି। ଆକାଂକ୍ଷା ଲେଡିଜ୍ କ୍ଲବ ସଭାନେତ୍ରୀ ନୀଲମ ସିଂହ, ଠେଲକୋଲୋଇର ସରପଞ୍ଚ ଅବନ୍ତୀ ନାୟକ ଯୋଗଦେଇ ନଳକୂଅ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟା ଏବଂ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଦ୍ୱାରା ପ୍ଲାଣ୍ଟର ଆଖପାଖ ଅଞ୍ଚଳର ସ୍ୱାସ୍ଥ୍ୟ ଏବଂ ପରିମଳ ବୃଦ୍ଧି ପାଇଁ କ୍ଲବର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଗ୍ରାମାଞ୍ଚଳରେ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଉପଲବ୍ଧତା ଏକ ମୌଳିକ ଆବଶ୍ୟକତା। ତେଣୁ ଏହି ନଳକୂଅ ସ୍ଥାପନ ଦ୍ୱାରା ପିଡିଏଫ୍ କଲୋନୀର ବାସିନ୍ଦାମାନଙ୍କର ଦୈନନ୍ଦିନ ଜଳ ଆବଶ୍ୟକତା ପୂରଣ କରିବ। ଏଥିସହ ସାମଗ୍ରିକ ପରିଚ୍ଛନ୍ନତା ମାନଦଣ୍ଡକୁ ଉନ୍ନତ କରି, ସେମାନଙ୍କୁ ବହୁ ଲାଭ ମିଳିବ ବୋଲି ଆଶା କରାଯାଉଛି। ସଭାନେତ୍ରୀ ସିଂହଙ୍କ ନେତୃତ୍ୱରେ ଆକାଂକ୍ଷା ଲେଡିଜ୍ କ୍ଲବ୍ ପ୍ଲାଣ୍ଟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି। ଗଣ ବିବାହ, ପରିମଳ ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଏବଂ ଜଳ ଉପଲବ୍ଧତା କାର୍ଯ୍ୟକ୍ରମ ଭଳି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟ କରାଯାଉଛି। ଆଗକୁ ମଧ୍ୟ ଏପରି ବିକାଶ ଓ ଜନ ହିତକର କାର୍ଯ୍ୟ ଜାରି ରହିବ ବୋଲି ପକ୍ଷରୁ ସୂଚିତ କରାଯାଇଛି।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର


କରମଟୁଲି ରାସ୍ତାରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର ରହିଛି।

**ସମ୍ବଲପୁର,୨୭।୬(ବି.ଶଙ୍କର)**

ସମ୍ବଲପୁର ଡିଭିଜନ ଅଇଁଠାପାଲି ଆରଆଇ ସେକ୍ସନ ଅନ୍ତର୍ଗତ କରମଟୁଲି (କେନାଲପଡା) ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର ରହିଛି। ତାରଗୁଡିକ ସ୍ୱଳ୍ପ ଉଚ୍ଚତା ତଥା ହାତ ପାହାନ୍ତାରେ ସଂଯୋଗ କରାଯାଇଛି। ଯଦ୍ୱାରା ତାର ତଳକୁ ଝୁଲି ଯାଇଛି। ଅପରପକ୍ଷେ ଗୋଟିଏ ବିଦ୍ୟୁତ ଖୁଣ୍ଟରୁ ଅନ୍ୟ ଏକ ଖୁଣ୍ଟକୁ ଯାଇଥିବା ତାର ଖଣ୍ଡ ଖଣ୍ଡ ହୋଇଛି। ଏହି ତାରକୁ ଯୋଡାଯାଇଛି। କାମଚଳା ଉକ୍ତ ତାରରୁ ବିଭିନ୍ନ ସମୟରେ ନିଆଁ ଲାଗି ଥିବା ନଜିର ରହିଛି। ଫଳରେ ଅଞ୍ଚଳବାସୀ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ଚଳିତ ମାସ ପ୍ରଥମ ସପ୍ତାହରେ ମଧ୍ୟ ଅନେକ ଥର ଉକ୍ତ ତାରରେ ନିଆଁ ଲାଗିଥିବା ନେଇ ଜନସାଧାରଣ ଟିପିଡବ୍ଲ୍ୟୁଓଡିଏଲ ଗ୍ରାହକ ସେବା କେନ୍ଦ୍ରରେ ଅଭିଯୋଗ କରିଥିଲେ। କିନ୍ତୁ ପରିତାପର ବିଷୟ, ନୂତନ ବିଦ୍ୟୁତ ତାର ସଂଯୋଗ କରିବା ପରିବର୍ତ୍ତେ ନିରାକରଣ ବାବଦକୁ ଏପରି ଖଣ୍ଡ ଖଣ୍ଡ ତାର ସଂଯୋଗ କରି ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀ ଅନେକ ଥର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପତ୍ର ଓ ଇମେଲ ଜରିଆରେ ଦୃଷ୍ଟି ଆର୍କଷଣ କରିଛନ୍ତି। କିନ୍ତୁ ପରିତାର ବିଷୟ, ସଂପୃକ୍ତ ବିଭାଗ ଅଞ୍ଚଳବାସୀଙ୍କୁ ଅଭିଯୋଗ ପ୍ରତି ଅଣଦେଖା କରି ଚାଲିଛନ୍ତି। ତେଣୁ ଉକ୍ତ ଖୁଣ୍ଟର ତାର ଯଥା ଶୀଘ୍ର ପରିବର୍ତ୍ତନ କରିବା ସହିତ ସୁରକ୍ଷିତ ଉଚ୍ଚତାରେ ସ୍ଥାପନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ତାଲିମ ଶିବିର

**ନାକଟିଦେଉଳ,୨୭।୬(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ଗୁରୁବାର ଜିଲା ପ୍ରଶାସନ ଆନୁକୂଲ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସିଡିପିଓ ରେବତୀ ବେହେରା ଏବଂ ବ୍ଲକ କୃଷି ଅଧିକାରୀ ମଧୁମତୀ ମୁର୍ମୁ ଯୋଗଦେଇଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ସମନ୍ୱିତ ଶିଶୁ ବିକାଶ, ରାସ୍ତା ଘାଟ, ଏମ୍‌ଜିଏନ୍‌ଆରଇଜିଏସ୍ ଏବଂ ସର୍ବୋପରି ପଞ୍ଚାୟତସ୍ତରରେ ବିଭିନ୍ନ ସମସ୍ୟାର କିପରି ଦୀର୍ଘ ସ୍ଥାୟୀ ବିକାଶ ହୋଇ ପାରିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ପଞ୍ଚାୟତରେ ତୃଣମୂଳସ୍ତରରୁ ବିଭିନ୍ନ ସମସ୍ୟାଗୁଡିକର କିପରି ଦୀର୍ଘ ସ୍ଥାୟୀ ସମାଧାନ ଏବଂ ବିକାଶ ଲକ୍ଷ୍ୟ କରାଯାଇ ପାରିବ ସେ ନେଇ ଶିବିରରେ ଆଲୋଚନା ହୋଇଥିଲା। ସରକାରଙ୍କ ଏହି ସୁଦୂରପ୍ରସାରୀ ଯୋଜନା ଏବଂ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ପଞ୍ଚାୟତ ପ୍ରତିନିଧି ସମେତ ବିଭାଗୀୟ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ ସହାଭାଗିତା ରହିଛି ବୋଲି ଶିବିରରେ ମତ ପ୍ରକାଶ ପାଇଥିଲା। ଶିବିରରେ ୯ ଟି ମାନଦଣ୍ଡ ଉପରେ ଆଲୋଚନା କରାଯାଇ ୧୬୧ଟି ପ୍ରଶ୍ନ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ପିଇଓ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଅଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେ।


ସମ୍ବଲପୁର ମହାନଗର ନିଗମ ମୁଖ୍ୟରାସ୍ତାର ମନ୍ଦଲିଆ ବ୍ରିଜ ଉପରେ ଗୋରୁ ଶୋଇଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି।

## ଜଳବିଭାଜିକା କମିଟି ସୁଦୃଢ଼ ହେଲେ ଚାଷୀ ଲାଭବାନ ହେବେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ତିନି ଦିନିଆ ଜିଲା ସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ**

**ସମ୍ବଲପୁର,୨୭।୬(ଭବାନୀ ଶଙ୍କର ଭୋଇ)**

ଯୁଯୋମୁରା ବ୍ଲକ ନୀଳଡୁଙ୍ଗରି ଠାରେ ଥିବା ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ରରେ ଶୁକ୍ରବାର ୩ ଦିନିଆ ଜିଲା ସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଉଦ୍‌ଯାପିତ ହୋଇଯାଇଛି। ଯୁଯୋମୁରା, କୁଚିଣ୍ଡା ଏବଂ ରେଢ଼ାଖୋଲ ବ୍ଲକରେ ରିୱାର୍ଡ ପ୍ରକଳ୍ପ ମାଧ୍ୟମରେ ଗଠନ କରାଯାଇଥିବା ଜଳବିଭାଜିକା କମିଟି ଗୁଡିକର ସାଙ୍ଗଠନିକ ଅଭିବୃଦ୍ଧି, ପ୍ରାକୃତିକ ସମ୍ପଦର ପରିଚାଳନା, ଜଳ ବାୟୁ ବିପତ୍ତିର ପରିଚାଳନା ଓ ଆର୍ଥିକ ସୁ ପରିଚାଳନା ବିଷୟରେ ଆଲୋଚନା କରାଯାଇଥିଲା। ଜଳ ବିଭାଜିକା ଅଞ୍ଚଳ ଗୁଡ଼ିକରେ କୃଷକ, ମହିଳା ଓ ଭୂମି ହୀନ ଲୋକମାନଙ୍କର କୃଷି ଓ ଜୀବନ ଜୀବିକା ମାନରେ କିପରି ଅଭିବୃଦ୍ଧି ହୋଇପାରିବ ଏବଂ କୃଷି ଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ଏବଂ ସଠିକ ଉପାୟରେ ବଜାରୀକରଣ ହୋଇପାରିବ ସେ ବିଷୟରେ ଏସ. ଜି. ଫାଉଣ୍ଡେଶନର ସ୍ମାର୍ଟ ସ୍କିଲ ପ୍ରକଳ୍ପ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ସମ୍ବଲପୁର ମୃତ୍ତିକା ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା କହିଥିଲେ, ଜଳବିଭାଜିକା କମିଟି ଗୁଡିକୁ ସୁଦୃଢ ହେଲେ ଚାଷୀମାନେ ଲାଭବାନ ହେବେ। ସେହିପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ସେଠି ଏବଂ ପ୍ରକଳ୍ପ ଅଧିକାରୀ ସୌରଭ କୁମାର ସାହୁ, ସାଙ୍ଗଠନିକ ଏବଂ କ୍ଷମତା ବିକାଶ ବିଶେଷଜ୍ଞ ମନୋଜ କୁମାର, କୁଚିଣ୍ଡା ଏବଂ ଯୁଯୋମୁରା ଡି.ଏଲ. ଏସ. ଏ ଏବଂ ରିୱାର୍ଡ ପ୍ରକଳ୍ପର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ମାନସ କୁମାର ରାଉତ ତାଲିମ ପ୍ରଦାନ କରିଥିଲେ। ଏସ. ଜି. ଫାଉଣ୍ଡେଶନ ତରଫରୁ ଅଶୋକ କୁମାର ମାହାର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରଶ୍ମି ବିଶ୍ୱାଳ, ଜ୍ୟୋତିରଞ୍ଜନ ସାହୁ ଓ ରଶ୍ମି ରଞ୍ଜନ ପାଳ ମଧ୍ୟ ଉପସ୍ଥିତ ଥିଲେ।

## ଭାରତୀୟ କିଷାନ ସଂଘର ପ୍ରଶିକ୍ଷଣ କାର୍ଯ୍ୟକ୍ରମ


ଭରତୀୟ କିଷାନ୍ ସଂଘର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସମ୍ବଲପୁର,୨୭।୬(ପ୍ରମୋଦ ବହିଦାର)**

ଭାରତୀୟ କିଷାନ ସଂଘ ଓଡ଼ିଶା ଆନୁକୂଲ୍ୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ରାଜସ୍ୱ ଅଯୁକ୍ତଙ୍କ ଅଧିନ ୧୦ଟି ଜିଲାର ଶହେରୁ ଉର୍ଦ୍ଧ୍ୱ ସଂଘର ସକ୍ରିୟ ସଦସ୍ୟ ଭାଗନେଇଥିଲେ। ମୁଖ୍ୟଅତିଥିଭାବେ ସଂଘ ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ ଯୋଗଦେଇ ଅକ୍ଟୋବର ସୁଦ୍ଧା ସମଗ୍ର ଓଡ଼ିଶାରେ ୨ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷିତ କରି ସେମାନଙ୍କୁ ଗ୍ରାମାଭିମୁଖୀ କରାଯିବ ବୋଲି କହିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ସଂଘର ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର, କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ଶ୍ରୀନିବାସ, ଉପସଭାପତି ପ୍ରଦୀପ ମହନ୍ତ ଓ ରାଧାକୃଷ୍ଣ ମେହେର ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଭାରତୀୟ କିସାନ ସଂଘର ରୀତିନୀତି, କାର୍ଯ୍ୟପଦ୍ଧତି, ସଙ୍ଗଠନର ମୁଖ୍ୟ ସଙ୍କଳ୍ପ, ଗ୍ରାମ୍ୟ ଅର୍ଥନୀତିରେ ଦନ୍ତପନ୍ଥ ଠେଁଗେଡିଜୀଙ୍କ ଚିନ୍ତାଧାରାକୁ ନେଇ ମାର୍ଗଦର୍ଶନ କରିଥିଲେ। ସତ୍ୟ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସମ୍ବଲପୁର ଜିଲା ସଭାପତି ଭବାନୀ ଶଙ୍କର ହୋତା ସ୍ୱାଗତ ଅଭିଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ସତ୍ୟ ପୂଝାରୀ, ସୁଶାନ୍ତ ପ୍ରଧାନ, ଭୁପାଳ ବିଶି, ଚୈତନ୍ୟ କର୍ଣ୍ଣ, ସଂଘର ରାଜ୍ୟ ମହିଳା ପ୍ରମୁଖ ସଂଘମିତ୍ରା ପଟେଲ, ରୀନା ସାଗର, ପିତାମ୍ବର ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ହୀରାଲାଲ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ଦାଣ୍ଡରେ ବିଶ୍ୱନିୟନ୍ତା



▲ ଶୁକ୍ରବାର ରଥଯାତ୍ରା ଅବସରରେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ।



▲ ପୁରୀ ଶ୍ରୀମନ୍ଦିର ସମ୍ମୁଖରୁ ଦାରୁଦିଅଁଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣିନେଉଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)



▲ ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପହଣ୍ଡି ବିଜେ।



▲ ରଥରେ ଛେରାପହଁରା ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ



▲ ବଡ଼ଦାଣ୍ଡରେ ହନୁମାନ ବେଶଧାରୀ ଭକ୍ତ



▲ ଚକ୍ରବନାଟି ପ୍ରଦର୍ଶନ



▲ ପୁରୀରେ ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ଉନ୍ମୋଚନ କରାଯାଉଛି।



▲ ରଥ ଟାଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ ସହଧର୍ମିଣୀ ପ୍ରିୟଙ୍କା ମାରାଣ୍ଡି ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

**ତୁଷୁରାରେ ରଥଯାତ୍ରା** ଗୁଡଭେଲା,(ମନୋଜ କୁମାର ଜୈନ): ବଲାଙ୍ଗୀର ଜିଲା ତୁଷୁରା ସହର ସହ ଗୁଡଭେଲା ବ୍ଲକ ମହକୁମା, ଚାଣ୍ଡିପଦର, ସମରା ଓ ଖର୍ଡା ଗ୍ରାମରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ତୁଷୁରା ଜଗନ୍ନାଥ ମନ୍ଦିରରୁ ରଥରେ ଶ୍ରୀଜୀଉଙ୍କୁ ରଥରୁଢ କରାଯାଇଥିଲା । ପରେ ଭକ୍ତମାନେ ରଥକୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ।



# ଭକ୍ତ-ଭଗବାନ ମିଳନ

**ବଲାଙ୍ଗୀର,୨୭।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରରେ ଶୁକ୍ରବାର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଅପରାହ୍ଣରେ ସ୍ଥାନୀୟ ଗୋପାଳଜୀ ମନ୍ଦିରର ଶ୍ରୀଜୀଉଙ୍କ ଛେରାପହଁରା ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ରଥଯାତ୍ରା ଓ ପହଣ୍ଡି ବିଜେରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଉପଜିଲାପାଳ ଆଲୋକ ପଟେଲ ଓ ଅନ୍ୟମାନେ ସାମିଲ ଥିଲେ। ମନ୍ଦିରରେ ଶ୍ରୀଜୀଉମାନଙ୍କ ପୂଜାବିଧି ସରିବା ପରେ ପହଣ୍ଡି ବିଜେ ହୋଇଥିଲା। ଗୋପାଳଜୀ ମନ୍ଦିରରୁ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଯିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣି ନେଇ ହସ୍ପିଟାଲ ଛକ ପାଖ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହାଛଡା ସହରର ସାହାଣୀ ରଥ, ଜଗନ୍ନାଥପଡା ରଥ, ଟିକ୍ରାପଡା ଚାନ୍ଦ ମନ୍ଦିର ରଥ, ଶୈଳଶ୍ରୀ ପେଲେସରୁ ବାହାରିଥିବା ରଥ, ପ୍ରତାପ ସାଗରପଡା, ଟିକ୍ରାପଡା ରଥ ଓ କଳାମଣ୍ଡଳ ପଡା ରଥକୁ ଭକ୍ତମାନେ ଟାଣି ନେଇ ମାଉସୀ ମା' ମନ୍ଦିରରେ ପହଞ୍ଚାଇଥିଲେ। ହଜାର ହଜାର ଶ୍ରଦ୍ଧାଳୁ ବିଭିନ୍ନ ପଡାରେ ରଥ ଟାଣିଥିଲେ। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ଟାଉନ ଥାନା ଆଇଆଇସି ଅବନୀ ସାହୁ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ରଥଯାତ୍ରା କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଏକ ହୋଟେଲଠାରେ ରଥଯାତ୍ରା ଧାରା ବିବରଣୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜଗନ୍ନାଥ ସଂସ୍କୃତି ଏବଂ ରଥଯାତ୍ରା ଉପରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ୍ ସନାତନ ଠାକୁର, କବି ମଧୁସୂଦନ ନାୟକ, ଅଧ୍ୟାପକ ସନ୍ଦୀପ କୁମାର କୁଅଁର, ପ୍ରବଚିକା ଏଲୋରା ମିଶ୍ର, କଲୋଳିନୀ ମିଶ୍ର, ପ୍ରବଚକ ବିଭୂତି ଭୂଷଣ ମିଶ୍ର, ବିଜୟ କୁମାର ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ।



ଗୋପାଳଜୀ ମନ୍ଦିର ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।

**ବଲାଙ୍ଗୀରରେ ଶାନ୍ତି ଶୃଙ୍ଖଳାର ସହ ରଥଟଣା**

## ରଥାରୂଢ଼ ତିନି ଠାକୁରଙ୍କ ଦର୍ଶନ କଲେ ଭକ୍ତ

**ଟିଟିଲାଗଡ଼,୨୭।୬(ଶରତ ମିଶ୍ର)**

ସ୍ଥାନୀୟ ଶ୍ରୀ ଦଧିବାମନ ଧବଳେଶ୍ୱର ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଶ୍ରୀଜୀଉଙ୍କ ଗୁଣ୍ଡିଚା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସକାଳୁ ନୀତିକାନ୍ତି ଆରମ୍ଭ ହୋଇ ଅପରାହ୍ନ ପ୍ରାୟ ୪ଟାରେ ତିନି ଠାକୁର ପହଣ୍ଡିରେ ଆସି ରଥରେ ବିଜେ ହୋଇଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ରେହାନ ଖତ୍ରୀଙ୍କ ତତ୍ତ୍ୱାବଧାନରେ ସେବାୟତ ରାଧାକାନ୍ତ ପାଢ଼ୀ, ଭବାନୀ ପ୍ରସାଦ ହୋତା, ପଞ୍ଚାନନ ପାଢ଼ୀ, ସୁମନ୍ତ ପାଢ଼ୀ, କମ୍ବୁପାଣି ପାଢ଼ୀ, ଟ୍ରଷ୍ଟି ସଞ୍ଜୀବ ପାଢ଼ୀ, ସନତ ପାଢ଼ୀ, ଅଶୋକ ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ସଞ୍ଜୟ ପାଢ଼ୀ, ଶୁଭ୍ରାଂଶୁ ପାଢ଼ୀ, ନିଶିକାନ୍ତ ପାଢ଼ୀ, ନିହାର ପାଢ଼ୀ, ସମୀର ପାଢ଼ୀ ମହାପ୍ରଭୁଙ୍କ ବିଭିନ୍ନ ରୀତିନୀତି ସମ୍ପନ୍ନ କରିଥିଲେ। ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧକ୍ଷା ମମତା ଜୈନ, ସୁବୋଧ ଦାଶ, ଅଲେଖ ଦଳବେହେରା, ତ୍ରିନାଥ ସରାଫ, ଧ୍ରୁବଲେଶ୍ୱର ଦଳବେହେରା, ଭୂପତି ବାରିକ ପ୍ରମୁଖ ସାମିଲ ହୋଇଥିଲେ । ରଥ ଆଜି ସ୍ଥାନୀୟ ଗଣେଶ ମନ୍ଦିର ଛକ ପର୍ଯ୍ୟନ୍ତ ଟଣା ହୋଇଥିବା ବେଳେ ଶନିବାର ତିନି ଠାକୁର ମନ୍ଦିର ପ୍ରବେଶ କରିବା କାର୍ଯ୍ୟକ୍ରମ ରହିଛି।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
DISCOUNT 25 %OFF SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

## ନିଶା ନୁହେଁ ଜୀବନ କର୍ମଶାଳା

**କଣ୍ଟାବାଞ୍ଜି,୨୭।୬(ଗୁରୁଦୟାଲ ହଂସ):** ତୁରେକେଲା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ 'ନିଶା ନୁହେଁ ଜୀବନ' ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ଅବକାରୀ ବିଭାଗ ଓ ତୁରେକେଲା ବ୍ଲକ ପ୍ରଶାସନ ଦ୍ୱାରା ଏହା ହୋଇଥିଲା। ଏହି ଅବସରରେ ତୁରେକେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ହୋଇଥିଲା। ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ତୁରେକେଲା ସରପଞ୍ଚ ଜଲନ୍ଧର ମହାକୁଡ ମୁଖ୍ୟଅତିଥି , ମୁକେଶ ବାଗ, କଣ୍ଟାବାଞ୍ଜି ଅବକାରୀ ଥାନା ଅଧିକାରୀ ପ୍ରବୀନ କୁମାର ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

## ରଥଯାତ୍ରା: ଅନୁକୂଳ ପାଗ ଯୋଗୁ ପ୍ରବଳ ଭିଡ଼

**ଖପ୍ରାଖୋଲ,୨୭।୬(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକର ବିଭିନ୍ନ ଗାଁରେ ରଥ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ପୂଜାନୀତି ପରେ ପହଣ୍ଡି ଓ ରଥାରୂଢ଼ କରାଯାଇ ରଥଟଣା ଯାଇଥିଲା । ଶ୍ରଦ୍ଧାଳୁମାନେ ଉତ୍ସାହ ଓ ଉଦ୍ଦୀପନାର ସହ ରଥ ଟାଣି ଥାନା ଛକ ପର୍ଯ୍ୟନ୍ତ ଆଣିଥିଲେ। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ପୂଜକ ରମେଶ ଚନ୍ଦ୍ର ଦାଶ ପୂଜା ପାଠ କରିଥିଲେ। ସେହିପରି ଧଣ୍ଡାମୁଣ୍ଡା ଗାଁରେ ମଧ ତିନି ଠାକୁରଙ୍କ ପହଣ୍ଡି କରାଯାଇ ପରେ ରଥ ଟଣା ହୋଇଥିଲା। ପୂଜକ ବଶିଷ୍ଠ ମିଶ୍ର, ଓଁକାର ମିଶ୍ର, ବୈଦ୍ୟନାଥ ମିଶ୍ର, ଗାଁ କମିଟି ତରଫରୁ ଅମୂଲ୍ୟ ଭୋଇ, କ୍ଷୀରୋଦ ପ୍ରଧାନ, ପଞ୍ଚାନନ ସାହୁ, କ୍ଷମା ଭୋଇଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହାଛଡା କପସିପାଲି,ହରିଶଙ୍କର,ମହାପଦର ସମେତ ବ୍ଲକର ବିଭିନ୍ନ ଗାଁରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ସବୁଠି ପୋଲିସ ମୁତୟନ ହୋଇଥିଲା।



ଧଣ୍ଡାମୁଣ୍ଡା ଗାଁରେ ଅନୁଷ୍ଠିତ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ରଥରେ ମହାପ୍ରଭୁଙ୍କୁ ଦେଖି ଭକ୍ତ ବିଭୋର



ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ରଥାରୂଢ ତିନି ଠାକୁର।

**ଲୋଇସିଂହା,୨୭।୬(ସୁଶାନ୍ତ ବାରିକ):** ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା, ଯୋଗୀସର୍ଡା, ଭାଲିଆମୁଣ୍ଡା ଆଦି ଗ୍ରାମରେ ମହାଆଡମ୍ବର ସହକାରେ ରଥଯାତ୍ରା ପାଳିତ ହୋଇଯାଇଛି । ଏହି ସମସ୍ତ ଗ୍ରାମର ପୀଠରେ ପୂଜକମାନେ ସକାଳେ ଠାକୁରଙ୍କ ମଙ୍ଗଳା ଆଳତି କରିବା ପରେ ବିଭିନ୍ନ ନୀତି ସମାପନ କରିଥିଲେ। ଅପରାହ୍ନରେ ଛେରାପହଁରା କରାଯାଇ ରଥାରୂଢ କରାଯାଇଥିଲା । ଏହିସବୁ ସ୍ଥାନରେ ମହାପ୍ରଭୁଙ୍କ ଦର୍ଶନ ଓ ରଥ ଟାଣିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ବୁର୍ଡାଠାରେ ସହଦେବ ସା, ନାରାୟଣ ସାହୁ ଓ ରମେଶ ସାହୁ ୩ ଜଣ କର୍ତ୍ତା ଠାକୁରଙ୍କୁ ଛେରାପହଁରା କରି ରଥାରୂଢ କରାଇଥିଲେ। ଯୋଗୀସର୍ଡାରେ ପୂଜକ ନବୀନ ପଣ୍ଡା ନୀତିକାନ୍ତି କରିଥିବା ବେଳେ ଗଉନ୍ତିଆ ଗୋବିନ୍ଦ ତ୍ରିପାଠୀ ଛେରାପହଁରା କରିଥିଲେ । ଭାଲିଆମୁଣ୍ଡା ଦଧିବାମନ ଜୀଉଙ୍କ ପୀଠରେ ପୂଜକ ଗଣନିଧି ମିଶ୍ର ଓ ଯୁବ ପୁରୋହିତ ଜୟନାରାୟଣ ମିଶ୍ର ନୀତିକାନ୍ତି କରିଥିଲେ । ଏଠାରେ ପ୍ରଭୁଦତ୍ତ ମିଶ୍ର ଏବଂ ସହଯୋଗୀ ଛୋରପହଁରା କରି ଠାକୁରଙ୍କୁ ରଥାରୂଢ କରାଇଥିଲେ । ଏଠାରେ ମହାପ୍ରଭୁ ୩ ଦିନ ଧରି ରଥରେ ରହିଲା ପରେ ମାଉସୀ ମା' ଘରକୁ ବିରାଜମାନ କରିବେ। ଅନୁକୂଳ ପାଗ ରହିଥିବାରୁ ରଥଯାତ୍ରା ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ରଥରେ ମହାପ୍ରଭୁଙ୍କୁ ଦେଖି ଭକ୍ତମାନେ ବିଭୋର ହୋଇ ପଡିଥିଲେ।

## ଦେଓଗାଁ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା



ଦେଓଗାଁରେ ରଥଯାତ୍ରା।

**ଦେଓଗାଁ ,୨୭।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ଶୁକ୍ରବାର ଶାନ୍ତିଶୃଙ୍ଖଳା ସହକାରେ ରଥଯାତ୍ରା ପାଳିତ ହୋଇଯାଇଛି । ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟସ୍ଥିତ କଛାରପାଲି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ରଥାରୂଢ଼ ଶ୍ରୀଜୀଉଙ୍କୁ ସଂକୀର୍ତ୍ତନ ଦଳ ସହ ଦେଓଗାଁ ଓ କଛାରପାଲି ଗାଁ ପରିକ୍ରମା କରାଯାଇଥିଲା । ପୂଜକ ଭାବେ ପ୍ରଦ୍ୟୁମ୍ନ ପାଣିଗ୍ରାହୀ, ଡାହୁକ ଭାବେ ଗୌର ସାହୁ ଦାୟିତ୍ୱ ତୁଲାଇଥିଲେ। ଦୟାମୟ ସାହୁ, ଗୌନ୍ତିଆ ସାଧୁଚରଣ ସାହୁ, ଶ୍ରୀକାନ୍ତ ସାହୁ, ବେଣୁଧର ଦଲାଇ, ସୁବାଷ ରଣା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଅର୍ଡାରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଥିବା ବେଳେ ମୁରସିଂହ ଠାରେ ତିନୋଟି ରଥରେ ତିନିଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ହାତୀସରା, ଉପରଝର, ଗୌରଗୋଠ, ସିଂହାମୁଣ୍ଡା ଆଦିଗ୍ରାମରେ ମଧ ରଥଯାତ୍ରା ପାଳିତ ହୋଇଯାଇଛି।

## ଆଜି ବଲାଙ୍ଗୀର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଅଂଶଗ୍ରହଣ କରିବେ ୬୪ଟି ଦଳ**

**ବଲାଙ୍ଗୀର,୨୭।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ଗୁରୁବାର ଜିଲା କ୍ରୀଡା ସଂସଦର ଫୁଲବଲ ଟୁର୍ଣ୍ଣାମେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଚଳିତବର୍ଷ ଜିଲାସ୍ତରୀୟ ସିନିଅର ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାରଠାରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଜିଲାର ୯ଟି ପଡିଆରେ ଅନୁଷ୍ଠିତ ହେବ। ଏଥିରେ ୬୪ଟି ଦଳ ଭାଗ ନେବେ। ୨୮ ତାରିଖ ଦିନ ବଲାଙ୍ଗୀର ଟାଉନ ହାଇସ୍କୁଲ ପଡିଆରେ ଡିଏଫ୍‌ଏ ବଲାଙ୍ଗୀର ବନାମ୍ ଜେକେୱାଇଏସ୍ କାଲସାଏପାଲି ଦଳର ମ୍ୟାଚ୍ ଅନୁଷ୍ଠିତ ହେବ। ସେହିଭଳି ୨୮ ତାରିଖ ଦିନ ଜିଲାର ଚୁଡାପାଲି ପଡିଆରେ ଡଙ୍ଗାଘାଟ ବନାମ ଲୁଚକିବନ୍ଧ, ଟିଟିଲାଗଡ ସିଟି ସ୍କୁଲ ପଡିଆରେ ସିହିନି ବନାମ ଭାଟିପଡା, ଜରାସିଂହା ମିନି ଷ୍ଟାଡିୟମଠାରେ ଜରାସିଂହା ବନାମ ନାଇକେନସିରା, ସଦାଇପାଲି ସାଇଟ ପଡିଆରେ ସାଇଟ ସଦାଇପାଲି ବନାମ ସରଗାଡ, ଲୋଇସିଂହା ମିନି ଷ୍ଟାଡିୟମଠାରେ ଲୋଇସିଂହା ଏଏ ବନାମ ମୁରସୁଣ୍ଡ, ବଙ୍ଗୋମୁଣ୍ଡା ପଡିଆରେ ମମିଆଁ ବନାମ ବଡଗମଡା ଓ ଖୁଜେନପାଲି ପଡିଆରେ ରିସନ କାଲସାଏପାଲି ବନାମ ଜେଆଇଟିଏମ୍ ବଲାଙ୍ଗୀର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀରଠାରେ ଜୁଲାଇ ୭ରେ କ୍ୱାଟର ଫାଇନାଲ, ୮ ଓ ୯ ରେ ସେମିଫାଇନାଲ ଏବଂ ୧୦ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ସଦସ୍ୟ କୈଳାସ ଚନ୍ଦ୍ର କର୍ତ୍ତୀ, ଭୂପେନ୍ଦ୍ର ପ୍ରସାଦ ସିଂ, ଶ୍ରୀକାନ୍ତ ରାଉତ, ନରସିଂ ସ୍ୱାମୀ ନାଇଡୁ ଉପସ୍ଥିତ ଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।



ବୈଠକରେ ଜିଲା କ୍ରୀଡା ସଂସଦର କର୍ମକର୍ତ୍ତା ଓ ଅନ୍ୟମାନେ।

## THE BALANGIR DISTRICT CENTRAL CO-OPERATIVE BANK LIMITED, BALANGIR
## ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର

### FORM - A
### CONSOLIDATED BALANCE SHEET OF THE BALANGIR DISTRICT CENTRAL CO-OPERATIVE BANK LTD., BALANGIR
**Balance Sheet as on 31st March 2025**

(Amount in Thousand))

| Particulars | Schedule | As on 31.03.2025 (Current Year) | As on 31.03.2024 (Previous Year) |
|---|---|---|---|
| **Capital and Liabilities** | | | |
| Capital | 1 | 28,32,904.54 | 24,96,092.92 |
| Reserves and Surplus | 2 | 7,85,935.40 | 7,64,494.65 |
| Deposits | 3 | 1,02,65,135.37 | 94,69,235.44 |
| Borrowings | 4 | 1,09,84,685.35 | 1,02,80,280.75 |
| Other liabilities and provisions | 5 | 37,21,387.00 | 30,95,348.04 |
| **Total** | | **2,85,90,047.66** | **2,61,05,451.80** |
| **Assets** | | | |
| Cash and balances with Reserve Bank of India | 6 | 12,247.12 | 14,799.59 |
| Balance with banks and money at call and short notice | 7 | 10,47,694.23 | 5,71,912.89 |
| Investments | 8 | 31,05,606.09 | 27,54,800.90 |
| Advances | 9 | 2,28,40,302.09 | 2,14,22,113.60 |
| Fixed Assets | 10 | 19,573.13 | 19,889.79 |
| Other Assets | 11 | 15,64,625.00 | 13,21,935.03 |
| **Total** | | **2,85,90,047.66** | **2,61,05,451.80** |
| Contingent liabilities | 12 | | |
| Bills for collection | | | |

Sd./- Manager, Accounts | Sd./- Chief Executive Officer | Sd./- Director | Sd./- Director | Sd./- Director | Sd./- President | Sd./- For ADARS&CO. Chartered Accountants

### FORM - B
### CONSOLIDATED PROFIT AND LOSS ACCOUNT OF THE BALANGIR DISTRICT CENTRAL CO-OPERATIVE BANK LTD., BALANGIR
**Profit and Loss Account for the Year ended March 31st 2025**

(Amount in Thousand)

| Sl. No. | Particulars | Schedule | As on 31.03.2025 (Current Year) | As on 31.03.2024 (Previous Year) |
|---|---|---|---|---|
| | Income | | | |
| I. | Interest Earned | 13 | 18,58,238.39 | 14,45,486.36 |
| | Other Income | 14 | 16,364.15 | 59,759.29 |
| | **Total** | | **18,74,602.54** | **15,05,245.65** |
| | Expenditure | | | |
| II. | Interest expended | 15 | 10,84,424.22 | 9,85,143.71 |
| | Operating expenses | 16 | 1,83,265.97 | 1,92,549.42 |
| | Provisions and contingencies | | 5,87,317.50 | 3,09,138.30 |
| | **Total** | | **18,55,007.69** | **14,86,831.43** |
| | Profit/Loss | | | |
| III. | Net profit/loss(-) for the year | | 19,594.85 | 18,414.22 |
| | Profit/loss(-) brought forward | | | |
| | **Total** | | **19,594.85** | **18,414.22** |
| | Appropriations | | | |
| | Transfer to statutory reserves | | 6444.98 | 6,106.28 |
| IV. | Transfer to other reserves | | 11969.24 | 11,340.24 |
| | Transfer to Government/ proposed dividend | | | |
| | Balance carried over to balance sheet | | | |
| | **Total** | | **18,414.22** | **17,446.52** |

Sd./- Manager, Accounts | Sd./- Chief Executive Officer | Sd./- Director | Sd./- Director | Sd./- Director | Sd./- President | Sd./- For ADARS&CO. Chartered Accountants

### INDEPENDENT AUDITOR'S REPORT

**To**
**The Members,**
**The Balangir District Central Co-Operative Bank Ltd.,**
**Balangir**

**Ref: Appointment Letter No.1476 Acct./Audit-2024-25 dated: 29.10.2024 of the BDCC Bank Ltd., Balangir and Order No. 7857/VI(4)50/2024/Audit-2, Dated: 05.12.2024 of The Directorate of Co-operative Audit, Odisha, Bhubaneswar.**

**Report on the Financial Statements as a Statutory Auditor:-**

1. We have audited the accompanying financial statements of The Balangir **District Central Co-Operative Bank Ltd., Balangir** as at 31st March 2025 which comprise the Balance Sheet at 31st March 2025 and Statement of Profit and Loss for the year then ended, and a summary of significant accounting policies and other explanatory information.

**Management's Responsibility for the Financial Statements**

2. Management is responsible for the preparation of these financial statements in accordance with the Odisha Co-operative Societies Act, 1962, Odisha Cooperative Societies Rules, 1965, Banking Regulation Act, 1949 and generally accepted accounting principles in India so far as applicable to the Bank. This responsibility includes the design, implementation and maintenance of internal control relevant to the preparation of the financial statements that are free from material misstatement, whether due to fraud or error.

**Auditor's Responsibility**

3. Our responsibility is to express an opinion on these financial statements based on our audit. We conducted our audit in accordance with the standards on Auditing issued by the Institute of Chartered Accountants of India. Those standards require that we comply with ethical requirements and plan and perform the audit to obtain reasonable assurance about whether statements are free from material misstatement.
4. An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgment, including the assessment of the risks of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Bank's preparation and fair presentation of the financial statements in order to design audit procedures that are appropriate in the circumstances, but not for the purpose of expressing an opinion on effectiveness of the entity's internal control. An audit also includes evaluating the appropriateness of accounting policies used and the reasonableness of the accounting estimates made by management, as well as evaluating the overall presentation of the financial statements.
5. We believe that the audit evidence we have obtained is sufficient and appropriate to provide a basis for our audit opinion.

**Opinion**

6. In our opinion, as shown by books of the Bank, and to the best of our information and according to the explanations given to us, the financial statements together with the notes thereon give the information required by the Banking Regulation Act, 1949 as well as the Odisha Co-operative Societies Act, 1962, Odisha Cooperative Societies Rules, 1965, and other guidelines issued for the Bank, in the manner so required and give a true and fair view in conformity with the accounting principles generally accepted in India:
   i) In the case of the Balance Sheet, of the state of affairs of the Bank as at 31st March 2025 and
   ii) In the case of the Statement of the profit and loss account of the profit of the Bank for the year ended on that date.

**Report on Other Legal and Regulatory Requirements**

7. The Balance Sheet and Profit and Loss Account have been drawn up as per section 29 of the Banking Regulation Act, 1949 read with provisions of the Odisha Co-operative Societies Act, 1962, Odisha Cooperative Societies Rules, 1965.
8. **On the basis of the audit procedure indicated above and as required by the Section 31 of the Banking Regulation Act, 1949 (as applicable to District and Central Cooperative Banks) we report that:**
   a) We have obtained all the information and explanations which to the best of our knowledge and belief, were necessary for the purposes of our audit and have found them to be satisfactory.
   b) The transactions of the Bank, which have come to our notice, have been within the powers of the Bank.
   c) In our Opinion, proper books of account as required by Law have been kept by the Bank so far, as appears from our examination of those books.
   d) The Balance Sheet and Profit & Loss Account dealt with by this report are in agreement with the books of account and are drawn up in conformity with the law.

**For M/S. ADARS&CO.**
**Chartered Accountants**
**Firm Reg. No.324629E**

**Place: Balangir**
**Date: 26.06.2025**

**CA Bijay Kumar Agrawal, FCA**
**(Partner, Membership No.060126)**
**(UDIN 25060126BMIOXY9535)**

# ସୁରେଶ୍ୱରୀ ପ୍ୟାକେଜ୍ଡ ଡ୍ରିଙ୍କିଂ ୱାଟର ୟୁନିଟ୍ ସିଲ୍

**ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ପାନୀୟ ଜଳ ନାଁରେ ଜହର ବିକ୍ରି କରାଯାଉଛି। ଭୁବନେଶ୍ୱର ସ୍ଥିତ ଷ୍ଟେଟ୍ ଫୁଡ୍ ଟେଷ୍ଟିଂ ଲାବରେଟୋରିରେ ପାଣି ନମୁନା ପରୀକ୍ଷା ପରେ ଏହା ସ୍ପଷ୍ଟ ହୋଇଛି। ଫୁଡ୍ ସେଫ୍ଟି କମିଶନରଙ୍କ ଚିଠି ପରେ ସୁବର୍ଣ୍ଣପୁର ସହର ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ଥିବା ଏମ୍ଏସ୍ ସୁରେଶ୍ୱରୀ ପ୍ୟାକେଜଡ୍ ଡ୍ରିଙ୍କିଂ ୱାଟର ୟୁନିଟ୍‌କୁ ଗୁରୁବାର ରାତିରେ ସିଲ୍ କରାଯାଇଛି। ଏହାର ବ୍ରାଣ୍ଡ ନାମ ଆଇ କ୍ଲୁ। ଏହି ୟୁନିଟ୍‌ଟି ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ୱିତା ନାୟକଙ୍କ ମାଲିକାନାରେ ଅଛି। ମାଜିଷ୍ଟ୍ରେଟ୍ ତଥା ସୋନପୁର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆଙ୍କ ଉପସ୍ଥିତିରେ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଖାଦ୍ୟ ସୁରକ୍ଷା ଅଧିକାରୀ ସସ୍ମିତା ନାୟକ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଏ କେ ମୂର୍ତ୍ତି, କନିଷ୍ଠ ଯନ୍ତ୍ରୀ ଶର୍ମିଷ୍ଠା ଦାଶ ଓ ପୋଲିସ ଟିମ୍ ପ୍ରମୁଖ ୟୁନିଟ୍‌କୁ ସିଲ୍ କରିଛନ୍ତି। ୟୁନିଟ୍‌କୁ ବନ୍ଦ କରିବା ସହ ବଜାରକୁ ଛଡା ଯାଇଥିବା ପାଉଚ ଓ ପାଣି ବୋତଲ ଫେରାଇ ଆଣିବାକୁ ପ୍ରଶାସନ ପକ୍ଷରୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଡାଇରିଆ ଓ କଲେରା ବ୍ୟାପିବାରେ ଲାଗିଛି। ଏହି ସବୁ ରୋଗ ପଛରେ ନିମ୍ନମାନର ଦୂଷିତ ପାଣି ମୁଖ୍ୟ କାରଣ ବୋଲି କୁହାଯାଉଛି। ସୁବର୍ଣ୍ଣପୁର ଖାଦ୍ୟ ସୁରକ୍ଷା ଅଧିକାରୀ ସସ୍ମିତା ନାଏକ ୟୁନିଟ୍‌ର ପାଣି ନମୁନା ପରୀକ୍ଷା ପାଇଁ ରାଜ୍ୟ ଫୁଡ୍ ଟେଷ୍ଟିଂ ଲାବରେଟୋରିକୁ ପଠାଇଥିଲେ। ପରୀକ୍ଷା ପରେ ପାଣିର ମାନ ଅସୁରକ୍ଷିତ ଥିବା ରିପୋର୍ଟ ଆସିଥିଲା। ତେବେ ପ୍ରଶାସନ ପକ୍ଷରୁ ୟୁନିଟ୍‌କୁ ସିଲ୍ କରା ଯାଇ ନ ଥିଲା। ଗୁରୁବାର କମିଶନରଙ୍କ ତାଗିଦ୍ ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତେବେ ସିଲ୍ ପୂର୍ବରୁ ଉତ୍ପାଦନ ବନ୍ଦ କରା ଯାଇଥିବା ୟୁନିଟ୍‌ର ପ୍ରୋପାଇଟର ତାମସି ତାମସ୍ୱିତା ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଜିଲା ସଦର ମହକୁମା ଓ ଗ୍ରାମାଞ୍ଚଳରେ ବେଧଡକ ପ୍ଲାଷ୍ଟିକ୍ ପାଣି ବୋତଲ ଓ ପାଉଚ୍ ଆଦି ବିକ୍ରି ବଢୁଛି। ଜିଲାରେ ମହୋତ୍ସବ, ମେଳା, ବିବାହ, ବ୍ରତ ସମେତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ସବୁ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ପ୍ଲାଷ୍ଟିକ୍ ଜାର ଭର୍ତ୍ତି ପାଣି ବିତରଣ କରାଯାଉଛି। ଏହି ପାଣି ଜାର ଗୁଡିକରେ ନାଁ ରହୁଛି ମ୍ୟାନୁଫ୍ୟାକ୍‌ଚରିଂ ତାରିଖ ନାଁ ରହୁଛି ଏକ୍ସପାଏରୀ ତାରିଖ। ଜିଲାର ସୁବର୍ଣ୍ଣପୁର ସହର ସମେତ, ଡୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା ଓ ବୀରମହାରାଜପୁରରେ ଅନେକ ନକଲି କମ୍ପାନୀ ଆଳରେ ପ୍ଲାଷ୍ଟିକ୍ ପାଣି ବୋତଲ ଓ ପାଉଚ୍ ବିକ୍ରି କରୁଥିବା ଅଭିଯୋଗ ହେଉଛି।


ଡ୍ରିଙ୍କିଂ ୱାଟର ୟୁନିଟ୍‌କୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି।

**ବୋତଲ, ପାଉଚ୍ ପାଣି ଅସୁରକ୍ଷିତ**

# ଅବକାରୀ ଗାଡ଼ିକୁ ଧକ୍କା ଦେଇ କାର୍ ଫେରାର

**ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ):** ଅବକାରୀ ବିଭାଗର ଟିମ୍ ସୁବର୍ଣ୍ଣପୁର ସହରରେ ଶୁକ୍ରବାର ଯାନବାହାନ ତନଖି କରୁଥିବା ବେଳେ ଏକ କାର ଅବକାରୀ ବିଭାଗ ଗାଡିକୁ ଧକ୍କା ଦେଇ ଫେରାର ହୋଇଯାଇଛି। ତେବେ କାରରେ ଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଦେବାଶିଷ ହାତୀ(୩୨)। ତାଙ୍କ ଘର ବଲାଙ୍ଗୀର ଜିଲା ପୁଇଁତଲା ଥାନା ମହାକୁଡପଡାରେ। ଫେରାର ଥିବା କାରରେ ବୌଦ୍ଧ ଜିଲାରୁ ଛତିଶଗଡକୁ ଗଞ୍ଜେଇ ଚୋରାଚାଲାଣ କରା ଯାଉଥିବା ସନ୍ଦେହ କରାଯାଉଛି। ସୋନପୁର ପୋଲିସ ଏକ ମାମଲା ରୁଜୁ କରି ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ସୂଚନା ଅନୁଯାୟୀ, ଅବକାରୀ ଟିମ୍ ସହର ପ୍ରବେଶ ପଥ କୁଞ୍ଜ ଛକ ଠାରେ ଯାନବାହାନ ଯାଞ୍ଚ କରୁଥିଲେ। ଏହି ସମୟରେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା କାର ନଂ.ସିଜେ୦୪ଏନସି-୩୪୬୭କୁ ଅବକାରୀ ଟିମ୍ ଅଟକାଇବାକୁ ଚେଷ୍ଟା କରିଥିଲେ। କାର ଡ୍ରାଇଭର ଅବକାରୀ ବିଭାଗର ବୋଲେରୋ ନଂ. ଓଡି୩୧ଏଲ-୦୮୬୨କୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଧରା ପଡିଯିବା ଭୟରେ କାର ଭିତରେ ବସିଥିବା ଦେବାଶିଷ ଡେଇଁ ପଡିଥିଲେ। ଏହି ସମୟରେ ଅବକାରୀ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କ ନିକଟରୁ ଏକ ହାତ ତିଆରି ଦେଶି ପିସ୍ତଲ ଓ ମାଗାଜିନ୍ ଜବତ କରାଯାଇଛି। ସୋନପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ସା ଏନେଇ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୋନପୁର ଆଇଆଇସି ତାପସ କୁମାର ଭୋଇ କହିଛନ୍ତି।

■ଗଞ୍ଜେଇ ଚୋରାଚାଲାଣ ସନ୍ଦେହ
■ଜଣେ ଗିରଫ

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
DISCOUNT 25 % OFF SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

DAYANAND INSTITUTE
Dhanupali, Sambalpur- 768005
Contact - 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

# ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସହାୟକ ହେବ: ଏସ୍‌ପି


ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ)**

ପୋଲିସ ବ୍ୟବସ୍ଥାକୁ ଅଧିକ ସୁଦୃଢ ଓ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶାର ସମସ୍ତ ୬୭୯ ଥାନାକୁ ଗୋଟିଏ ଲେଖାଏଁ ସ୍କର୍ପିଓ ପ୍ରଦାନ କରିଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ୯ଟି ଥାନାକୁ ୯ଟି ସ୍କର୍ପିଓ ମିଳିଛି। ଶୁକ୍ରବାର ଏହି ସ୍କର୍ପିଓ ଗୁଡିକୁ ସମସ୍ତ ଥାନାକୁ ପଠାଇ ଦିଆଯାଇଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ନାରାୟଣ ନାୟକ ସବୁଜ ପତାକା ଦେଖାଇ ଏହି ସେବାର ଶୁଭାରମ୍ଭ କରିଥିଲେ। ପୂର୍ବରୁ ଥାନା ଗୁଡିକରେ ଗୋଟିଏ ଲେଖାଏଁ ଗାଡି ଥିଲା। ଗୋଟିଏ ଗାଡି କୌଣସି କାର୍ଯ୍ୟରେ ଯାଇଥିଲେ ଅନ୍ୟ କାମ ପାଇଁ ଗାଡି ମିଳୁ ନଥିଲା। ନୂତନ ଗାଡି ମିଳିବା ଦ୍ୱାରା ଗ୍ରାମାଞ୍ଚଳରେ ପୋଲିସର ଉପସ୍ଥିତି ଏଣିକି ସହଜ ହୋଇପାରିବ। ଏହା ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସହାୟକ ହେବ ବୋଲି ଏସ୍‌ପି କହିଛନ୍ତି। ଏହି ସମୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର ନାୟକ, ଡିଏସପି ଚନ୍ଦ୍ର ଶେଖର ଶବର, ପ୍ରତାପ ରଣା, ରେଣୁକା ସୁନା, ରମେଶ ମାହାନା, ରାଜେଶ୍ୱରୀ ଭୋଇ, ବୈକୁଣ୍ଠ ବିହାରୀ ସେଠ୍ ଓ ଜିଲାର ସମସ୍ତ ଇନ୍ସପେକ୍ଟର ଆଇଆଇସି ଉପସ୍ଥିତ ଥିଲେ।

**ଥାନାକୁ ମିଳିଲା ଗୋଟିଏ ଲେଖାଏଁ ସ୍କର୍ପିଓ**

## ପାତାଳୀ ଶ୍ରୀକ୍ଷେତ୍ରରେ ରଥଯାତ୍ରା

**ଉଲୁଣ୍ଡା,୨୭।୬(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇରେ ଶୁକ୍ରବାର ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୋର ୫ଟାରେ ମଙ୍ଗଳଆଳତି, ସକାଳ ୭ଟାରେ ଖେଚୁଡି ଭୋଗ, ୮ଟାରେ ମଙ୍ଗଳାରୋପଣ, ଦ୍ୱାରପାଳ ପୂଜା, ଦ୍ୱାରଫିଟା, ଖେଚୁଡି ଭୋଗ, ମହାପ୍ରଭୁଙ୍କ ବେଶ, ରଥ ପ୍ରତିଷ୍ଠା ଆଦି କରାଯାଇଥିଲା। ସକାଳ ୧୦ଟାରେ ଛଲିଆ ପାହାଡ ଶିଖରରୁ ମହାପ୍ରଭୁଙ୍କୁ ଧାଡି ପହଣ୍ଡିରେ ଅଣାଯାଇ ରଥାରୂଢ କରାଯାଇଥିଲା। ଅପରାହ୍ନ ୧ଟାରେ ଗାଁର ଗଡତ୍ୟା ଚମରା ଅମାତ ଛେରାପହଁରା ନୀତି ସମ୍ପାଦନ କରିଥିଲେ। ୨ଟାରେ ମହାପ୍ରଭୁଙ୍କ ରଥଟଣା ହୋଇଥିଲା। ପ୍ରଥମେ ଦେବଦଳନ, ପରେ ଦର୍ପଦଳନ ଓ ଶେଷରେ ନନ୍ଦିଘୋଷ ରଥ ଟଣା ଯାଇଥିଲା। ପରେ ୩ଟାରେ ଛୋଟ ଛୋଟ ଛୁଆଙ୍କ ରଥଛୁଆଁ କରାଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଗାଁମୁଣ୍ଡରେ ଆଣ୍ଠୁଏ ପାଣି, ଯାତାୟାତ ବାଧାପ୍ରାପ୍ତ

**ବୀରମହାରାଜପୁର,୨୭।୬(ଯୁଗଳ କିଶୋର ମିଶ୍ର):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଏବେ ମୌସୁମୀ ବର୍ଷା ଲାଗିରହିଛି। ଏହି ବର୍ଷାର ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ବର୍ଷା ପାଣି ଜମି ରହୁଛି। ବାଗବର ପଞ୍ଚାୟତ କେନ୍ଦୁପାଲି ଗାଁମୁଣ୍ଡରେ ଗୁରୁବାର ସକାଳୁ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସ୍କୁଲ ଯାଉଥିବା ଛାତ୍ରୀଛାତ୍ରମାନେ ଏହି ରାସ୍ତାରେ ଯିବା ଆସିବା ବେଳେ ଅସୁବିଧା ଭୋଗୁଛନ୍ତି। ପାଖରେ ଥିବା ଡ୍ରେନ ପୋତି ହୋଇଯିବା ଏବଂ ରାସ୍ତା କଂକ୍ରିଟକରଣ ବେଳେ ଗାଁ ମୁଣ୍ଡ ଖାଲୁଆ ହୋଇଥିବାରୁ ତଳକୁ ପାଣି ଯାଇ ପାରୁ ନ ଥିବାରୁ ଏହି ସମସ୍ୟା ଉପୁଜିଛି। ଶୁକ୍ରବାର ରଥଯାତ୍ରା ଥିବାରୁ ଆଣ୍ଠୁଏ ପାଣିରେ କିଭଳି ଠାକୁରଙ୍କ ପହଣ୍ଡି ହେବ ସେଥିପାଇଁ ଗ୍ରାମବାସୀ ଚିନ୍ତିତ ହୋଇ ପଡିଛନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସମାସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ବେଶୀ ବର୍ଷା ହେଲେ ଅଧିକ ସମସ୍ୟା ସୃଷ୍ଟି ହେବ ବୋଲି ଗ୍ରାମବାସୀ କହିଛନ୍ତି।

# ସ୍ୱାସ୍ଥ୍ୟ ସେବା ଶିବିର

**ବୀରମହାରାଜପୁର,୨୭।୬(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଏକ ସ୍ୱାସ୍ଥ୍ୟସେବା ଶିବିର ସହିତ ବିଶ୍ୱ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଚିକିତ୍ସାଳୟ ଡାକ୍ତର ମାନସ କୁମାର ନାୟକ, ଫର୍ମାସିଷ୍ଟ ଗଦାଧର ସୁରୁଜାଲ, ଏଏନଏମ ଭାମାବତୀ ହାତୀ, ମହାନଦୀ ନେତ୍ର ଚିକିତ୍ସାଳୟ ଚକ୍ଷୁ ବିଶେଷଜ୍ଞ ପ୍ରଶାନ୍ତ କୁମାର ଦାଶ, ସହଯୋଗୀ ମାନସ ଦଣ୍ଡସେନା, ସୌମ୍ୟରଞ୍ଜନ ଭୋଇ ଯୋଗଦାନ କରିଥିଲେ। ବୟସ୍କଙ୍କ ସ୍ୱାସ୍ଥ୍ୟର ଯତ୍ନ, ବେଆଇନ ନିଶା କାରବାର ରୋକିବା, ଦୈନିକ ଜୀବନଚର୍ଯ୍ୟା, ଆହାର, ନିଦ୍ରା, ତପ, ସ୍ୱାଧ୍ୟାୟ, ବ୍ରହ୍ମଚର୍ଯ୍ୟ, ଯୋଗ, ପ୍ରାଣାୟମ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ଉପସଭାପତି ସୌମିତ୍ରୀ ମେହେର ସ୍ୱାଗତ ଭାଷଣ, ପୂର୍ବତନ ସଭାପତି ଭଗବାନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ପରେ ରକ୍ତଚାପ, ଚକ୍ଷୁ, ବ୍ଲଡ ସୁଗର ଆଦି ପରୀକ୍ଷା କରାଯାଇଥିଲା। ସମୁଦାୟ ୬୨ ବ୍ୟକ୍ତିଙ୍କ ବିଭିନ୍ନ ରୋଗର ଚିକିତ୍ସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାରାୟଣ ପ୍ରସାଦ ନାୟକ, ଧର୍ମଦତ୍ତ ପାଢୀ, ସନ୍ତୋଷ ଷଡ଼ଙ୍ଗୀ, ନିତ୍ୟାନନ୍ଦ ତ୍ରିପାଠୀ, ଅକ୍ରୁର ଦନ୍ତା, ତ୍ରିନାଥ ମିଶ୍ର, ଦିଲୀପ ମିଶ୍ର, ଚମରା ମହାକୁର ପ୍ରମୁଖ ସାମିଲ ଥିଲେ।

# ୧୮ ବର୍ଷରୁ କମ୍ ଓଡ଼ିଶା କବାଡ଼ି ଟିମ୍‌ରେ ସିରିନ

**ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ)**

**ଦେବଗଡ଼,୨୭।୬(ଶଶାଙ୍କ ଶେଖର ଝାଙ୍କର):** ୨୦୧୮ରେ ଘଟିଥିବା କଲେଜ ଛାତ୍ରୀ ବଳାତ୍କାର ମାମଲାର ବିଚାରକରି ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରମାଣ ଅଭାବରୁ ଅଭିଯୁକ୍ତ ବାପା, ପୁଅଙ୍କୁ ନିର୍ଦ୍ଦୋଷରେ ଶୁକ୍ରବାର ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ଦେବଗଡ଼ ଥାନା ଅଧୀନ କାଲକାଠ ଗ୍ରାମର ଦଶରୁ କିଷାନଙ୍କ ପୁଅ ଗୌରାଙ୍ଗ(୨୩) ସ୍ଥାନୀୟ ଏକ କଲେଜରେ ଯୁକ୍ତ୩ରେ ପଢୁଥିଲେ। ଉକ୍ତ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗୌରାଙ୍ଗ ବିବାହର ପ୍ରଲୋଭନ ଦେଖାଇ ଏକାଧିକଥର ବଳାତ୍କାର କରିଥିଲେ। ଫଳରେ ଛାତ୍ରୀ ଜଣକ ୮ ମାସର ଗର୍ଭବତୀ ହୋଇଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ଗୌରାଙ୍ଗ ତାଙ୍କୁ ବିବାହ କରିବା ପାଇଁ ମନାକରିବା ସହ ଫେରାର ହୋଇଯାଇଥିଲେ। ଦଶରୁ ଦେବଗଡ଼ ଜିଲାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବାବେଳେ ପୁଅ ଗୌରାଙ୍ଗଙ୍କୁ ଫେରାର ହେବାରେ ସାହାଯ୍ୟ କରିବା ସହ କଥା ଆଗକୁ ନ ବଢ଼ାଇବା ପାଇଁ ଛାତ୍ରୀଙ୍କୁ ଧମକ ଦେଇଥିଲେ। ହେଲେ ଛାତ୍ରୀ ଜଣକ ୨୦୧୯ ମେ' ୨୬ରେ ଏନେଇ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଉଭୟ ବାପା, ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିସହ ଉଭୟଙ୍କ ବିରୋଧରେ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏହି ମାମଲା ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିବାବେଳେ ବିଚାରପତି ବିଚାରକରି ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ବାପା, ପୁଅଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁରୁ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞା ବିନମ୍ରତା ଦ୍ୱିବେଦୀ ମାମଲା ପରିଚାଳନା କରୁଥିଲେ।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
DISCOUNT 25 % OFF SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App

# ପୋଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦାକଲା ବିଜେଡି

**ବ୍ରଜରାଜନଗର,୨୭।୬(ବିଜୟ ବରାଡ଼)**

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଦିନକୁ ଦିନ ବଳାତ୍କାର ଓ ନାରୀ ନିର୍ଯାତନା ବଢ଼ିଚାଲିଛି। ହେଲେ ଏହାକୁ ରୋକିବାରେ ସରକାର ବିଫଳ। ଏନେଇ ସରକାରଙ୍କ ବିରୋଧରେ ବିଜେଡି ସାରା ରାଜ୍ୟରେ ଆନ୍ଦୋଳନ ଚଳାଇଛି। ଏହି ପରିପ୍ରେକ୍ଷୀରେ ବ୍ରଜରାଜନଗର ଆନ୍ଦୋଳନ ପାଇଁ ପୂର୍ବରୁ ପୋଲିସକୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ତଦନୁଯାୟୀ ବୁଧବାର ବ୍ରଜରାଜନଗର ମହାବିଦ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳର କର୍ମୀମାନେ ଆନ୍ଦୋଳନ ପାଇଁ ଯିବାବେଳେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ବିଜେଡି ନିନ୍ଦା କରୁଛି ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରଜରାଜନଗର ନଗର ସଭାପତି ରାଧାକାନ୍ତ ପ୍ରଧାନ କହିଛନ୍ତି। ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଗଲେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଛାତ୍ରନେତା ଚିନ୍ତାମଣି ଦାସ, ସୁରଜ କଣ୍ଡା, ଗୋବିନ୍ଦା ସାହୁ, ନୃପ ତାଣ୍ଡିଆ, ଲଳିତ ତଣ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

# ରଥରେ ଦର୍ଶନଦେଲେ ମହାପ୍ରଭୁ

**ଝାରସୁଗୁଡ଼ା,୨୭।୬(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା କୁକୁରଜଙ୍ଘା ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ନୀତି ପରେ ଠାକୁରଙ୍କୁ ରଥାରୁଢ଼ କରାଯାଇଥିଲା। ଘଣ୍ଟ, ଶଙ୍ଖ, ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ। ରଥରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଅନିଲ ସିଂ ରଥରେ ଛେରାପହଁରା କରିବା ପରେ ଭକ୍ତମାନେ ରଥ ଟାଣିଥିଲେ। ସେହିପରି ସରବାହାଲ, ମାରୱାଡି ପଡ଼ା, ବିଟିଏମ୍, ବେଲପାହାଡ଼, ଗୁମାଡେରା, ବନ୍ଧବାହାଲ, ଲଇକେରା, କିର୍ମିରାଠାରେ ଥିବା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।



କୁକୁରଜଙ୍ଘାରେ ଅନୁଷ୍ଠିତ ରଥଯାତ୍ରା।

# ଦୁର୍ଘଟଣାରେ ମୃତ ଚାଷୀଙ୍କ ପରିବାରକୁ ସହାୟତା

**ଦେବଗଡ଼,୨୭।୬ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ କୃଷକ କଲ୍ୟାଣ ଟ୍ରଷ୍ଟ ସଭାପତି, ଆଇନଜୀବୀ ତଥା ସାମାଜିକ କର୍ମୀ ପ୍ରଭାସ ଚନ୍ଦ୍ର ମିଶ୍ର ଜଣେ ମହିଳାଙ୍କୁ ଆର୍ଥିକ ସାହାଯ୍ୟ କରିଛନ୍ତି। ସେ ହେଲେ ଦେବଗଡ଼ ଜିଲା ଭେଜିକୁଦର ଗ୍ରାମର କୃଷକ ସ୍ୱର୍ଗତ ଜୟକୃଷ୍ଣ ଅଦାବରଙ୍କ ସ୍ତ୍ରୀ ହେମଲତା ଅଦାବର। ସୂଚନାଯୋଗ୍ୟ, ପ୍ରଭାସ ନିଜସ୍ୱ ଅନୁଦାନରେ ଦେବଗଡ଼ ଜିଲାର କୃଷକଙ୍କ ନିମନ୍ତେ ଦୁର୍ଘଟଣାଜନିତ ମୃତ୍ୟୁ, ଶାରୀରିକ ଅକ୍ଷମ ଲୋକଙ୍କ ପାଇଁ କୃଷକ କଲ୍ୟାଣ ଟ୍ରଷ୍ଟ ମାଧ୍ୟମରେ ଆର୍ଥିକ ଅନୁଦାନ ବ୍ୟବସ୍ଥା କରିଛନ୍ତି। ତଦନୁଯାୟୀ ଆଘାତଜନିତ ମୃତ୍ୟୁ ଯୋଗୁ କୃଷକ ସ୍ୱର୍ଗତ ଜୟକୃଷ୍ଣଙ୍କ ସ୍ତ୍ରୀ ହେମଲତାଙ୍କୁ ଗୁରୁବାର ପ୍ରଭାସ ନିଜସ୍ୱ ପାଣ୍ଠିରୁ କୃଷକ କଲ୍ୟାଣ ଟ୍ରଷ୍ଟ ମାଧ୍ୟମରେ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଚେକ୍ ପ୍ରଦାନ ସମୟରେ ସାମାଜିକ କର୍ମୀ ପ୍ରଦୀପ କୁମାର ଅମାନ୍ତ, ଭୋଳେଶ୍ୱର ବେହେରା, କେଶବ ଚନ୍ଦ୍ର ମିଶ୍ର, ରୁକ୍ମଣୀ ମୁଣ୍ଡା ଓ କ୍ରୀଷ୍ଟା ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଏନ୍‌ଏଚ୍ ମରାମତିରେ ଅନିୟମିତତା ଅଭିଯୋଗ

**ଲଖନପୁର,୨୭।୬(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା କନକତୋରାଠାରୁ ଜିଲା ମୁଖ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୭୦ କିମି ଜାତୀୟ ରାଜପଥ-୪୯ ହେଉଛି ଅଞ୍ଚଳର ପ୍ରମୁଖ ରାସ୍ତା। ଏହି ରାସ୍ତାରେ ଦ୍ରୁତ ଗାଡ଼ିଚାଳନା ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏନେଇ ଜିଲାବାସୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ବର୍ଷ ବର୍ଷ ଧରି ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିବାବେଳେ ବର୍ତ୍ତମାନ ବିପର୍ଯ୍ୟସ୍ତ ରାସ୍ତାର ମରାମତି ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇ ମରାମତି ଚାଲିଛି। ହେଲେ ୪୯ ନମ୍ବର ଜାତୀୟ ରାଜପଥ ମରାମତିରେ ଅନିୟମିତତା ଅଭିଯୋଗ ହୋଇଛି। ନିମ୍ନମାନର କାମ ଯୋଗୁ କନକତୋରା ବାବୁଡେରା ନିକଟ ବୁଲାଣି ରାସ୍ତାରେ ଦୁଇଟି ଗର୍ତ୍ତ ସୃଷ୍ଟି ହୋଇଛି। ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ରାସ୍ତା ମରାମତି କରୁଥିବା ଠିକାସଂସ୍ଥା ସହ ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।



କନକତୋରା-ବାବୁଡେରା ବୁଲାଣି ରାସ୍ତାରେ ଗାତ।

# 'ବିଭାଗୀୟ ଅଧିକାରୀ ସମନ୍ୱୟ ରଖି କାର୍ଯ୍ୟ କରନ୍ତୁ'




ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ସ୍ୱାସ୍ଥ୍ୟ ସମ୍ପର୍କିତ ସମୀକ୍ଷା ବୈଠକ

### ସ୍ୱାସ୍ଥ୍ୟସେବାରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପରାମର୍ଶ

**ଝାରସୁଗୁଡ଼ା,୨୭।୬(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଆବୋଲୀ ସୁନୀଲ ନରୱଣେ ଯୋଗଦେଇ ଶୂନ୍ୟ ମାତୃ ଓ ଶିଶୁ ମୃତ୍ୟୁ ଉପରେ ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ, କର୍ମଚାରୀ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗର୍ଭବତୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖି ସମୟ ଅନୁଯାୟୀ ଆବଶ୍ୟକ ଚିକିତ୍ସା ଯୋଗାଇଦେବା ଓ ଡାକ୍ତରଖାନାଗୁଡ଼ିକରେ ପ୍ରସବ କରାଇବା ଦିଗରେ ଯତ୍ନବାନ୍ ହେବାକୁ କହିଥିଲେ। ବିଶେଷକରି ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାୟାକଳ୍ପ ପୁରସ୍କାର ପାଇଁ ଆସନ୍ତା ଜୁଲାଇ ୨୫ ତାରିଖ ସୁଦ୍ଧା ସବ୍‌ସେଣ୍ଟର, ପିଏଚ୍‌ସି, ସିଏଚ୍‌ସିରେ ସ୍ୱାସ୍ଥ୍ୟସେବାଜନିତ ସବୁପ୍ରକାର ସୁଧାର ଆଣିବାକୁ କହିଥିଲେ। ସେହିପରି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ସ୍ୱାସ୍ଥ୍ୟସେବାରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ରାଜ୍ୟସ୍ତରରେ ପ୍ରଦର୍ଶନ ଦୃଷ୍ଟିରୁ ଉତ୍ତମ ସ୍ଥାନରେ ଥିବା ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ଜାମ ଗାଁର ଜଣେ ମହିଳାଙ୍କ ପ୍ରସବ ପରବର୍ତ୍ତୀ ସମୟରେ ମୃତ୍ୟୁ ଘଟିଥିବା ବିଷୟରେ ଜିଲାପାଳ ସମୀକ୍ଷା କରିବା ସହ ଆଗାମୀ ଦିନରେ ଏହାର ପୁନରାବୃତ୍ତି ନ ଘଟିବା ଦିଗରେ ସମସ୍ତେ ସତର୍କ ରହିବାକୁ ଚେତାବନୀ ଦେଇଥିଲେ। ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ତାଗିଦା କରାଯିବା ସହ କୈଫିୟତ ତଲବ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମହେଶ ମୋହନ ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

THE BALANGIR DISTRICT CENTRAL CO-OPERATIVE BANK LIMITED, BALANGIR
ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର

FORM - A
CONSOLIDATED BALANCE SHEET OF THE BALANGIR DISTRICT CENTRAL CO-OPERATIVE BANK LTD., BALANGIR
Balance Sheet as on 31st March 2025
(Amount in Thousand))

| Particulars | Schedule | As on 31.03.2025 (Current Year) | As on 31.03.2024 (Previous Year) |
|---|---|---|---|
| **Capital and Liabilities** | | | |
| Capital | 1 | 28,32,904.54 | 24,96,092.92 |
| Reserves and Surplus | 2 | 7,85,935.40 | 7,64,494.65 |
| Deposits | 3 | 1,02,65,135.37 | 94,69,235.44 |
| Borrowings | 4 | 1,09,84,685.35 | 1,02,80,280.75 |
| Other liabilities and provisions | 5 | 37,21,387.00 | 30,95,348.04 |
| **Total** | | **2,85,90,047.66** | **2,61,05,451.80** |
| **Assets** | | | |
| Cash and balances with Reserve Bank of India | 6 | 12,247.12 | 14,799.59 |
| Balance with banks and money at call and short notice | 7 | 10,47,694.23 | 5,71,912.89 |
| Investments | 8 | 31,05,606.09 | 27,54,800.90 |
| Advances | 9 | 2,28,40,302.09 | 2,14,22,113.60 |
| Fixed Assets | 10 | 19,573.13 | 19,889.79 |
| Other Assets | 11 | 15,64,625.00 | 13,21,935.03 |
| **Total** | | **2,85,90,047.66** | **2,61,05,451.80** |
| Contingent liabilities | 12 | | |
| Bills for collection | | | |

Sd./- Manager, Accounts | Sd./- Chief Executive Officer | Sd./- Director | Sd./- Director | Sd./- Director | Sd./- President | Sd./- For ADARS&CO. Chartered Accountants

FORM - B
CONSOLIDATED PROFIT AND LOSS ACCOUNT OF THE BALANGIR DISTRICT CENTRAL CO-OPERATIVE BANK LTD., BALANGIR
Profit and Loss Account for the Year ended March 31st 2025
(Amount in Thousand)

| Sl. No. | Particulars | Schedule | As on 31.03.2025 (Current Year) | As on 31.03.2024 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 18,58,238.39 | 14,45,486.36 |
| | Other Income | 14 | 16,364.15 | 59,759.29 |
| | **Total** | | **18,74,602.54** | **15,05,245.65** |
| II. | Expenditure | | | |
| | Interest expended | 15 | 10,84,424.22 | 9,85,143.71 |
| | Operating expenses | 16 | 1,83,265.97 | 1,92,549.42 |
| | Provisions and contingencies | | 5,87,317.50 | 3,09,138.30 |
| | **Total** | | **18,55,007.69** | **14,86,831.43** |
| III. | Profit/Loss | | | |
| | Net profit/loss(-) for the year | | 19,594.85 | 18,414.22 |
| | Profit/loss(-) brought forward | | | |
| | **Total** | | **19,594.85** | **18,414.22** |
| IV. | Appropriations | | | |
| | Transfer to statutory reserves | | 6444.98 | 6,106.28 |
| | Transfer to other reserves | | 11969.24 | 11,340.24 |
| | Transfer to Government/ proposed dividend | | | |
| | Balance carried over to balance sheet | | | |
| | **Total** | | **18,414.22** | **17,446.52** |

Sd./- Manager, Accounts | Sd./- Chief Executive Officer | Sd./- Director | Sd./- Director | Sd./- Director | Sd./- President | Sd./- For ADARS&CO. Chartered Accountants

INDEPENDENT AUDITOR'S REPORT

To
The Members,
The Balangir District Central Co-Operative Bank Ltd.,
Balangir

**Ref: Appointment Letter No.1476 Acct./Audit-2024-25 dated: 29.10.2024 of the BDCC Bank Ltd., Balangir and Order No. 7857/VI(4)50/2024/Audit-2, Dated: 05.12.2024 of The Directorate of Co-operative Audit, Odisha, Bhubaneswar.**

**Report on the Financial Statements as a Statutory Auditor:-**

1. We have audited the accompanying financial statements of The Balangir **District Central Co-Operative Bank Ltd., Balangir** as at 31st March 2025 which comprise the Balance Sheet at 31st March 2025 and Statement of Profit and Loss for the year then ended, and a summary of significant accounting policies and other explanatory information.

**Management's Responsibility for the Financial Statements**

2. Management is responsible for the preparation of these financial statements in accordance with the Odisha Co-operative Societies Act, 1962, Odisha Cooperative Societies Rules, 1965, Banking Regulation Act, 1949 and generally accepted accounting principles in India so far as applicable to the Bank. This responsibility includes the design, implementation and maintenance of internal control relevant to the preparation of the financial statements that are free from material misstatement, whether due to fraud or error.

**Auditor's Responsibility**

3. Our responsibility is to express an opinion on these financial statements based on our audit. We conducted our audit in accordance with the standards on Auditing issued by the Institute of Chartered Accountants of India. Those standards require that we comply with ethical requirements and plan and perform the audit to obtain reasonable assurance about whether statements are free from material misstatement.
4. An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgment, including the assessment of the risks of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Bank's preparation and fair presentation of the financial statements in order to design audit procedures that are appropriate in the circumstances, but not for the purpose of expressing an opinion on effectiveness of the entity's internal control. An audit also includes evaluating the appropriateness of accounting policies used and the reasonableness of the accounting estimates made by management, as well as evaluating the overall presentation of the financial statements.
5. We believe that the audit evidence we have obtained is sufficient and appropriate to provide a basis for our audit opinion.

**Opinion**

6. In our opinion, as shown by books of the Bank, and to the best of our information and according to the explanations given to us, the financial statements together with the notes thereon give the information required by the Banking Regulation Act, 1949 as well as the Odisha Co-operative Societies Act, 1962, Odisha Cooperative Societies Rules, 1965, and other guidelines issued for the Bank, in the manner so required and give a true and fair view in conformity with the accounting principles generally accepted in India:
   i) In the case of the Balance Sheet, of the state of affairs of the Bank as at 31st March 2025 and
   ii) In the case of the Statement of the profit and loss account of the profit of the Bank for the year ended on that date.

**Report on Other Legal and Regulatory Requirements**

7. The Balance Sheet and Profit and Loss Account have been drawn up as per section 29 of the Banking Regulation Act, 1949 read with provisions of the Odisha Co-operative Societies Act, 1962, Odisha Cooperative Societies Rules, 1965.
8. **On the basis of the audit procedure indicated above and as required by the Section 31 of the Banking Regulation Act, 1949 (as applicable to District and Central Cooperative Banks) we report that:**
   a) We have obtained all the information and explanations which to the best of our knowledge and belief, were necessary for the purposes of our audit and have found them to be satisfactory.
   b) The transactions of the Bank, which have come to our notice, have been within the powers of the Bank.
   c) In our Opinion, proper books of account as required by Law have been kept by the Bank so far, as appears from our examination of those books.
   d) The Balance Sheet and Profit & Loss Account dealt with by this report are in agreement with the books of account and are drawn up in conformity with the law.

For M/S. ADARS&CO.
Chartered Accountants
Firm Reg. No.324629E

Place: Balangir
Date: 26.06.2025

CA Bijay Kumar Agrawal, FCA
(Partner, Membership No.060126)
(UDIN 25060126BMIOXY9535)



▲ **କେନ୍ଦୁଝର:** ସର୍ବୋଚ୍ଚ ରଥରେ ଶ୍ରୀବଳଦେବଜୀଉ



▲ **କୋରାପୁଟ:** ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ



▲ **ନୟାଗଡ଼:** ରଣପୁରରେ ତିନିଠାକୁରଙ୍କ ରଥଟଣା



▲ **କଟକ:** ଚାନ୍ଦିନୀଚୌକ ରଥଯାତ୍ରାରେ ନୃତ୍ୟ ପ୍ରଦର୍ଶନ



▲ **ବାରିପଦା:** ଶ୍ରୀଜଗନ୍ନାଥଙ୍କ ପହଣ୍ଡି



▲ **କେନ୍ଦ୍ରାପଡ଼ା:** ଶ୍ରୀବଳଦେବଜୀଉଙ୍କ ପହଣ୍ଡି ବିଜେ



▲ **ସୁବର୍ଣ୍ଣପୁର:** କୋଟସମଲେଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ଧାଡ଼ି ପହଣ୍ଡି



▲ **ଢେଙ୍କାନାଳ:** ସହରସ୍ଥିତ ବଳରାମ ମନ୍ଦିରରେ ଅନୁଷ୍ଠିତ ରଥଯାତ୍ରା



▲ **ଖୋର୍ଦ୍ଧା:** ମହାପ୍ରଭୁଙ୍କ ଅନ୍ୟତମ ଲୀଳାକ୍ଷେତ୍ର କାଙ୍କଣଶିଖରୀସ୍ଥିତ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଚିଲିକାରେ ଡଙ୍ଗାରେ ଅନୁଷ୍ଠିତ ରଥଯାତ୍ରା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୨୮/୨୦୨୫ Bhubaneswar, Saturday, June 28/ 2025

# ହାଇଦ୍ରାବାଦ-ଦିଲ୍ଲୀ, ଚେନ୍ନାଇ-ବେଙ୍ଗାଲୁରୁ ସେମିଫାଇନାଲ

## ରଗ୍‌ବୀ ପ୍ରିମିୟର ଲିଗ୍

**ମୁମ୍ବାଇ, ୨୭।୬:** ମୁମ୍ବାଇର ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଜିଏମ୍ଆର ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍)ର ଲିଗ୍ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ ଓ ୪ର୍ଥ ଦଳଭାବେ ହାଇଦ୍ରାବାଦ ହିରୋଜ ଓ ଦିଲ୍ଲୀ ରେଜ୍ ଶନିବାର ପ୍ରଥମ ସେମିଫାଇନାଲ ଖେଳିବ। ଚେନ୍ନାଇ ବୁଲ୍ସ ଓ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ୨୯ ତାରିଖରେ ତୃତୀୟ ସ୍ଥାନ ଓ ଫାଇନାଲ ସହ ପ୍ରତିଯୋଗିତା ଶେଷ ହେବ।

ହାଇଦ୍ରାବାଦ ହିରୋଜ ଏକ ଲିଗ୍ ମ୍ୟାଚରେ ୩୧-୭ରେ ଦିଲ୍ଲୀ ରେଜ୍‌କୁ ପରାସ୍ତ କରିଛି। ଏଥିସହିତ ହାଇଦ୍ରାବାଦ ଦଳ ପଏଣ୍ଟ ଟେବୁଲର ଶୀର୍ଷରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ମ୍ୟାଚର ପ୍ରଥମ ମିନିଟରୁ ହାଇଦ୍ରାବାଦ ପଏଣ୍ଟ ଅର୍ଜନ କରିଥିଲା। ସୁକୁମାର ହେମ୍ବ୍ରମ ଏକ ଟ୍ରାଇରୁ ଏବଂ ପରେ ଟେରିଓ ଟାମାନି ସହଜରେ ପଏଣ୍ଟ ହାସଲ କରିଥିଲେ। ଦିଲ୍ଲୀ ରେଜ୍ ଯଦିଓ ପେନାଲ୍ଟି ଟ୍ରାଇରୁ ପ୍ରତ୍ୟାବର୍ତ୍ତନ କରିଥିଲା ତେବେ ହାଇଦ୍ରାବାଦ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ପ୍ରଥମାର୍ଦ୍ଧ ବେଳକୁ ହିରୋଜର ଅଗ୍ରଣୀ ବ୍ୟବଧାନ ୨୧-୭ରେ ପହଞ୍ଚି ଯାଇଥିଲା। ହିରୋଜ ୧୦ ମ୍ୟାଚରୁ ୯ ବିଜୟ ଓ ୧ ପରାଜୟ ସହ ୩୪ ପଏଣ୍ଟ ହାସଲ କରି ଶୀର୍ଷସ୍ଥାନ ଅଧିକାର କରିଛି। ଦିଲ୍ଲୀ ରେଜ୍ ୧୦ ମ୍ୟାଚରୁ ୩ ବିଜୟ, ୨ ଡ୍ର ଓ ୫ ପରାଜୟ ସହିତ ୧୨ ପଏଣ୍ଟ ପାଇଛି। ଫଳରେ ହାଇଦ୍ରାବାଦ ପ୍ରଥମ ଏବଂ ଦିଲ୍ଲୀ ଦଳ ୪ର୍ଥ ସ୍ଥାନରେ ରହି ସେମିଫାଇନାଲ ଖେଳିବା ସ୍ପଷ୍ଟ ହୋଇଛି।

ପ୍ରତିଯୋଗିତାର ଶେଷ ଲିଗ୍ ମ୍ୟାଚରେ ମୁମ୍ବାଇ ଡ୍ରିମର୍ସ ୨୬-୧୪ରେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସକୁ ହରାଇ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ୧୦ ମ୍ୟାଚ ଖେଳି ସାରିଥିବା ଚେନ୍ନାଇ ବୁଲ୍ସ ୬ ବିଜୟ, ୧ ଡ୍ର ଓ ୩ ପରାଜୟ ସହିତ ୨୫ ପଏଣ୍ଟରେ ରହିଥିବାରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ୧୦ ମ୍ୟାଚରୁ ୫ ବିଜୟ, ୧ ଡ୍ର ଓ ୪ ପରାଜୟ ସହିତ ୨୧ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ମୁମ୍ବାଇ ଡ୍ରିମର୍ସ ୧୦ ମ୍ୟାଚରୁ ୧ ବିଜୟ, ୨ ଡ୍ର ଓ ୭ ପରାଜୟ ସହିତ ୬ ପଏଣ୍ଟ ସହ ଟେବୁଲର ନିମ୍ନ ସ୍ଥାନରେ ରହିଛି। ଲିଗ୍‌ର ଅନ୍ୟ ଦୁଇ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଓ ମୁମ୍ବାଇ ଡ୍ରିମର୍ସର ଅଭିଯାନ ପୂର୍ବରୁ ଶେଷ ହୋଇଯାଇଛି। ଭୁବନେଶ୍ୱର ଭିତ୍ତିକ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧୦ ମ୍ୟାଚରୁ ୨ ବିଜୟ, ୨ ଡ୍ର ଓ ୬ ପରାଜୟ ସହିତ ୧୧ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି। ଅର୍ଥାତ୍ ୪ର୍ଥ ଦଳଭାବେ ସେମିଫାଇନାଲ ଯୋଗ୍ୟତା ପାଇଥିବା ଦିଲ୍ଲୀ ରେଜ୍‌ଠାରୁ ଦଳ ମାତ୍ର ୧ ପଏଣ୍ଟରେ ପଛରେ ପଡ଼ି ଯାଇଛି।





ଦିଲ୍ଲୀ ରେଜ୍ ବିପକ୍ଷ ମ୍ୟାଚ ଅବସରରେ ହାଇଦ୍ରାବାଦ ହିରୋଜର ସୁକୁମାର ହେମ୍ବ୍ରମ ଓ ଟେରିଓ ଟାମାନି।

# ୱେଷ୍ଟଇଣ୍ଡିଜ ପେସର ସିଲ୍ସଙ୍କୁ ଜରିମାନା

**ବ୍ରିଜଟାଉନ୍ (ବାର୍ବାଡୋସ), ୨୭।୬ (ପି.ଟି.)**

ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଜେଡେନ ସିଲ୍ସଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା ହୋଇଥିବା ବେଳେ ତାଙ୍କୁ ୧ ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଇଛି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ଟେଷ୍ଟର ପ୍ରଥମ ଦିବସରେ ପ୍ୟାଟ କୁମିନ୍ସଙ୍କ ଆଉଟ୍ ପରେ ଏହି ବ୍ୟାଟରଙ୍କ ପ୍ରତି ଯେଭଳି ଆଚରଣ ଦେଖାଇଲେ ତାହା ଦୋଷାବହ। ଏହାଦ୍ୱାରା ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଧାରା-୧ର ଉଲ୍ଲଂଘନ କରିଥିଲେ। ୨୪ ମାସ ମଧ୍ୟରେ ସିଲ୍ସଙ୍କର ଏହା ଦ୍ୱିତୀୟ ଅପରାଧ। ସେ ତାଙ୍କ ଦୋଷ ମାନିନେବା ସହ ଦଣ୍ଡକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ବୁଧବାର ମ୍ୟାଚର ପ୍ରଥମ ଦିବସରେ ଘଟଣାଟି ଉଠିଥିଲା। ଅଷ୍ଟ୍ରେଲୀୟ ଅଧିନାୟକ କୁମିନ୍ସ ଆଉଟ ହେବା ପରେ ସିଲ୍ସ ତାଙ୍କୁ ଡ୍ରେସିଂରୁମ୍ ଫେରିଯିବା ଲାଗି ଯେପରି ଇଙ୍ଗିତ କଲେ ତାହା ଆପତ୍ତିଜନକ ଥିଲା। ସିଲ୍ସ ୬୦ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଭ୍ରମଣକାରୀ ଦଳ ପ୍ରଥମ ଇନିଂସରେ ୧୮୦ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ପୂର୍ବରୁ ଗତ ଡିସେମ୍ବରରେ ଜାମାଇକାର କିଙ୍ଗ୍ସଟନଠାରେ ବାଂଲାଦେଶ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ସିଲ୍ସଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟରେ ଦଣ୍ଡିତ କରାଯାଇଥିଲା।

# ଜୁଲାଇ ୧୦ରୁ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍

**ଭୁବନେଶ୍ୱର, ୨୭।୬ (ତପନ ସ୍ୱାଇଁ)**

ଢେଙ୍କାନାଳରେ ଆସନ୍ତା ଜୁଲାଇ ୧୦ରୁ ୧୩ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ଉଭୟ ବାଳିକା ଓ ବାଳକ ବର୍ଗରେ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଢେଙ୍କାନାଳ ଟାଉନ୍ ହଲରେ ଆୟୋଜନ ହେବ। ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ୧୦ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ସହ ମୋଟ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ୬, ୭, ୮ ଏବଂ ୯ ବର୍ଷରୁ କମ୍ ବୟସର ଶ୍ରେଷ୍ଠ ୩ ବାଳକ ଓ ବାଳିକା ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ। ଆଗ୍ରହୀ ଖେଳାଳିମାନେ ପଞ୍ଜୀକରଣ ପାଇଁ ସନ୍ତୋଷ କୁମାର ମହାପାତ୍ରଙ୍କ ସହ ଯୋଗାଯୋଗ କରିପାରିବେ। ପ୍ରତିଯୋଗିତା ପାଇଁ ଏଣ୍ଟ୍ରି ଫି' ୭୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜୁଲାଇ ୯କୁ ଶେଷ ତାରିଖ ରଖାଯାଇଛି। ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ସହିତ ସନ୍ତୋଷ ମହାପାତ୍ର, ଆଶିଷ ମିଶ୍ର, ଅଶୋକ ମିଶ୍ର, ସାଗରିକା ମିଶ୍ର, ରାଜେନ୍ଦ୍ର ସାମଲ ଏବଂ ସୁଶାନ୍ତ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ଓପନ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଦୁଇ ଖେଳାଳି ଆଗାମୀ ଜାତୀୟ ୧୧ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହା ଅଗଷ୍ଟ ୨ରୁ ୮ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଜଳଗାଓଁରେ ଅନୁଷ୍ଠିତ ହେବ।

# ସତ୍ୟନାରାୟଣ ଚାମ୍ପିୟନ






ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

## ରାଜ୍ୟ ୯ ବର୍ଷରୁ କମ୍ ଚେସ୍

**ଭୁବନେଶ୍ୱର, ୨୭।୬ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୯ ବର୍ଷରୁ କମ୍ ଓପନ ଚେସ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସତ୍ୟ ନାରାୟଣ ସ୍ୱାଇଁ ପୂରା ୫ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି। ଦିବ୍ୟ ଦୃଷ୍ଟି ଶତପଥୀ ରନରଅପ୍ ହୋଇଥିବାବେଳେ ଆର୍ଯ୍ୟମ ପ୍ରଧାନ, ମୟଙ୍କ ବରାଳ ଓ ରେୟାଂଶ ମହାନ୍ତି ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଜଣେ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।

# ଶ୍ରୀଲଙ୍କାକୁ ଆଉ ୪ ଉଇକେଟ ଆବଶ୍ୟକ

**କଲମ୍ବୋ (ଶ୍ରୀଲଙ୍କା), ୨୭।୬ (ଏପି)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଆୟୋଜକ ଶ୍ରୀଲଙ୍କା ଇନିଂସ ବିଜୟ ପାଇଁ ଆହୁରି ୪ ଉଇକେଟ ଆବଶ୍ୟକ କରୁଛି। ଶୁକ୍ରବାର ଥିଲା ମ୍ୟାଚର ତୃତୀୟ ଦିବସ। ବାଂଲାଦେଶ ଷ୍ଟମ୍ପ ଅପସାରଣ ବେଳକୁ ଏହାର ଦ୍ୱିତୀୟ ଇନିଂସରେ ୬ଉଇକେଟ ବିନିମୟରେ ୧୧୫ ରନ କରିଛି। ଏହା ସତ୍ତ୍ୱେ ଦଳ ଶ୍ରୀଲଙ୍କାର ପ୍ରଥମ ଇନିଂସ ସ୍କୋର ୪୫୮ରନଠାରୁ ଆହୁରି ୯୬ରନ ପଛରେ ରହିଛି। ବାଂଲାଦେଶ ପ୍ରଥମ ଇନିଂସରେ ୨୧୧ରନରେ ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ଦ୍ୱିତୀୟ ଇନିଂସରେ ଏନାମୁଲ ହକ୍ (୧୯), ଶଦମନ ଇସ୍‌ଲାମ (୧୨), ମୋମିନୁଲ ହକ୍ (୧୫), ଅଧିନାୟକ ନାଜମୁଲ ହୋସେନ ଶାନ୍ତୋ(୨୬), ମୁସ୍‌ଫିକର ରହିମ (୨୬) ଓ ମେହେଦି ହସନ ମିରାଜ (୧୧) ଶୀଘ୍ର ପ୍ୟାଭିଲିଅନ ଫେରିଥିଲେ। ତେଣୁ ଦଳ ଭଲ ଆରମ୍ଭ କରିପାରି ନ ଥିଲା। ଲିଟନ ଦାସ ୧୩ ରନ କରି ଅପରାଜିତ ରହିଛନ୍ତି। ଶ୍ରୀଲଙ୍କା ଅଧିନାୟକ ଧନଞ୍ଜୟ ଡି' ସିଲ୍‌ଭା (୨/୧୩) ଓ ହାମହାତି ସ୍ପିନର ପ୍ରବାଥ ଜୟସୁରିୟା (୨/୪୭) ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସକାଳେ ଶ୍ରୀଲଙ୍କା ତୃତୀୟ ଦିବସ ଖେଳ ୨୯୦/୨ରେ ଏହାର ଖେଳ ଆରମ୍ଭ କରିଥିଲା। ୧୪୬ ରନ କରି ଅପରାଜିତ ରହିଥିବା ନାଶାଙ୍କା ନାଇଟ ୱାଚମ୍ୟାନ ଜୟସୁରିୟାଙ୍କ ସହ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟେ ମଧ୍ୟାହ୍ନଭୋଜନ ସୁଦ୍ଧା ଦଳର ସ୍କୋରକୁ ୪୦୧/୬ରେ ପହଞ୍ଚାଇଥିଲେ। ଗାଲେଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୧୮୭ ରନ କରିଥିବା ନିଶାଙ୍କା ଦ୍ୱିତୀୟ ଇନିଂସରେ ଆଉଟ ହେବା ପୂର୍ବରୁ ୨୫୪ ବଲ୍‌ରୁ ୧୯ ଚୌକା ସହ ଚମତ୍କାର ୧୫୮ରନ କରିଥିଲେ। ସେ କ୍ରିଜ୍‌ରେ ୬ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୨୪୭

ଶ୍ରୀଲଙ୍କା ପ୍ରଥମ ଇନିଂସ: ୪୫୮ (ପାଥୁମ ନିଶାଙ୍କା-୧୫୮, ଦୀନେଶ ଚାଣ୍ଡିମଲ-୯୩, କୁସାଲ ମେଣ୍ଡିସ-୮୪, ଲାହିରୁ ଉଦାରା-୪୦ ; ତାଇଜୁଲ ଇସ୍‌ଲାମ-୫/୧୩୧, ନଇମ ହସନ-୩/୮୭)।

ବାଂଲାଦେଶ ଦ୍ୱିତୀୟ ଇନିଂସ (ଅସମାପ୍ତ): ୧୧୫/୬ (ମୁସ୍‌ଫିକର ରହିମ-୨୬ ; ଧନଞ୍ଜୟ ଡି' ସିଲ୍‌ଭା-୨/୧୩, ପ୍ରବାଥ ଜୟସୁରିୟା-୨/୪୭)।



ଧନଞ୍ଜୟ ଡି' ସିଲ୍‌ଭାଙ୍କ ଉଇକେଟ ହାସଲ ପରେ ଖୁସି ମୁହୂର୍ତ୍ତରେ ତାଇଜୁଲ ଇସ୍‌ଲାମ।

# ହକି ଇଣ୍ଡିଆ ମାଷ୍ଟର୍ସ କପ୍: ଓଡ଼ିଶା ମହିଳା ଦଳ ଚାମ୍ପିୟନ

**ଭୁବନେଶ୍ୱର, ୨୭।୬ (ତପନ ସ୍ୱାଇଁ)**

ଚେନ୍ନାଇରେ ଅନୁଷ୍ଠିତ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ଦଳ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୧-୦ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ତୃତୀୟ କ୍ୱାର୍ଟର ଅର୍ଥାତ୍ ୩୪ତମ ମିନିଟରେ ରଞ୍ଜିତା ବେକ୍ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ପର୍ଯ୍ୟାପ୍ତ ସମୟ ପାଇଥିଲେ ମଧ୍ୟ ପଞ୍ଜାବ ଦଳ ଗୋଲଟି ପରିଶୋଧ କରିପାରି ନ ଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ତାମିଲନାଡୁକୁ ୪-୩ ଗୋଲରେ ହରାଇ ହରିୟାଣା ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ପୁରୁଷ ହକି ଦଳ କିନ୍ତୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ବ୍ରୋଞ୍ଜ ପଦକ ମ୍ୟାଚରେ ଓଡ଼ିଶା ୧-୨ ଗୋଲରେ ଚଣ୍ଡିଗଡ଼ଠାରୁ ହାରି ଯାଇଛି।

**ତାମିଲନାଡୁ ପୁରୁଷ ବିଭାଗ ଚାମ୍ପିୟନ**

ପୁରୁଷ ବିଭାଗରେ ତାମିଲନାଡୁ ଟାଇଟଲ ହାସଲ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ ତାମିଲନାଡୁ ୫-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ମୁଥୁସେଲଭାନ ଡି. ୩୦, ସୁଦର୍ଶନ ଏସ୍. ୩୪, ଗଭଥାମାନ ୩୬, ଥାମାରାଇକାନନ ୪୦ ଓ ରାମଦୋସ ଭି. ୫୨ତମ ମିନିଟରେ ଗୋଲ ଦେଇଥିଲେ।

# ଗୁଜରାଟରେ ୱାର୍ଲ୍ଡ ପୋଲିସ ଓ ଫାୟାର ଗେମ୍ସ

**ଅହମଦାବାଦ, ୨୭।୬ (ପି.ଟି.):** ଭାରତ ୨୦୨୯ ୱାର୍ଲ୍ଡ ପୋଲିସ ଓ ଫାୟାର ଗେମ୍ସର ଆୟୋଜନ ଅଧିକାର ହାସଲ କରିଛି। ଏହା ଗୁଜରାଟର ତିନୋଟି ଭେନ୍ୟୁ ଅହମଦାବାଦ, ଗାନ୍ଧୀନଗର ଓ ଏକ୍ତା ନଗର (କେଭାଡିଆ)ରେ ଅନୁଷ୍ଠିତ ହେବ। ଏଥିରେ ୧୦,୦୦୦ରୁ ଅଧିକ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଏଥିରେ ୭୦ଟି ଦେଶର ପୋଲିସ, ଫାୟାର, କଷ୍ଟମ୍ସ ଓ କରେକ୍ସନାଲ ସର୍ଭିସେସ ଡିପାର୍ଟମେଣ୍ଟରୁ ଆଥ୍‌ଲେଟମାନେ ପ୍ରତିନିଧିତ୍ୱ କରିବେ। ୱାର୍ଲ୍ଡ ପୋଲିସ ଓ ଫାୟାର ଗେମ୍ସ ୧୯୮୫ ମସିହାରୁ ଆୟୋଜିତ ହୋଇ ଆସୁଛି। ଦକ୍ଷିଣ ଏସିଆର ପ୍ରଥମ ଦେଶ ଭାବେ ଭାରତ ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ଏହି ସମ୍ମାନଜନକ ଇଭେଣ୍ଟର ଆୟୋଜନ କରିଥିବା ଦେଶଗୁଡ଼ିକ ମଧ୍ୟରେ କାନାଡା, ଅଷ୍ଟ୍ରେଲିଆ, ନେଦରଲାଣ୍ଡ, ଚାଇନା ଓ ଯୁକ୍ତରାଷ୍ଟ୍ର ଆମେରିକା ଅନ୍ୟତମ। ଭାରତ ଆହୁରି ମଧ୍ୟ ଇତିମଧ୍ୟରେ ୨୦୩୬ରେ ପ୍ରଥମ ଥର ଅଲିମ୍ପିକ ଗେମ୍ସର ଆୟୋଜନ ଲାଗି ବିଡ୍ ଦାଖଲ କରିଛି।





ଚେନ୍ନାଇରେ ଶୁକ୍ରବାର ଉଦ୍‌ଯାପିତ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟରେ ମହିଳା ବିଭାଗ ଚାମ୍ପିୟନ ଓଡ଼ିଶା ଏବଂ ପୁରୁଷ ବର୍ଗ ଚାମ୍ପିୟନ ତାମିଲନାଡୁ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ